
# ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ଜୁଲାଇ ୭/୨୦୧୯ (୧୬ ପୃଷ୍ଠା) | Berhampur, Sunday, July 7/2019 (ଛୁଟିଦିନ ସହ) | ★★★

୧୫ଶ ଭାଗ ୧୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-

**କପିଳଦେବ ଲୁକ୍‌ରେ ରଣବୀର**

ଅଭିନେତା ରଣବୀର ସିଂ ତାଙ୍କ ୩୪ତମ ଜନ୍ମଦିନରେ ଅପ୍‌କମିଙ୍ଗ୍ ଫିଲ୍ମ '୮୩'ର କପିଳଦେବ ଲୁକ୍‌ରେ ଦର୍ଶକଙ୍କ ସମ୍ମୁଖକୁ ଆସିଛନ୍ତି।

୦୫

୧୫

**କାଶ୍ୟପ ସେମିଫାଇନାଲରେ**

ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପାରୁପାଲ୍ଲୀ କାଶ୍ୟପ କାନାଡ଼ା ଓପନ ସୁପର ୧୦୦ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି।



କର୍ଣ୍ଣାଟକ ମେଣ୍ଟ ସରକାରରେ ସଙ୍କଟ

## ୧୪ ବିଧାୟକଙ୍କ ଇସ୍ତଫା

........୩........

**ଆଜିର ସମ୍ପାଦକୀୟ**

**ଉଦ୍ଭାବନରେ ପଛୁଆ**

**ଆଜିର ମନ୍ତବ୍ୟ**

"୫ ଟ୍ରିଲିୟନ ଡଲାର ଅର୍ଥନୀତିର ଯୋଜନାକୁ ସମାଲୋଚନା କରୁଥିବା ଲୋକେ ପେସାଦାର ନିରାଶାବାଦୀ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଦେଶର ୧୭୦୦ ସହରର ୪୫ ହଜାର ସାର୍ବଜନିନ ଶୌଚାଳୟକୁ ଗୁଗୁଲ ମ୍ୟାପ ସହ ସଂଯୋଗ କରାଯାଇଛି।

– ପାନୀୟ ଜଳ ଏବଂ ପରିମଳ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 06.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 92 | 148 | 158 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 89 | 144 | 154 |

*Conditions Apply

Eggs Retail Price- 52/-Dozen

Issued in the Interest of Consumers


# ରୋଗଣା ମା'ଙ୍କୁ ଜିଅନ୍ତା ଜାଳିଦେଲା ପୁଅ

ବଲାଙ୍ଗୀର ଅଫିସ/ ପାଟଣାଗଡ଼/ ବେଲପଡା, ୬।୭ (ଡି.ଏନ୍.ଏ.)

- ବୃଦ୍ଧ ବାପାଙ୍କୁ ଠେଙ୍ଗାରେ ମାଡ଼
- ଅଭିଯୁକ୍ତ ପୁଅ ଅଟକ
- ପୋଲିସ ତଦନ୍ତ ଜାରି

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ରାଡବାହାଲ ଗାଁରେ ଶନିବାର ଭୋର ୫ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକ ବୃଦ୍ଧ ବାପାଙ୍କୁ ଠେଙ୍ଗାରେ ପିଟିବା ସହ ରୋଗଣା ମା' ଉପରେ କିରୋସିନ ଢ଼ାଳି ଜିଅନ୍ତା ପୋଡ଼ି ଦେଇଛନ୍ତି। ଖବର ପାଇ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଅର୍ଦ୍ଧଦଗ୍ଧ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସକାଳେ ରାଡବହାଲ ଗ୍ରାମର ସନ୍ତୋଷ ଖର୍ସେଲ(୪୨) କୌଣସି କଥାକୁ ନେଇ ହଠାତ୍ ଉତ୍ତ୍ୟକ୍ତ ହୋଇପଡିଥିଲେ। ବାପା ଋଷି ଖର୍ସେଲ (୮୦)ଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସନ୍ତୋଷ ଋଷିଙ୍କୁ ଠେଙ୍ଗାରେ ପିଟି ଥିଲେ। ପୁଅର ଏପରି ଉଗ୍ରରୂପ ଦେଖି ରୋଗଣା ମା' ଆଶାମତୀ (୭୫) ପୁଅକୁ ଏପରି ନ କରିବାକୁ କହିଥିଲେ। ଏହାପରେ ଋଷି ପୁଅ କବଳରୁ ଖସି ଗାଁ ଭଦ୍ରବ୍ୟକ୍ତିଙ୍କୁ ଡାକିବାକୁ ଚାଲି ଯାଇଥିଲେ। ଏହି ସୁଯୋଗରେ ସନ୍ତୋଷ ଖଟ ଉପରେ ଶୋଇଥିବା ମା'ଆଶାମତୀଙ୍କ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଆଶାମତୀଙ୍କ ଚିତ୍କାର ଶୁଣି ପଡୋଶୀମାନେ ତାଙ୍କ ଘରକୁ ଦୌଡି ଆସିଥିଲେ। ହେଲେ ସେତେବେଳକୁ ଆଶାମତୀ ଶୋଇଥିବା ଖଟ ହୁ ହୁ ହୋଇ ଜଳୁଥିଲା। ପଡୋଶୀମାନଙ୍କୁ ଦେଖି ସନ୍ତୋଷ ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ବେଲପଡା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇ ଥିଲେ। ହେଲେ ସେତେବେଳକୁ ଆଶାମତୀଙ୍କ ଶରୀରର ପ୍ରାୟ ୮୦ ଭାଗ ଜଳି ସାରିଥିଲା। ପାଟଣାଗଡ଼ ଏସ୍‌ଡିପିଓ ସୁରେଶ ନାୟକ, ବେଲପଡା ଥାନା ଆଇଆଇସି ସଚ୍ଚିଦାନନ୍ଦ ବରିହା ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ସନ୍ତୋଷଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି ବୋଲି ଏସ୍‌ଡିପିଓ ନାୟକ କହିଛନ୍ତି। ଅନ୍ୟପକ୍ଷେ ସନ୍ତୋଷ ଜଣେ ମାନସିକ ରୋଗୀ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ସୂଚନା ପାଇଛି। ଋଷିଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା(୧୦୪/୧୯) ରୁଜୁ କରିଛି । (ଫଟୋ: ପୃଷ୍ଠା–୪)

# ରୋହିତଙ୍କ ବିଶ୍ୱରେକର୍ଡ

## ଭାରତ ୭ ଉଇକେଟରେ ବିଜୟୀ


ଲିଡ୍ସ, ୬।୭ (ପି.ଟି.)



ଶ୍ରେଷ୍ଠ ଫର୍ମରେ ଥିବା ତାରକା ଓପନର୍ ରୋହିତ୍ ଶର୍ମା ଏବଂ ଲୋକେଶ ରାହୁଲଙ୍କ ଶତକ ସହାୟତାରେ ଭାରତ ଚଳିତ ଆଇସିସି ବିଶ୍ୱକପର ଶନିବାର ଅନୁଷ୍ଠିତ ମ୍ୟାଚରେ ଶ୍ରୀଲଙ୍କାକୁ ୭ ଉଇକେଟରେ ପରାସ୍ତ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୨୬୫ ରନର ବିଜୟ ଲକ୍ଷ୍ୟକୁ ଭାରତ ୪୩.୩ ଓଭରରେ ୩ ଉଇକେଟ ହରାଇ ହାସଲ କରିଛି। ଭାରତ ସେମିଫାଇନାଲରେ ପ୍ରବେଶ କରିସାରିଥିବାରୁ ରୋହିତ (୧୦୩ ରନ,୯୪ ବଲ, ୧୪ ଚୌକା, ୨ ଛକା)ଓ ଲୋକେଶ (୧୧୧ରନ, ୧୧୮ ବଲ, ୧୧ ଚୌକା, ୧ ଛକା)ଙ୍କ ଶତକ ଦଳର ମନୋବଳକୁ ବହୁ ପରିମାଣରେ ବଢ଼ାଇ ଦେଇଛି। ଏଠାରେ କ୍ୟାରିୟରର ୨୭ତମ ଏକଦିବସୀୟ ଶତକ ହାସଲ ସହ ରୋହିତ ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି। ୩୨ ବର୍ଷୀୟ ଏହି ଓପନର ଚଳିତ ବିଶ୍ୱକପ୍‌ରେ ୫ମ ଥର ପାଇଁ ୩ଅଙ୍କ ବିଶିଷ୍ଟ ସ୍କୋର କରିଛନ୍ତି। ଏଥିସହ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ସେ ଆଇସିସି ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ୫ଟି ଶତକ ହାସଲ କରିବାର କିର୍ତ୍ତୀମାନ ସ୍ଥାପନ କରିଛନ୍ତି। ଏଥିପୂର୍ବରୁ ବାଂଲାଦେଶ ବିପକ୍ଷ ଗତ ମ୍ୟାଚରେ ସେ ୧୦୪ ରନର ଶତକୀୟ ଇନିଂସ ଖେଳି ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ଶତକ ହାସଲ କରିବାରେ ଶ୍ରୀଲଙ୍କାର କୁମାର ସଙ୍ଗକାରାଙ୍କ ସହ ସମକକ୍ଷ ହୋଇଥିଲେ। ସଙ୍ଗକାରା ପୂର୍ବରୁ ୨୦୧୫ ବିଶ୍ୱକପ୍‌ରେ ୪ଟି ଶତକ ହାସଲ କରି ଏହି ରେକର୍ଡର ଅଧିକାରୀ ହୋଇଥିଲେ। ୨୦୧୫ ବିଶ୍ୱକପ୍‌ରେ ରୋହିତ୍ ବାଂଲାଦେଶ ବିପକ୍ଷରେ ୧୩୭ ରନ କରିଥିଲେ। ରୋହିତ୍ ଏହିକ୍ରମରେ ବିଶ୍ୱକପ୍‌ରେ ମୋଟ୍ ୬ଥର ତିନି ଅଙ୍କବିଶିଷ୍ଟ ସ୍କୋର କରିବା ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ସହ ସମକକ୍ଷ ହୋଇଛନ୍ତି। ପୂର୍ବରୁ ତେନ୍ଦୁଲକର ମଧ୍ୟ ବିଶ୍ୱକପ୍‌ରେ ୬ଥର ଶତକ ଅର୍ଜନ କରିଥିଲେ। ସଚିନ ବିଶ୍ୱକପ୍‌ରେ ୪୪ ଇନିଂସରୁ ୬ ଶତକ ସହାୟତାରେ ମୋଟ୍ ୨୨୭୮ ରନ କରିଛନ୍ତି। ଅପରପକ୍ଷରେ ରୋହିତ୍ ମାତ୍ର ୧୬ ଇନିଂରୁ ସମାନ ସଂଖ୍ୟକ ଶତକ ସହ ୯୭୭ ରନ ନିଜ ନାମରେ ଯୋଡ଼ିଛନ୍ତି।

**ଗୋଟିଏ ବିଶ୍ୱକପ୍‌ରେ ସବୁଠାରୁ ଅଧିକ ଶତକ**

| ବ୍ୟାଟ୍ସମ୍ୟାନ | ଦେଶ | ଶତକ | ମସିହା |
|---|---|---|---|
| ରୋହିତ୍ ଶର୍ମା | ଭାରତ | ୫ | ୨୦୧୯ |
| କୁମାର ସଙ୍ଗକାରା | ଶ୍ରୀଲଙ୍କା | ୪ | ୨୦୧୫ |
| ମାର୍କ ୱ | ଅଷ୍ଟ୍ରେଲିଆ | ୩ | ୧୯୯୬ |
| ସୌରଭ ଗାଙ୍ଗୁଲି | ଭାରତ | ୩ | ୨୦୦୩ |
| ମାଥ୍ୟୁ ହେଡେନ | ଅଷ୍ଟ୍ରେଲିଆ | ୩ | ୨୦୦୭ |


BERHAMPUR: Venkatraju Arcade, Sano Bazar, Ph: 0680-2250600

STORES ALSO AT: BHUBANESWAR: 621, Saheed Nagar, Janpath | BHUBANESWAR: 309, District Centre, Chandrasekharpur
CUTTACK: 558/834, Cantonment Road | ROURKELA: Kesar Bhawan, Main Road | Toll Free: 1800 3131 777 | Open on Sundays

ଫକୀରମୋହନ ସ୍ୱୟଂଶାସିତ କଲେଜର ପ୍ଲାଟିନମ୍ ଜୁବିଲି

# ଫକୀରମୋହନଙ୍କ ଡାକଟିକେଟ ଉନ୍ମୋଚିତ


ଅତିଥିମାନେ ଡାକଟିକେଟ ଉନ୍ମୋଚନ କରୁଛନ୍ତି।

**ବାଲେଶ୍ୱର ଅଫିସ, ୬।୭**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ କଲେଜର ପ୍ଲାଟିନମ୍ ଜୁବୁଲି (୭୫ତମ ପ୍ରତିଷ୍ଠା ଦିବସ) ଶନିବାର ପାଳିତ ହୋଇଛି। ଏହି ଅବସରରେ କେନ୍ଦ୍ରସରକାରଙ୍କ ଦ୍ୱାରା ଅନୁମୋଦିତ ଓଡିଶାର ଅନ୍ୟତମ ବରପୁତ୍ର, ଓଡ଼ିଆ କଥା ସାହିତ୍ୟର ଜନକ ଫକୀରମୋହନ ସେନାପତିଙ୍କ ଫଟୋ ଥିବା ଏକ ଡାକଟିକେଟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଛି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଫକୀରମୋହନଙ୍କ ଗାରିମାକୁ ବଜାୟ ରଖି ସହ ଦେଶ ଓ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରମାନେ ପ୍ରମୁଖ ଭୂମିକା ଗ୍ରହଣ କରିବାର ସମୟ ଆସିଛି ବୋଲି କହିଥିଲେ। କେବଳ ଶିକ୍ଷାୟତନରେ ଅଧ୍ୟୟନ କଲେ ଜୀବନ ପୂର୍ଣ୍ଣାଙ୍ଗ ହୁଏ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି। ଶିକ୍ଷାକୁ ଜୀବନର ବ୍ରତ ତଥା ଜୀବନ୍ତ ଶ୍ୱାଶତମାର୍ଗ ରୂପେ ଗ୍ରହଣ କରିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ।

ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀମୟ ଦାସଅଧିକାରୀ ସଭାପତିତ୍ୱ କରିଥିଲେ। ସଦର ବିଧାୟକ ମଦନମୋହନ ଦତ୍ତ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଫକୀରମୋହନ ମହାବିଦ୍ୟାଳୟର ଗାରିମାକୁ ଉଚ୍ଚ କରିବା ଛାତ୍ରୀଛାତ୍ରଙ୍କ ଲାଗି ଉଚ୍ଚମାନର ଶିକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ସମସ୍ୟାର ମିଳିତ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫକୀରମୋହନ ସେନାପତିଙ୍କ ଫଟୋ ଥାଇ ଡାକଟିକେଟ ଉନ୍ମୋଚିତ ହେବା ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି ବକ୍ତାମାନେ କହିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାସ, କେନ୍ଦ୍ରସରକାରଙ୍କ ଡାକବିଭାଗର ସେକ୍ରେଟାରୀ ଏବଂ ଚେୟାରପର୍ଶନ ଅନନ୍ତ ନାରାୟଣ ନନ୍ଦ, କେନ୍ଦ୍ରୀୟ ଡାକବିଭାଗର ସହକାରୀ ନିର୍ଦ୍ଦେଶକ ଭିଷ୍‌ଭ ପବନ ପତି, ରାଜ୍ୟ ମୁଖ୍ୟ ପୋଷ୍ଟମାଷ୍ଟର ଡ. ସନ୍ତୋଷ କୁମାର କମିଳା ଅତିଥି ଭାବେ ଯୋଗଦେଇ ଫକୀରମୋହନଙ୍କ ଆତ୍ମଜୀବନୀ ଉପରେ ବହୁ ଉପାଦେୟ ତଥ୍ୟ ବକ୍ତବ୍ୟ ରଖିଥିଲେ। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।




# କନିଷ୍ଠ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୬।୭**

ଏକ ଲାଞ୍ଚ ମାମଲାର ବିଚାର କରି ଶନିବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଭଗବାନ ପ୍ରଧାନ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା କ୍ଷୁଦ୍ର ଜଳସେଚନ ବିଭାଗ ଜି.ଉଦୟଗିରି ସେକ୍ସନ ଦାୟିତ୍ୱରେ ଥିବା ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ସିଂ । ସେହିପରି ଘଟଣାରେ ମିଥ୍ୟା ସାକ୍ଷ୍ୟ ପ୍ରଦାନକାରୀଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ମଧ୍ୟ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

୨୦୧୬ ରେ ଜି.ଉଦୟଗିରି ବ୍ଲକ କାକଲବାକିରେ କ୍ଷୁଦ୍ର ଜଳସେଚନ ବିଭାଗର ୧୨ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ଭଞ୍ଜନଗର ଲଣ୍ଡେଇସାହିର ଅକ୍ଷୟ କୁମାର ବେହେରା ଟେଣ୍ଡର ପାଇଥିଲେ । ହେଲେ ତାଙ୍କଠାରୁ ଏହି କାମକୁ ପାୱାର ଅଫ୍ ଆଟର୍ଣ୍ଣି ଜରିଆରେ ନେଇ ଭେଜିପୁଟ ଅଞ୍ଚଳର ବସନ୍ତ ବିଷୋୟୀ କାମ କରିଥିଲେ । କାମ ସରିବା ମଧ୍ୟରେ ୩ଟି ପର୍ଯ୍ୟାୟରେ ବିଲ ମିଳିଥିଲା। ଫାଇନାଲ ବିଲ୍ ପାଇଁ ବସନ୍ତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପ୍ରକାଶଙ୍କୁ ଜୁନ ୨୯ତାରିଖରେ ଭେଟିଥିଲେ। ବିଲ କରିଦେବା ପାଇଁ ଯନ୍ତ୍ରୀ ସିଂ ବସନ୍ତଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏତେ ଟଙ୍କା ଦେବାରେ ଅସମର୍ଥ ବୋଲି କହିବାରୁ ଯନ୍ତ୍ରୀ ତାଙ୍କ କଥା ଶୁଣି ନ ଥିଲେ । ବସନ୍ତ ପୁଣି ଯନ୍ତ୍ରୀଙ୍କ ଭଡାଘରକୁ ଯାଇ ତାଙ୍କୁ ବିଲ କରିବାକୁ ଅନୁରୋଧ କରି ନିରାଶ ହୋଇଥିଲେ । ସେ ବାଧ୍ୟ ହୋଇ ଜୁଲାଇ ୫ତାରିଖରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଯୋଜନା ଅନୁସାରେ ବସନ୍ତ ୬ ତାରିଖରେ କନିଷ୍ଠ ଯନ୍ତ୍ରୀ ରହୁଥିବା ଭଡା ଘରେ ପହଞ୍ଚି ତାଙ୍କୁ ୨୫ ହଜାର ଦେଇଥିଲେ । ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀ ଚଢ଼ାଉ କରି ପ୍ରକାଶଙ୍କ ପାଖରୁ ଟଙ୍କା ଜବତ କରି ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ। ଏ ନେଇ ଭିଜିଲାନ୍ସରେ ନଂ.୩୭/୧୬ରେ ମାମଲା ରୁଜୁ ହୋଇଥିଲା। ମାମଲାର ବିଚାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି । ହେଲେ ବିଚାରପତି ମାମଲାର ଅଭିଯୋଗକାରୀ ବସନ୍ତ ବିଷୋୟୀଙ୍କ ବିରୋଧରେ ମଧ୍ୟ ମିଥ୍ୟା ସାକ୍ଷ୍ୟ ପ୍ରଦାନ କରିବା ଅଭିଯୋଗରେ ଆଉ ଏକ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



**ଜିଲା ଟିଠି**
**ଜଗତ୍‌ସିଂହପୁର**

# କାଗଜପତ୍ରରେ କଟକଣା

ଜଗତ୍‌ସିଂହପୁର ଜିଲାରେ ଟ୍ରାଫିକ ସମସ୍ୟା ଜଟିଳ ହୋଇପଡିଛି। ପ୍ରତ୍ୟହ କେଉଁଠି ନା କେଉଁଠି ଦୁର୍ଘଟଣାରେ ଧନଜୀବନ ହାନି ଘଟୁଛି। ଏହାର ପ୍ରତିକାର ପାଇଁ ଯଦିଓ ଜିଲା ପ୍ରଶାସନ ପକ୍ଷରୁ ପ୍ରତି ମାସରେ ଜିଲା ସଦରମହକୁମା ଓ ପାରାଦୀପରେ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଉଛି, ତେବେ ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନି। ତେଣୁ ପରିସ୍ଥିତିରେ ସୁଧାର ଆସୁନାହିଁ। ପୋଲିସ ଓ ପରିବହନ କର୍ମଚାରୀ ସବୁ ଜାଣି ନୀରବ ରହୁଛନ୍ତି। ଏହି ନୀରବତା ଅନେକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଦୁର୍ଘଟଣାରେ ମୃତ୍ୟୁ ପରେ ଅନେକ ସ୍ଥାନରେ ଆନ୍ଦୋଳନ ହେଉଛି। ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଏସବୁ ସତ୍ତ୍ୱେ ଜିଲା ପୋଲିସ କିମ୍ବା ଆର୍‌ଟିଓ ଚେତୁ ନାହାନ୍ତି। ଜଗତ୍‌ସିଂହପୁର ସହରରେ ଦିନବେଳା ଭାରିଯାନ ଚଳାଚଳ ଯୋଗୁ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହେଉଛି। ତେଣୁ ସହରରେ ପୂର୍ବାହ୍ଣ ୧୧ରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ସହରର ଅତି ଜନଗହଳିପୂର୍ଣ୍ଣ ଥାନା ଛକରୁ ଟାଉନ ହଲ୍ ଛକ ଓ ଥାନା ଛକରୁ ଜଇପୁର ରାସ୍ତାର ଏକ ପ୍ରତିଷ୍ଠିତ ଲୁଗାଦୋକାନ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି। ଏଥିସହ ଆଳିପିଙ୍ଗଳରୁ ଜଗତ୍‌ସିଂହପୁର ରାସ୍ତାରେ ମଧ୍ୟ ଭାରିଯାନ ଚଳାଚଳ ଉପରେ ଅନୁରୂପ କଟକଣା ରହିଛି। ପ୍ରତ୍ୟହ ପୂର୍ବାହ୍ଣ ୧୧ରୁ ଅପରାହ୍ଣ ୫ଟା ଯାଏ ଭାରିଯାନ ଚଳାଚଳ ନିଷେଧ କରାଯାଇଛି। ଆଳିପିଙ୍ଗଳ ପୋଲ ପୁରୁଣା ଓ ଦୁର୍ବଳ ହୋଇଯାଇଥିବାରୁ ଏହା ଉପରେ ଭାରିଯାନ ଚଳାଚଳ ନ କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି କଟକ-ପାରାଦୀପ ରାଜ୍ୟ ରାଜପଥ ନଂ.୧୨ରେ ଟ୍ରକ୍, ଟିପ୍ପର ଆଦି ଦ୍ୱାରା ଲୁହାପଥର, କ୍ରୋମ ପଥର, କୋଇଲା ଆଦି ପରିବହନ କରାଯାଉଛି। ଏହି ଭାରିଯାନ ସମେତ ଗ୍ୟାସ୍ ଟ୍ୟାଙ୍କର, ତୈଳ ଟ୍ୟାଙ୍କର ଓ ଭାରି ଯନ୍ତ୍ରାଂଶ ପରିବହନ ଯୋଗୁ ରାସ୍ତା ବିପର୍ଯ୍ୟସ୍ତ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅନୁରୂପ ଭାବେ ପାରାଦୀପ ଜିରୋ ପଏଣ୍ଟରୁ ଅଠରବାଙ୍କୀ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଭାରିଯାନ ରଖାଯାଇପାରିବ ନାହିଁ ବୋଲି କୁହାଯାଇଛି। ପାରାଦୀପ ଅଏଲ ଟର୍ମିନାଲ ନିକଟରୁ କାରଗିଲ ଛକ ମଧ୍ୟରେ ତୈଳ ଟ୍ୟାଙ୍କର ପରିବହନ ସମୟରେ ଅନେକ ସମସ୍ୟା ଉପୁଜୁଛି। ଏସବୁକୁ ଦୃଷ୍ଟିରେ ରଖି ଜିଲାପାଳ ପ୍ରତି ମାସରେ କଟକଣା ଜାରି କରୁଛନ୍ତି। କିନ୍ତୁ ଏହି କଟକଣା କେବଳ କାଗଜପତ୍ରରେ ସୀମିତ। ଜଗତ୍‌ସିଂହପୁରରୁ ଆଳିପିଙ୍ଗଳ ରାସ୍ତାରେ ପ୍ରତ୍ୟହ ଶତାଧିକ ଟ୍ରିପ୍ ବାଲି ବୋଝେଇ ହାଇୱା, ଟ୍ରକ୍, ଟ୍ରାକ୍ଟର ଆଦି ଯାତାୟାତ କରୁଛି। ଏହି ରାସ୍ତା ନବୀକରଣ ମାସାଧିକ କାଳ ହେବ ଚାଲିଥିଲେ ସୁଦ୍ଧା ଶେଷ ହେଉନାହିଁ। ରାସ୍ତା କାମ ଯୋଗୁ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ବାଲିବୋଝେଇ ଯାନରୁ ବାଲି ପଡି ରାସ୍ତାରେ ଗଦା ହେଉଛି। ଆଳିପିଙ୍ଗଳ ପୋଲ ଉପରେ ଜାରି କରାଯାଇଥିବା କଟକଣା ମଧ୍ୟ ପ୍ରହସନ ପାଲଟିଛି। ଅନୁରୂପ ଭାବେ ଜଗତ୍‌ସିଂହପୁର, ପାରାଦୀପ ସମେତ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ମଧ୍ୟ ଟ୍ରାଫିକ ସମସ୍ୟା ଚିନ୍ତାର ବିଷୟ ହୋଇଛି। ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ।

– ପ୍ରମୋଦ କୁମାର ନାୟକ

ଧରିତ୍ରୀ
DHARITRI
ରବିବାର, ଜୁଲାଇ ୭, ୨୦୧୯



## ସଂକ୍ଷେପରେ

### ଅରୁଣ ବୋଥ୍ରା ହେଲେ 'କ୍ରୁଟ' ପରିଚାଳନା ନିର୍ଦ୍ଦେଶକ



**ଭୁବନେଶ୍ୱର, ୬।୭(ବ୍ୟୁରୋ):** ଓଡ଼ିଶା ପୋଲିସ ତଥା ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ବ୍ୟୁରୋ (ସିଆଇଡି), କ୍ରାଇମ୍ ବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରାଙ୍କୁ ଶନିବାର ଅତିରିକ୍ତ ଦାୟିତ୍ୱ ମିଳିଛି। ଏବେଠାରୁ ତାଙ୍କୁ କ୍ୟାପିଟାଲ ରିଜିଅନ୍ ଟ୍ରାନ୍ସପୋର୍ଟ (କ୍ରୁଟ) ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଉଲ୍ଲେଖ ଥାଉକି, ରାଜସ୍ଥାନ କ୍ୟାଡର ୧୯୯୬ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ବୋଥ୍ରାଙ୍କୁ ୧୯୯୭ରେ ପୋଷ୍ଟିଂ ମିଳିଥିଲା। ୨୦୧୮ ଫେବୃୟାରୀ ୨ରେ ଓଡ଼ିଶା ପୋଲିସରେ ସେ ଆଇଜି ଭାବେ ଯୋଗ ଦେଇଥିଲେ। ଦାୟିତ୍ୱ ନେବା ପରେ ସେ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ପର୍ଦ୍ଦାଫାସ, ଟିଟୋକୁ ଜେରା କରି ଗୁମର ଖୋଲିବା ପରି ବହୁ ମାମଲାର ତଦନ୍ତରେ ଗୁରୁଦାୟିତ୍ୱ ନେଇଥିଲେ। ସୁଚନାଯେଗ୍ୟ, ଅରୁଣଙ୍କ ସହ ଭୁବନେନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ପରିଚାଳକ ମଧ କ୍ରୁଟର ପରିଚାଳନା କରିପାରିବେ।

### ସାପ କାମୁଡ଼ାରେ ୨ ମୃତ

**ବ୍ରହ୍ମପୁର ଅଫିସ,୬।୭:** ସାପ କାମୁଡ଼ାରେ ଗୁରୁତର ହୋଇ ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ୨ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ସେମାନେ ହେଲେ କେରାଣ୍ଡିତୋଳାର ଚନ୍ଦ୍ର ପ୍ରଧାନ (୫୮) ଓ ଗୋବରାର ଭି.କାମେଶ୍ୱର ରାଜୁ (୪୦)। ମେଡିକାଲ ଫାଣ୍ଡି ପୋଲିସ ଶନିବାର ମୃତଦେହ ଜବତ କରି ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି।

ଚମାଖଣ୍ଡି ଥାନା କେରାଣ୍ଡିତୋଳା ଗ୍ରାମର ଚନ୍ଦ୍ର ପ୍ରଧାନ ଜଣେ ଚାଷୀ । ସେ ଗୁରୁବାର ସକାଳେ ଜମିରେ କାମ କରୁଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ସେଠାରେ କାମ କରୁଥିବା ଅନ୍ୟ ଚାଷୀମାନେ ଚନ୍ଦ୍ରଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗତ ୪ ତାରିଖରେ ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରା ଗ୍ରାମର କାମେଶ୍ୱର ଘରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଶୁକ୍ରବାର ରାତିରେ ତାଙ୍କର ମଧ ମୃତ୍ୟୁ ଘଟିଛି ।




# ୭ଘଣ୍ଟିଆ ଡ୍ୟୁଟିକୁ ଅଧ୍ୟାପକଙ୍କ ନା

- ସରକାର ପ୍ରଥମେ ସମାନ କାମକୁ ସମାନ ଦରମା କରନ୍ତୁ
- ମାସକ ଭିତରେ ଦାବି ପୂରଣ ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର, ୬।୭(ବ୍ୟୁରୋ)

ସରକାରୀ ଓ ଅନୁଦାନପ୍ରାପ୍ତ କଲେଜରେ ଅଧ୍ୟାପକମାନେ ୭ଘଣ୍ଟା ଡ୍ୟୁଟି କରିବେ। ସେମାନେ ୫ଘଣ୍ଟା କ୍ଲାସ୍ ଏବଂ ବାକି ସମୟ ଗବେଷଣା କରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଉଚ୍ଚ ଶିକ୍ଷା ବିଭାଗର ଏହି ନିଷ୍ପତ୍ତିକୁ ଅଧ୍ୟପାକମାନେ ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି। ବାଧ୍ୟତାମୂଳକ ଭାବେ ୭ଘଣ୍ଟା କାମ କରିବାକୁ ଅଧ୍ୟାପକମାନେ ମନା କରିଦେଇଛନ୍ତି। ସମାନ କାମକୁ ସମାନ ଦରମା ନ ଦେଲେ ନିୟମକୁ ମାନିବେନି ବୋଲି ରୋକ୍‌ଠୋକ୍ କହିଛନ୍ତି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଅଧ୍ୟାପକ କର୍ମଚାରୀ ମିଳିତ ମଞ୍ଚର କହିବାନୁଯାୟୀ, ସମାନ କାମକୁ ସମାନ ଦରମା ମିଳୁନାହିଁ। ତେଣୁ ଏହି ନିୟମକୁ ଗ୍ରହଣ କରାଯିବ ନାହିଁ। ଗୋଟିଏ କଲେଜରେ ୪୮ ଓ ୬୬୨ ଭଳି ବିଭିନ୍ନ ବର୍ଗର ଅଧ୍ୟାପକମାନେ ଅଛନ୍ତି। ଏମାନଙ୍କୁ ଅଲଗା ଅଲଗା ଦରମା ମିଳୁଛି। ପ୍ରଥମେ ଦରମା ସମାନ କରାଯାଉ। ତା'ପରେ ନିୟମ କରାଯିବ। ମାସକ ଭିତରେ ଏହା କରା ନ ଗଲେ ନିୟମ ନ ମାନିବା ସହ ଆନ୍ଦୋଳନର କରାଯିବ ବୋଲି ଧମକ ଦେଇଛି ମିଳିତମଞ୍ଚ। ମିଳିତମଞ୍ଚର ଆବାହକ ଗୋଲକ ନାୟକ କହିଛନ୍ତି ଯେ, ଅଧିକାଂଶ କଲେଜରେ ଭିତ୍ତିଭୂମି ନାହିଁ। ତେଣୁ ଗବେଷଣା କିପରି ହେବ ? ସରକାରଙ୍କୁ ଆମେ ମାସେ ପାଇଁ ସମୟ ଦେଇଛୁ। ଏହା ଭିତରେ ଯଦି କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆମେ ବୈଠକ କରି ଆନ୍ଦୋଳନ କରିବା ପାଇଁ ଯୋଜନା କରିବୁ। ସେପଟେ ଏହି ନିୟମ ପାଳନ ହେଲେ ଛାତ୍ରୀଛାତ୍ରମାନେ ଉପକୃତ ହେବେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ସୂଚନାଯୋଗ୍ୟ, ଗତ ଜୁନ୍ ୩୧ରେ ଭୁବନେଶ୍ୱରରେ ଅନୁଷ୍ଠିତ ଅଧ୍ୟକ୍ଷ ସମ୍ମିଳନୀରେ ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ଅରୁଣ ସାହୁ ଏହି ନିୟମ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଗତ ୫ ତାରିଖରେ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ କଲେଜର ଅଧ୍ୟକ୍ଷମାନଙ୍କୁ ଚିଠି ଦ୍ୱାରା ଜଣାଯାଇଛି।

## ଏମ୍‌ବିବିଏସ୍, ବିଡିଏସ୍ ପାଠ୍ୟକ୍ରମ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୬।୭(ବ୍ୟୁରୋ)

ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍)ର ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମ ପାଇଁ ନାମଲେଖା ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଚାଲିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ କୋଟାରେ ଥିବା ୧,୨୧୯ ସିଟ୍‌ରୁ ୧,୧୬୪ ଜଣଙ୍କୁ ସିଟ୍ ଆଲଟ୍‌ମେଣ୍ଟ କରାଯାଇଛି। ଓଜେଇଇ ପକ୍ଷରୁ ଏହି ସିଟ୍ ଆଲଟ୍‌ମେଣ୍ଟ କରାଯାଇଛି। ପ୍ରଥମ ଦିନରେ କଟକ ଏସ୍‌ସିବି ମେଡିକାଲ କଲେଜ ପାଇଁ ପ୍ରୋଭିଜନାଲ ଆଡ଼ମିଶନ ଭୁବନେଶ୍ୱର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)ଙ୍କ କାର୍ଯ୍ୟାଳୟରେ କରାଯାଇଛି।

## ବୃକ୍ଷରୋପଣ ପାଇଁ ଅଧିକାରୀଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

**ରାଜଭବନ ପରିସରରେ ଚାରା ଲଗାଇଲେ**

ଭୁବନେଶ୍ୱର, ୬।୭(ବ୍ୟୁରୋ)

ବନ ମହୋତ୍ସବ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶନିବାର ରାଜଭବନ ପରିସରରେ ଚାରା ରୋପଣ କରିଛନ୍ତି। ବାତ୍ୟା 'ଫନୀ'ରେ କ୍ଷତିଗ୍ରସ୍ତ ରାଜଭବନର ସବୁଜିମା ଫେରାଇ ଆଣିବା ପାଇଁ ଉଦ୍ୟମ କରିବା ସହ ନିଜ ନିଜ ସ୍ତରରେ ବୃକ୍ଷ ରୋପଣକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟପାଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜଭବନ ପରିସରରେ ବିଭିନ୍ନ କିସମର ବ୍ୟାପକ ବୃକ୍ଷରୋପଣ କରାଯାଉଛି। ରାଜ୍ୟପାଳଙ୍କ ସହିତ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧସୂଦନ ପାଢ଼ୀ, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ସ୍ୱତନ୍ତ୍ର ସଚିବ ଚିତ୍ତରଞ୍ଜନ ମହାନ୍ତି, ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀ, ସିଟି ଡିଏଫ୍‌ଓ ଅଶୋକ କୁମାର ମିଶ୍ର, ଉପସଚିବ ବେଦବନ୍ଧୁ ମିଶ୍ରଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଚାରା ରୋପଣ କରିଥିଲେ। ରାଜଭବନର ଉଦ୍ୟାନବିତ୍ ବସନ୍ତ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାଜଭବନ ପରିସରରେ ଚାରା ରୋପଣ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।

## ■ ଜନ୍ମବେଦିରେ ଦର୍ଶନ ଦେଲେ ଦାରୁଦିଅଁ

# ମିଳିଲା ଆଡ଼ପ ଅବଢ଼ା

**ଆଜି ମହାପ୍ରଭୁଙ୍କ ବନକ ଲାଗି**

ପୁରୀ ଅଫିସ, ୬।୭

ଜନ୍ମବେଦିରେ ଦର୍ଶନ ଦେଲେ ଦାରୁଦିଅଁ। ଆଡ଼ପ ମଣ୍ଡପରେ ଶନିବାର ହଜାର ହଜାର ଶ୍ରଦ୍ଧାଳୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ବର୍ଷା ଏବଂ କୋହଲା ପାଗ ସତ୍ତ୍ୱେ ବିଶ୍ୱନିୟନ୍ତାଙ୍କ ଦର୍ଶନ ଲାଗି ଭକ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଏଥିସହ ମହାପ୍ରଭୁଙ୍କୁ ଲାଗି ହୋଇଛି ଅନ୍ନ ପ୍ରସାଦ। ଶ୍ରଦ୍ଧାଳୁ ବି ପାଇଛନ୍ତି ଆଡ଼ପ ଅବଢା। ଶନିବାର ସକାଳ ୬ଟା ୨୦ମିନିଟରେ ଦ୍ୱାରଫିଟା ଯାଇ ୭ଟାରେ ମଙ୍ଗଳ ଆଳତି କରାଯାଇଥିଲା। ଏହାପରେ ଅନ୍ୟାନ୍ୟ ନୀତି ବଢି ସକାଳ ୮ଟା ୪୫ରେ ଅବକାଶ ସରିଥିଲା। ଏହାପରେ ସାହାଣମେଲା ଦର୍ଶନ ହୋଇଥିଲା। ଶ୍ରଦ୍ଧାଳୁମାନେ ଗୁଣ୍ଡିଚା ମନ୍ଦିର ମୁଖ୍ୟ ଦ୍ୱାର ଦେଇ ଆଡପ ମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ନାକଚଣା ଦ୍ୱାର ଦେଇ ବାହାରକୁ ବାହାରିଥିଲେ। ପ୍ରଥମ ଦିନରେ ପ୍ରାୟ ୨ ଘଣ୍ଟା ସାହାଣମେଲା ଦର୍ଶନ ହୋଇଥିଲା। ଏହାପରେ ପୂର୍ବାହ୍ନ ୧୧ଟା ୧୦ରେ ଗୋପାଳ ବଲ୍ଲଭ ସରିଥିଲା। ଅପରାହ୍ନ ୨ଟା ୧୫ରେ ସକାଳ ଧୂପ ନୀତି ବଢିଥିଲା। ପ୍ରାୟ ସାଢେ ୨ଟାରେ ବାହାରିଥିଲା ଆଡ଼ପ ଅବଢା। ପ୍ରଥମ ଦିନରେ ହଜାର ହଜାର ଭକ୍ତ ଆଡପ ଦର୍ଶନ କରି ଆଡ଼ପ ଅବଢା ପାଇଥିଲେ।

ଅନ୍ୟପକ୍ଷରେ ରବିବାର ଦାରୁବିଗ୍ରହଙ୍କର ବନକଲାଗି କରାଯିବ। ମଧ୍ୟାହ୍ନ ଧୂପ ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଜନ୍ମବେଦିରେ ଠାକୁର ପହଞ୍ଚିବା ପରେ ବଡ଼ସିଂହାର ଓ ପହୁଡ ନୀତି ହେବାର ବିଧି ରହିଛି। କିନ୍ତୁ ସମୟ ଅଭାବରୁ ଏହି ନୀତି ପ୍ରାୟତଃ ହୋଇପାରି ନ ଥାଏ। ୨୦୦୫ରେ ସଅଳ ପହଣ୍ଡି ଯୋଗୁ ପହୁଡ ହୋଇଥିବା ବେଳେ ଏହା ପରଠାରୁ ୧୧ ବର୍ଷ ଧରି ପହୁଡ ସମ୍ଭବ ହୋଇ ନ ଥିଲା। କିନ୍ତୁ ଗତ ଦୁଇବର୍ଷ ସଅଳ ପହଣ୍ଡି ହେଉଥିବାରୁ ପହୁଡ ନୀତି ସମ୍ପନ୍ନ ହୋଇଥିଲା। ଏ ବର୍ଷ ମଧ ଠାକୁରଙ୍କ ପହୁଡ଼ ହୋଇଛି। ସଅଳ ପହଣ୍ଡି ଯୋଗୁ ଶୁକ୍ରବାର ରାତି ୪ଟାରେ ମହାପ୍ରଭୁଙ୍କ ପହୁଡ଼ ହୋଇଥିଲା।

ଶ୍ରୀମନ୍ଦିର ପ୍ରଶାସନର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଆସନ୍ତା ସୋମବାର ହେରାପଞ୍ଚମୀ। ଏହାର ପୂର୍ବଦିନ ମହାପ୍ରଭୁଙ୍କ ବନକଲାଗି ହେବାର ପରମ୍ପରା ରହିଛି। ତେଣୁ ରବିବାର ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପ ପରେ ପଛଭୋଗ ମଣ୍ଡପ ଶେଷ ହୋଇ ବନକଲାଗି ନୀତି ଅନୁଷ୍ଠିତ ହେବ। ରାତି ପ୍ରାୟ ୯ଟାରୁ ଭକ୍ତଙ୍କ ଲାଗି ଦର୍ଶନ ବନ୍ଦ ରହିବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଗୁଣ୍ଡିଚା ମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ।



ଶ୍ରୀଗୁଣ୍ଡିଚା ମନ୍ଦିରରୁ ବାହାରିଥିବା ଆଡ଼ପ ଅବଢ଼ା।

## କର୍ଣ୍ଣାଟକ ମେଣ୍ଟ ସରକାରରେ ସଙ୍କଟ

# ୧୪ ବିଧାୟକଙ୍କ ଇସ୍ତଫା

- ଭାଜପା ସରକାର ଗଢ଼ିବାକୁ ପ୍ରସ୍ତୁତ: କେନ୍ଦ୍ରମନ୍ତ୍ରୀ ଗୌଡ଼ା
- ଭାଜପା ଉପରେ ଦୋଷ ଲଦିଲା କଂଗ୍ରେସ

ବେଙ୍ଗାଲୁରୁ, ୬।୭ (ପି.ଟି.)

କର୍ଣ୍ଣାଟକ ବିଧାନସଭାରୁ ଶନିବାର ୧୪ ଜଣ ବିଧାୟକ ଇସ୍ତଫା ଦେବା ପରେ ୧୩ ମାସର କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାରରେ ସଙ୍କଟ ସୃଷ୍ଟି ହୋଇଛି। ଇସ୍ତଫା ଗୃହୀତ ହେଲେ ଏଚ୍.ଡି. କୁମାରସ୍ୱାମୀଙ୍କ ସରକାର ସଂଖ୍ୟାଲଘୁରେ ପରିଣତ ହେବ। କଂଗ୍ରେସରୁ ୧୧ ଜଣ ଓ ଜେଡିଏସ୍‌ର ୩ ବିଧାୟକ ବିଧାନସଭା ବାଚସ୍ପତିଙ୍କୁ ସେମାନଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ବାଚସ୍ପତି ଛୁଟିରେ ଥିବାରୁ ତାଙ୍କ ବ୍ୟକ୍ତିଗତ ସଚିବ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ୧୩ ବିଧାୟକଙ୍କ ଇସ୍ତଫାପତ୍ର ମିଳିଥିବା ବିଧାନସଭା ସଚିବାଳୟ ସୂତ୍ରରୁ କୁହାଯାଇଛି। ସରକାରରେ ସୃଷ୍ଟି ହୋଇଥିବା ସଙ୍କଟ ଟାଳିବା ଲାଗି କେରଳରେ ଥିବା ବରିଷ୍ଠ କଂଗ୍ରେସ ନେତା ତଥା କର୍ଣ୍ଣାଟକ ପ୍ରଭାରୀ କେ.ସି. ବେଣୁଗୋପାଳ ତୁରନ୍ତ ବେଙ୍ଗାଲୁରୁ ଯାଇ ଦଳୀୟ ବିଧାୟକମାନଙ୍କୁ ଭେଟିଛନ୍ତି। ସେପଟେ ଭାଜପା ସରକାର ଗଢ଼ିବାକୁ ପ୍ରସ୍ତୁତ ଥିବା କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡା ଖବରଦାତାମାନଙ୍କୁ କହିଛନ୍ତି। ଭାଜପା ସରକାର ଗଢ଼ିଲେ ବି.ଏସ୍. ୟେଦୁରପ୍ପା ମୁଖ୍ୟମନ୍ତ୍ରୀ ହେବେ ବୋଲି ସେ ସୂଚନା ଦେଇଛନ୍ତି।



ବେଙ୍ଗାଲୁରୁସ୍ଥିତ ରାଜଭବନରେ କର୍ଣ୍ଣାଟକ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ଭେଟୁଛନ୍ତି କଂଗ୍ରେସ ଏବଂ ଜେଡିଏସ୍‌ର ଇସ୍ତଫା ଦେଇଥିବା ବିଧାୟକ।

ଇସ୍ତଫା ଦେଇଥିବା ୧୧ କଂଗ୍ରେସ ବିଧାୟକ ହେଲେ ପ୍ରତାପଗୌଡ ପାଟିଲ (ମସ୍କି), ବି.ସି. ପାଟିଲ(ହିରେକେରୁର), ରମେଶ ଜାରକିହୋଲି(ଗୋକାକ୍), ଶିବରାମ ହେବାର (ୟେଲାପୁର), ମହେଶ କୁମାତହାଲି (ଅଥାନି), ରାମଲିଙ୍ଗା ରେଡ୍ଡୀ (ବିଟିଏମ୍ ଲେଆଉଟ୍), ଏସ୍.ଟି. ସୋମଶେଖର (ୟେଶବନ୍ତପୁର) ଏବଂ ଏସ୍.ଏନ୍. ସୁବାରେଡ୍ଡୀ (କୋଲାରର କେଜିଏଫ), ରେଡ୍ଡୀଙ୍କ ଝିଅ ତଥା ଜୟନଗର ବିଧାୟିକା ସୌମ୍ୟା, କେ.ଆର୍.ପୁରମ ବିଧାୟକ ବ୍ୟାର୍ଟି ବାସବରାଜ ଏବଂ ଆର୍.ଆର୍.ନଗର ବିଧାୟକ ମୁନିରତ୍ନ। ସେହିପରି ଜେଡିଏସ୍ ବିଧାୟକ ଏ.ଏଚ୍. ବିଶ୍ୱନାଥ (ହୁନ୍‌ସୁର୍), ଏନ୍. ନାରାୟଣ ଗୌଡା (କେ.ଆର୍.ପେଟେ) ଏବଂ ଗୋପାଳାୟା (ମହାଲକ୍ଷ୍ମୀମ୍) ଇସ୍ତଫା ଦେଇଛନ୍ତି। ବାଚସ୍ପତି ଛୁଟିରେ ଥିବାରୁ ଏହି ବିଧାୟକମାନେ ରାଜଭବନ ଯାଇ ରାଜ୍ୟପାଳ ବଜୁଭାଇ ଭାଲାଙ୍କୁ ସେମାନଙ୍କ ଇସ୍ତଫା ନିଷ୍ପତ୍ତି ସମ୍ପର୍କରେ ଜଣାଇ ଦେଇଛନ୍ତି। ଗତ ୧ ତାରିଖରେ ବିଜୟନଗର କଂଗ୍ରେସ ବିଧାୟକ ଆନନ୍ଦ ସିଂ ଇସ୍ତଫା ଦେଇଥିଲେ।

କେନ୍ଦ୍ରମନ୍ତ୍ରୀ ଗୌଡା କହିଛନ୍ତି, କର୍ଣ୍ଣାଟକରେ ଏଭଳି ଧାରା ଲାଗିରହିଛି। ସରକାରରେ ଅଧିକ ଦିନ ରହିବା ସମ୍ବିଧାନ ତଥା ରାଜ୍ୟ ପାଇଁ ଶୁଭଙ୍କର ହେବନାହିଁ ଅନୁଭବ କରି ଶନିବାର ୧୪ ଜଣ ବିଧାୟକ ଇସ୍ତଫା ଦେଇଛନ୍ତି। ପରବର୍ତ୍ତୀ ସରକାର ଭାଜପା ଗଢ଼ିବ କି ବୋଲି ପ୍ରଶ୍ନର ଉତ୍ତରରେ ଗୌଡା କହିଥିଲେ, ସାମ୍ବିଧାନିକ ବ୍ୟବସ୍ଥାରେ ରାଜ୍ୟପାଳ ସର୍ବୋଚ୍ଚ କର୍ତ୍ତୃପକ୍ଷ ହୋଇଥିବାରୁ ସେ ଏନେଇ ନିଷ୍ପତ୍ତି ନେବେ। ଯଦି ସେ ଭାଜପାକୁ ସରକାର ଗଠନ ପାଇଁ ଡାକନ୍ତି ତେବେ ଆମେ ଏଥିପାଇଁ ପ୍ରସ୍ତୁତ ଅଛୁ। ଆମ ସହିତ ୧୦୫ ବିଧାୟକ ଅଛନ୍ତି ବୋଲି ଗୌଡା କହିଛନ୍ତି। ବିଧାୟକମାନଙ୍କ ଇସ୍ତଫା 'ଅପରେଶନ୍ କମଲ'ର ଅଂଶବିଶେଷ କି ବୋଲି ପ୍ରଶ୍ନ ହେବାରୁ ଗୌଡା ତାହାକୁ ଖଣ୍ଡନ କରିଥିଲେ।

୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୧୩। ପୂର୍ବରୁ କଂଗ୍ରେସର ୭୮ ଓ ଜେଡିଏସ୍‌ର ୩୭ ବିଧାୟକଙ୍କ ସମେତ ବିଏସ୍‌ପିର ଜଣେ ଓ ୨ ସ୍ୱାଧୀନ ବିଧାୟକଙ୍କୁ ମିଶାଇ ଶାସକ ମେଣ୍ଟରେ ସଦସ୍ୟଙ୍କ ସଂଖ୍ୟା ୧୧୮ ଥିଲା। ଏବେ ୧୪ ବିଧାୟକଙ୍କ ଇସ୍ତଫା ଦେବା ପରେ ମେଣ୍ଟର ବିଧାୟକ ସଂଖ୍ୟା ୧୦୪କୁ ଖସିଆସିଛି। ଗୃହର ସଦସ୍ୟ ସଂଖ୍ୟା ୨୦୮କୁ ହ୍ରାସ ପାଇଥିବାବେଳେ କୁହୁକ ସଂଖ୍ୟା ହେଉଛି ୧୦୫। ଅନ୍ୟପକ୍ଷରେ ଭାଜପା ପାଖରେ ୧୦୫ ବିଧାୟକ ଥିବାରୁ ସରକାର ଗଢ଼ିବା ପାଇଁ ପଥ ପରିଷ୍କାର ହୋଇଯାଇଛି।

## ଭାଜପା ନିଜସ୍ୱ ଢଙ୍ଗରେ ଲଢ଼ି ଜିତିବ: ଧର୍ମେନ୍ଦ୍ର

**ପାଟକୁରା ନିର୍ବାଚନ**

ଭୁବନେଶ୍ୱର, ୬।୭(ବ୍ୟୁରୋ)

ପାଟକୁରା ନିର୍ବାଚନ ତାରିଖ ଘୋଷଣା ହେବାପରେ ରାଜ୍ୟର ୩ ପ୍ରମୁଖ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଜେଡି ରଣନୀତି ଅନୁଯାୟୀ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଦଳର ମାଳମାଳ ବିଧାୟକ ପାଟକୁରାରେ ବର୍ତ୍ତମାନ ଡେରା ପକାଇ ସାରିଛନ୍ତି। ଏପରି ସ୍ଥିତିରେ ଭାଜପା ମଧ ପଛରେ ରହିବାକୁ ଚାହୁଁନାହିଁ। ହେଲେ ରାଜ୍ୟ ସଭା ଉପନିର୍ବାଚନରେ ପ୍ରାର୍ଥିତ୍ୱକୁ ନେଇ ବିଜେଡି ଏବଂ ଭାଜପା ମଧ ଯେପରି ବୁଝାମଣା ହେଲା ତାହା ବର୍ତ୍ତମାନ ରାଜ୍ୟ ରାଜନୀତିକୁ ଏକ ପ୍ରକାର ଭିନ୍ନ ଦିଗକୁ ନେଇଯାଇଛି। ତଥାପି ମଧ ପାଟକୁରା ନିର୍ବାଚନ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁହଁ ଖୋଲିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ନିଶ୍ଚିତ ବିଜୟୀ ହେବେ । ତାଙ୍କ ପ୍ରତି ନିର୍ବାଚନମଣ୍ଡଳୀ ଲୋକମାନଙ୍କ ସମବେଦନା ରହିଛି। ନିଜସ୍ୱ ଢଙ୍ଗରେ ନିର୍ବାଚନ ଲଢିବାକୁ ଭାଜପା ରଣନୀତି ପ୍ରସ୍ତୁତ କରିଥିବା ଧର୍ମେନ୍ଦ୍ର କହିଛନ୍ତି। ସେପଟେ କଂଗ୍ରେସ ମଧ ନିଜର ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଦଳ ପକ୍ଷରୁ କେତେଜଣଙ୍କୁ ପାଟକୁରା ନିର୍ବାଚନ ପ୍ରଚାର ଦାୟିତ୍ୱ ଦିଆଯିବାକୁ ଯୋଜନା ଚାଲିଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ଶୁଭଶ୍ରୀ
ପରିବାରବର୍ଗ


ପ୍ରଭୁଦତ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଝାରସୁଗୁଡ଼ା ବେଦାନ୍ତରେ ଅଗ୍ନିକାଣ୍ଡ: ୭ ଆହତ

ବେଲପାହାଡ଼ ୬।୭(ଡି.ଏନ.ଏ.) ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମ ଲିମିଟେଡ୍‌ରେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଅଗ୍ନିକାଣ୍ଡ ଘଟି ୭ କର୍ମଚାରୀ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, କମ୍ପାନୀର ଗ୍ରୀନ୍ ଆନୋଡ୍ ପ୍ଲାଣ୍ଟ(୨)ରେ ଅଗ୍ନିକାଣ୍ଡ ଘଟିଥିଲା। ସେଠାରେ କାମ କରୁଥିବା ଏହି କର୍ମଚାରୀମାନେ ଆହତ ହୋଇଥିଲେ। ସେମାନଙ୍କୁ କମ୍ପାନୀ ପରିସରରେ ଥିବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୬ ଜଣ ସାମାନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ବେଳେ ଜଣେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ହାତ ଗୁରୁତର ଭାବେ ପୋଡ଼ିଯାଇଛି। ତାଙ୍କୁ ଅବରଭେଶନରେ ରଖାଯାଇଥିବା କମ୍ପାନୀର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଏ ନେଇ କମ୍ପାନୀ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ପାପଗ୍ରହ ପ୍ରଭାବରୁ ମୁକ୍ତଚନ୍ଦ୍ର ଆପଣଙ୍କ ପାରିବାରିକ ଜୀବନକୁ ସରସ ସୁନ୍ଦର କରି ରଖିବ। ଯାହା ଆଶା କରୁଛନ୍ତି, ତାହା ପାଇବାରେ କୌଣସି ଅସୁବିଧା ହେବନାହିଁ। ବନ୍ଧୁମାନଙ୍କ ସହ ଆକସ୍ମିକ ଯାତ୍ରା କରିବାର ସୁବିଧା ପାଇପାରନ୍ତି । ସକାଳୁ ସକାଳୁ ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରି ନେବାର ପ୍ରୟତ୍ନ କଲେ ସଫଳତା ପାଇବେ।

**ବୃଷ** ଚତୁର୍ଥସ୍ଥ ତୃତୀୟାଧିପ ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ସାହାଯ୍ୟ ପ୍ରାପ୍ତ କରାଇବ। ସାମାନ୍ୟ ସମସ୍ୟା ଆସିଲେ ମଧ୍ୟ କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଆଜିର ଆନୁଷ୍ଠାନିକ କାମ ଲାଗି ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ** ଏକାଧିକ ପାପଗ୍ରହ ରାଶିରେ ଅବସ୍ଥାନ କରି ଆପଣଙ୍କ ମନକୁ ବିକ୍ଷିପ୍ତ କରିପାରନ୍ତି। କିନ୍ତୁ ଯେକୌଣସି ପ୍ରତିଯୋଗିତା, ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ବିଜୟପ୍ରାପ୍ତିର ଆଶା କରାଯାଇପାରେ। ପରିବାର ସଦସ୍ୟଙ୍କୁ ସନ୍ଦେହ କରିବା ଦ୍ୱାରା ନିଜେ ହିଁ କ୍ଷତିଗ୍ରସ୍ତ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହୋଇପାରେ।

**କର୍କଟ** ମାନସିକ ସ୍ଥିତି ଉତ୍ତେଜନାପ୍ରବଣ ରହିଲେ ମଧ୍ୟ ପରିସ୍ଥିତି ଅନୁସାରେ ଆପଣଙ୍କ ବ୍ୟବହାର ମନକୁ ସୁହାଇଲା ଭଳି ରହିବ। ବନ୍ଧୁ କିମ୍ବା ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ଦୂର ହୋଇଯିବ। ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ** ଏକାଦଶ ସ୍ଥାନରେ ଗ୍ରହଙ୍କ ଉପବେଶନ ଆପଣଙ୍କ ସମସ୍ତ କାର୍ଯ୍ୟ ସିଦ୍ଧି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଆଜି ମନ କଥାକୁ ମନଭିତରେ ରଖି ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟହେବେ। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ଲାଗି ବିଭିନ୍ନ ପ୍ରକାର ଫନ୍ଦିଫିକର କରିବାକୁ ପଡ଼ିପାରେ।

**କନ୍ୟା** ଆଜି ଦ୍ୱାଦଶସ୍ଥ ଚନ୍ଦ୍ର ଯୋଗୁ ଆକସ୍ମିକ ବନ୍ଧୁମାନଙ୍କ ସହ ଦୂରଯାତ୍ରା କରିବାକୁ ପଡିପାରେ। ଆଜିର କାମ ହାସଲ ସକାଶେ କିଛି ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

**ତୁଳା** ଏକାଧାରରେ ଭାଗ୍ୟ, କର୍ମ ଓ ଲାଭସ୍ଥ ଗ୍ରହ ପ୍ରଭାବରେ ଦିନଟି ଏକ ସ୍ମରଣୀୟ ଦିବସ ପରି ପ୍ରତୀୟମାନ ହେବ। ଆତ୍ମୀୟସ୍ୱଜନଙ୍କ ସୌହାର୍ଦ୍ଦ୍ୟ ମଧ୍ୟରେ ନିଜକୁ ହଜାଇ ଦେଇପାରନ୍ତି। କୌଣସି ଜିନିଷ କ୍ରୟ କରିବା ସକାଶେ ମୋଟା ଅଙ୍କର ଅର୍ଥ ବ୍ୟୟ କରିପାରନ୍ତି। କର୍ମକ୍ଷେତ୍ର, ସଭା ସମିତି, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ଚତୁର୍ଥଭାବକୁ ଚନ୍ଦ୍ରର ଦୃଷ୍ଟି ସାଙ୍ଗକୁ ବୃହସ୍ପତିଙ୍କ ପ୍ରଭାବରେ ଯାତ୍ରା ଓ କର୍ମାରମ୍ଭ କରିବେ। ଅନୁରାଧା ନକ୍ଷତ୍ରର ପାରିବାରିକ ପ୍ରତିରୋଧ ସାମୟିକ ଭାବେ କାମକୁ ବିଶୃଙ୍ଖଳିତ କରିପାରେ। ଏମିତି କେତେକ ପରିସ୍ଥିତି ଭିତରେ ଚଳିବାକୁ ବାଧ୍ୟ ହେବେ, ଯଦ୍ଦ୍ୱାରା ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିପାରେ।

**ଧନୁ** ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ଗୁରୁ ସ୍ୱାସ୍ଥ୍ୟ ଓ ପରିବାର ତଥା କର୍ମକ୍ଷେତ୍ରକୁ ସମସ୍ୟାମୁକ୍ତ ରଖିବ। ଜମିଜମା କାରବାର କିମ୍ବା ରେଜିଷ୍ଟ୍ରେଶନ ସମ୍ପର୍କିତ ସମସ୍ୟାକୁ ନେଇ ବିବ୍ରତ ରହିପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନପୂର୍ବକ ସାମାନ୍ୟ ଅଗ୍ରଗତି ଘଟିବ।

**ମକର** ଭାଗ୍ୟାଧିପଙ୍କ ସହ ଦୁର୍ବଳ ଚତୁର୍ଥାଧିପ ବିଶିଷ୍ଟ ବ୍ୟକ୍ତିଙ୍କ ସହୃଦୟତା ଲାଭକରି ଆଶା ପୂରଣ କରିପାରିବ। ଯାତ୍ରା କାଳରେ କଥାବାର୍ତ୍ତା ଓ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଆଜି ସକାଳ ସମୟରେ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍‌ସନ ରହିପାରେ।

**କୁମ୍ଭ** ମଙ୍ଗଳଙ୍କ କୁପ୍ରଭାବରୁ ବିରୋଧ ଓ ଶତ୍ରୁତା ରହିଲେ ସୁଦ୍ଧା କାର୍ଯ୍ୟ ସାଧନ ପାଇଁ କିଛି ଫରକ ପଡିବ ନାହିଁ। ପ୍ରତ୍ୟେକ ସ୍ତରରେ ସମସ୍ୟା ପ୍ରତିହତ କରି କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ପ୍ରଶାସନିକ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମୀନ** ସମସ୍ୟା ଆସିବ କିନ୍ତୁ କାମ ଅଟକିବ ନାହିଁ ଏବଂ ହାତରେ କିଛି ନ ଥିଲେ ମଧ୍ୟ ଠିକଣା ସମୟରେ ବନ୍ଧୁଙ୍କ ଦ୍ୱାରା ଆବଶ୍ୟକତା ପୂରଣ ହୋଇଯିବ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ଆନୁଷ୍ଠାନିକ କାମ, ଧାର୍ମିକ କାର୍ଯ୍ୟର ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି ଆଷାଢ଼ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ରବିବାର, ଜୁଲାଇ ୭ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ମେଷ ରାଶିର ଘାତବାର, ବୃଷ ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟରାତ୍ରୌ ବିବାହ ପାଣିଗ୍ରହଣ, ଦିବା ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ, ଘ୬।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ, ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୪।୪୮ମି. ଗତେ, ଘ୬।୨୭ମି. ମଧ୍ୟେ ରାହୁ କାଳ।

## ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ୫ ସିଡିଏମ୍‌ଓଙ୍କ ବଦଳି

ଭୁବନେଶ୍ୱର, ୬।୭(ବ୍ୟୁରୋ)- ରାଜ୍ୟ ସରକାର ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ବଡ଼ଧରଣର ବଦଳି କରିଛନ୍ତି। ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଓ ୫ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ ବଦଳାଇଛନ୍ତି। ସୁନ୍ଦରଗଡ଼ ସିଡିଏମ୍‌ଓ ଥିବା ଡା. ଦିଲୀପ କୁମାର ଷଡ଼ଙ୍ଗୀଙ୍କୁ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ସୁଶୀଲ କୁମାର କରଙ୍କୁ ନର୍ସିଂ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ କରାଯାଇଛି। ସେହିଭଳି ମାଲକାନଗିରି ସିଡିଏମ୍‌ଓ ଡା. ଅଜିତ କୁମାର ମହାନ୍ତିଙ୍କୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବାବେଳେ ଭଦ୍ରକ ସିଡିଏମ୍‌ଓ ବାରିଶ କୁମାର ଦାସଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସୁବର୍ଣ୍ଣପୁର ସିଡିଏମ୍‌ଓ ସରୋଜ କୁମାର ନାୟକଙ୍କୁ ପରିବାର କଲ୍ୟାଣ ନିର୍ଦ୍ଦେଶକ ପଦବୀରେ ନିଯୁକ୍ତି ମିଳିଥିବାବେଳେ ଏହି ଦାୟିତ୍ୱରେ ଥିବା ବିଜୟଲକ୍ଷ୍ମୀ ଗୁରୁଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ କରାଯାଇଛି। ବରଗଡ଼ ସିଡିଏମ୍‌ଓ ନନ୍ଦକିଶୋର ପାଢ଼ୀଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିବାବେଳେ ଏହି ବିଭାଗର ଅତିରିକ୍ତ ସଚିବ ମାନସ ରଞ୍ଜନ ସାମନ୍ତରାୟଙ୍କୁ ବ୍ଲଡ୍ ସେଫ୍ଟି ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି।

# ୩ ବର୍ଷରେ ବିପର୍ଯ୍ୟୟ ନେଲାଣି ୬୨୨୮ ଜୀବନ

ଭୁବନେଶ୍ୱର, ୬।୭(ବ୍ୟୁରୋ)

- ବରବାଦ ହେଲାଣି ୪୦ ହଜାର କୋଟି
- ଘାତକ ହେଉଛି ବଜ୍ରପାତ
- କେନ୍ଦ୍ରରୁ ମିଳୁନି ଆବଶ୍ୟକ ସହାୟତା
- ୧୯ ବର୍ଷରେ ଓଡ଼ିଶା ମାଗିଛି ୩୮, ୦୯୪ କୋଟି, ମିଳିଛି ୪,୫୭୨ କୋଟି



| ମସିହା | ଦୁର୍ବିପାକ | ରାଜ୍ୟ ସରକାର ମାଗିଥିଲେ** | କେନ୍ଦ୍ର ସରକାର ଦେଇଛନ୍ତି** |
|---|---|---|---|
| ୨୦୦୦ | ମରୁଡ଼ି | ୪୪୫.୨୮ | ୪୯.୬୨ |
| ୨୦୦୧ | ବନ୍ୟା | ୧୫୩୦.୮୮ | ୧୦୦ |
| ୨୦୦୨ | ମରୁଡ଼ି | ୮୭୧.୪ | ୫.୪୩ |
| ୨୦୦୩ | ଦୁଇଟି ବନ୍ୟା | ୨୧୪୧.୮୩ | ୧୦୪.୪୩ |
| ୨୦୧୩ | ଫାଇଲିନ୍ | ୫୮୩୨.୫ | ୧୧୪୯.୮୩ |
| ୨୦୧୪ | ହୁଦ୍‌ହୁଦ୍ ଓ ବନ୍ୟା | ୭୭୭.୧୨ | ୦ |
| ୨୦୧୮ | ତିତ୍‌ଲି | ୨୭୭୯.୩୩ | ୩୪୧.୭୨ |
| ୨୦୧୯ | ଫନୀ | ୫୨୨୭.୬୮ | ୭୮୮.୮୮* |

** କୋଟି ଟଙ୍କା, * ମେ ମାସ ସୁଦ୍ଧା

କେବଳ ବାତ୍ୟା ନୁହେଁ, ବନ୍ୟା, ମରୁଡ଼ି, ରୋଗପୋକ ମଧ୍ୟ ରାଜ୍ୟର କୃଷିକ୍ଷେତ୍ର ଏବଂ ଆର୍ଥିକ ପ୍ରଗତିକୁ ବ୍ୟାପକ କ୍ଷତି ପହଞ୍ଚାଉଛି। ପ୍ରାକୃତିକ ବିପତ୍ତି ଯେ କେବଳ ଧନସମ୍ପତ୍ତି ନଷ୍ଟ କରୁ ନାହିଁ, ଏଥିଯୋଗୁ ପ୍ରତିବର୍ଷ ଅନେକ ବହୁମୂଲ୍ୟ ଜୀବନ ଚାଲିଯାଉଛି। ୧୯୯୯ ମହାବାତ୍ୟା ପରେ ବାତ୍ୟା ଫାଇଲିନ, ହୁଦହୁଦ୍, ତିତଲି ଏବଂ ଫନୀ ରାଜ୍ୟର ଉପକୂଳକୁ ଛାରଖାର କରିଦେଇଛି। ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ମାଡରୁ ଅଣ୍ଟାସଳଖି ଛିଡ଼ାହେବା ବେଳକୁ ଆଉ ଏକ ଦୁର୍ବିପାକ ରାଜ୍ୟରେ ଧ୍ୱଂସର ତାଣ୍ଡବଲୀଳା ରଚୁଛି। ୧୯୯୯ରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୮ ଥର ମରୁଡ଼ି ହୋଇଥିବା ବେଳେ ୯ ଥର ବନ୍ୟା, ୪ଥର ବାତ୍ୟା ଓ ୩ ଥର ରୋଗପୋକ ଯୋଗୁ ଫସଲ ଉଜୁଡ଼ି ଯାଇଛି । ଏଥିରେ ପ୍ରାୟ ୪୦ ହଜାର କୋଟି ଟଙ୍କାର ଧନସମ୍ପତ୍ତି ନଷ୍ଟ ହୋଇଛି। ବିଶେଷ କରି ଗତ ୩ ବର୍ଷରେ ୬୨୨୮ ଜଣଙ୍କର ମୃତ୍ୟୁ ହୋଇସାରିଲାଣି।

ପ୍ରାକୃତିକ ବିପର୍ଯ୍ୟୟ ପରେ ଭିତ୍ତିଭୂମି ସଜାଡ଼ିବା ଓ କ୍ଷୟକ୍ଷତି ଭରଣା ପାଇଁ ରାଜ୍ୟ ସରକାର କେନ୍ଦ୍ରର ସହାୟତା ଲୋଡ଼ି ଆସୁଛନ୍ତି। ମାତ୍ର ଦାବି ମୁତାବକ ସହାୟତା ମିଳୁ ନାହିଁ। ରାଜସ୍ୱ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୧୯ ବର୍ଷ ମଧ୍ୟରେ ବନ୍ୟା, ବାତ୍ୟା, ମରୁଡ଼ି ସହାୟତା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ୩୮,୦୯୪.୫ କୋଟି ଟଙ୍କାର ସହାୟତା ମାଗିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ କେନ୍ଦ୍ରରୁ ୪୫୭୨.୯୭ କୋଟି ଟଙ୍କା ସହାୟତା ମିଳିଛି। ଗତ ମେ ୩ ତାରିଖରେ ହୋଇଥିବା ବାତ୍ୟା ଫନୀ ରାଜ୍ୟର ୧୪ ଜିଲାକୁ କ୍ଷତିଗ୍ରସ୍ତ କରିଥିଲା। ବିଶେଷ କରି ପୁରୀ, ଖୋର୍ଦ୍ଧା ଏବଂ କଟକ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ରାଜ୍ୟ ସରକାର କ୍ଷୟକ୍ଷତି ଆକଳନ କରି ୫୨୨୭.୬୮ କୋଟି ଟଙ୍କାର ଏକ ଦାବିପତ୍ର କେନ୍ଦ୍ର ସରକାରଙ୍କୁ ଦେଇଛନ୍ତି। ଗତ ମେ ୨୬ ସୁଦ୍ଧା ସହାୟତା ବାବଦରେ ୭୮୮.୮୮ କୋଟି ଟଙ୍କା କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବା ପରେ ୧ ହଜାର କୋଟି ଟଙ୍କା ସହାୟତା ଦେବାକୁ ଘୋଷଣା କରିଥିଲେ। ତେବେ ଏ ପର୍ଯ୍ୟନ୍ତ ସେହି ଅର୍ଥ ମିଳିପାରି ନାହିଁ। କେନ୍ଦ୍ର ସହାୟତା ମିଳୁ ନ ଥିବାରୁ କ୍ଷୟକ୍ଷତି ଭରଣା କରିବା ରାଜ୍ୟ ସରକାରଙ୍କ ପାଇଁ ବୋଝ ପାଲଟିଛି।

ଅନ୍ୟପକ୍ଷରେ ପ୍ରାକୃତିକ ବିପତ୍ତି ଯୋଗୁ ବହୁମୂଲ୍ୟ ଜୀବନ ହରାଇବାକୁ ପଡୁଛି। ଗତ ୩ ବର୍ଷ ମଧ୍ୟରେ ବଜ୍ରପାତ, ଅଂଶୁଘାତ, ଅଗ୍ନିକାଣ୍ଡ, ବାତ୍ୟା, ଘୂର୍ଣ୍ଣିଝଡ଼, ବନ୍ୟା, ଡଙ୍ଗାବୁଡ଼ି, ସାପ କାମୁଡ଼ା ଓ ପାଣିରେ ବୁଡ଼ି ୬୨୨୮ ଜଣଙ୍କ ଜୀବନ ଯାଇଛି। ତେବେ ଗତ କିଛି ବର୍ଷ ହେବ ରାଜ୍ୟ ପାଇଁ ବଜ୍ରପାତ ଏକ ମହା ପ୍ରାକୃତିକ ବିପର୍ଯ୍ୟୟ ଭାବେ ଦେଖା ଦେଇଛି। ୨୦୧୬ରୁ ଏ ପର୍ଯ୍ୟନ୍ତ ବଜ୍ରପାତ ଯୋଗୁ ବିଭିନ୍ନ ଜିଲାରେ ୧୨୫୯ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୬-୧୭ରେ ବଜ୍ରପାତରେ ୪୦୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୭-୧୮ରେ ୪୬୪, ୨୦୧୮-୧୯ରେ ୩୧୮ ଏବଂ ୨୦୧୯-୨୦ ଜୁନ୍ ୨୫ ପର୍ଯ୍ୟନ୍ତ ୭୭ ଜଣଙ୍କର ମୃତ୍ୟୁ ହୋଇସାରିଲାଣି। ସେହିପରି ଅଗ୍ନିକାଣ୍ଡରେ ୨୮୫, ଅଂଶୁଘାତରେ ୧୧୬, ବାତ୍ୟାରେ ୧୨୫, ଘୂର୍ଣ୍ଣିଝଡ଼ରେ ୩୨, ବନ୍ୟାରେ ୩୩, ଡଙ୍ଗାବୁଡ଼ିରେ ୨୬, ପାଣିରେ ବୁଡ଼ି ୨୧୩୫ ଏବଂ ସାପ କାମୁଡ଼ାରେ ୨୨୧୭ ଜଣଙ୍କର ମୃତ୍ୟୁ ହୋଇଛି। ବଜ୍ରପାତରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୧୩୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବାଲେଶ୍ୱରରେ ୯୪, ଗଞ୍ଜାମରେ ୮୯, କେନ୍ଦୁଝରରେ ୮୮ ଜଣଙ୍କର ମୃତ୍ୟୁ ହୋଇଛି।

## ୨ଦିନ ବଢ଼ିଲା ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର, ୬।୭(ବ୍ୟୁରୋ)

- ୧୩ରେ ଦ୍ୱିତୀୟ ପର୍ଯ୍ୟାୟ ତାଲିକା
- ୨୯ରେ ପାଠପଢ଼ା

ଯୁକ୍ତ୨ ପ୍ରଥମବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ଅବଧିକୁ ଆଉ ଦୁଇଦିନ ବଢ଼ାଇ ଦିଆଯାଇଛି। ୬ ତାରିଖରେ ସରିବାକୁ ଥିବାବେଳେ ଏଣିକି ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ପ୍ରଥମ କଟ୍ ଅଫ୍‌ରେ ମନୋନୀତ ଛାତ୍ରୀଛାତ୍ରମାନେ ନାମ ଲେଖାଇ ପାରିବେ। ଏ ନେଇ ଶୁକ୍ରବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। କିଛି ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ କମନ ଆପ୍ଲିକେଶନ ଫର୍ମ(ସିଏଏଫ୍) ପୂରଣ କରିବା ସହିତ ଫି' ମଧ୍ୟ ପୈଠ କରିଛନ୍ତି। କେତେକ ସମସ୍ୟା ଯୋଗୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନେ ସାମ୍ସ ରିସୋର୍ସ ସେଣ୍ଟର(ଏସ୍‌ଆର୍‌ସି)ରେ ସିଏଏଫ୍‌କୁ ଦାଖଲ କରିପାରିନାହାନ୍ତି। ତେଣୁ ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ନିକଟ ଏସ୍‌ଆର୍‌ସିରେ ୬ ତାରିଖ ପୂର୍ବାହ୍ନ ୧୧ଟାରୁ ୯ ତାରିଖ ଅପରାହ୍ନ ୪ଟା ମଧ୍ୟରେ ତାହାକୁ ଦାଖଲ କରିବାକୁ ପଡ଼ିବ। ସେହିପରି ମାଧ୍ୟମିକ ଶିକ୍ଷା ପରିଷଦ ବ୍ୟତୀତ ଯେଉଁ ଛାତ୍ରୀଛାତ୍ରମାନେ ସିବିଏସ୍‌ଇ, ଆଇସିଏସ୍‌ଇ କିମ୍ବା ଅନ୍ୟ କୌଣସି ବୋର୍ଡରେ ପରୀକ୍ଷା ଦେଇଛନ୍ତି ସେମାନେ ଅରିଜିନାଲ ମାର୍କସିଟ୍ ପାଇ ନ ଥିବାରୁ ନାମଲେଖାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେହି ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍ ମାର୍କସିଟ୍‌ରେ ସେଲ୍ଫ ଆଟେଷ୍ଟେଡ୍ କରି ଏକ ଅଣ୍ଡରଟେକିଂ ଦେବାକୁ ପଡ଼ିବ। ନାମଲେଖାର ୧୫ଦିନ ମଧ୍ୟରେ ଅରିଜିନାଲ ମାର୍କସିଟ୍ ଦେବା ପାଇଁ ଉକ୍ତ ଅଣ୍ଡରଟେକିଂରେ ଲେଖିବେ। ଯଦି ବି ନାମଲେଖାରୁ ସେମାନଙ୍କୁ ବଞ୍ଚିତ କରାଯାଉଛି ତେବେ ସେଥିପାଇଁ କଲେଜ ଅଧ୍ୟକ୍ଷମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଜଣାଇବେ ବୋଲି କୁହାଯାଇଛି। ସେହିପରି ଅନେକ ଛାତ୍ରୀଛାତ୍ର ସିଏଏଫ୍‌ରେ ଭିନ୍ନ ଭିନ୍ନ ଫୋନ୍ ନମ୍ବର ଲେଖିଛନ୍ତି, ଯାହା ଅସୁବିଧା ହେଉଛି। ସେପଟେ ପ୍ରକାଶ ପାଇବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ମେରିଟ ଲିଷ୍ଟକୁ ମଧ୍ୟ ଗୋଟିଏ ଦିନ ଘୁଞ୍ଚାଯାଇଛି। ଆସନ୍ତା ୧୩ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୧୫ ତାରିଖରୁ ୧୭ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ନାମ ଲେଖାଇ ପାରିବେ। ୨୦ ତାରିଖ ଦିନ ସ୍ପଟ୍ ସିଲେକ୍ସନ ହେବ ଓ ୨୯ ତାରିଖରେ ଯୁକ୍ତ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## 'ବଜେଟରେ ଓଡିଶାକୁ କମ୍ ଅର୍ଥ ମିଳିଛି କହିବା ଦୁର୍ଭାଗ୍ୟଜନକ'

### ପୋଲାଭରମ୍ ପ୍ରସଙ୍ଗରେ କଂଗ୍ରେସକୁ ଧର୍ମେନ୍ଦ୍ରଙ୍କ କଡ଼ା ସମାଲୋଚନା

ଭୁବନେଶ୍ୱର, ୬।୭(ବ୍ୟୁରୋ)

ଆକଳନ ତୁଳନାରେ ବଜେଟରେ ଓଡିଶାକୁ କମ୍ ଅର୍ଥ ମିଳିବା ଅଭିଯୋଗର କୌଣସି ଆଧାର ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖଣ୍ଡନ କରିଛନ୍ତି। ନୂଆଦିଲ୍ଲୀରୁ ଆସି ଭୁବନେଶ୍ୱରଠାରେ ପହଞ୍ଚିବା ପରେ ଶନିବାର ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଧର୍ମେନ୍ଦ୍ର କହିଛନ୍ତି, ରେଳ ବଜେଟର ସମ୍ପୂର୍ଣ୍ଣ ତଥ୍ୟ ଏ ପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ । ମୁଖ୍ୟ ବଜେଟର ସମସ୍ତ ବିବରଣୀ ମଧ୍ୟ ପବ୍ଲିକ୍ ଡୋମେନ୍‌ରେ ନାହିଁ । ଏପରିସ୍ଥଳେ ଓଡିଶାକୁ କମ୍ ଅର୍ଥ ମିଳିବା କଥା କହିବା ଦୁଃଖର ବିଷୟ । ଚଳିତ ବଜେଟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅଧିକ ରାସ୍ତା, ଆବାସ ଯୋଜନାରେ ଅଧିକ ଘର, ମହିଳା ଏସ୍‌ଏସ୍‌ଜିମାନଙ୍କୁ ୫ ହଜାର ଟଙ୍କାର ଓଭରଡ୍ରାଫ୍ଟ ଓ ମୁଦ୍ରା ଯୋଜନାରେ ଅଧିକ ଋଣ ମିଳିବ । ସେହିପରି କୃଷିକୁ ଏକ ନୂଆ ଢାଞ୍ଚାକୁ ନେବା ପାଇଁ କୃଷି ଉତ୍ପାଦନକାରୀ ସଂସ୍ଥା ବହୁତ ବଡ ମାଧ୍ୟମ ହେବ। ଓଡିଶାକୁ ମୋଦି ସରକାରଙ୍କ ସମସ୍ତ ଗରିବ କଲ୍ୟାଣ ଯୋଜନାର ସିଂହଭାଗ ପହଞ୍ଚିବ। ସେହିପରି ତୈଳ ଦର ବଢିବା ପ୍ରଶ୍ନର ଉତ୍ତରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଦେଶରେ ସାମଗ୍ରିକ ଉନ୍ନତି ପାଇଁ ଅର୍ଥର ଆବଶ୍ୟକତା ରହିଛି । ଅନ୍ତଃରାଷ୍ଟ୍ରୀୟ ବଜାରରେ ତୈଳ ଦର କମିବା ଆରମ୍ଭ ହୋଇଥିବାବେଳେ ଏହାର ସୁଯୋଗ ଭାରତୀୟ ଅର୍ଥ ବ୍ୟବସ୍ଥା ନେବା ଉଚିତ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିବା ନେଇ ଧର୍ମେନ୍ଦ୍ର କହିଛନ୍ତି, ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ବାଟରେ ହେବା ଉଚିତ। କେନ୍ଦ୍ର ବଜେଟକୁ ଓଡିଶା ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସ୍ୱାଗତଯୋଗ୍ୟ।

ପୋଲାଭରମ୍ ପ୍ରକଳ୍ପକୁ କଂଗ୍ରେସ ନେତାମାନେ ସମାଲୋଚନା କରିବା ପ୍ରସଙ୍ଗରେ ଧର୍ମେନ୍ଦ୍ର କହିଛନ୍ତି, ସେମାନଙ୍କ ଦଳର ନୈତିକତା ନାହିଁ । କଂଗ୍ରେସକୁ ବଡ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି। ପୋଲାଭରମ୍ ପ୍ରକଳ୍ପ କଥା ଉଠାଇବା ପାଇଁ କଂଗ୍ରେସର କିଛି ନୈତିକତା ଅଛି କି ସେମାନେ ଏହାର ଉତ୍ତର ରଖନ୍ତୁ। ୨୦୦୫ରେ ଏକତରଫା ଭାବେ ଓଡିଶାର ଆଦିବାସୀମାନଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କେଉଁମାନେ ପୋଲାଭରମ୍ ନିର୍ମାଣ ପାଇଁ ଅନୁମତି ଦେଇଥିଲେ ତାହା ରାଜ୍ୟବାସୀଙ୍କୁ ଅଛପା ନାହିଁ। ସେହି ସମୟରେ କଂଗ୍ରେସ ସରକାର ଦିଲ୍ଲୀରେ ଏବଂ ଆନ୍ଧ୍ରପ୍ରଦେଶରେ ଥିଲା। କଂଗ୍ରେସ ବିଧାୟକମାନେ ନିଜ ଇଜ୍ଜତ ବଞ୍ଚାନ୍ତୁ। ଏଥର ନିର୍ବାଚନରେ ବହୁତ ଖରାପ ଅବସ୍ଥାରେ ଓଡିଆ ଲୋକମାନେ ସେମାନଙ୍କୁ ରଖିଲେ। ଭାରତବର୍ଷର ଲୋକେ କଂଗ୍ରେସର ଅହଙ୍କାରୀ ନେତାଙ୍କୁ ପ୍ରତ୍ୟାଖ୍ୟାନ କଲେ ବୋଲି ଧର୍ମେନ୍ଦ୍ର ସମାଲୋଚନା କରିଛନ୍ତି।

## ବୌଦ୍ଧ, ପୋଲସରା ବିଧାନସଭା ନିର୍ବାଚନ ଫଳାଫଳକୁ ନେଇ ହାଇକୋର୍ଟରେ ମାମଲା

କଟକ ଅଫିସ, ୬।୭

ବୌଦ୍ଧ ବିଧାନସଭା ନିର୍ବାଚନ ଫଳାଫଳକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏଠାରୁ ଭାଜପା ଟିକେଟରେ ନିର୍ବାଚନ ଲଢି ପରାସ୍ତ ହୋଇଥିବା ସୁଶାନ୍ତ ପ୍ରଧାନ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ସେ ପିଟିଶନରେ ଦର୍ଶାଇଛନ୍ତି, ୫ହଜାର ଭୋଟ ଗଣତି କରାଯାଇନାହିଁ, ଯାହା ଫଳାଫଳକୁ ପ୍ରଭାବିତ କରିଛି। ତେଣୁ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ସେ ନିବେଦନ କରିଛନ୍ତି। ସେହିପରି ଗଞ୍ଜାମ ଜିଲା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ନିର୍ବାଚନ ସମୟରେ ବିଧାୟକ ଦାଖଲ କରିଥିବା ସତ୍ୟପାଠରେ ନିଜ ଶିକ୍ଷାଗତ ଯୋଗ୍ୟତାକୁ ନେଇ ମିଥ୍ୟା ତଥ୍ୟ ଦେଇଥିବା ମଲ୍ଲିକ ପିଟିଶନରେ ଦର୍ଶାଇଛନ୍ତି। ତେଣୁ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ସେ ପିଟିଶନରେ ନିବେଦନ କରିଛନ୍ତି। ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଆବେଦନକାରୀମାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି।



ବଲାଙ୍ଗୀର ଜିଲା ରାଡବାହାଲ ଗ୍ରାମରେ ଜିଅନ୍ତା ଜଳି ଯାଉଥିବା ଆଶାମତୀ ।

## ଯାଞ୍ଚ ପରେ ବିଶେଷଜ୍ଞଙ୍କ ମତ

# ଗର୍ଭଗୃହ ସ୍ଥିତି ଭଲ ଅଛି

ପୁରୀ ଅଫିସ, ୬।୭

- ପାଣି ଗଳିବା ସ୍ଥାନ ଜଣାପଡୁ ନାହିଁ
- ଗୋଟିଏ ଫ୍ୟାନ୍ ଅଚଳ ହୋଇପଡିଛି
- ମରାମତି ହେବ ରୋଷଘର ଚଟାଣ
- ଆଜି ପୁଣି ଯାଞ୍ଚ ହେବ ନାଟମଣ୍ଡପ

ଗର୍ଭଗୃହ ସ୍ଥିତି ମୋଟାମୋଟି ଭଲ ଅଛି। ସେମିତି କିଛି ଅସୁବିଧା ଲକ୍ଷ୍ୟ କରାଯାଇ ନାହିଁ। ଯୁଗ୍ମ କମିଟି ସଦସ୍ୟମାନେ ତଳ ମହଲା ଏବଂ ଉପର ମହଲାକୁ ତନ୍ନ ତନ୍ନ କରି ଯାଞ୍ଚ କରିଛନ୍ତି। ବାତ୍ୟା ସମୟରେ ଗର୍ଭଗୃହରୁ ପାଣି ଗଳିଥିଲା ବୋଲି କୁହାଯାଇଥିଲା। କିନ୍ତୁ କେଉଁ ସ୍ଥାନରୁ ପାଣି ଗଳିଥିଲା ତାହା ଜଣାପଡି ନାହିଁ। ବାୟୁ ଚଳାଚଳ ବ୍ୟବସ୍ଥା ଠିକ୍ ଅଛି। ଗର୍ଭଗୃହରେ ଲାଗିଥିବା ୩ଟି ଫ୍ୟାନ ମଧ୍ୟରୁ ଗୋଟିଏ ଫ୍ୟାନ କାମ କରୁ ନ ଥିବା ଶନିବାର ଯାଞ୍ଚ ସମୟରେ ଜଣାପଡିଛି। ସେହିପରି ଜଗମୋହନରେ ଲାଗିଥିବା ପୋର୍ଟାଲ ଫ୍ରେମ୍ ଠିକ୍ ରହିଥିବା ବେଳେ ରବିବାର ନାଟମଣ୍ଡପକୁ ଆଉଥରେ ଯାଞ୍ଚ କରାଯିବ ବୋଲି କମିଟି ନିଷ୍ପତ୍ତି ନେଇଛି।

ଶନିବାର ପୂର୍ବାହ୍ନରେ ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ କୋର କମିଟି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପୂର୍ତ୍ତ ବିଭାଗ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟରମାନେ ଶ୍ରୀମନ୍ଦିରରେ ପହଞ୍ଚିଥିଲେ। ପ୍ରଥମେ ଗର୍ଭଗୃହ ଯାଞ୍ଚ କରିଥିଲେ। ବନ୍ଧାଯାଇଥିବା ଭାରା ଉପରେ ଚଢି ଗର୍ଭଗୃହର ତଳ ଏବଂ ଉପର ମହଲାକୁ ଯାଇ ସ୍ଥିତି ପରଖିଥିଲେ। ବାତ୍ୟା ସମୟରେ ଗର୍ଭଗୃହରେ ପାଣି ଗଳିଥିବା ନେଇ ଯାହା ଶୁଣାଯାଉଥିଲା ତାହା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ। କିନ୍ତୁ କେଉଁ ଜାଗାରୁ ପାଣି ଗଳୁଥିଲା ତାହା ପାଇ ନ ଥିଲେ। ଏହାପରେ ଜଗମୋହନରେ ଲାଗିଥିବା ଲୋଡ୍‌ସେଲ୍‌ର ମନିଟରିଂ ସିଷ୍ଟମକୁ ଅନୁଧ୍ୟାନ କରିଥିଲେ। ତାହା ଠିକ୍ ଭାବେ ରିଡିଂ କରୁଥିବା ଜାଣିବାକୁ ପାଇଥିଲେ। ରବିବାର ନାଟମଣ୍ଡପକୁ ଭଲ ଭାବେ ଆଉଥରେ ଯାଞ୍ଚ କରିବେ ଏହି ଟିମ୍। ପରେ ନିର୍ମାଣ ଭବନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କ'ଣ କ'ଣ ମରାମତି କରାଯିବ ସେ ନେଇ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

ଯାଞ୍ଚ ପରେ କୋର କମିଟି ସଦସ୍ୟ ଡ. ଏନ୍.ସି. ପାଲ ଗଣମାଧ୍ୟମକୁ କହିଛନ୍ତି, ଗର୍ଭଗୃହରେ ପ୍ରତିବର୍ଷ ରାସାୟନିକ ପ୍ରଲେପ ଦିଆଯାଏ। ଏଥିସହିତ ସଫା ଏବଂ ଅନ୍ୟାନ୍ୟ ମରାମତି ହୋଇଥାଏ। ବାୟୁ ଚଳାଚଳ ଲାଗି ୩ଟି ପଙ୍ଖା ରହିଛି। ବାତ୍ୟାରେ ଗୋଟିଏ ପଙ୍ଖା ଅଚଳ ହୋଇପଡିଛି। ତାକୁ ସଜାଡ଼ିବାକୁ ପଡିବ। ଉପର ମହଲାରେ ବାୟୁ ଚଳାଚଳ ପୂର୍ବାପେକ୍ଷା ଭଲ କରୁଛି। ଆଗରୁ ଏଠାରେ ଆର୍ଦ୍ରତା ଅଧିକ ରହୁଥିଲା। ଶନିବାର ଯାଞ୍ଚ ବେଳେ ସେମିତି କିଛି ଜଣାପଡିଲା ନାହିଁ। ଜଗମୋହନରେ ଲାଗିଥିବା ଲୋଡ୍‌ସେଲ ଏବଂ ନାଟମଣ୍ଡପ ବିମ୍‌ରେ ଲାଗିଥିବା ମନିଟରିଂ ସିଷ୍ଟମ ମଧ୍ୟ ଦେଖାଯାଇଛି। ପୂର୍ବରୁ ରୋଷଶାଳା ଚଟାଣ ମରାମତି ହେବ ବୋଲି ଯେଉଁ ନିଷ୍ପତ୍ତି ହୋଇଥିଲା ତାହା ଏହି ସମୟରେ କରାଯିବ ବୋଲି ଡ. ପାଲ୍ କହିଛନ୍ତି। କୋର କମିଟି ସଦସ୍ୟ ପ୍ରଫେସର ଜି.ସି. ମିତ୍ର କହିଥିଲେ, ଗର୍ଭଗୃହରେ ସେମିତି କିଛି ଅସୁବିଧା ଲକ୍ଷ୍ୟ କରାଯାଇ ନାହିଁ। ପାଣି ଲିକେଜ୍ ବିଷୟରେ ପରୀକ୍ଷା ନିରୀକ୍ଷା ଚାଲିଛି। ଯେଉଁମାନେ ପାଣି ଗଳୁଥିବା ଦେଖିଛନ୍ତି ସେମାନଙ୍କ ସହିତ ଆଲୋଚନା କରିବାକୁ ହେବ। ନିର୍ଦ୍ଦିଷ୍ଟ ଭାବେ କେଉଁ ଜାଗାରୁ ପାଣି ପଡୁଥିଲା କହିଲେ ସୁବିଧା ହେବ। ନାଟମଣ୍ଡପ ଆଉଥରେ ଯାଞ୍ଚ କରାଯିବ ବୋଲି ମିତ୍ର ସୂଚନା ଦେଇଛନ୍ତି। ଏହି ଯାଞ୍ଚରେ ଏଏସ୍‌ଆଇ ଦିଲ୍ଲୀର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅତୁଲ କୁଲକର୍ଣ୍ଣି, ଭୁବନେଶ୍ୱରର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲିକ, କୋର କମିଟି ସଦସ୍ୟ ପଦ୍ମଲୋଚନ ମହାପାତ୍ରଙ୍କ ସମେତ ପୂର୍ତ୍ତ ବିଭାଗ ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀ ସାମିଲ ଥିଲେ।



ଗର୍ଭଗୃହ ଯାଞ୍ଚ ଲାଗି ଆସିଥିବା ବିଶେଷଜ୍ଞ ଦଳ।



ନିକଟ ଭବିଷ୍ୟତରେ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ କେରଳରେ ଭାଜପା ସ୍ଥିତି ସୁଦୃଢ ହେବା।
-ଅମିତ ଶାହ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ଯୁବନେତାଙ୍କୁ କଂଗ୍ରେସ ଅଧ୍ୟକ୍ଷ କରିବା ସପକ୍ଷରେ ଅମରିନ୍ଦର



**ଚଣ୍ଡିଗଡ଼,୬ା୭(ପି.ଟି.):** କଂଗ୍ରେସ ଅଧ୍ୟକ୍ଷ ପଦରୁ ରାହୁଲ ଗାନ୍ଧୀ ହଟିଯିବା ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଜଣେ ଯୁବ ଓ ଅଭିଜ୍ଞ ନେତାଙ୍କୁ ଏହି ପଦରେ ରଖାଯିବା ସପକ୍ଷରେ ମତ ଦେଇଛନ୍ତି। କଂଗ୍ରେସ ଭଳି ଏକ ପୁରୁଣା ଦଳକୁ ଆଗେଇ ନେବା ଲାଗି ଏଭଳି ନେତାଙ୍କ ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି। ରାହୁଲଙ୍କ ଇସ୍ତଫାକୁ ସେ ଦୁର୍ଭାଗ୍ୟ ବୋଲି କହିବା ସହ କଂଗ୍ରେସ କାର୍ଯ୍ୟକାରୀ କମିଟି ଜଣେ ଯୁବ ନେତାଙ୍କୁ ଦଳର ଅଧ୍ୟକ୍ଷଭାବେ ବାଛିବା ଦରକାର ବୋଲି କହିଛନ୍ତି। ଦଳୀୟ ନେତୃତ୍ୱ ପରିବର୍ତ୍ତନ ହେଲେ ବି ଦଳର ମୁଖ୍ୟ ଆଭିମୁଖ୍ୟ, ତଳସ୍ତରର ସଙ୍ଗଠନ ଠିକ୍ ରହିବା ଦରକାର। ଜଣେ ଯୁବ ପ୍ରତିଭା ହିଁ ଦଳକୁ ନୂଆ ଉତ୍ସାହ ପ୍ରଦାନ କରିପାରିବ ଓ ଦେଶ ସମ୍ମୁଖୀନ ହେଉଥିବା ସାମ୍ପ୍ରତିକ ସମସ୍ୟାର ସମାଧାନ ବାଟ ବାହାର କରିପାରିବ। ତେଣୁ ବରିଷ୍ଠ ନେତା ଏଥିଲାଗି ବାଟ ଛାଡ଼ିଦେବା ଉଚିତ ବୋଲି ଅମରିନ୍ଦର ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ସାଧାରଣ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ଲାଗି ନିଜକୁ ଦାୟୀକରି ରାହୁଲ ଗାନ୍ଧୀ ଜୁଲାଇ ୩ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ।

### ବଳାତ୍କାର ପୀଡ଼ିତା ନାବାଳିକାର ପରିବାରକୁ ୧୦ ଲକ୍ଷ ସହାୟତା

**ନୂଆଦିଲ୍ଲୀ,୬ା୭(ପି.ଟି.):** ଦ୍ୱାରକା ବଳାତ୍କାରର ଶିକାର ହୋଇଥିବା ନାବାଳିକାର ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଘୋଷଣା କରିଛନ୍ତି। ଚଳିତ ସପ୍ତାହରେ ଦିଲ୍ଲୀର ଦ୍ୱାରକାସ୍ଥିତ ସେକ୍ଟର ୨୩ରେ ଏହି ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ରାସ୍ତାକଡ଼ ବୁଦାରୁ ପୀଡ଼ିତାଙ୍କୁ ଉଦ୍ଧାର କରାଯାଇ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କ ଅବସ୍ଥା ସଙ୍ଗିନ ରହିଛି। ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ନାବାଳିକା ଘର ବିହାରରେ ବୋଲି ଜଣାପଡ଼ିଛି। ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଦିଆଙ୍କ ସହ କେଜ୍‌ରିୱାଲ ଯାଇ ସଫ୍‌ଦର୍‌ଜଙ୍ଗ ହସ୍ପିଟାଲରେ ପୀଡ଼ିତା ଓ ତାଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ପୀଡ଼ିତାଙ୍କୁ ସର୍ବୋତ୍ତମ ଡ଼ାକ୍ତରୀ ସହାୟତା ଦିଲ୍ଲୀ ସରକାର ଯୋଗାଇ ଦେବେ ବୋଲି କେଜ୍‌ରିୱାଲ ଘୋଷଣା କରିଛନ୍ତି। ପ୍ରକାଶଥାଉ କି, ଏହି ମାମଲାରେ ଜଣେ ୨୪ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି।

### ଜାପାନିଜ୍ ଏନ୍‌ସେଫାଲାଇଟିସ୍ ମୃତ୍ୟୁସଂଖ୍ୟା ୪୯

**ନୂଆଦିଲ୍ଲୀ,୬ା୭(ପି.ଟି.):** ଆସାମରେ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଆତଙ୍କ ଦେଖାଦେଇଛି। ଅଦ୍ୟାବଧି ରାଜ୍ୟରେ ଏଥିଯୋଗୁ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ୪୯ରେ ପହଞ୍ଚିଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ପ୍ରକାଶ କରିଛନ୍ତି। ଜୁଲାଇ ୫ ତାରିଖ ସୁଦ୍ଧା ମୋଟ ୧୯୦ ଏଭଳି ମାମଲା ହସ୍ତଗତ ହୋଇଥିବା ସେ କହିଛନ୍ତି। କୋକ୍ରାଝର ଜିଲାକୁ ଛାଡ଼ିଦେଲେ ବାକି ସମସ୍ତ ଜିଲାରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି।

### [ଇତିହାସର ଆଇନାରେ]

### ଜୁଲାଇ ୭ର ପ୍ରମୁଖ ଘଟଣା

୧୯୯୭ ଜୁଲାଇ ୭ରେ ତୁର୍କିର ସଶସ୍ତ୍ର ସେନାକୁ ଉତ୍ତର ଇରାକ୍‌ରୁ ପ୍ରତ୍ୟାହାର କରିନିଆଯାଇଥିଲା। ଇରାକ କୁର୍ଦ୍ଦିଶ ଗୃହଯୁଦ୍ଧରେ କୁର୍ଦ୍ଦିସ୍ତାନ ଡେମୋକ୍ରାଟିକ୍ ପାର୍ଟିକୁ ଏହା ସହାୟତା କରୁଥିଲା। ଦି କୁର୍ଦ୍ଦିସ୍ତାନ ଡେମୋକ୍ରାଟିକ ପାର୍ଟି (କେଡିପି) ହେଉଛି ଇରାକୀ କୁର୍ଦ୍ଦିସ୍ତାନର ମୁଖ୍ୟ କୁର୍ଦ୍ଦିସ୍ ପାର୍ଟି।

୨୦୧୨ ଜୁଲାଇ ୭ରେ ରୁଷିଆର କ୍ରାସୋନ୍‌ଡର କ୍ରାଇ ଅଞ୍ଚଳରେ ଅଚାନକ ବନ୍ୟା ଆସିବା ଯୋଗୁ ଅନ୍ୟୂନ ୧୭୨ ଲୋକଙ୍କ ମୃତ୍ୟୁ ଘଟିଥିଲା। କ୍ରାସୋନ୍‌ଡର କ୍ରାଇ ଦକ୍ଷିଣ ରୁଷିଆର କକେସସ୍ ଅଞ୍ଚଳରେ ଅବସ୍ଥିତ ଏକ ସଂଘୀୟ ଅଞ୍ଚଳ। କ୍ରାସୋନଡର ନଗରୀ ଏହାର ପ୍ରଶାସନିକ କେନ୍ଦ୍ର।

## ଭାଜପା ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କଲେ ପ୍ରଧାନମନ୍ତ୍ରୀ

# ‘ସମାଲୋଚକ ପେସାଦାର ନିରାଶାବାଦୀ’

ବାରାଣସୀ,୬ା୭(ଆଇଏଏନ୍‌ଏସ୍)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ତାଙ୍କ ନିଜ ନିର୍ବାଚନମଣ୍ଡଳୀ ବାରାଣସୀରୁ ଶାସକ ଦଳ ଭାଜପାର ସଭ୍ୟସଂଗ୍ରହ ଅଭିଯାନ ଶୁଭାରମ୍ଭ କରିଛନ୍ତି। ସବୁ ବର୍ଗର ଲୋକଙ୍କୁ ଗୈରିକ ଦଳ ସହ ଯୋଡିବା ଲାଗି ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ତାଙ୍କ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ସରକାରଙ୍କ ଏହି ଦୂରଦୃଷ୍ଟିକୁ ସମାଲୋଚନା କରୁଥିବା ଲୋକେ ପେସାଦାର ନିରାଶାବାଦୀ ବୋଲି ସେ କହିଛନ୍ତି।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଉପସ୍ଥାପିତ କରିଥିବା କେନ୍ଦ୍ର ବଜେଟରେ ଭାରତକୁ ଆଗାମୀ ୫ ବର୍ଷ ମଧ୍ୟରେ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସରକାର କାହିଁକି ଏତେବଡ଼ ଲକ୍ଷ୍ୟଧାର୍ଯ୍ୟ କଲେ, ଏହାର ଆବଶ୍ୟକତା କ’ଣ, ଏହା କିପରି ସମ୍ଭବ ହେବ– ଏଭଳି ପ୍ରଶ୍ନ କେତେଜଣ କରୁଛନ୍ତି। ଏମାନେ ସାଧାରଣ ଲୋକଙ୍କଠାରୁ ଭିନ୍ନ। ଏମାନଙ୍କୁ ପେସାଦାର ନିରାଶାବାଦୀ କୁହାଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯଦି ଆପଣ କୌଣସି ସମସ୍ୟା ନେଇ ଜଣେ ସାଧାରଣ ଲୋକଙ୍କ ପାଖକୁ ଯାଆନ୍ତି, ସେ ଏହାର ସମାଧାନ ଖୋଜି ବାହାର କରିବାରେ ସହାୟତା କରିବେ। କିନ୍ତୁ ଜଣେ ନିରାଶାବାଦୀଙ୍କ ପାଖକୁ ଗଲେ ସେ ସମସ୍ୟାକୁ ବିପଦରେ ପରିଣତ କରିଦେବେ। ଅର୍ଥନୀତି ଦ୍ୱିଗୁଣିତ ହେଲେ ପ୍ରତ୍ୟେକ ଭାରତୀୟ ସେଥିରୁ ଉପକୃତ ହେବେ। ବିଶ୍ୱର ବିକଶିତ ରାଷ୍ଟ୍ରଗୁଡ଼ିକ ନିଜସ୍ୱ ସଂଘର୍ଷ ବଳରେ ଆଜିର ସ୍ଥିତିରେ ପହଞ୍ଚିପାରିଛନ୍ତି। ଭାରତ ପାଇଁ ଏବେ ସମୟ ଆସିଛି । ଅର୍ଥନୀତିକୁ ବଢ଼ାଇବାକୁ ହେଲେ କୃଷକମାନଙ୍କୁ କେବଳ ଖାଦ୍ୟ ପ୍ରସ୍ତୁତକାରୀ ଭାବେ ନ ନେଇ ସେମାନଙ୍କୁ ଦେଶର ସମ୍ପତ୍ତି ସୃଷ୍ଟିକାରୀ ଭାବେ ଦେଖିବାକୁ ହେବ। ଏବେ ସେମାନଙ୍କୁ ଆମ ସରକାର ରପ୍ତାନିକାରୀ ଭାବେ ଦେଖୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଜନସଂଘର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୧୮ତମ ଜନ୍ମବାର୍ଷିକୀ ଅବସରରେ ଭାଜପା ଏହାର ସଭ୍ୟସଂଗ୍ରହ ଅଭିଯାନ ଆରମ୍ଭ କରିଛି। ଉତ୍ତରପ୍ରଦେଶରୁ ୩୬ ଲକ୍ଷ ନୂଆ ସଭ୍ୟ ସଂଗ୍ରହ ଲାଗି ଲକ୍ଷ୍ୟ ରଖାଯାଇଛି। ମୋଦି ବିଭିନ୍ନ ବର୍ଗରୁ ୧୧ ଜଣ ପ୍ରମୁଖ ବ୍ୟକ୍ତିଙ୍କୁ ଭାଜପାକୁ ସ୍ୱାଗତ କରିଥିଲେ।




ବାରାଣସୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ସଭ୍ୟ ସଂଗ୍ରହ ଅଭିଯାନକୁ ଶୁଭାରମ୍ଭ କରୁଛନ୍ତି।

# ମାନହାନି ମାମଲାରେ ରାହୁଲଙ୍କୁ ଜାମିନ

ପାଟନା,୬ା୭(ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପାଟନାର ଅଦାଲତ ଏକ ମାନହାନି ମାମଲାରେ ଶନିବାର ଜାମିନ ପ୍ରଦାନ କରିଛନ୍ତି। ଆର୍‌ଏସ୍‌ଏସ୍ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ଭାଜପା ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ରାହୁଲଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଥିଲେ। ଗତ ଏପ୍ରିଲରେ ସବୁ ଚୋରଙ୍କ ସାଙ୍ଗିଆ କାହିଁକି ମୋଦି ବୋଲି ରାହୁଲ ସମ୍ବୋଧନ କରି କହିଥିଲେ। ପଳାତକ ଅପରାଧୀ ନୀରବ ମୋଦିଙ୍କୁ ନେଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିବାବେଳେ ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି ଏନେଇ ଆପତ୍ତି ଉଠାଇ ମାନହାନି ମାମଲା ରୁଜୁ କରିଥିଲେ। ଏହି ମାମଲାରେ ଶନିବାର ରାହୁଲ ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୁମାର ଗୁଞ୍ଜନଙ୍କ ନିକଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଜାମିନ ପ୍ରଦାନ କରାଯାଇଥିଲା।

ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୮ ତାରିଖରେ କରିବାକୁ ଅଦାଲତ ସମୟ ଧାର୍ଯ୍ୟ କରିଥିବା ସୁଶୀଲ ମୋଦିଙ୍କ ଓକିଲ ଶମ୍ଭୁପ୍ରସାଦ କହିଛନ୍ତି। ରାହୁଲ କୋର୍ଟ ପରିସରରେ ଖବରଦାତାଙ୍କୁ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି, ଭାଜପା–ଆର୍‌ଏସ୍‌ଏସ୍ ବିରୋଧରେ ମୁହଁ ଖୋଲୁଥିବା ଲୋକଙ୍କୁ ଏଭଳି ଟାର୍ଗେଟ କରାଯାଉଛି। କିନ୍ତୁ ମୋ ଅଭିଯାନ ପୂର୍ବଭଳି ଜାରି ରହିବ। ଗରିବ, କୃଷକ ଓ ପଛୁଆ ବର୍ଗଙ୍କ ଲାଗି ମୁଁ ସ୍ୱର ଉଠାଇ ଚାଲିବ।



କଂଗ୍ରେସର କାମଚଳା ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପାଟନାର ଏକ କୋର୍ଟକୁ ଯାଉଛନ୍ତି।


# କର୍ଣ୍ଣାଟକ ଷଡ଼ଯନ୍ତ୍ର ପଛରେ ମୋଦି ସରକାର

ନୂଆଦିଲ୍ଲୀ,୬ା୭(ଆଇଏଏନ୍‌ଏସ୍)

## କଂଗ୍ରେସର ଅଭିଯୋଗ

କର୍ଣ୍ଣାଟକ ଶାସକ ମେଣ୍ଟରୁ ୧୪ ବିଧାୟକ ଇସ୍ତଫା ଦେବା ଘଟଣାରେ କଂଗ୍ରେସ ଭାଜପାକୁ ଦୋଷାରୋପ କରିଛି। ଦଳବଦଳ ପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଷଡ଼ଯନ୍ତ୍ର ଚଳାଇଥିବା କଂଗ୍ରେସ ମୁଖପାତ୍ର ରଣଦୀପ ସିଂ ସୁର୍ଜେୱାଲା କହିଛନ୍ତି। ଏକ ନିର୍ବାଚିତ ସରକାରକୁ ଭାଙ୍ଗିବା ଲାଗି ଭାଜପାର ଏଭଳି ଉଦ୍ୟମକୁ କଂଗ୍ରେସ ଦୃଢ଼ ନିନ୍ଦା କରୁଛି ବୋଲି ଦଳର ବରିଷ୍ଠ ନେତାମାନଙ୍କ ବୈଠକ ପରେ ସୁର୍ଜେୱାଲା ଖବରଦାତାମାନଙ୍କୁ କହିଛନ୍ତି। କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ସେ କହିଛନ୍ତି, କେନ୍ଦ୍ର ଘୋଡାବେପାର ରାଜନୀତିକୁ ପ୍ରୋତ୍ସାହିତ କରୁଛି। କର୍ଣ୍ଣାଟକରେ ସ୍ପଷ୍ଟ ଦିବାଲୋକରେ ଗଣତନ୍ତ୍ରକୁ କଳଙ୍କିତ କରିବା ସହ ସମ୍ବିଧାନର ଉଲ୍ଲଂଘନ କରାଯାଉଛି ବୋଲି କଂଗ୍ରେସ ମୁଖପାତ୍ର ଅଭିଯୋଗ କରିଛନ୍ତି।

ଗତବର୍ଷ ମେ’ରେ ଅନୁଷ୍ଠିତ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ହେଁ ସରକାର ଗଢ଼ିବା ଲାଗି ଆବଶ୍ୟକ ସଂଖ୍ୟା ନ ଥିବାରୁ କଂଗ୍ରେସ ଏବଂ ଜେଡିଏସ୍ ମେଣ୍ଟ କରି ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱରେ ସରକାର ଗଢ଼ିଥିଲେ। ତେବେ ମନ୍ତ୍ରିମଣ୍ଡଳରେ ସ୍ଥାନ ନ ପାଇ କଂଗ୍ରେସର କେତେଜଣ ବିଧାୟକ ପ୍ରଥମରୁ ଅସନ୍ତୁଷ୍ଟ ଥିଲେ। ଲୋକ ସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଦୁଇ କଂଗ୍ରେସ ବିଧାୟକ ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଏମ୍ କ୍ରିଷ୍ଣାଙ୍କୁ ଭେଟିବା, ବିଧାୟକ ରମେଶ ଜରକିହୋଲି ଇସ୍ତଫା ଘୋଷଣା କରିବା ଏବଂ ଡ. ସୁଧାକର ସିଧାସଳଖ ମେଣ୍ଟ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିବା ଘଟଣାରୁ ସରକାର ପ୍ରତି ସଙ୍କଟ ଆସିପାରେ ବୋଲି ଅନୁମାନ କରାଯାଉଥିଲା।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୫ | ୨୪.୭ |
| ଚାନ୍ଦବାଲି | ୨୮.୨ | ୨୫.୦ |
| କଟକ | ୨୭.୬ | ୨୧.୫ |
| ପାରାଦ୍ୱୀପ | ୨୭.୮ | ୨୫.୪ |
| ଭୁବନେଶ୍ୱର | ୨୮.୨ | ୨୪.୨ |
| ଗୋପାଳପୁର | ୨୯.୦ | ୨୪.୮ |
| ପୁରୀ | ୨୮.୪ | ୨୪.୨ |
| ଅନୁଗୋଳ | ୨୭.୭ | ୧୯.୦ |
| ବାରିପଦା | ୩୨.୦ | ୨୬.୫ |
| ଝାରସୁଗୁଡ଼ା | ୨୬.୪ | ୨୪.୬ |
| କେନ୍ଦୁଝର | ୨୭.୬ | ୨୪.୧ |
| ସମ୍ବଲପୁର | ୨୫.୬ | ୨୩.୬ |
| ସୁନ୍ଦରଗଡ଼ | ୨୭.୦ | ୨୦.୦ |
| ହୀରାକୁଦ | ୨୫.୬ | ୨୪.୬ |
| ତାଳଚେର | ୩୩.୧ | ୨୪.୦ |
| ଭବାନୀପାଟଣା | ୩୦.୫ | ୨୨.୫ |
| ବଲାଙ୍ଗୀର | ୨୮.୦ | ୨୪.୦ |
| କୋରାପୁଟ | ୨୪.୦ | ୧୯.୦ |
| ଫୁଲବାଣୀ | ୨୬.୪ | ୨୨.୦ |
| ଟିଟିଲାଗଡ଼ | ୨୯.୫ | ୨୦.୫ |
| ମାଲକାନଗିରି | ୨୯.୦ | ୧୯.୫ |
| ସୋନପୁର | ୨୮.୪ | ୨୦.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୯.୫ |

ଡିଗ୍ରୀ ସେଲ୍‌ସିୟସ୍

## ଆଫଗାନିସ୍ତାନରେ ସଂଘର୍ଷ

# ତାଲିବାନ କମାଣ୍ଡରଙ୍କ ସମେତ ୧୯ ନିହତ

ହେରାତ୍,୬ା୭(ଆଇଏଏନ୍‌ଏସ୍)

ଆଫଗାନିସ୍ତାନର ହେରାତ୍ ପ୍ରଦେଶରେ ଶନିବାର ସୁରକ୍ଷା କର୍ମୀଙ୍କ ସହ ସଂଘର୍ଷରେ ତାଲିବାନ ମୁଖ୍ୟ କମାଣ୍ଡର ମୁଲ୍ଲା ଘୌସୁଦ୍ଦିନ୍‌ଙ୍କ ସମେତ ୧୦ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିସହିତ ୯ ଜଣ ସୁରକ୍ଷା ଯବାନ ମଧ୍ୟ ପ୍ରାଣ ହରାଇଥିବା ଜଣାପଡିଛି। ଘୌସୁଦ୍ଦିନ୍‌ଙ୍କ ନେତୃତ୍ୱରେ ଆତଙ୍କବାଦୀମାନେ ଶୁକ୍ରବାର ବିଳମ୍ବିତ ରାତିରେ କରାଖ ଜିଲାର ମାଲୁମା ଅଞ୍ଚଳରେ ଥିବା ସୁରକ୍ଷା ଚେକ୍ ପଏଣ୍ଟ ଉପରେ ଆକ୍ରମଣ କରିଥିଲେ। ଫଳରେ ସୁରକ୍ଷା କର୍ମୀଙ୍କ ସହ ସେମାନଙ୍କର ଦୀର୍ଘ ସମୟ ଧରି ଗୁଳିବିନିମୟ ହୋଇଥିଲା। ଏହି ସଂଘର୍ଷରେ ଅନ୍ୟ ୧୫ ଜଣ ଆତଙ୍କବାଦୀ ଓ ୬ ସୁରକ୍ଷା କର୍ମୀ ଆହତ ହୋଇଥିବା ପୋଲିସ ମୁଖ୍ୟ ଅମିନୁଲ୍ଲା ଓମାରଖିଲ୍ କହିଛନ୍ତି।

## ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା ମାମଲା

# ଭାଜପାର ପୂର୍ବତନ ଏମ୍‌ପିଙ୍କ ସମେତ ୭ ଦୋଷୀ

ଅହମଦାବାଦ,୬ା୭(ପି.ଟି.)



୨୦୧୦ରେ ସୂଚନା ଅଧିକାର କର୍ମୀ ଅମିତ ଜେଠୱାଙ୍କୁ ଗୁଳିକରି ହତ୍ୟା କରାଯିବା ଘଟଣାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଶନିବାର ଭାଜପାର ପୂର୍ବତନ ଏମ୍‌ପି ଦିନୁ ସୋଲାଙ୍କି ସମେତ ୭ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଗିର୍ ଜଙ୍ଗଲାଞ୍ଚଳରେ ବେଆଇନ ଖଣି ଖନନର ଗୁମର ଖୋଲିବା ଲାଗି ଜେଠୱା ପ୍ରୟାସ କରୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ସ୍ୱତନ୍ତ୍ର ସିବିଆଇ ବିଚାରପତି କେ.ଏମ୍. ଡାଭେ ଜୁଲାଇ ୧୧ ତାରିଖରେ ଏହାର ଦଣ୍ଡ ଶୁଣାଣି କରିବେ। ଗୁଜରାଟ ହାଇକୋର୍ଟ ଏହି ମାମଲାର ତଦନ୍ତ ଭାର ସିବିଆଇକୁ ପ୍ରଦାନ କରିଥିଲେ। ସୋଲାଙ୍କି ଗୁଜରାଟର ଜୁନାଗଡ଼ରୁ ୨୦୦୯ରୁ ୨୦୧୪ ମଧ୍ୟରେ ଏମ୍‌ପି ଥିଲେ। ସେ ଓ ତାଙ୍କ ଭାଇ ଶିବ ସୋଲାଙ୍କି ଏବଂ ଅନ୍ୟ ୫ ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ଷଡ଼ଯନ୍ତ୍ର ଓ ହତ୍ୟା ମାମଲା ରୁଜୁ କରାଯାଇଥିଲା। ପ୍ରକାଶଥାଉ କି, ଜେଠୱା ବେଆଇନ ଖଣି ଉତ୍ତୋଳନ ନେଇ ଜନସ୍ୱାର୍ଥ ମାମଲା ରୁଜୁ କରିବା ପରେ ତାଙ୍କୁ ୨୦୧୦ ଜୁଲାଇ ୨୦ରେ ହାଇକୋର୍ଟ ବାହାରେ ଗୁଳିକରି ହତ୍ୟା କରାଯାଇଥିଲା।

## କାଲିଫର୍ନିଆରେ ଭୂକମ୍ପ

ସାନ୍ ଫ୍ରାନ୍‌ସିସ୍‌କୋ, ୬ା୭(ଆଇଏଏନ୍‌ଏସ୍)

ଦକ୍ଷିଣ କାଲିଫର୍ନିଆରେ ଭୂକମ୍ପ ଯୋଗୁ କେତେକ ଅଟ୍ଟାଳିକା ଦୋହଲିଯିବା ସହିତ ଭୂଭାଗରେ ଫାଟ ସୃଷ୍ଟି ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଥିଲା ୭.୧। ଆମେରିକାର ଜିଓଲୋଜିକାଲ ସର୍ଭେ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସ୍ଥାନୀୟ ସମୟ ରାତ୍ରି ୮ଟା ୩୩ରେ ୦.୯ କିଲୋମିଟର ଗଭୀରତାରେ ଭୂକମ୍ପ କେନ୍ଦ୍ରୀଭୂତ ହୋଇଥିଲା।୨୦ବର୍ଷ ମଧ୍ୟରେ ଦକ୍ଷିଣ କାଲିଫର୍ନିଆରେ ଏହା ସବୁଠୁ ଶକ୍ତିଶାଳୀ ଭୂକମ୍ପ। ଲସ୍ ଏଞ୍ଜେଲସ୍‌ଠାରୁ ୨୫୦କିଲୋମିଟର ଉତ୍ତରକୁ ରିଜେକ୍ରେଷ୍ଟ ସହର ଭୂକମ୍ପ ଦ୍ୱାରା ଅଧିକ ପ୍ରଭାବିତ ହୋଇଛି।

# ଟୋଲ୍ ପ୍ଲାଜା କର୍ମଚାରୀଙ୍କୁ ମାଡ଼ ମାରିଲେ ଭାଜପା ଏମ୍‌ପିଙ୍କ ଅଙ୍ଗରକ୍ଷୀ

ଆଗ୍ରା,୬ା୭

ଭାଜପା ନେତାମାନଙ୍କ ହିଂସାକାଣ୍ଡକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚେତାବନୀ ଦେବାର ୩ ଦିନ ପରେ ଦଳର ଜଣେ ଏମ୍‌ପିଙ୍କ ଉପସ୍ଥିତିରେ ତାଙ୍କ ଅଙ୍ଗରକ୍ଷୀ ଟୋଲ୍ ପ୍ଲାଜା କର୍ମଚାରୀଙ୍କୁ ମାଡ଼ ମାରିବା ସହ ଫାଙ୍କା ଗୁଳିଚାଳନା କରିଛନ୍ତି। ଏହି ଆକ୍ରମଣ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ବେଳେ ଏମ୍‌ପି ରାମଶଙ୍କର କାଠେରିଆ ଏହାକୁ ଅସ୍ୱୀକାର କରିଛନ୍ତି। ଟୋଲ ପ୍ଲାଜା କର୍ମଚାରୀ ତାଙ୍କ ଅଙ୍ଗରକ୍ଷୀଙ୍କୁ ଆକ୍ରମଣ କରିବାରୁ ସେ ଆତ୍ମରକ୍ଷା ପାଇଁ ଗୁଳି ଚଳାଇଥିଲେ ବୋଲି କାଠେରିଆ କହିଛନ୍ତି। ଏଟୱା ଏମ୍‌ପି କାଠେରିଆ ଆକ୍ରମଣ ସମୟରେ ଘଟଣାସ୍ଥଳରେ ଥିଲେ ବୋଲି ଟୋଲ୍ ପ୍ଲାଜା କର୍ମଚାରୀମାନେ କହିଛନ୍ତି।




ପଞ୍ଜାବର ପଟିଆଲାରେ ପ୍ରବଳ ବର୍ଷା: ଆଣ୍ଠୁଏ ପାଣିରେ ଜଣେ ରିକ୍ସା ଚାଳକ ଯାତ୍ରୀକୁ ନେଉଛନ୍ତି।

# ‘କପିଳଦେବ ଲୁକ୍’ ଅନାବରଣ

**ମୁମ୍ବାଇ:** ଅଭିନେତା ରଣବୀର ସିଂ ତାଙ୍କ ୩୪ତମ ଜନ୍ମଦିନରେ ଅପ୍‌କମିଙ୍ଗ୍ ଫିଲ୍ମ ‘୮୩’ର କପିଳଦେବ ଲୁକ୍ ଅନାବରଣ କରିଛନ୍ତି। ଏହି ଫିଲ୍ମରେ ସେ ବିଶିଷ୍ଟ କ୍ରିକେଟର କପିଳ ଦେବଙ୍କ ଭୂମିକାରେ ଅଭିନୟ କରିଛନ୍ତି। ରଣବୀର ତାଙ୍କର ଏହି ଚାହାଣି ଟୁଇଟର ମାଧ୍ୟମରେ ଶେୟାର କରିଛନ୍ତି। ସେ ଗହଳିଆ ଦାଢ଼ି ରଖି ଜଣେ ଖେଳୁଆଡ଼ର ଭୂମିକା ନିର୍ବାହ କରିବା ସହ କ୍ରିକେଟ ବଲ୍ ଧରିଥିବା ଦେଖାଯାଉଛି। ସେ ଫଟୋତଳେ ଲେଖିଛନ୍ତି–‘ମୋର ଏହି ସ୍ୱତନ୍ତ୍ର ଦିନରେ ହରିୟାଣା ହରିକେନ୍ କପିଳ ଦେବଙ୍କ ଭୂମିକା ଉପସ୍ଥାପନ କରୁଛି। ଉକ୍ତ ଫିଲ୍ମରେ ୧୯୮୩ କ୍ରିକେଟ ବିଶ୍ୱ କପ୍‌ରେ ଭାରତର ଐତିହାସିକ ବିଜୟ ବର୍ଣ୍ଣନା କରାଯାଇଛି। ରଣବୀର ସିଂ ପୂର୍ବତନ ଭାରତୀୟ ସ୍କିପର କପିଳଦେବଙ୍କ ଭୂମିକାରେ ଏବଂ ଦୀପିକା ପାଦୁକୋନ୍ କପିଳଙ୍କ ସ୍ତ୍ରୀ ରୋମି ଭୂମିକାରେ ଅଭିନୟ କରିଛନ୍ତି। ବାହାଘର ପରେ ପ୍ରଥମଥର ପାଇଁ ରଣବୀର ଓ ଦୀପିକାଙ୍କୁ ଗୋଟିଏ ଫିଲ୍ମରେ ଦେଖିବାକୁ ମିଳିବ। ବାହାଘର ପୂର୍ବରୁ ଦୁହେଁ ‘ପଦ୍ମାବତ୍’, ‘ବାଜିରାଓ ମସ୍ତାନୀ’ ଏବଂ ‘ଗଲିୟୋଁ କୀ ରାସଲୀଳା ରାମଲୀଲା’ରେ ଅଭିନୟ କରି ନିଜର କଳା ଦକ୍ଷତା ପ୍ରମାଣିତ କରିଛନ୍ତି। ‘୮୩’ରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି ସାକିବ୍ ସଲିମ୍, ଆଦିନାଥ କୋଠାରେ, ଚିରାଗ ପାଟିଲ, ହାର୍ଡି ସାନ୍ଧୁ, ଆମ୍ମି ଭିର୍କ, ଯତୀନ୍ ସର୍‌ନା, ପଙ୍କଜ ତ୍ରିପାଠୀ, ତାହିର ରାଜ ଭାସିନ, ଦିନକର ଶର୍ମା, ଜିଭା, ସାହିଲ ଖଟ୍ଟର, ଧରିୟା କରୱା, ନିଶାନ୍ତ ଦହିୟା ଏବଂ ଆର. ବଦ୍ରି। ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ ଦ୍ୱାରା ପ୍ରସ୍ତୁତ ‘୮୩’ ୨୦୨୦ ଏପ୍ରିଲ ୧୦ରେ ହିନ୍ଦୀ, ତାମିଲ ଓ ତେଲୁଗୁ ଭାଷାରେ ରିଲିଜ ହେବ।



ରଣବୀର ସିଂ

ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡ଼ିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। -ଶ୍ରୀମା



# ଉଦ୍ଭାବନରେ ପଛୁଆ



ଆକାର ପଟେଲ

କିଛି ସପ୍ତାହ ତଳେ ଭାରତରେ ସ୍ମାର୍ଟଫୋନ୍ ଶିଳ୍ପ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଖାଉଟି ଅର୍ଥନୀତିର ଏହା ଅନ୍ୟତମ ଅତି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର, ଯାହାର ବିଶାଳ ବାର୍ଷିକ ଅଭିବୃଦ୍ଧି ସହିତ ବିରାଟ ଆକାର ରହିଛି। ଭାରତର ସ୍ମାର୍ଟଫୋନ୍ ବଜାରରେ ଅଗ୍ରଣୀ ହେଉଛି ଚାଇନିଜ୍ କମ୍ପାନୀ ଶାଓମି, ଯାହାର ୩୦ ପ୍ରତିଶତ ବଜାର ଅଂଶ ରହିଛି। ତା' ତଳକୁ ଦୁଇ ନମ୍ବର ସ୍ଥାନରେ ରହିଛି ୨୨ ପ୍ରତିଶତ ବଜାର ଅଂଶ ସହ ଦକ୍ଷିଣ କୋରିଆର ସାମ୍‌ସଙ୍ଗ। ତିନି, ଚାରି ଓ ପାଞ୍ଚ ନମ୍ବରରେ ମଧ୍ୟ ସେଇ ଚାଇନିଜ୍ କମ୍ପାନୀ ଭିଭୋ, ଓପ୍ପୋ ଓ ରିଅଲ୍‌ମି ରହିଛନ୍ତି। କୌଣସି ଭାରତୀୟ କମ୍ପାନୀ ଏ ଯାଏ କୌଣସି ଉପଯୋଗୀ ଉତ୍ପାଦ ତିଆରି କରି ବଜାରକୁ ଛାଡ଼ିପାରି ନାହାନ୍ତି। ଫାଉଣ୍ଡିଙ୍ଗ୍ ଫୁଏଲ୍ ନାମକ ଏକ ୱେବ୍‌ସାଇଟ୍‌ରେ ମୁଁ ନିକଟରେ ଗୋଟିଏ କଥା ପଢ଼ିଥିଲି। ସେଥିରେ ଏକ ସାକ୍ଷାତ୍‌କାରରେ ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି କହିଛନ୍ତି: ଗତ ୬୦ ବର୍ଷ ଭିତରେ ଭାରତରେ ଗୋଟିଏ ହେଲେ ଉଦ୍ଭାବନ ହୋଇନାହିଁ। ବିଶ୍ୱନାଗରିକଙ୍କୁ ଖୁସି କଲାଭଳି ଉଦ୍ଭାବନ ପାଇଁ ବାଟ କଢ଼ାଇନେବା ନିମନ୍ତେ ଭାରତ ଗୋଟିଏ ହେଲେ ଚିନ୍ତା (ଆଇଡିଆ) ସୃଷ୍ଟି କରିପାରି ନାହିଁ।

ଆମେ ପ୍ରଥମେ ଦୁଇଟି ଜିନିଷ ଉପରେ ବିଚାର କରିବା। ପ୍ରଥମତଃ ଏହା କ'ଣ ସତ? କୌଣସି ଉଦ୍ଭାବନ ବା ଉତ୍ପାଦ ଅଛି କି ନାହିଁ, ସେ ବିଷୟରେ ମୁଁ ଆଗରୁ କିଛି ଚିନ୍ତା କରିନାହିଁ ବା ପ୍ରସ୍ତୁତ ହୋଇନାହିଁ। କିନ୍ତୁ ଯଦି ପୃଥିବୀରେ ଆଲୋଡ଼ନ ସୃଷ୍ଟି କଲାଭଳି କୌଣସି ଉଦ୍ଭାବନ ଥାନ୍ତା, ତେବେ ନିଶ୍ଚିତଭାବେ ଏହା କମ୍ପାନୀକୁ ବଡ଼ କରିତୋଳିଥାନ୍ତା। ତେଣୁ ମୁଁ ୨୦୧୮ରେ ଭାରତର ସବୁଠୁ ବଡ଼ ୧୦ଟି କମ୍ପାନୀର ତାଲିକା ଦେଖିଲି। ସେଗୁଡ଼ିକ ହେଉଛି: ଭାରତୀୟ ତୈଳ ନିଗମ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଓଏନ୍‌ଜିସି, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଟାଟା ମୋଟର୍ସ, ଭାରତ ପେଟ୍ରୋଲିୟମ୍, ହିନ୍ଦୁସ୍ତାନ ପେଟ୍ରୋଲିୟମ୍, ରାଜେଶ ଏକ୍ସପୋର୍ଟସ୍, ଟାଟା ଷ୍ଟିଲ୍ ଓ କୋଲ୍ ଇଣ୍ଡିଆ। ଏଗୁଡ଼ିକ ମଧ୍ୟରୁ କେବଳ ଟାଟା ମୋଟର୍ସ (ଅଟୋମାବାଇଲ୍‌ସ) ଓ ରାଜେଶ ଏକ୍ସପୋର୍ଟସ୍ (ଅଳଙ୍କାର) ଖାଉଟି ସାମଗ୍ରୀର ଉତ୍ପାଦନ ଓ ବିକ୍ରି କରନ୍ତି। ଏହି ତାଲିକାରେ ବିଶ୍ୱରେ ଆଲୋଡନ ସୃଷ୍ଟି କଲାଭଳି ଉତ୍ପାଦ ନାହିଁ। ତେଣୁ ମନେହୁଏ ମୂର୍ତ୍ତିଙ୍କ କଥା ସତ।

ଦ୍ୱିତୀୟରେ ଆମେ ଏହାର କାରଣ ସମ୍ପର୍କରେ ବିଚାର କରିବା। ଏହାର ଉତ୍ତର ଦେବା ସହଜ ନୁହେଁ କାରଣ ଆମକୁ ଅନୁମାନ ଓ ତତ୍ତ୍ୱ ଉପରେ ଭିତ୍ତି କରି ଉତ୍ତର ଖୋଜିବାକୁ ପଡ଼ିବ। ତଥାପି ଆମେ ଚେଷ୍ଟା କରିବା। ଉକ୍ତ ସାକ୍ଷାତ୍‌କାରରେ ମୂର୍ତ୍ତି କହିଥିଲେ ଯେ, ଆମର ଯୁବବର୍ଗ ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଛାତ୍ରମାନଙ୍କ ପରି ସମାନ ମେଧା ଓ ଶକ୍ତିର ଅଧିକାରୀ ହୋଇଥିଲେ ମଧ୍ୟ ସେମାନେ କୌଣସି ପ୍ରଭାବଶାଳୀ ଗବେଷଣା କରୁନାହାନ୍ତି। ସେ କହିଛନ୍ତି ଯେ, ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିକୁ ଦେଖି ତାହାରି ଢାଞ୍ଚାରେ ନେହେରୁ ଆଇଆଇଟିର ପରିକଳ୍ପନା କରିଥିଲେ। କିନ୍ତୁ ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ମାଇକ୍ରୋଚିପ୍ ଓ ଗ୍ଲୋବାଲ୍ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଉଦ୍ଭାବନ କରିଥିବା ବେଳେ ଆଇଆଇଟି ଏପର୍ଯ୍ୟନ୍ତ କ'ଣ କରିଛି? ସତକଥା କହିବାକୁ ଗଲେ ଆଇଆଇଟି ଏପର୍ଯ୍ୟନ୍ତ ଦେଖାଇଲା ଭଳି ସେପରି କିଛି କରିନାହିଁ। ଆହୁରି ଅନ୍ୟ କିଛି ଜିନିଷ ମଧ୍ୟ ଅଛି, ଯେଉଁଥିରୁ ଉଦ୍ଭାବନ ଓ ନବୋନ୍ମେଷ କ୍ଷେତ୍ରରେ ବିଶ୍ୱରେ ଆମର ସ୍ଥାନ କେଉଁଠି ତାହା ସ୍ପଷ୍ଟ ହୋଇଯିବ। ଗତବର୍ଷ ପ୍ରଥମ ଥର ପାଇଁ ଚାଇନା ବିଶ୍ୱର ୨୦ଟି ପ୍ରମୁଖ ନବୋନ୍ମେଷଶାଳିନୀ ଅର୍ଥନୀତି ଭିତରେ ସ୍ଥାନ ପାଇଛି। ଏହି ତଥ୍ୟ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନ ଦ୍ୱାରା ପ୍ରକାଶ ପାଇଛି ଏବଂ ଉଦ୍ଭାବନ ଓ ପ୍ୟାଟେଣ୍ଟ ଉପରେ ଦୃଷ୍ଟି ଦେଇ ଏହା ପ୍ରକାଶ କରିଛି। ବିଶ୍ୱ ନବୋନ୍ମେଷ ସୂଚକାଙ୍କରେ ପ୍ରମୁଖ ୧୦ଟି ଦେଶ ହେଉଛନ୍ତି ସ୍ୱିଜରଲାଣ୍ଡ, ନେଦରଲାଣ୍ଡ, ସ୍ୱିଡେନ୍, ଇଂଲଣ୍ଡ, ସିଙ୍ଗାପୁର, ଆମେରିକା, ଫିନ୍‌ଲାଣ୍ଡ, ଡେନ୍‌ମାର୍କ, ଜର୍ମାନୀ ଓ ଆୟର୍ଲାଣ୍ଡ। ଏ କ୍ଷେତ୍ରରେ ୧୭ ନମ୍ବର ସ୍ଥାନରେ ଥିବା ଚାଇନା ଗବେଷଣା ଓ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ସରକାରୀ ନୀତି ପ୍ରଣୟନ କରିଛି।

ବର୍ତ୍ତମାନ ଡିଜିଟାଲ ଦୁନିଆ ଓ କୃତ୍ରିମ ମେଧା କ୍ଷେତ୍ରରେ ଦ୍ରୁତ ବିକାଶ ଘଟିବା ସହ ବିଶ୍ୱ ଇତିହାସ ଏକ ନୂତନ ମୋଡ଼ ନେବାରେ ଲାଗିଛି। ସ୍ୱୟଂଚାଳିତ କାର୍ ଏବଂ ଔଷଧ ଓ ଜେନିଟିକ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟୁଛି। ବିଶ୍ୱର ଏକଷଷ୍ଠାଂଶ ଜନସଂଖ୍ୟା ଥିବା ଭାରତ ପରି ଦେଶର ଏ କ୍ଷେତ୍ରରେ ଅବଦାନ ଶୂନ। ବିଶ୍ୱ ନବୋନ୍ମେଷ ସୂଚକାଙ୍କରେ ଭାରତର ସ୍ଥାନ ୫୭। ଏହା ଆମ୍ଭମାନଙ୍କ ମଧ୍ୟରୁ ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବ କାରଣ ଆମେ ବିଶ୍ୱାସ କରୁଛୁ ଯେ ସୂଚନା ପ୍ରଯୁକ୍ତି ଆନ୍ଦୋଳନ କ୍ଷେତ୍ରରେ ଭାରତ ହେଉଛି ଅନ୍ୟତମ ଅଗ୍ରଣୀ ଦେଶ। କିନ୍ତୁ ବାସ୍ତବତା କିଛି ଅଲଗା ଏବଂ ସେଥିପାଇଁ ମୂର୍ତ୍ତିଙ୍କ କଥାକୁ ଆମକୁ ବିଶ୍ୱାସ କରିବାକୁ ପଡ଼ିବ। ଯଦି ଭାରତୀୟ ଯୁବକମାନେ ଅନ୍ୟ ଦେଶର ଯୁବକମାନଙ୍କ ପରି ମେଧାବୀ ଏବଂ ସେମାନଙ୍କୁ ଯଦି ସମାନ ସୁଯୋଗ ଦିଆଯାଉଥାଏ, ତେବେ ଆମେ କାହିଁକି ସେମାନଙ୍କ ସମକକ୍ଷ ହୋଇପାରୁ ନାହୁଁ? ପ୍ରକୃତରେ ନୂତନ ଗବେଷଣା ଓ ଉଦ୍ଭାବନ ପାଇଁ ଚାଇନା ଓ ଅନ୍ୟ ଦେଶ ପରି ଆମେ ସେତିକି ସୁବିଧା ସୁଯୋଗ ଦେଇପାରୁ ନାହୁଁ। ମୁଁ ଭାବୁଛି ବିଶ୍ୱରେ ଦ୍ରୁତ ପରିବର୍ତ୍ତନ ଘଟୁଥିବା ବେଳେ ଆମେ ଏ ଦିଗକୁ ଆଉ ଅଧିକ ଦିନ ଉପେକ୍ଷା କରିପାରିବା ନାହିଁ। ଆମେ ଯଦି ସମସ୍ୟାକୁ ବୁଝିବୁ ତେବେ ତା'ର ସମାଧାନ ପାଇଁ ନିଶ୍ଚୟ ବାଟ ବାହାର କରିପାରିବୁ।

Email: aakar.patel@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | 9 | | | B | | | | | | 3 | |
| | 3 | | | | | | 4 | E | | 5 | 2 | 6 | 1 | D |
| 1 | 6 | A | D | | C | | | | | E | | | 7 | 8 |
| | | 0 | 3 | E | | | | | | 7 | | | | 5 |
| 7 | | | | 5 | | | | | C | 9 | 1 | | | E |
| B | 2 | | A | | | | | | | | 8 | | 0 | 6 |
| D | | 8 | | | | | 5 | 2 | A | | | 4 | | |
| | 4 | 3 | | | | B | | 0 | | | C | 9 | | |
| E | | | | | | | 9 | 3 | | | | | | |
| | | | C | | | | E | | | | | | | 1 |
| 2 | 1 | 9 | 5 | D | | | 6 | | | A | | | | 0 |
| | | | 9 | | | | 2 | | | | | A | | 3 |
| | 8 | | E | | | 3 | | | 9 | 1 | | D | | 4 |
| | B | | | | 6 | | C | | 7 | | 4 | | | |
| C | | | | A | | | | | | | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 0 | B | A | 2 | C | 1 | E | 7 | 5 | 6 | 8 | 9 | 3 |
| 7 | B | 6 | 0 | C | E | 3 | 2 | A | 8 | D | 9 | 5 | 4 | 1 |
| 1 | E | 9 | 4 | 7 | 5 | 8 | B | 6 | A | C | 3 | 2 | D | 0 |
| 8 | 5 | 3 | 1 | 6 | 9 | D | 7 | 0 | B | 4 | 2 | E | C | A |
| A | C | 2 | 3 | D | 8 | 5 | 4 | 9 | E | 1 | 0 | 7 | B | 6 |
| 6 | 7 | D | 8 | 3 | 4 | B | A | 2 | 0 | E | 1 | C | 5 | 9 |
| C | 3 | 4 | 2 | B | 7 | E | 0 | D | 6 | 9 | 5 | A | 1 | 8 |
| 5 | 9 | A | E | 0 | D | 1 | 8 | 3 | C | B | 7 | 4 | 6 | 2 |
| B | 0 | E | 5 | 1 | 6 | 4 | 9 | C | 2 | A | 8 | D | 3 | 7 |
| 2 | 1 | 8 | A | 9 | C | 6 | 5 | 7 | D | 3 | 4 | 0 | E | B |
| 4 | 2 | 7 | 9 | E | 3 | A | 6 | 5 | 1 | 8 | D | B | 0 | C |
| E | 8 | C | 6 | 2 | 1 | 9 | D | B | 4 | 0 | A | 3 | 7 | 5 |
| 3 | A | 5 | 7 | 4 | B | 0 | E | 8 | 9 | 6 | C | 1 | 2 | D |
| 9 | D | B | C | 8 | 0 | 2 | 3 | 1 | 5 | 7 | E | 6 | A | 4 |
| 0 | 6 | 1 | D | 5 | A | 7 | C | 4 | 3 | 2 | B | 9 | 8 | E |

ଗତକାଲିର ଉତ୍ତର

# ଅସ୍ୱଚ୍ଛ ବଜେଟ



ଡ. ସନ୍ତୋଷ କୁମାର ମହାପାତ୍ର

ସାଧାରଣତଃ ଆର୍ଥିକ ସର୍ବେକ୍ଷଣ ରିପୋର୍ଟରେ ସରକାର କ'ଣ କ'ଣ ଆଲୋଚ୍ୟ ବର୍ଷରେ ହାସଲ କରିଛନ୍ତି, କେଉଁ ବିଫଳତାର ସମ୍ମୁଖୀନ ହୋଇଛନ୍ତି, ଅର୍ଥନୀତିର ସ୍ଥିତି କିପରି ଅଛି ତାହା ପ୍ରତିଫଳିତ ହୋଇଯାଏ। କିନ୍ତୁ ବଜେଟରେ ଆଲୋଚ୍ୟ ବର୍ଷରେ ସରକାର କିପରି ସମ୍ବଳ ସଂଗ୍ରହ କରୁଛନ୍ତି, କିପରି ବ୍ୟୟ କରୁଛନ୍ତି, କେଉଁ କ୍ଷେତ୍ରକୁ କେତେ ଗୁରୁତ୍ୱ ଦେଉଛନ୍ତି, ଅର୍ଥନୀତିକୁ କେଉଁ ଦିଗରେ ନେବାକୁ ଯାଉଛନ୍ତି ତାହା ପ୍ରତିଫଳନ ହୋଇଥାଏ। କିନ୍ତୁ ଅର୍ଥମନ୍ତ୍ରୀ ବଜେଟ ଅଭିଭାଷଣରେ ମୁଖ୍ୟତଃ ସରକାରଙ୍କର ବିଗତ ବର୍ଷଗୁଡ଼ିକର ସଫଳତାକୁ ଅତିରଞ୍ଜିତ କରି କିମ୍ବା ବିଫଳତାକୁ ସଫଳତାର ଖୋଳପାରେ ପୂରାଇ ଉପସ୍ଥାପନ କରିଛନ୍ତି ଏବଂ ଏକ ସୁନେଲି ସ୍ୱପ୍ନ ସୃଷ୍ଟି କରିଛନ୍ତି, ଯାହା ବଜେଟର ଅଂଶ ନୁହେଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଦୀର୍ଘ ୨ ଘଣ୍ଟା ୯ ମିନିଟ୍ ଧରି ବଜେଟ ଅଭିଭାଷଣ ଦେବା ସତ୍ତ୍ୱେ ପ୍ରଥମଥର ପାଇଁ ବଜେଟରେ ସରକାର କିପରି ରାଜସ୍ୱ ବା ସମ୍ବଳ ସଂଗ୍ରହ କରୁଛନ୍ତି, କେଉଁ କ୍ଷେତ୍ରରେ କେତେ ବ୍ୟୟ କରୁଛନ୍ତି, ମୋଟ ଆୟ ଓ ବ୍ୟୟ କେତେ, ବିତ୍ତୀୟ ନିଅଣ୍ଟ, ରାଜସ୍ୱ ନିଅଣ୍ଟ, ପ୍ରାଥମିକ ନିଅଣ୍ଟ, ବିଭିନ୍ନ ରିହାତିର ପରିମାଣ କେତେ ଆଦି ସମ୍ପର୍କରେ କହିନାହାନ୍ତି। ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ଯଦି ଏସବୁ ବଜେଟର ଆନୁଷଙ୍ଗିକ ପୁସ୍ତିକାରେ ଉଲ୍ଲେଖ କରାଯାଇଛି, ତେବେ ବଜେଟ ସହିତ ସମସ୍ତ ପୁସ୍ତିକାକୁ ଇଣ୍ଟରନେଟ୍‌ରେ ଦେଇଦେଲେ ସମସ୍ତେ ଦେଖିପାରିବେ ବା ପଢ଼ିପାରିବେ। ଏତେ ସମୟ ଧରି ବଜେଟ ଅଭିଭାଷଣ ଦେବାର ଆବଶ୍ୟକତା କ'ଣ? ବଜେଟରେ ଖାଲି ସ୍ଲୋଗାନ ଭରି ରହିଛି। ଅନେକ ଶ୍ଳୋକ, ସାୟରି ସେ କହିଛନ୍ତି। ପୁନଶ୍ଚ ତାମିଲ ଲୋକଙ୍କୁ ଖୁସି କରିବା ପାଇଁ ତାମିଲ କବିଙ୍କ କବିତାର କିଛି ଅଂଶ ପାଠ କରିଛନ୍ତି।

ତଥ୍ୟକୁ ଏପରି ଭାବେ ଅର୍ଥମନ୍ତ୍ରୀ ଉପସ୍ଥାପନ କରିଛନ୍ତି ଯେ, ଜଣେ ଭାବିବ ଦେଶରେ କେବଳ ବିକାଶ ହେଉଛି। କିଛି ସମସ୍ୟା ନାହିଁ। ସମସ୍ତେ ଘିଅମହୁରେ ଭାସୁଛନ୍ତି। ଭୟଙ୍କର ଆର୍ଥିକ, ସାମାଜିକ ତଥା ରାଜନୈତିକ ସମସ୍ୟାକୁ ସେ ଚତୁରତାର ସହିତ ଲୁଚାଇଛନ୍ତି, ଯାହା ଜଣେ ସାଧାରଣ ଲୋକ ବୁଝିପାରିବ ନାହିଁ। ପ୍ରତ୍ୟେକ ବର୍ଷ ଦେଶର ଜିଡିପି, ଆୟ, ବ୍ୟୟ, ଟିକସ, ଋଣ ଆଦି ସଂଖ୍ୟା ବୃଦ୍ଧି ପାଉଛି। ଏହା ପ୍ରାୟତଃ ଏକ ବିଶ୍ୱବ୍ୟାପୀ ଘଟଣା। ଏସବୁ ତଥ୍ୟର ପ୍ରକୃତ ମୂଲ୍ୟ ଜାଣିବାକୁ ହେଲେ କିମ୍ବା ଅତୀତର ତଥ୍ୟ ସହିତ ତୁଳନା କରିବାକୁ ହେଲେ ସଂଖ୍ୟା ଦୃଷ୍ଟିରୁ ତୁଳନା କରା ନ ଯାଇ ମୁଦ୍ରାସ୍ଫୀତିକୁ ବିଚାରକୁ ନିଆଯାଏ। ବିଭିନ୍ନ ବ୍ୟୟବରାଦ ଆଦି ଜିଡିପି ବା ବଜେଟର କେତେ ପ୍ରତିଶତ ତାହା କୁହାଯାଇଥାଏ। କାରଣ ୧୦ ବର୍ଷ ତଳେ ୫୦ ଟଙ୍କାର ମୂଲ୍ୟ ବା କ୍ରୟଶକ୍ତି ଯାହା ଥିଲା ବର୍ତ୍ତମାନ ତାହାର ଅଧା ହୋଇଥାଇପାରେ। କେନ୍ଦ୍ର ସରକାର ଆସନ୍ତା ୧୦ ବର୍ଷ ପାଇଁ ୧୦ଟି ଲକ୍ଷ୍ୟଧାର୍ଯ୍ୟ କରିବା କଥା ଅର୍ଥମନ୍ତ୍ରୀ କହିଛନ୍ତି। ସେଥିରେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ହେଉଛି ବ୍ଲୁ ଇକୋନୋମି, ସବୁଜ ଧରା ଓ ନୀଳ ଆକାଶ ସହିତ ପ୍ରଦୂଷଣରହିତ ଭାରତ ଗଠନ। ଭୌତିକ ଓ ସାମାଜିକ ଭିତ୍ତିଭୂମି ନିର୍ମାଣ ସର୍ବନିମ୍ନ। 'ବ୍ଲୁ ଇକୋନୋମି' କହିଲେ ସାମୂହିକ ସମ୍ପଦର ସଦୁପଯୋଗ, ସମୁଦ୍ର, ଜଳବାୟୁ ପରିବର୍ତ୍ତନ ଏବଂ ସାଧାରଣ ଜନତାଙ୍କ ମଙ୍ଗଳ ମଧ୍ୟରେ ସମ୍ପର୍କ ସ୍ଥାପନକରି କାର୍ଯ୍ୟ କରିବା। ବିଶେଷକରି ଜଳବାୟୁ ପରିବର୍ତ୍ତନକୁ ଗୁରୁତ୍ୱଦେବା ଓ ସେଥିପାଇଁ ବ୍ୟୟବରାଦ କରିବା। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଆଦି ଦେଶ ଏଥିପାଇଁ ବ୍ୟୟବରାଦ କରୁଛନ୍ତି। ଅର୍ଥମନ୍ତ୍ରୀ ଏହି ପ୍ରଶ୍ନ ଉଠାଇଲା ବେଳେ କୌଣସି ବ୍ୟୟବରାଦ ନ କରିବା ଚିନ୍ତାର ବିଷୟ। ଉଲ୍ଲେଖଯୋଗ୍ୟ ଜଳବାୟୁ ପରିବର୍ତ୍ତନ ଯୋଗୁ ଗରିବ, ସାଧାରଣ ଜନତା ବେଶି କ୍ଷତିଗ୍ରସ୍ତ ହେଲା ବେଳେ ଧନିକ ଶ୍ରେଣୀମାନେ ରକ୍ଷା ପାଇଯାଆନ୍ତି। ମୋଦି ୧.୦ ସରକାର ଅମଳରେ ବାୟୁମଣ୍ଡଳ ଆହୁରି ଦୂଷିତ ହେଲା ବେଳେ ସରକାର କିଛି ପଦକ୍ଷେପ ନେଇନାହାନ୍ତି। ପୃଥିବୀର ୨୦ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ ୧୫ଟି ଭାରତରେ ରହିଛି। ଏହାର ଅର୍ଥ 'ସ୍ୱଚ୍ଛ ଭାରତ' ଏବଂ 'ବ୍ଲୁ ଇକୋନୋମି', 'ସବୁଜ ଭାରତ' କେବଳ ସ୍ଲୋଗାନରେ ସୀମିତ।

ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଭାରତ ବର୍ତ୍ତମାନ ୬ଷ୍ଠ ବୃହତ୍ତମ ଅର୍ଥନୀତି ଏବଂ କ୍ରୟଶକ୍ତି ସମତା ଦୃଷ୍ଟିରୁ ଏହା ତୃତୀୟ ବୃହତ୍ତମ ଅର୍ଥନୀତି। ବର୍ତ୍ତମାନ ଜିଡିପି ମୂଲ୍ୟ ୨.୭ ଟ୍ରିଲିୟନ ଡଲାର (୧ଟ୍ରିଲିୟନ = ୧ଲକ୍ଷ କୋଟି, ୧ଡଲାର= ୬୮ଟଙ୍କା)। ଏହା ଚଳିତ ବର୍ଷ ୩ ଟ୍ରିଲିୟନ ଡଲାରରେ ପହଞ୍ଚିବା ସହିତ ଆଗାମୀ କିଛି ବର୍ଷରେ ୫ଟ୍ରିଲିୟନ ଡଲାରରେ ପହଞ୍ଚିବ। ଏଥିପାଇଁ ଶାସନଗତ ବ୍ୟବସ୍ଥାରେ ସଂସ୍କାର (ରିଫର୍ମ), ପ୍ରଦର୍ଶନ (ପରଫର୍ମ) ଓ ରୂପାନ୍ତର (ଟ୍ରାନ୍ସଫର୍ମ) ନୀତିକୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। କିନ୍ତୁ ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ସରକାର ଚାହିଁଲେ କ'ଣ ଜିଡିପି ବୃଦ୍ଧି ପାଇଯିବ। ଯଦି ଏହା ସମ୍ଭବ ତେବେ ଏହି ସରକାରଙ୍କ ପୂର୍ବ ଅବତାରରେ ଅଭିବୃଦ୍ଧି ହ୍ରାସ ପାଇ ଗତବର୍ଷ କାହିଁକି ୬.୮% ହୋଇଛି ଏବଂ ଗତ ଆର୍ଥିକ ବର୍ଷର ଶେଷ ତ୍ରିମାସୀରେ ଅଭିବୃଦ୍ଧି ହାର ୫.୬% ହୋଇଛି, ଯାହା ପ୍ରାୟ ଗତ ୧୬ଟି ତ୍ରିମାସୀରେ ସର୍ବନିମ୍ନ। ସେତେବେଳେ ସରକାର କାହିଁକି ଏହାକୁ ରୋକିପାରିଲେ ନାହିଁ? ପୁନଶ୍ଚ ଯଦି ଏହା କହିଦେଲେ ସମ୍ଭବ, ତେବେ ଉନ୍ନତ ଦେଶଗୁଡ଼ିକ ଅଧିକ ଅଭିବୃଦ୍ଧି କାହିଁକି ହାସଲ କରିପାରୁ ନାହାନ୍ତି। ଯଦି ସରକାର ଆର୍ଥିକ ମାନ୍ଦାବସ୍ଥା ରୋକିପାରୁନାହାନ୍ତି ୫ଟ୍ରିଲିୟନର ସ୍ୱପ୍ନ କାହିଁକି ଦେଖାଉଛନ୍ତି? ଭାରତ ଏତେବଡ଼ ଅର୍ଥନୀତି ହୋଇ ମଧ୍ୟ କ୍ଷୁଧା, ଦାରିଦ୍ର୍ୟ, ବେକାରି ଓ ବୈଷମ୍ୟ ବ୍ୟାପକ। ଗତ ୪୫ ବର୍ଷରେ ବେକାରି ହାର ସର୍ବାଧିକ (୬.୧%)। ଅଧିକାଂଶ ଅନ୍ତର୍ଜାତୀୟ ସାମାଜିକ ସୂଚକାଙ୍କରେ ଭାରତ ଅତ୍ୟନ୍ତ ନିମ୍ନରେ ରହିଛି। ଦେଶର ଟିକସ-ଜିଡିପି ଅନୁପାତ ବିଶ୍ୱରେ ପ୍ରାୟ ସର୍ବନିମ୍ନ। ଶିକ୍ଷା, ସ୍ୱାସ୍ଥ୍ୟର ବ୍ୟାପକ ଘରୋଇକରଣ ଯୋଗୁ ଏହା ଗରିବଙ୍କ ପାଇଁ ସମ୍ପୂର୍ଣ୍ଣ ଅପହଞ୍ଚ। କେବଳ ଅଭିବୃଦ୍ଧିର ସୁଫଳ ଧନିକ ଶ୍ରେଣୀ ପାଖକୁ ଯାଉଛି, ଯାହାଫଳରେ ୧% ଭାରତୀୟ କେବଳ ୫୦% ସମ୍ପଦର ଅଧିକାରୀ ହୋଇଛନ୍ତି। ତେଣୁ ସରକାର ଏହି ମିଥ୍ୟା ସୁନେଲି ସ୍ୱପ୍ନ ଦେଖାଇବାରୁ ବିରତ ରହିବା ଆବଶ୍ୟକ। ପୁନଶ୍ଚ ଅଭିବୃଦ୍ଧି ମଧ୍ୟ ପ୍ରାକୃତିକ ସମ୍ବଳର ଅତ୍ୟଧିକ ବିନିଯୋଗ ଉପରେ ନିର୍ଭରକରେ। ଏହା କିନ୍ତୁ ଦିନେ ସରିଯିବ। ଏଣୁ ନିକଟରେ ନ୍ୟୁଜିଲାଣ୍ଡ ସରକାର ଯେଉଁ ବଜେଟ ଉପସ୍ଥାପନ କରିଛନ୍ତି ସେ ଅଭିବୃଦ୍ଧିକୁ ଗୁରୁତ୍ୱ ନ ଦେଇ ଜନସାଧାରଣଙ୍କ ମଙ୍ଗଳ ଓ ସାମାଜିକ ବିକାଶକୁ ପ୍ରାଧାନ୍ୟ ଦେଇଛନ୍ତି। ଏଥିରୁ ଆମ ସରକାର ଶିକ୍ଷା ନେଇ ବେଶି ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ପାଇଁ ବ୍ୟୟ କରିବା ଉଚିତ, ଯାହା ଅର୍ଥମନ୍ତ୍ରୀ କହିନାହାନ୍ତି। ଅର୍ଥମନ୍ତ୍ରୀ ପୁନଶ୍ଚ କହିଛନ୍ତି ଯେ, ବିଶ୍ୱ ସ୍ତରରେ ମୋଟ ଏଫ୍‌ଡିଆଇ ହ୍ରାସ ପାଇଛି। ଏହା ୨୦୧୭ରେ ୧.୮ ଟ୍ରିଲିୟନ ଡଲାର ଥିଲା ବେଳେ ୨୦୧୮ରେ ୧.୫ ଟ୍ରିଲିୟନକୁ ହ୍ରାସ ପାଇଛି। କିନ୍ତୁ ଏହି ସମୟରେ ଭାରତରେ ୨୦୧୮-୧୯ ବର୍ଷରେ ଏଫ୍‌ଡିଆଇ ପୂର୍ବବର୍ଷ ତୁଳନାରେ ୬% ବୃଦ୍ଧି ପାଇ ୬୪.୩୭୫ ବିଲିୟନ ଡଲାର ହୋଇଛି। ତେବେ ଏଫ୍‌ଡିଆଇ ବୃଦ୍ଧି ଯୋଗୁ କ'ଣ ଲାଭ ହୋଇଛି, କେତେ ନିଯୁକ୍ତି, ଅଭିବୃଦ୍ଧି ଅଧିକ ହୋଇଛି ଏବଂ କେତେ ନୂଆ ଶିଳ୍ପ ପ୍ରତିଷ୍ଠା ହୋଇଛି ତାହା ଅର୍ଥମନ୍ତ୍ରୀ କହିଲେ ନାହିଁ। ବାସ୍ତବରେ ଅଭିବୃଦ୍ଧି ସଞ୍ଚୟ ଉପରେ ନିର୍ଭରକରେ, ଯାହା ଗତ ୫ ବର୍ଷରେ ହ୍ରାସ ପାଇଛି, ଏହା ଅର୍ଥମନ୍ତ୍ରୀ କହିନାହାନ୍ତି। ଅର୍ଥମନ୍ତ୍ରୀ ପ୍ରତ୍ୟକ୍ଷ ଟିକସ ବୃଦ୍ଧି କଥା କହିବା ସହିତ ବିତ୍ତୀୟ ଶୃଙ୍ଖଳା ବଜାୟ ରଖିବା କଥା କହିଛନ୍ତି। କିନ୍ତୁ ଗତବର୍ଷ ଧାର୍ଯ୍ୟ ଟିକସ-ଜିଡିପି ଅନୁପାତ ହ୍ରାସ ପାଇଛି। ବ୍ୟକ୍ତିଗତ ଆୟକର କ୍ଷେତ୍ରରେ ୧୫୮୩୯୬ କୋଟି ଟଙ୍କା, କମ୍ପାନୀ ଟିକସ କ୍ଷେତ୍ରରେ ୯୬୪୨୮ କୋଟି ଟଙ୍କା, ସୀମା ଶୁଳ୍କ କ୍ଷେତ୍ରରେ ୨୭୪୫୮ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଜିଏସ୍‌ଟି କ୍ଷେତ୍ରରେ ୪୬୩୬୫ କୋଟି ଟଙ୍କା ସଂଶୋଧିତ ଧାର୍ଯ୍ୟ ଅଟକଳ ଅନୁସାରେ କମ୍ ଆଦାୟ ହୋଇଛି। ସମ୍ବଳ ହ୍ରାସ ଅର୍ଥ ବ୍ୟୟ ସଂକୋଚନ। ଗତବର୍ଷ ଧାର୍ଯ୍ୟ ବ୍ୟୟଠାରୁ ୦.୩% କମ୍ ବ୍ୟୟ ହୋଇଛି।

ଗତ କିଛି ବର୍ଷ ହେବ ମୋଟ୍ ଜିଡିପି ଅନୁସାରେ ବ୍ୟୟ ହ୍ରାସ ପାଉଛି ଯାହା ଅର୍ଥମନ୍ତ୍ରୀ କହିନାହାନ୍ତି। ପୁନଶ୍ଚ ପେଟ୍ରୋଲ, ଡିଜେଲ ଉପରେ ଲିଟର ପିଛା ୧ଟଙ୍କା ସଡ଼କ ଓ ଭିତ୍ତିଭୂମି ସେସ୍ ଆଉ ୧ଟଙ୍କା ଅତିରିକ୍ତ ଉତ୍ପାଦନ ଶୁଳ୍କ ଏମିତି ମୋଟ ୨ଟଙ୍କା ଟିକସ ଧାର୍ଯ୍ୟ କରିଛନ୍ତି। ଏହାଦ୍ୱାରା କେଉଁ ଶ୍ରେଣୀର ଲୋକ ଉପକୃତ ହେବେ ଏବଂ କିପରି ଗରିବଙ୍କ ଉପକାର ହେବ ତାହା ଅର୍ଥମନ୍ତ୍ରୀ କହିବା ଉଚିତ। ଆୟକରଦାତା ବିଶେଷକରି ବେତନଭୋଗୀ ଆୟକର କ୍ଷେତ୍ରରେ କିଛି ରିହାତି ଆଶା କରୁଥିଲେ। କିନ୍ତୁ ସେମାନଙ୍କୁ ଅର୍ଥମନ୍ତ୍ରୀ ନିରାଶ କରିଛନ୍ତି। ଅପରପକ୍ଷରେ କର୍ପୋରେଟ୍ ଟିକସ ହାର ୩୦ରୁ ୨୫%କୁ ହ୍ରାସ ହୋଇଛି। ପୂର୍ବରୁ ବାର୍ଷିକ ୨୫୦ କୋଟି ଟଙ୍କା ଟର୍ନଓଭରରୁ ଅଧିକ ଥିବା କମ୍ପାନୀଗୁଡ଼ିକ ୩୦% ଟିକସ ଦେଲାବେଳେ ବର୍ତ୍ତମାନ ଏହି ସୀମା ୪୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଧନିକ ଶ୍ରେଣୀଠାରୁ ସରଚାର୍ଜ ହାର ବୃଦ୍ଧି କରି ଅଧିକ ଟିକସ ଆଦାୟ ପାଇଁ ପ୍ରୟାସ କରିଛନ୍ତି, ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ଏହା ଆହୁରି ବୃଦ୍ଧି ହେବା ଆବଶ୍ୟକ। ଟିକସ ହାର ବୃଦ୍ଧି ନ କରି ସରଚାର୍ଜ ଓ ସେସ୍ କାହିଁକି ବୃଦ୍ଧି କଲେ? ତାହାର କାରଣ ହେଲା ଏଥିରେ ରାଜ୍ୟ ସରକାରଙ୍କ କିଛି ଅଂଶ ରହିବ ନାହିଁ ଯାହା ଅର୍ଥମନ୍ତ୍ରୀ କହିନାହାନ୍ତି। ଅର୍ଥମନ୍ତ୍ରୀ ବିତ୍ତୀୟ ଶୃଙ୍ଖଳା ବଜାୟ ରଖିବା କଥା କହିଛନ୍ତି। କିନ୍ତୁ ୨୦୧୮-୧୯ରେ ଜବରଦସ୍ତ ଓଏନ୍‌ଜିସି, ରିଜର୍ଭ ବ୍ୟାଙ୍କ ଆଦି କ୍ଷେତ୍ରରୁ ଅନ୍ତରୀଣ ଲାଭାଂଶ, ୨୦୧୮-୧୯ ବର୍ଷର କିଛି ବ୍ୟୟକୁ ୨୦୧୯-୨୦ ବର୍ଷକୁ ଘୁଞ୍ଚେଇଦେବା ସହ କିଛି ବ୍ୟୟ ହ୍ରାସ କରି ବିତ୍ତୀୟ ନିଅଣ୍ଟକୁ ଜିଡିପିର ୩.୪% ରଖିଛନ୍ତି, ଯାହା ଲୋକଙ୍କୁ କୁହାଯାଉନି। ପୁନଶ୍ଚ ପୁଞ୍ଜି ପ୍ରତ୍ୟାହାର ମାଧ୍ୟମରେ ଚଳିତ ଆର୍ଥିକବର୍ଷରେ ୧ଲକ୍ଷ ୫ହଜାର କୋଟି ଟଙ୍କା ଆଦାୟ କରିବେ ବୋଲି ଧାର୍ଯ୍ୟ କରିଛନ୍ତି। ଅନ୍ତରୀଣ ବଜେଟରେ ଏହା ୯୦ ହଜାର କୋଟି ଟଙ୍କା ଥିଲା। ପୁଞ୍ଜି ପ୍ରତ୍ୟାହାର ଅର୍ଥ ସରକାର ଟିକସ ମାଧ୍ୟମରେ ସମ୍ବଳ ସଂଗ୍ରହ କରିବାରେ ବିଫଳ। ଯଦି ସରକାର ସମ୍ବଳ ସଂଗ୍ରହ କରି ନ ପାରିଲେ କିପରି ନୂଆ ଭାରତ, ୫ଟ୍ରିଲିୟନ ଅର୍ଥନୀତି ସମ୍ଭବ ହେବ? ତଥ୍ୟସବୁ ସରକାରଙ୍କୁ ସୁହାଇଲା ପରି ପ୍ରଦର୍ଶନ କରାଯାଇଛି।

ଡିଭାଇନ ନଗର, ଚାଉଳିଆଗଞ୍ଜ, କଟକ
ମୋ: ୯୪୩୭୨୦୮୭୬୨

# ପୋଲିସ ପର୍ବତରାଣୀ

**ବ୍ୟକ୍ତିତ୍ୱ**



ଅପର୍ଣ୍ଣା କୁମାର

ଦୃଢ଼ ଇଚ୍ଛାଶକ୍ତି ମଣିଷକୁ ସର୍ବୋଚ୍ଚରେ ପହଞ୍ଚାଇଥାଏ। ସଫଳତା ପାଉଥିବା ବ୍ୟକ୍ତି ସର୍ବଦା ଆଗକୁ ବଢ଼ିବା ଲାଗି ଉଦ୍ୟମ କରିବା ହେଉଛି ସକାରାତ୍ମକ ଚିନ୍ତାଧାରା। ନିକଟରେ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ଅପର୍ଣ୍ଣା କୁମାର ସେଭେନ୍ ସମିଟ୍ ଚ୍ୟାଲେଞ୍ଜ ଅତିକ୍ରମ କରି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସାତ ମହାଦେଶରେ ଅବସ୍ଥିତ ପ୍ରତ୍ୟେକଟି ସର୍ବୋଚ୍ଚ ଶୃଙ୍ଗ ଆରୋହଣ କରାଯିବା ପରେ ତାହା 'ସେଭେନ୍ ସମିଟ୍ ଚ୍ୟାଲେଞ୍ଜ' ଅତିକ୍ରମ କରିବାର ଆଖ୍ୟା ପାଇଥାଏ। ଉତ୍ତର ଆମେରିକାର ଆଲାସ୍କାର ଶୀର୍ଷ ଶୃଙ୍ଗ ଦେନାଲିରେ ୩୦ ଜୁନ୍‌ରେ ପହଞ୍ଚି ଅପର୍ଣ୍ଣା ପ୍ରଥମ ଆଇପିଏସ୍ ଅଫିସର ଭାବେ ଏଭଳି ଗୌରବ ଅର୍ଜନ କରିପାରିଛନ୍ତି। ସେଠାରେ ସେ ତ୍ରିରଙ୍ଗା ପତାକା ଉଡ଼ାଇବା ପରେ ଏବେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି। ସେ ଯୁବପିଢ଼ିଙ୍କ ପାଇଁ ଆଇକନ୍ ପାଲଟି ଯାଇଛନ୍ତି।

୨୦୦୨ ବ୍ୟାଚ୍ ଉତ୍ତରପ୍ରଦେଶ କ୍ୟାଡରର ଆଇପିଏସ୍ ଅଧିକାରୀ ଅପର୍ଣ୍ଣା କୁମାର ଇଣ୍ଡୋ ତିବ୍ବତ ବର୍ଡର ପୋଲିସ (ଆଇଟିବିପି)ର ଡିଆଇଜି ଭାବେ ଡେରାଡୁନ୍‌ର ନର୍ଥ ଫ୍ରଣ୍ଟିୟରରେ କାର୍ଯ୍ୟରତ ଅଛନ୍ତି। ପିଲାଟି ବେଳୁ ଭଲ ପଢ଼ିବା ସହ ଦୁଃସାହସିକ କ୍ରୀଡ଼ା ପ୍ରତି ତାଙ୍କର ଆକର୍ଷଣ ରହି ଆସିଥିଲା। ଆଇପିଏସ୍ ଅଫିସର ଚାକିରି ପାଇ ୨୦୦୨ରେ ମସୌରିରେ ତାଲିମ ନେବା ପୂର୍ବରୁ ବେଙ୍ଗାଲୁରୁର ଏହି ମହିଳା କେବେ ବି ବରଫ ପାହାଡ଼ ଦେଖି ନ ଥିଲେ। ହେଲେ ତାଙ୍କ ଅଦମ୍ୟ ଇଚ୍ଛାଶକ୍ତି ଗିରିଶୃଙ୍ଗରେ ପହଞ୍ଚିବା ଲାଗି ସୁଯୋଗ ସୃଷ୍ଟି କରିଥିଲା। ଦୁଇ ସନ୍ତାନର ଜନନୀ ପ୍ରଥମେ ଏଭରେଷ୍ଟ ଚଢ଼ିବାକୁ ଚେଷ୍ଟା କରିଥିଲେ। ୨୦୧୪ ଓ ୨୦୧୫ରେ ସେହି ଲକ୍ଷ୍ୟରେ ସେ ସଫଳ ହୋଇ ନ ଥିଲେ। ୨୧ ମେ ୨୦୧୬ରେ ସେ ଏଭରେଷ୍ଟ ଆରୋହଣ କରିବା ପରେ ପଛକୁ ଫେରି ଚାହିଁ ନାହାନ୍ତି। ସାତ ମହାଦେଶର ଗୋଟିଏ ପରେ ଗୋଟିଏ ଶୃଙ୍ଗ ଅତିକ୍ରମ କରିବା ପରେ ୧୫ ଜୁନ୍ ୨୦୧୯ରେ ସେ ଆଲାସ୍କାର ଶୀର୍ଷ ଶୃଙ୍ଗ ଦେନାଲି ଅଭିମୁଖେ ଯାତ୍ରା କରିଥିଲେ। ସ୍ୱାମୀ ସାହରନପୁର ଡିଭିଜନାଲ୍ କମିଶନର ସଞ୍ଜୟ କୁମାର ତାଙ୍କୁ ବିଜୟଯାତ୍ରା କାମନା କରି ସବୁ ପ୍ରକାର ସହଯୋଗ କରିଥିଲେ। ଜୁଲାଇ ୧୦ରେ ତାଙ୍କ ଅଭିଯାନ ଶେଷ ହେବାକୁ ଥିବା ବେଳେ ଯଥେଷ୍ଟ ପୂର୍ବରୁ ଅପର୍ଣ୍ଣା ତାହାକୁ ଅତିକ୍ରମ କରିଯାଇଥିଲେ। ମାଇନସ୍ ୪୦ଡିଗ୍ରୀ ତାପମାତ୍ରା ସହ ଘଣ୍ଟା ପ୍ରତି ୨୫୦ କିଲୋମିଟର ବେଗରେ ବହୁଥିବା ଥଣ୍ଡା ପବନକୁ ଭ୍ରୂକ୍ଷେପ ନ କରି ସେ ଯେଉଁ ଦୁଃସାହସିକତାର ପରିଚୟ ଦେଲେ ତାହା ଯୁବ ପର୍ବତାରୋହୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛି। ସେଭେନ୍ ସମିଟ୍ ଚ୍ୟାଲେଞ୍ଜ ସହ ଦକ୍ଷିଣ ମେରୁ ବିଜୟିନୀ ହୋଇଥିବା ଅପର୍ଣ୍ଣାଙ୍କ ଅନ୍ୟତମ ଲକ୍ଷ୍ୟ ରହିଛି ଉତ୍ତର ମେରୁ। ସେ ଖୁବ୍‌ଶୀଘ୍ର ଲକ୍ଷ୍ୟ ପୂରଣ କରିବେ ବୋଲି ଆଶାବାଦୀ ଅଛନ୍ତି।

ଅପର୍ଣ୍ଣାଙ୍କ ସଫଳତା ଦେଖି ଆଇଟିବିପିର ସଦସ୍ୟମାନେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ଦେଶର ପ୍ରଥମ ଆଇପିଏସ୍ ଅଫିସର ଭାବେ ଅପର୍ଣ୍ଣାଙ୍କ ଏଭଳି କୀର୍ତ୍ତିମାନ ରଚନା ତାଙ୍କୁ ପୋଲିସ ପର୍ବତରାଣୀ ଆଖ୍ୟା ଦେଇଛି। ଦେଶର ବିଭିନ୍ନ ବର୍ଗର ଲୋକେ ତାଙ୍କ ଉପରେ ପ୍ରଶଂସା ଅଜାଡ଼ି ଦେଇଛନ୍ତି। ବାସ୍ତବିକ୍ ତାଙ୍କ କୃତିତ୍ୱ ଅନ୍ୟ ମହିଳା ପର୍ବତାରୋହୀଙ୍କୁ ସଶକ୍ତ କରିବା ଦିଗରେ ବାଟ ଦେଖାଇବ।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁରେ ପ୍ରିୟପରିଜନ ଦୁଃଖରେ କାନ୍ଦିଥାନ୍ତି। ଏହି କାନ୍ଦିବା ସ୍ୱତଃସ୍ଫୂର୍ତ୍ତ ଏବଂ ଭାବପ୍ରବଣତାସମ୍ଭୂତ। କିନ୍ତୁ ଭଡାରେ ଲୋକଙ୍କୁ ଆଣି କନ୍ଦାଇବା କଥାଟି ନୂଆ ନିଶ୍ଚୟ। ସେମାନେ ଭାବାବେଗରୁ ନୁହେଁ ବରଂ ଉଦ୍ଦେଶ୍ୟମୂଳକ ଭାବେ କାନ୍ଦିଥାନ୍ତି। ଏହି କାନ୍ଦରେ ନା ଥାଏ ଆନ୍ତରିକତା ନା ଭାବପ୍ରବଣତା। କେବଳ ପଇସା ପାଇଁ କାନ୍ଦିବାକୁ ହୋଇଥାଏ। ରାଜସ୍ଥାନର ରାଜପୁତ ସମ୍ପ୍ରଦାୟରେ କାହାର ମୃତ୍ୟୁ ହେଲେ କାନ୍ଦିବା ଲାଗି ଭଡ଼ାରେ ଲୋକ ଆସିଥାନ୍ତି। ସେମାନେ ଅତି ବିକଳ ହୋଇ ହାତଗୋଡ଼ ଛାଟି ଛାତିକୁ ବାଡ଼େଇ କାନ୍ଦିଥାନ୍ତି। ଏହା ଅତି ମାର୍ମିକ ତଥା କରୁଣ ପରିବେଶ ସୃଷ୍ଟି କରିଥାଏ। ରାଜପୁତ ସମ୍ପ୍ରଦାୟ ନିଜର ଦୁଃଖକୁ ବାହାରେ ପ୍ରକାଶ କରିବା କିମ୍ବା କାନ୍ଦିବାକୁ ପସନ୍ଦ କରି ନ ଥାନ୍ତି। ତେଣୁ ସେମାନେ ପରିବାର ସଦସ୍ୟଙ୍କ ମୃତ୍ୟୁରେ କାନ୍ଦିବା ପାଇଁ ଭଡ଼ାରେ ଲୋକଙ୍କୁ ଆଣିଥାନ୍ତି। କାନ୍ଦିବାକୁ ଭଡ଼ାରେ ଆସୁଥିବା ଲୋକଙ୍କ ମଧ୍ୟରେ ପ୍ରାୟତଃ ମହିଳା ହିଁ ରହିଥାନ୍ତି। ଏଭଳି ମହିଳାଙ୍କୁ ରୁଦାଲୀ ବା ଭଡ଼ାରେ କାନ୍ଦିବା ମହିଳା କୁହାଯାଇଥାଏ। ଏହି ପରମ୍ପରା ରାଜପୁତ ସମ୍ପ୍ରଦାୟରେ ଅତି ପ୍ରାଚୀନ କାଳରୁ ଚଳିଆସୁଛି।

## ଚିରନ୍ତନୀ

ଉଚ୍ଚ ଚୂଡ଼ା ପରେ ତା'ର ମହାଦୀପ
ଜାଳିଲ ଜୀବନ୍ତ
ଚିନ୍ତାର ତଇଳ ଢାଳି ଦେଖାଇଲ
ଆଲୋକ ଅନନ୍ତ।
ଭବିଷ୍ୟର ଅନ୍ଧକାର-ପଥ ସେ ଯେ
କଲା ନିରାମୟ
ତବ ଅଭିଜ୍ଞତା ତହିଁ ଆଶୀର୍ବାଦ
ଦେଲା ବରାଭୟ।
ଉଷର ମୃତ୍ତିକା କର୍ଷି କଲ ସ୍ୱର୍ଣ୍ଣ-
ଉତ୍ପାଦନକ୍ଷମ
ଭବିଷ୍ୟର ଆଗନ୍ତୁକ ପାଇଁ ତାହା
କରିଲ ସୁଗମ।
(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜରି ବ୍ୟାଗ୍‌ର ବ୍ୟବହାର ରୋକାଯାଉ

ମହାଶୟ,

ପିଲାଦିନେ ଆମେ କାଗଜ ଠୁଙ୍ଗାର ବହୁଳ ବ୍ୟବହାର ତେଜରାତି ଦୋକାନରେ ଦେଖୁଥିଲୁ। ଗରିବ ଲୋକମାନେ ବିଶେଷକରି ମହିଳାମାନେ ପୁରୁଣା ଖବର କାଗଜରେ ଠୁଙ୍ଗା ତିଆରି କରି ଦି' ପଇସା ରୋଜଗାର କରୁଥିଲେ। ପୁରୁଷ ଲୋକମାନେ କନା ବ୍ୟାଗ୍‌ଟିଏ ନିଜ ପାଖରେ ରଖୁଥିଲେ ଓ ସନ୍ଧ୍ୟାରେ ଘରକୁ ଫେରିବା ବେଳେ ସେଥିରେ ପରିବାପତ୍ର ଏବଂ ତେଜରାତି ସାମଗ୍ରୀ ନେଇ ଆସୁଥିଲେ। ପୁରୁଣା ପ୍ୟାଣ୍ଟଗୁଡ଼ିକ କଟାହୋଇ କନା ବ୍ୟାଗ୍ ତିଆରି ହେଉଥିଲା। ଏବେ କିନ୍ତୁ ସେ ଯୁଗ ଆଉ ନାହିଁ। କନା ବ୍ୟାଗ୍‌ର ସ୍ଥାନ ନେଇଛି ଜରି ବ୍ୟାଗ୍। ସରକାରଙ୍କ କଟକଣା କେହି ମାନୁନାହାନ୍ତି। ବ୍ୟବହାର ଉପରାନ୍ତେ ଜରି ବ୍ୟାଗ୍‌ଗୁଡ଼ିକ ଏଣେତେଣେ ଫିଙ୍ଗାଯିବା ଦ୍ୱାରା ନାଳନର୍ଦ୍ଦମାର ଜଳ ନିଷ୍କାସନ ହୋଇପାରୁନାହିଁ। ବର୍ଷା ଟିକିଏ ହେଲେ ଏହାର ଭୟାବହତା ଦେଖିବାକୁ ମିଳୁଛି। ଏଥିଯୋଗୁ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ମୃତ୍ତିକା ପ୍ରଦୂଷଣରେ ଜରି ବ୍ୟାଗ୍‌ର ଭୂମିକାକୁ ଲୋକମାନେ ହୃଦୟଙ୍ଗମ କରନ୍ତୁ ଓ ଏହାର ପ୍ରତିକାର ଦିଗରେ ବ୍ରତୀ ହୋଇ ପୃଥିବୀକୁ ରକ୍ଷା କରନ୍ତୁ।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ଼, କଟକ

### ଅସାଧୁ ନିର୍ବାଚନ

ଦେଖାଯାଉଛି ଭାରତର ନିର୍ବାଚନ ପରିଚାଳନା ସୁବ୍ୟବସ୍ଥିତ ହେଉନି କିମ୍ବା ଆଚରଣବିଧି ରାଜନୈତିକ ଦଳଗୁଡ଼ିକ ଠିକ୍ ଭାବରେ ପାଳନ କରୁନାହାନ୍ତି। ବାହୁବଳ ପ୍ରୟୋଗ କରି ବୁଥ୍ ଦଖଲ କରିବ, ପ୍ରଚୁର କଳାଟଙ୍କା ଓ ଜିନିଷପତ୍ର ବାଣ୍ଟିବା, ଭୋଜିଭାତ, ମଦମାଂସରେ ଭସାଇ ଭୋଟରଙ୍କୁ ପ୍ରଭାବିତ କରିବା ଏକ ସାଧାରଣ ଘଟଣା ହୋଇଗଲାଣି। ଏପ୍ରିଲ ୨୫ରୁ ମେ ୨୨ ମଧ୍ୟରେ ବିଭିନ୍ନ ଦଳର କର୍ମକର୍ତ୍ତା ଓ ତାଙ୍କ ଏଜେଣ୍ଟଙ୍କଠାରୁ ୩୧୬୬ କୋଟି ଟଙ୍କା ମୂଲ୍ୟର ନଗଦ ରାଶି, ମାଦକ ଦ୍ରବ୍ୟ ଆଦି ନିର୍ବାଚନ ଅଧିକାରୀମାନେ ଜବତ କରିଛନ୍ତି। ଏଭଳି ନିର୍ବାଚନକୁ ଅସାଧୁ ନିର୍ବାଚନ କହିଲେ ଭୁଲ୍ ହେବନାହିଁ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୭ ଜୁଲାଇ ୧୯୯୪**

- ଚାଇନା-ଭାରତ ସୀମା ବିବାଦ ସଂକ୍ରାନ୍ତରେ ଉଭୟ ରାଷ୍ଟ୍ରର ସୀମା ସଂକ୍ରାନ୍ତୀୟ ମିଳିତ କାର୍ଯ୍ୟକାରୀ କମିଟିର ବୈଠକ ବେଜିଂଠାରେ ଆରମ୍ଭ।
- ଚିଲିକା ହ୍ରଦ ଲିଜ୍ ପ୍ରଦାନ କ୍ଷେତ୍ରରେ ତୃତୀୟ ପକ୍ଷ କାରବାର ବନ୍ଦ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯିବା ସହ ଏଥିପାଇଁ ଏକ ନୂଆ ଲିଜ୍ ନୀତି ପ୍ରଣୟନ କରାଯାଇଛି।

## ସଂକ୍ଷେପରେ

### ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

ଭଞ୍ଜନଗର,୬।୭(ଡି.ଏନ.ଏ): ଭଞ୍ଜନଗର ଥାନା ଅନ୍ତର୍ଗତ ଡହ ଗ୍ରାମର ନବବଧୂ ଶିବାନୀ ନାୟକଙ୍କ ଶନିବାର ଅପରାହ୍ଣରେ ମୃତ୍ୟୁ ଘଟିଛି। କେଉଁ କାରଣ ଓ କିପରି ମୃତ୍ୟୁ ଘଟିଛି ତାହା ଠିକ୍ ଭାବେ ଜଣାପଡ଼ି ନ ଥିଲେ ମଧ ବିଷକ୍ରିୟାରୁ ଶିବାନୀଙ୍କ ମୃତ୍ୟୁ ଘଟିଥାଇ ପାରେ ବୋଲି ପୋଲିସ ସନ୍ଦେହ କରୁଛି । ଥାନା ଅଧିକାରୀ ସୁଦୀପ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶିବାନୀ ୫ ମାସ ପୂର୍ବେ ଡହର କାଳିଆ ନାୟକଙ୍କୁ ବିବାହ କରିଥିଲେ। ଶନିବାର ଅପରାହ୍ଣରେ ସେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଭଞ୍ଜନଗର ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଶିବାନୀଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

କନିଷି,୬।୭(ଡି.ଏନ.ଏ.)-ରଙ୍ଗେଇଲୁଣ୍ଡା ବ୍ଲକ ପକ୍ଷରୁ ବାତ୍ୟା ଫନି କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫ ଲକ୍ଷ ୨୫ ହଜାର ୫୦୦ ଟଙ୍କା ସହାୟତା ଦିଆଯାଇଛି। ଗୋପାଳପୁର ବିଧାୟକ ଡ.ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଚେକ ଆକାରରେ ଏହି ସହାୟତା ପ୍ରଦାନ କରାଯାଇଛି। ବିଭିନ୍ନ ପଞ୍ଚାୟତର ପ୍ରତିନିଧି, ସ୍ୱେଚ୍ଛାସେବୀ, ଗଣମାଧମ ଓ ଜନସାଧାରଣଙ୍କ ପକ୍ଷରୁ ସଂଗ୍ରହ ହୋଇଥିଲା। ସହାୟତା ଚେକ୍ ପ୍ରଦାନ ବେଳେ ବିଧାୟକଙ୍କ ସମେତ ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ସିଏଚ ଉଷାରାଣୀ, ଉପାଧକ୍ଷ ଅଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ କେନ୍ଦ୍ରୀୟ ବିଦ୍ୟାଳୟ, ଛତ୍ରପୁର ହସ୍ପିଟାଲରେ ଡାକ୍ତର ଅଭାବ ପ୍ରସଙ୍ଗ

# ଜିଲାପାଳଙ୍କୁ ଭେଟିଲା ମିଳିତ ସଙ୍ଗଠନ କମିଟି

ଛତ୍ରପୁର, ୬।୭(ଡି.ଏନ.ଏ)

ଛତ୍ରପୁରର ବିଭିନ୍ନ ସଂଗଠନକୁ ନେଇ ଗଠିତ କମିଟିର ଏକ ପ୍ରତିନିଧି ଦଳ ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାରେ ବିଳମ୍ବ ଓ ଅନ୍ୟାନ୍ୟ ସମସ୍ୟା ନେଇ ଶନିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ପାଇଁ ଅନସ୍ଲୋ ହାଇସ୍କୁଲର ଏକ କୋଠା ଦିଆଯିବ ବୋଲି ରାଜ୍ୟ ସରକାର ଅନୁମତି ଦେଇସାରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ଏହା ହସ୍ତାନ୍ତର ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଆବଶ୍ୟକ ୧୦ ଏକର ଜମି ଆର୍ଯ୍ୟପଲ୍ଲୀ ନିକଟରେ ଚିହ୍ନଟ ହୋଇସାରିଛି ବୋଲି ଜିଲାପାଳ ଉକ୍ତ ପ୍ରତିନିଧି ଦଳକୁ କହିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଅପରାହ୍ଣରେ ଏ ସମ୍ପର୍କରେ ଜିଲାପାଳ କଥା ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର କର୍ତ୍ତୃପକ୍ଷଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତିନିଧି ଦଳ ପକ୍ଷରୁ ଏ ନେଇ ବ୍ରହ୍ମପୁର କେନ୍ଦ୍ରୀୟ ବିଦ୍ୟାଳୟ ପ୍ରିନ୍ସପାଲଙ୍କ ସହ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇଥିଲା। ସୋମବାର ଅପରାହ୍ଣରେ ଛତ୍ରପୁର ଆସି ଆଲୋଚନା କରିବା ସହ କ'ଣ ପଦକ୍ଷେପ ନିଆଯାଇଛି ସେ ନେଇ ସୂଚନା ଦେବେ ବୋଲି ପ୍ରିନ୍ସପାଲ କହିଛନ୍ତି। ସେହିପରି ଛତ୍ରପୁର ହସ୍ପିଟାଲରେ ଡାକ୍ତର ଅଭାବ ଥିବା ଏବଂ ରୋଗୀ ସେବାରେ ଉନ୍ନତି ଆଣିବା, ଛତ୍ରପୁର ଲୋୟର ବସଷ୍ଟାଣ୍ଡକୁ ବସ ଆସିବା ପାଇଁ ଅନୁମତି ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ଛତ୍ରପୁର ଓକିଲ ସଂଘର ସଭାପତି କେ. ଶିବରାମ ରେଡ୍ଡୀ, ଛତ୍ରପୁର ନାଗରିକ କମିଟି ସଭାପତି ଗୋକୁଳ ଚନ୍ଦ୍ର ପଣ୍ଡା, ସମ୍ପାଦକ ସୁଧୀର ସାହୁ, ଓକିଲ ପ୍ରଦୀପ ପାଢ଼ୀ, ବି. ଶ୍ରୀନିବାସ, ବଡ ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରଫୁଲ୍ଲ ସେନାପତି, ରାଜେନ୍ଦ୍ର ସେନାପତି, ପୂର୍ବତନ କାଉନସିଲର ବୁଲୁ ବେହେରା ଓ ଜିଲା ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ ପଣ୍ଡା, ଓକିଲ ଭୈରବ ପଟ୍ଟନାୟକ ପ୍ରମୁଖ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ। ଆଲୋଚନା ବେଳେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ ।


ଜିଲାପାଳଙ୍କ ସହ ଆଲୋଚନା ଚାଲିଛି ।

■ ବନ୍ୟଜନ୍ତୁ ଶିକାର ରୋକିବାକୁ ହେଉନି ପାଟ୍ରୋଲିଂ

# ରାତିରେ ବିଦ୍ୟୁତ୍ କାଟ, ଲୋକେ ହଇରାଣ

ଭଞ୍ଜନଗର,୬।୭(ଡି.ଏନ.ଏ.)

ବନ୍ୟଜନ୍ତୁ ସୁରକ୍ଷା ପାଇଁ ସାଉଥ୍କୋ ଏବଂ ଜଙ୍ଗଲ ବିଭାଗ ମଧରେ ବିଭିନ୍ନ ସମୟରେ ସମନ୍ୱୟ ବୈଠକ ହେଉଛି। ମିଳିତ ପାଟ୍ରୋଲିଂ କରିବାକୁ ନିଷ୍ପତ୍ତି ନିଆଯାଇଥିଲେ ମଧ ଏହା କାଗଜ କଲମରେ ରହିଯାଉଛି । ଯାହାର ଫାଇଦା ନେଉଛନ୍ତି ବନ୍ୟଜନ୍ତୁ ଶିକାରୀ। ସେମାନେ ରାତି ହେଲେ ଜଙ୍ଗଲ ରାସ୍ତା ଦେଇ ଯାଇଥିବା ବିଦ୍ୟୁତ୍ ତାରରେ ହୁକିଂ କରି ଶିକାର କରୁଥିବାରୁ ଫ୍ୟୁଜ୍ ଚାଲିଯାଉଛି। ଏହାକୁ ରୋକିବା ପାଇଁ ସାଉଥ୍କୋ ପକ୍ଷରୁ ରାତିରେ ଲାଇନ କାଟି ଦିଆଯାଉଥିବା ଅଭିଯୋଗ ହେଉଛି। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳର ନାଟେଙ୍ଗା, ଗୋବରା, କଣ୍ଟେଇପଲ୍ଲୀ ଆଦି ଅଞ୍ଚଳରେ ରାତିରେ ବିଦ୍ୟୁତ୍ କାଟ୍ ହେଉଛି। ଏପଟେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପାଟ୍ରୋଲିଂ କଡ଼ାକଡ଼ି କିମ୍ବା ବିକଳ୍ପ ବ୍ୟବସ୍ଥା କରା ନ ଯାଇ ଏଭଳି ବିଦ୍ୟୁତ୍ କାଟ କରାଗଲେ ଆଗାମୀ ଦିନରେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀକରପୁର ଗ୍ରାମର ଆଇନଜୀବୀ ଚନ୍ଦ୍ରମଣି ମହାପାତ୍ର କହିଛନ୍ତି। ଏ ନେଇ ସାଉଥ୍କୋ ଯନ୍ତ୍ରୀ ରତ୍ନାକର ତ୍ରିପାଠୀ ବନ୍ୟଜନ୍ତୁ ପାଇଁ ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, କେଉଁ କାରଣରୁ ରାତି ହେଲେ ଫ୍ୟୁଜ୍ ଚାଲିଯାଉଛି ତାହା ଠିକ୍ ଭାବେ ଜଣାପଡୁନାହିଁ । ପ୍ରାୟ ୮ଦିନ ହେବ ଏହି ସମସ୍ୟା ଲାଗି ରହିଛି । ସକାଳେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଯାଉଛି। ଶୁକ୍ରବାର ରାତିରେ ବିଭିନ୍ନ ଅଞ୍ଚଳ ଯାଞ୍ଚ କରାଯାଇଥିଲେ ମଧ ତ୍ରୁଟି ଜଣାପଡ଼ିନି। ତଥାପି କାକର ପଡ଼ିଲେ କିମ୍ବା ବର୍ଷା ହେଲେ ଏଭଳି ସମସ୍ୟା ଉପୁଜିପାରେ। ଆଗାମୀ ଦିନରେ ଏହି ସମସ୍ୟା ଦୂର ହେବ ବୋଲି ଯନ୍ତ୍ରୀ କହିଛନ୍ତି।

■ କନଷ୍ଟେବଲଙ୍କ ସ୍ତ୍ରୀଙ୍କୁ ଦୁର୍ବ୍ୟବହାର ମାମଲା

# ରାଜସ୍ୱ ନିରୀକ୍ଷକ କୋର୍ଟଚାଲାଣ

ଛତ୍ରପୁର,୬।୭(ଡି.ଏନ.ଏ)

ଛତ୍ରପୁର ସହରରେ ଜଣେ ପୋଲିସ କନେଷ୍ଟବଳଙ୍କ ସ୍ତ୍ରୀଙ୍କୁ ଦୁର୍ବ୍ୟବହାର କରିବା ମାମଲାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଚିକିଟି ତହସିଲ ଅଧୀନରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ (ଆର୍ଆଇ) କୁନା ମଲ୍ଲିକ । ତାଙ୍କ ଘର ଗୋଳନ୍ଥରା ଥାନା ଟମଣା ଅଞ୍ଚଳରେ । କୁନାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ପୋଲିସ ସୂଚନାନୁଯାୟୀ, ଗୁରୁବାର କନେଷ୍ଟବଳଙ୍କ ସ୍ତ୍ରୀ ପୋଲିସ କ୍ୱାର୍ଟରରେ ଏକାକୀ ଥିବା ବେଳେ ଆର୍ଆଇ ଜଣକ ଘରେ ପଶି ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ଫଳରେ ସେ ପାଟି କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି କୁନାଙ୍କୁ କାବୁ କରିଥିଲେ । ଖବର ପାଇ ଛତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି କୁନାଙ୍କୁ ଧରି ଥାନାକୁ ଆଣିଥିଲା। ଡ୍ୟୁଟିରୁ ଫେରିବା ପରେ କନେଷ୍ଟବଳ ଜଣଙ୍କ ଏ ସମ୍ପର୍କରେ ଛତ୍ରପୁର ଥାନାରେ ଏତଲା ଦେଇଥିଲେ । ପୋଲିସ ଏକ ମାମଲା (ନଂ.୧୪୯/୧୯) ରୁଜୁ କରି କୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

ହାତୀଓଟ,୬।୭

ପୋଲସରା ବ୍ଲକ ହାତୀଓଟରେ ଥିବା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଯାଇଛି । ପୋଲସରା ବନାଞ୍ଚଳ ପକ୍ଷରୁ ବନାଞ୍ଚଳ ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ ଓ ବନପାଳ ହରପ୍ରସାଦ ସାହୁଙ୍କ ସମେତ ଅଫିସର ଓ କର୍ମଚାରୀ ଯୋଗ ଦେଇଥିଲେ। ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷା ଗାୟତ୍ରୀ ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଉପସ୍ଥିତ ରହି ଚାରାରୋପଣର ବିଭିନ୍ନ ଉପକାରିତା ବିଷୟରେ କହିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ଗୋଟିଏ ଚାରା ଲଗାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସ୍କୁଲ ତରଫରୁ ଛାତ୍ରୀ ସ୍ୱୟଂସିଦ୍ଧା ଦଳରାଓ ଓ ଛାତ୍ର ହିମାଂଶୁ କୁମାର ସାହୁ ବନ ମହୋତ୍ସବ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।


ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ।

# ଦଲାଇଲାମାଙ୍କ ଜନ୍ମବାର୍ଷିକୀ ଉତ୍ସବ


ମଞ୍ଚାସୀନ ବିଧାୟକଙ୍କ ସହ ଅନ୍ୟମାନେ।

ଚନ୍ଦ୍ରଗିରି,୬।୭(ଡି.ଏନ.ଏ.)

ମୋହନା ବ୍ଲକ ଚନ୍ଦ୍ରଗିରିସ୍ଥିତ ତିବ୍ବତୀୟ ସେଟଲମେଣ୍ଟ ଅଫିସ ପରିସରରେ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ୮୪ ତମ ଜନ୍ମବାର୍ଷିକୀ ଉତ୍ସବ ଆରମ୍ଭ ହୋଇଛି । ଏହା ୩ ଦିନ ପର୍ଯ୍ୟନ୍ତ ଚାଲିବ। ବୌଦ୍ଧ ଧର୍ମାବଲମ୍ବୀ ତିବ୍ବତୀୟମାନେ ଭାରତୀୟ ଶରଣାର୍ଥୀ ଭାବେ ମୋହନା ବ୍ଲକର ଜିରାଙ୍ଗ, ମହେନ୍ଦ୍ରଗଡ, ଲବାରସିଂ, ଟାଙ୍କିଲିପଦର, ଚନ୍ଦ୍ରଗିରିଠାରେ ୫ଟି କ୍ୟାମ୍ପରେ ବାସ କରି ଆସୁଛନ୍ତି। ସେମାନେ ଏଠାରେ ଏକତ୍ରିତ ହୋଇ ଦଲାଇଲାମାଙ୍କ ଜନ୍ମବାର୍ଷିକୀକୁ ନାଚଗୀତରେ ମସଗୁଲ ହୋଇ ପାଳନ କରୁଛନ୍ତି। ଚଳିତବର୍ଷ ଚନ୍ଦ୍ରଗିରି ତିବ୍ବତୀୟ ସେଟଲମେଣ୍ଟ କାର୍ଯ୍ୟାଳୟର ମୁଖ୍ୟ ପରିଚାଳକ ଚାନାର ସନଦୁପଙ୍କ ତତ୍ତ୍ୱାବଧାନରେ ଚାଲିଥିବା କାର୍ଯ୍ୟକ୍ରମର ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିରାଙ୍ଗ ବୌଦ୍ଧ ମନ୍ଦିରର ମୁଖ୍ୟ ପୂଜକ ଲାମା ଜିଗମୀ ରିନପୋଚ, ଓ ଲବାରସିଂ ମନ୍ଦିର ପୂଜକ ଲାମା ଗେପା ରାନପୋଚ ଯୋଗଦେଇ ଦଲାଇଲାମାଙ୍କ ଦୀର୍ଘାୟୁ କାମନା କରି ପ୍ରାର୍ଥନା କରିଥିଲେ। ସମ୍ମାନିତ ଅତିଥି ଭାବେ ଆର. ଉଦୟଗିରି ଏସଡିପିଓ ଅଶୋକ କୁମାର ମହାନ୍ତି, ମୋହନା ତହସିଲଦାର କଲ୍ୟାଣୀ ସଂଘମିତ୍ରା ଯୋଗ ଦେଇଥିଲେ। ସ୍ଥାନୀୟ ତିବ୍ବତୀୟ ଆସେମ୍ବ୍ଲି ଚେୟାରମ୍ୟାନ ସେରିଙ୍ଗ ଫୁନଟୋସ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ ।

# ଭାଜପା ଛତ୍ରପୁର ମଣ୍ଡଳର ସଙ୍ଗଠନ ପର୍ବ

ଛତ୍ରପୁର,୬।୭(ଡି.ଏନ.ଏ)

ଭାଜପା ଛତ୍ରପୁର ମଣ୍ଡଳ ସଙ୍ଗଠନ ପର୍ବ ଶନିବାର ଅପରାହ୍ଣରେ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିସହ ନୂତନ ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ଛତ୍ରପୁର ଏନଏସିର ୧୪ ୱାର୍ଡରୁ ୧୫୦୦ ନୂତନ ସଦସ୍ୟ ସଂଗ୍ରହ କରିବା ପାଇଁ ସ୍ଥିର ହୋଇଥିଲା । ଏଥିରେ ସଦସ୍ୟତା ପ୍ରମୁଖ ରୂପେ ଲକ୍ଷ୍ମୀ ନାରାୟଣ ପଣ୍ଡା ଏବଂ ସହ ପ୍ରମୁଖ ଭାବେ ପି. ଚନ୍ଦ୍ରଶେଖର ରାଓ ଓ ମନୋରଞ୍ଜନ ବେହେରାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ସଂଗଠନ ପର୍ବରେ ମଣ୍ଡଳ ସଭାପତି ପ୍ରଦୀପ କୁମାର ପାଢୀ, ପୂର୍ବତନ ସଭାପତି ଉମାଶଙ୍କର ମହାନ୍ତି, ଗଙ୍ଗାଧର ପଣ୍ଡା, ପି. ରଘୁ ରେଡ୍ଡୀ, ଡି. ସୁରେଶ ରେଡ୍ଡୀ, ପି. ଦାସୁ ରେଡ୍ଡୀ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଛତ୍ରପୁର ଏନଏସିରେ ଭାଜପାର ସାଂଗଠନିକ ଶକ୍ତି ସୁଦୃଢ଼ କରିବା ପାଇଁ ସ୍ଥିର କରିଥିଲେ ।

# ଉପଜିଲାପାଳଙ୍କ ଆରଆଇ ଅଫିସ ପରିଦର୍ଶନ

ଶେରଗଡ,୬।୭(ଡି.ଏନ.ଏ.)

ଶେରଗଡ ତହସିଲର ଅଲାରିଗଡ ଆର୍.ଆଇ ଅଫିସକୁ ଶୁକ୍ରବାର ସନ୍ଧ୍ୟାରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ପରିଦର୍ଶନ କରିଥିଲେ । ଏହି ସମୟରେ ସେ ଜମି ଜମା କାଗଜ ପତ୍ର,ବିଭିନ୍ନ ଗ୍ରାମର ମାନଚିତ୍ର, ଗଛିତ ଥିବା ସମସ୍ତ ଫାଇଲ ତନଖି କରିଥିଲେ । ପୁରୁଣା କେସକୁ ଶୀଘ୍ର ଫଇସଲା କରି ତହସିଲ କାର୍ଯ୍ୟାଳୟକୁ ପ୍ରେରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଡ.ଦୟାସିନ୍ଧୁ ପରିଡାଙ୍କ ସମେତ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।


**FORM NO. 13**

**BEFORE THE DEBTS RECOVERY TRIBUNAL, CUTTACK, ODISHA**

C-71, SECTOR-7, CDA, CUTTACK-753014, ODISHA

**O.A. No. 157 of 2019**

Canara Bank, Badambadi Branch,
Rajabagichagada P.O.- Telenga Bazar,
P.S.- Badambadi, Dist.- Cuttack - 753009 ... Applicant

Versus

M/s Pramila Gold Works & Others ... Defendant(s)

To

1. M/s Pramila Gold Works, Prop.- Pradeep Kumar Behera, At- Sahebzada Bazar, P.O.- Chandinichowk, P.S.- Lalbag, Dist.- Cuttack - 753002.
2. Pradeep Kumar Behera, S/o. Duryodhan Behera, Prop. of M/s Pramila Gold Works, At- Sahebzada Bazar, P.O.- Chandinichowk, P.S.- Lalbag, Dist.- Cuttack - 753002.
3. Pramila Behera, (Mortgager), W/o. Duryodhan Behera, At- Sikshyakapada, P.O./P.S.- Angul, Dist.- Angul-759122.
4. Prasannanda Das, (Guarantor), S/o. Paramananda Das, At- Friends Colony, Mangalabag, P.O.- College Square, P.S.- Mangalabag, Dist.- Cuttack-753003.

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that, the applicant has instituted an **O.A. No. 157 of 2019**, in the Court of the Debts of Recovery Tribunal, Cuttack, for recovery of **Rs.63,48,551** (Rupees Sixty Three Lakhs Forty Eight Thousand Five Hundred Fifty One) only, together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 20.08.2019, at 10.30 A.M. as to why reliefs prayed for should not be granted.

Take notice that, in case of default, the application will be heard and determined in their absence.

Given under my hand and seal of this Tribunal on this 20th day of June, 2019.

Sd./- Registrar (I/C)



**ADMISSION NOTICE 2019-2020**
**KHALLIKOTE (A) COLLEGE, Berhampur**
**ACCREDITED "A" GRADE BY NAAC**
**www.khallikotecollege.ac.in**

| COURSE | DURATION | ELIGIBILITY |
|---|---|---|
| MFA M.Com. in Financial Analysis | 2 Yrs. | +3 any stream with 50% in aggregate (45% aggregate for SC/ST) |
| BBA Bachelor of Business Admin. | 3 Yrs. | +2 any stream with 40% in aggregate |
| M.SC ETC (Integrated) (B.Sc. + M.Sc. Dual Degree) | 5 Yrs. | +2 Science or Equivalent with 40% in aggregate |
| M.SC ETC (Lateral Entry) | 2 Yrs. | B.Sc with physics / Mathematics / Electronics / Computer Science / IT / IST or Equivalent with 50% in both subject / aggregate. (B.Sc (Hons) candidates will be given preference) |

LAST DATE TO APPLY ONLINE : 10.07.2019

*The information Brochure and Admission details are available on college website.*

To Apply online login to www.khallikotecollege.ac.in

Sd./-
Principal

For Details : 06802229867, 8908650779, 9861783239, 9337241280



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ।

ଏତଦ୍ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ଘର କାନ୍ଥରେ ଲଗାଯାଇଥିଲା। ତେଣୁ ଏହି କାରଣରୁ ଉକ୍ତ ବିଷୟରେ ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଅବଗତ କରାଗଲା।

| ଆକାଉଣ୍ଟ ନଂ. / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| ସିସି ଆକାଉଣ୍ଟ ନଂ.: ୩୦୨୯୬୪୩୭୦୬୨, ଟିଏଲ୍-୩୩୫୯୫୩୮୯୭୬୩ ଏବଂ ଏସ୍ଏଲ୍ସି-୩୬୦୨୩୬୫୧୯୨୭ / ଋଣଗ୍ରହୀତା: ମେସର୍ସ ଦୀପିକା ରାଇସ୍ ମିଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ବଟକୃଷ୍ଣ ପାଳ, ପିତା: ଶ୍ରୀ ବାସୁଦେବ ପାଳ, ସା/ପୋ.: ନେଟେଙ୍ଗା, ଭୟା: ଗୋବରା, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ-୭୬୧୧୨୪ / ଗ୍ୟାରେଣ୍ଟିଦାତା: ଶ୍ରୀ ବୈଦ୍ୟନାଥ ତ୍ରିପାଠୀ, ପିତା: ୰ ଉଲ୍ଲା ତ୍ରିପାଠୀ, ସା/ପୋ.: ନେଟେଙ୍ଗା, ଭୟା: ଗୋବରା, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ-୭୬୧୧୨୪ | ଶ୍ରୀ ବଟକୃଷ୍ଣ ପାଳଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ନେଟେଙ୍ଗା, ଥାନା: ଗଙ୍ଗାପୁର (୭୫), ଖାତା ନଂ.: ୧୦୫୩-ନୂଆ-୧୬୫୮/୧୯, ପ୍ଲଟ୍ ନଂ.: ୨୯୯୪, କ୍ଷେତ୍ର: ଏକର୦.୪୬୦ଡିସିମିଲି, ପ୍ଲଟ୍ ନଂ.: ୫୦୦୮, କ୍ଷେତ୍ର: ଏକର୦.୧୩୦ଡିସିମିଲି, ପ୍ଲଟ୍ ନଂ.: ୫୦୧୦, କ୍ଷେତ୍ର: ଏକର୦.୦୮୦ଡିସିମିଲି, ସମସ୍ତଙ୍କ କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୦.୬୭୦ଡିସିମିଲି**, ତହସିଲ: ବେଲଗୁଣ୍ଠା, ଗଞ୍ଜାମ | ୨୯.୦୩.୨୦୧୯ ସୁଦ୍ଧା ଟ.୮୫,୧୦,୯୨୮/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୦.୦୩.୨୦୧୯ |
| ସିସି ଆକାଉଣ୍ଟ ନଂ.: ୩୧୧୦୬୨୬୩୩୯୨ ଏବଂ ଓଭର ଡ୍ରାଫ୍ଟ-୩୬୧୪୬୩୬୧୫୯୦ / ଋଣଗ୍ରହୀତା: ମେସର୍ସ ରଜନୀ ପାଳ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ରଜନୀ ପାଳ, ସ୍ୱାମୀ: ବଟକୃଷ୍ଣ ପାଳ, ସା/ପୋ.: ନେଟେଙ୍ଗା, ଭୟା: ଗୋବରା, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ-୭୬୧୧୨୪ / ଗ୍ୟାରେଣ୍ଟିଦାତା: ଶ୍ରୀ ବଟକୃଷ୍ଣ ପାଳ, ପିତା: ବାସୁଦେବ ପାଳ, ସା/ପୋ.: ନେଟେଙ୍ଗା, ଭୟା: ଗୋବରା, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ-୭୬୧୧୨୪ | ଶ୍ରୀ ବଟକୃଷ୍ଣ ପାଳଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ନେଟେଙ୍ଗା, ଥାନା: ଗଙ୍ଗାପୁର (୭୫), ଖାତା ନଂ.: ୧୬୫୮/୨୫, ପ୍ଲଟ୍ ନଂ.: ୫୩୧୫, କ୍ଷେତ୍ର: ଏକର୦.୦୧୩ ଡିସିମିଲି, ପ୍ଲଟ୍ ନଂ.: ୫୩୧୫/୬୫୩୩, କ୍ଷେତ୍ର: ଏକର୦.୦୨୦ଡିସିମିଲି, ପ୍ଲଟ୍ ନଂ.: ୫୩୧୫/୬୫୩୨, କ୍ଷେତ୍ର: ଏକର୦.୦୬୦ଡିସିମିଲି, ସମସ୍ତଙ୍କ କିସମ: ଘରବାରୀ, **ସମୁଦାୟ କ୍ଷେତ୍ର: ଏକର୦.୦୯୩ଡିସିମିଲି**, ତହସିଲ: ବେଲଗୁଣ୍ଠା, ଗଞ୍ଜାମ | ୨୯.୦୩.୨୦୧୯ ସୁଦ୍ଧା ଟ.୧୯,୯୮,୪୭୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୦.୦୩.୨୦୧୯ |
| ସିସି ଆକାଉଣ୍ଟ ନଂ.: ୩୦୪୨୮୮୭୦୫୨୩ / ଋଣଗ୍ରହୀତା: ମେସର୍ସ ବିନାୟକ ଏଜେନ୍ସିଜ୍, ଅଂଶୀଦାରମାନେ: ୧) ଶ୍ରୀ ଅଶୋକ କୁମାର ମହାନ୍ତି, ୨) ଶ୍ରୀମତୀ ପ୍ରଭାତୀ ମହାନ୍ତି, ଉଭୟଙ୍କ ଠିକଣା: ପ୍ଲଟ୍ ନଂ.: ଏନ୍୧/୧୫୯, ଆଇଆର୍ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୧) ଶ୍ରୀ ଅଶୋକ କୁମାର ମହାନ୍ତି, ପିତା: ଆର୍ତ୍ତବନ୍ଧୁ ମହାନ୍ତି, ୨) ଶ୍ରୀମତୀ ପ୍ରଭାତୀ ମହାନ୍ତି, ସ୍ୱାମୀ: ଶ୍ରୀ ଅଶୋକ କୁମାର ମହାନ୍ତି, ଉଭୟଙ୍କ ଠିକଣା: ପ୍ଲଟ୍ ନଂ.: ବି-୨୦୪, ମେଟ୍ରୋ ରେସିଡେନ୍ସି, ବେହେରା ସାହି, ନୟାପଲ୍ଲୀ-ବି, ଭୁବନେଶ୍ୱର-୭୫୧୦୧୨, ୩) ଶ୍ରୀ ବୃନ୍ଦାବନ ପାତ୍ର, ପିତା: ଅର୍ଜୁନ ପାତ୍ର, ୪) ଶ୍ରୀମତୀ କାଞ୍ଚନ ପାତ୍ର, ସ୍ୱାମୀ: ଅର୍ଜୁନ ପାତ୍ର, ୫) ଶ୍ରୀ ଉତ୍ତମ ପାତ୍ର, ପିତା: ଅର୍ଜୁନ ପାତ୍ର, ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୭୨୦, ଏରୋଡ୍ରମ୍ ଏରିଆ, ଭୀମପୁର, ଭୁବନେଶ୍ୱର-୭୫୧୦୨୦, ୬) ଶ୍ରୀମତୀ ସୀତା ପାତ୍ର, ସ୍ୱାମୀ: ନରସିଂହ ପାତ୍ର, ପ୍ଲଟ୍ ନଂ.: ୩୮୨, ତମାଣ୍ଡୋ, ଭୁବନେଶ୍ୱର-୭୫୧୦୨୮ | ଶ୍ରୀ ଉତ୍ତମ ପାତ୍ର, ଶ୍ରୀ ବୃନ୍ଦାବନ ପାତ୍ର, ପିତା: ଅର୍ଜୁନ ପାତ୍ର, ଶ୍ରୀମତୀ ସୀତା ପାତ୍ର, ପିତା: ଅର୍ଜୁନ ପାତ୍ର ଏବଂ ଶ୍ରୀମତୀ କାଞ୍ଚନ ପାତ୍ର, ସ୍ୱାମୀ: ଅର୍ଜୁନ ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁବନେଶ୍ୱର ସହର, ୟୁନିଟ୍-୨୨, ଭୀମପୁର, ଥାନା: ଏୟାରଫିଲ୍ଡ, ତହସିଲ/ଏସ୍ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୩, ପ୍ଲଟ୍ ନଂ.: ୭୨୦, କ୍ଷେତ୍ର: ଏକର୦.୦୪୩ଡିସିମିଲି, କିସମ: ଘରବାରୀ | ୧୬.୦୬.୨୦୧୯ ସୁଦ୍ଧା ଟ.୧୯,୯୩,୭୮୦/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୮.୦୬.୨୦୧୯ |

ନୋଟିସ୍ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତାମାନଙ୍କୁ ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି ସେମାନେ ଉପରୋକ୍ତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ, ଯଦି କୌଣସି କାରବାର କରନ୍ତି ତେବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ଉପରଦର୍ଶିତ ରାଶି ନିମନ୍ତେ ଉତ୍ତରଦାୟୀ ରହିବେ।

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୬.୦୭.୨୦୧୯

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ








**ODISHA JOINT ENTRANCE EXAMINATION-2019 (OJEE - 2019)**

**No: 313/OJEE19** **Date: 06.07.2019**

**NOTICE REGARDING WEB COUNSELLING FOR MBA/MCA/LE-MCA/M.TECH/M.PHARM/M.ARCH/M.PLAN/ LE-TECH (For Diploma and B.Sc Students)/ B.Pharmacy.**

OJEE web-based counselling process for MBA/MCA/LE-MCA/ M.TECH/M.ARCH/M.PLAN and M.PHARM is revised.

Also, for courses of LE-TECH (For Diploma Students)/LE-TECH (For B.Sc Students) and B.Pharmacy, the detailed schedule of web-based counselling is now available in OJEE website.

For detailed revised schedule, seat position and counselling brochure, please go through OJEE website **www.ojee.nic.in/ www.odishajee.com.**

Sd/-
CHAIRMAN, OJEE

## ସଂକ୍ଷେପରେ

### ମହାପ୍ରଭୁଙ୍କ ବରାହ ଅବତାର



**ଆର.ଉଦୟଗିରି, ୬।୭(ଡି.ଏନ.ଏ.):** ଗଜପତି ଜିଲା ଆର.ଉଦୟଗିରି ଗ୍ରାମରେ ମହାପ୍ରଭୁଙ୍କ ଗୁଣ୍ଡିଚା ସରିବା ପରେ ମାଉସୀମା ଘରେ ଉପବେଶନ ହୋଇଛନ୍ତି। ଗୁଣ୍ଡିଚା ମନ୍ଦିରରେ ଜଗନ୍ନାଥଙ୍କ ବରାହ ଅବତାର ହୋଇଥିବା ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ଏହି ଅବତାର ଦେଖିବା ପାଇଁ ଭକ୍ତଙ୍କ ସମାଗମ ହେଉଛି। ମନ୍ଦିର ପୂଜକ ନିଳମଣୀ ମିଶ୍ର ଠାକୁରଙ୍କୁ ବିଭିନ୍ନ ଅଳଙ୍କାର ଓ ଆକର୍ଷଣୀୟ ବସ୍ତ୍ରରେ ସୁସଜ୍ଜିତ କରିଥିଲେ।

### ପୋଢ଼ ଚାଲାଣ ଗାଡ଼ି ଜବତ,ଚାଳକ ଗିରଫ

**ହିଞ୍ଜିଳିକାଟୁ, ୬।୭ (ଡି.ଏନ୍.ଏ):** ହିଞ୍ଜିଳିକାଟୁ ସାପ୍ତାହିକ ଗୋରୁହାଟରୁ ବେଆଇନ ୩ଟି ପୋଢ଼କୁ ଏକ ଟାଟା ଏସିରେ ଚାଲାଣ କରାଯାଉଥିଲା। ଶନିବାର ହିଞ୍ଜିଳି ପୋଲିସ ପକ୍ଷରୁ ଖରିଡ଼ାଠାରେ ଚଢାଉ କରାଯାଇ ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରାଯାଇଛି। ସେ ଉକ୍ତ ଥାନା ଗିରିଆ ଗ୍ରାମର ଟୁନା ଦଳାଇ। ଏ ନେଇ ନଂ.୧୬୫/୧୯ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି।

### ରନ୍ଧା ମଦ ଜବତ, ୨ ଗିରଫ

**ଆସିକା,୬।୭(ଡି.ଏନ୍.ଏ):** ଗାଙ୍ଗପୁର ଥାନା ଇଲାକାର ବୋରି ଓ ପାଇଲିପଡା ଗ୍ରାମରୁ ଶୁକ୍ରବାର ରାତିରେ ପୋଲିସ ୨୫ ଲିଟରରୁ ଉର୍ଦ୍ଧ୍ୱ ରନ୍ଧା ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୋରି ଗାଁର ସୀମାଞ୍ଚଳ ବିଷୋୟୀ ଓ ପାଇଲିପଡାର ଜୟରାମ ନାୟକ। ଏ ନେଇ ଗାଙ୍ଗପୁର ଥାନାରେ ନଂ. ୧୦୭ ଓ ୧୦୮/୧୯ରେ ଦୁଇଟି ମାମଲା ରୁଜୁ କରାଯାଇ ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି।

# ବର୍ଷକ ମଧ୍ୟରେ ମ୍ୟାଲେରିଆ ମୃତ୍ୟୁ ହୋଇନାହିଁ

**ଫୁଲବାଣୀ ଅଫିସ, ୬।୭**

ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଡେଙ୍ଗୁ ନିବାରଣ ମାସ ପାଳନ ଉପରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସମୀର କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ୨୦୧୪ ରୁ ୨୦୧୭ ମଧ୍ୟରେ ମ୍ୟାଲେରିଆରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୪ ରୁ ୨୦୧୮ ମଧ୍ୟରେ ୨୫ ଜଣ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ମାତ୍ର ଡେଙ୍ଗୁରେ କାହାରି ମୃତ୍ୟୁ ହୋଇନାହିଁ। ୨୦୧୮ ଜାନୁୟାରୀରୁ ୨୦୧୯ ଜୁନ୍ ମଧ୍ୟରେ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ଶୂନ୍ ରହିଛି। ସେହିପରି ୨୦୧୯ ଜାନୁୟାରୀରୁ ଜୁନ୍ ମଧ୍ୟରେ ଜିଲାର କୌଣସି ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇନାହାନ୍ତି। ୨୦୧୫ରେ ଜିଲାର ରାଇକିଆ, ଜି.ଉଦୟଗିରି ଓ ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ, ୨୦୧୬ରେ ଦାରିଙ୍ଗବାଡ଼ି, ରାଇକିଆ ଓ ଖଜୁରିପଡ଼ା, ୨୦୧୭ ଓ ୨୦୧୮ରେ ଖଜୁରିପଡ଼ା, ଜି.ଉଦୟଗିରି, ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଦାରିଙ୍ଗବାଡ଼ି ଡେଙ୍ଗୁ ଜ୍ୱର ଅଞ୍ଚଳ ଭାବେ ଚିହ୍ନଟ ହୋଇଥିଲା ବୋଲି ବୈଠକରେ ସୂଚନା ଦିଆଯାଇଥିଲା ।

କନ୍ଧମାଳ ଜିଲାରେ ମ୍ୟାଲେରିଆ ସମ୍ପୂର୍ଣ୍ଣ ଦୂରୀକରଣ ପରି, ଡେଙ୍ଗୁ ନିରାକରଣ ପାଇଁ ମଧ୍ୟ ଜିଲାର ସମସ୍ତ ଡେଙ୍ଗୁ ପ୍ରବଣ ଅଞ୍ଚଳ, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଡେଙ୍ଗୁ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଲାଗି ଜିଲାର ସମସ୍ତ ସହରାଞ୍ଚଳରେ ସମ୍ପୃକ୍ତ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଟିମ୍ ଗଠନ କରାଯିବ। ସେହିପରି ଗ୍ରାମାଞ୍ଚଳରେ କାର୍ଯ୍ୟରତ ଗାଁ କଲ୍ୟାଣ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ଜନସ୍ୱାସ୍ଥ୍ୟ ପରିଚାଳନା ସଦସ୍ୟ ଆଦିଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ସଚେତନତା ସମ୍ପର୍କିତ ବହୁବିଧ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟ ରାଜ୍ୟରେ ରହି କାମ କରୁଥିବା କେତେକ ଲୋକ ନିଜ ଜିଲାକୁ ଫେରିବା ପରେ ଡେଙ୍ଗୁରେ ଆକ୍ରାନ୍ତ ବୋଲି ଅତୀତ ଦିନଗୁଡିକରେ ଚିହ୍ନଟ ହୋଇଛି । ତେଣୁ ସେମାନଙ୍କ ଉପରେ ବିଶେଷ ଦୃଷ୍ଟି ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭେକ୍ଟର ବାହିତ ରୋଗ) ଡା. କଳ୍ପନା ଦଳେଇ, ଡା. ବସନ୍ତ କୁମାର ପାତ୍ର, ଜ୍ୟୋସ୍ନା ମହାନ୍ତିଙ୍କ ସମେତ ଜିଲାର ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ସ୍ୱାତୀ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଭେକ୍ଟର ବାହିତ ରୋଗ ପରାମର୍ଶଦାତା କୁମୁଦ ଚନ୍ଦ୍ର ସାହୁ ପାୱାର ପଏଣ୍ଟର ମାଧ୍ୟମରେ ଡେଙ୍ଗୁ ନିରାକରଣ ପାଇଁ ବିଭିନ୍ନ ବାର୍ତ୍ତା, ସଂକ୍ରମଣ ସମ୍ବନ୍ଧୀୟ ତଥ୍ୟ, ତୁରନ୍ତ ଚିହ୍ନଟ ଓ ସମ୍ପୂର୍ଣ୍ଣ ଚିକିତ୍ସା ପ୍ରକ୍ରିୟା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖହିରି ଗଛର କତା
ହେଉପଛେ ମୋର ଛୋଟ ଘଇତା
ବସି କାଟୁଥିବ ସୂତା ।**

ପତିବ୍ରତା ପତ୍ନୀ ଆଖିରେ ପତି ହିଁ ମହାନ୍, ଶ୍ରେଷ୍ଠ। ପତି ଛୋଟ ପଦପଦବୀରେ ଥାଇ ଯେମିତି କର୍ମ କରୁ ପଛେ ପତ୍ନୀ ଆଖିରେ ସେ ଜୀବନସର୍ବସ୍ୱ ପାଲଟୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖାଇଲ ପେଟେ, ବାନ୍ଧିଲ ମୋଟେ,
ଚାଲିଯାଉଛ ବାଟେ ବାଟେ ।**

ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପୂରଣ ପାଇଁ ସଦା ଚେଷ୍ଟିତ, ସଦା ଚିନ୍ତିତ। ଏପରିସ୍ଥଳେ ତାଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ, ସହାନୁଭୂତିର ଆଶା ରଖିବା ନିରର୍ଥକ। ସ୍ୱାର୍ଥୀ ପ୍ରକୃତିର ବ୍ୟକ୍ତି ସବୁବେଳେ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାନ୍ତି। ନିଜ ସ୍ୱାର୍ଥ ପୂରଣ ହୋଇଗଲେ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଶିକ୍ଷକ ସଂଘ ପକ୍ଷରୁ ଗଣଧାରଣା

**ଆସିକା,୬।୭ (ଡି.ଏନ୍.ଏ.)**

ଆସିକା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଶନିବାର ଅପରାହ୍ଣରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏ ନେଇ ଶିକ୍ଷକ ସଂଘ ପକ୍ଷରୁ ଏକ ଦାବି ପତ୍ର ଗୋଷ୍ଠୀ ଶିକ୍ଷାଧିକାରୀ କୃତ୍ତିବାସ ବାରିକଙ୍କୁ ଦିଆଯାଇ ଶୀଘ୍ର ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଛି। ଏହି ଦାବି ସମୂହକୁ ନେଇ ପୂର୍ବରୁ ଶିକ୍ଷକମାନଙ୍କ ପକ୍ଷରୁ ଲିଖିତ ଓ ମୌଖିକ ଭାବେ ଜଣାଇଥିଲେ ମଧ୍ୟ ଏହା ପୂରଣ ଦିଗରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ଅବହେଳା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ କରାଯାଇଛି। ଶିକ୍ଷକମାନଙ୍କ ସମସ୍ୟାର ସମାଧାନ ଲାଗି ବୈମାତୃକ ମନୋଭାବ ପ୍ରଦର୍ଶନ, କର୍ମଚାରୀଙ୍କ ପକ୍ଷରୁ ଦୁର୍ବ୍ୟବହାର, ଶିକ୍ଷକମାନଙ୍କ ପାଇଁ ଆସୁଥିବା ପ୍ରଶାସନିକ ତଥା ବିଭାଗୀୟ ସେବା ଯଥା ପୂଜା ଅଗ୍ରିମ, ଚିକିତ୍ସା ପ୍ରତିପୂରଣ, ମାତୃପିତୃ କାଳିନ ଛୁଟି, ଠିକ ସମୟରେ ଦରମା ପ୍ରଦାନ ନ କରିବା, କନିଷ୍ଠ ଶିକ୍ଷକଙ୍କ ଦରମା ପ୍ରଦାନ କରିବା ଆଦି ଦାବି ରହିଛି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ତାଙ୍କ ଦାୟିତ୍ୱ ପରିସରରେ ଥିବା ଦାବି ପ୍ରତି ଯଥାସାଧ ଧ୍ୟାନ ଦେବା ସହ ଅନ୍ୟ ଦାବି ପ୍ରତି ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି । ସଂଘର ସଭାପତି କାଳୁ ଚରଣ ଲେଙ୍କା, ଉପସଭାପତି ଶିବରାମ ଗୌଡ, ସମ୍ପାଦକ ଅମୀୟ ସିନ୍ଧୁ ମୁନି, ସହସମ୍ପାଦକ ଶୁଭେନ୍ଦୁ ଶେଖର ଜେନା, ଶିବଶଙ୍କର ସ୍ୱାଇଁ, ମନୋରଞ୍ଜନ ପାଢୀ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଧାରଣାରେ ସାମିଲ ଥିଲେ ।



ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଶିକ୍ଷକମାନେ।

## ବାଇକ୍ ଆରୋହୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍

**ଆସିକା,୬।୭(ଡି.ଏନ୍.ଏ)**

ଆସିକା ଥାନାର ଦେବଭୂମି-ରିଷିପୁର ରାସ୍ତାରେ ଶନିବାର ମଧ୍ୟାହ୍ନ ପ୍ରାୟ ସାଢେ ୧ଟାରେ ଜଣେ ବାଇକ୍ ଆରୋହୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୨ଲକ୍ଷ ୪୭ ହଜାର ଟଙ୍କା ଲୁଟି ନେଇଛନ୍ତି । ସେ ହେଲେ ଅର୍ଥଲଗାଣକାରୀ ସଂସ୍ଥାର କର୍ମଚାରୀ ଅଜିତ କୁମାର ସାହୁ। ଅଜିତ ବାଇକ୍ ଯୋଗେ ଜମା ଟଙ୍କା ସଂଗ୍ରହ କରି ଆସିକା ଫେରୁଥିବା ବେଳେ ଗୋଟିଏ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ରିଷିପୁର-ନିରାଳ ମଧ୍ୟରେ ଏକ ନିର୍ଜନ ଜାଗାରେ ଅଟକାଇଥିଲେ। ପରେ ତାଙ୍କୁ ବନ୍ଧୁକ ଦେଖାଇ ତାଙ୍କଠାରୁ ଜମା ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଅଜିତ ଆସିକା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗ ପାଇ ବିଭିନ୍ନ ରାସ୍ତାରେ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ପୀତବାସ ଧାରୁଆ କହିଛନ୍ତି ।

# ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ

**ରଙ୍ଗେଇଲୁଣ୍ଡା ବ୍ଲକ**

**ଗୋପାଳପୁର,୬।୭**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ସକାଳ ୭ଟାରେ ଜିଲାପାଳ କୁଲାଙ୍ଗେ ବ୍ଲକ ପରିସରରେ ପହଞ୍ଚି ଚାରାରୋପଣ କାର୍ଯ୍ୟକ୍ରମ ତଦାରଖ କରିବା ସହ ନିର୍ମାଣାଧୀନ ବ୍ଲକ କୋଠା ଓ ଗ୍ରାମପଞ୍ଚାୟତ ଉପ ବିଭାଗର ନୂତନ କୋଠା ବୁଲି ଦେଖିଥିଲେ। ପରେ ବ୍ଲକ କଲୋନୀ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ମିଶିଥିଲେ। ଛାତ୍ରୀଛାତ୍ର ଇଂଲିଶ ଖବର କାଗଜ ରଖି ପଢ଼ିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସ୍କୁଲର ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଶିକ୍ଷକମାନଙ୍କୁ ପଚାରିଥିଲେ। ସେଠାରୁ ଜିଲାପାଳ ଚାନ୍ଦପୁର, ଗୋବିନ୍ଦପୁର, ଦାସପୁର, କୋଳଥିଗାଁ ଏବଂ ରାଳବ ଗ୍ରାମର ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର -୧କୁ ଜିଲାପାଳ ପରିଦର୍ଶନ କରି ପିଲାମାନଙ୍କର ଠିକ୍ ଗ୍ରାମକୁ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ, ଚାରାରୋପଣ କାର୍ଯ୍ୟ ତଦାରଖ କରିବା ସହ କେତେକ ବିଦ୍ୟାଳୟକୁ ଯାଇ ଭଲ ପାଠ ପଢ଼ିବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଜିଲାପାଳଙ୍କ ଗସ୍ତ ବେଳେ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ସିଡିପିଓ ଜ୍ୟୋସ୍ନା ପାଢ଼ୀ, ସୁପରଭାଇଜର ଗୀତାରାଣୀ ରାଉଳ, ବ୍ଲକ ଶିକ୍ଷାଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର, ଏବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ସହକାରୀ ଯନ୍ତ୍ରୀ ଗିରିଧାରୀ ବେହେରା, ଜିପିଓ ପ୍ରତାପ କୁମାର ପଟ୍ଟନାୟକ, ଜେଇ ପ୍ରଫୁଲ୍ଲ ସ୍ୱାଇଁ, ସରିତା ବେହେରା, ପ୍ରମୋଦା ଦାଶ, ସମୀର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ରାଳବ ଗ୍ରାମର ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ଅନୁଧ୍ୟାନ କରୁଛନ୍ତି ଜିଲାପାଳ ।

# ଗୌଡୁଣୀ ଆଶ୍ରମ ବିଦ୍ୟାଳୟରେ ଜ୍ୱର ଆତଙ୍କ

**ପାତ୍ରପୁର,୬।୭(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ତୁମ୍ବା ପଞ୍ଚାୟତ ଗୌଡୁଣୀଠାରେ ଥିବା ଆଶ୍ରମ ବିଦ୍ୟାଳୟରେ ଜ୍ୱର ଆତଙ୍କ ଦେଖାଦେଇଛି । ବିଦ୍ୟାଳୟର ୧୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଏଠାରେ ଆବାସିକ ଭାବେ ରହୁଥିବା ପଞ୍ଚମ ଶ୍ରେଣୀ ଛାତ୍ର ଗୁରୁସିଙ୍ଗି ଗ୍ରାମର ପ୍ରଦୀପ ବଡ଼ରଇତ ଜ୍ୱରରେ କମ୍ପିବାରୁ ଶନିବାର ପାତ୍ରପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ରକ୍ତ ନମୁନାରେ ମ୍ୟାଲେରିଆ ପଜିଟିଭ୍ ଥିବା ଜଣାପଡ଼ିଛି। ବିଦ୍ୟାଳୟରେ ମୋଟ ୩୧୮ ଛାତ୍ରୀଛାତ୍ର ଆବାସିକ ଭାବେ ରହୁଥିବା ବେଳେ ୨୩ ଜଣ ଦୈନିକ ଯିବା ଆସିବା କରନ୍ତି। ଗତ ୩ ତାରିଖରେ ବିଦ୍ୟାଳୟରେ ସମସ୍ତ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା । ଜ୍ୱରରେ ପୀଡ଼ିତ ଥିବା ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ପକ୍ଷରୁ କିଟ୍ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଏ ନେଇ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ନାହକଙ୍କୁ ପଚାରିବାରୁ ଛାତ୍ର ପ୍ରଦୀପଙ୍କ ଛଡ଼ା ଅନ୍ୟ କାହାକୁ ଜ୍ୱର ହୋଇ ନ ଥିବା ପ୍ରକାଶ କରିଛନ୍ତି।



ପୀଡ଼ିତ ଛାତ୍ରଙ୍କ ସହ ସମ୍ପର୍କୀୟ।

# ଭଞ୍ଜନଗର ପଞ୍ଚାୟତ ସମିତି ବୈଠକ ଆଜି

**ଭଞ୍ଜନଗର,୬।୭(ଡି.ଏନ.ଏ)**

ଭଞ୍ଜନଗର ପଞ୍ଚାୟତ ସମିତିର ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ । ଏଥିରେ ବର୍ଷା ଋତୁ ପାଇଁ ସ୍ୱାସ୍ଥ୍ୟ, ଜଳ ଓ କୃଷି ଉପରେ ଆଲୋଚନା ହେବ । ଏଥିସହ ଗମନାଗମନ, ବିଜୁଳି ସମେତ ଅନ୍ୟାନ୍ୟ ବିଷୟରେ ମଧ୍ୟ ଆଲୋଚନା ହେବ। ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବୈଠକରେ ଯୋଗଦେବେ। କନ୍ଧମାଳ ଏମପି ଅଚ୍ୟୁତ ସାମନ୍ତ କାର୍ଯ୍ୟବ୍ୟସ୍ତତା ଯୋଗୁ ଯୋଗ ଦେଇପାରୁ ନ ଥିବାରୁ ତାଙ୍କ ପ୍ରତିନିଧି ଭାବେ ବରିଷ୍ଠ ଆଇନଜୀବୀ ଦିବାକର ନାୟକ ବୈଠକରେ ଯୋଗଦେବେ ବୋଲି ଜଣାପଡିଛି।

# ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ବୈଠକ

**ପୁରୁଷୋତ୍ତମପୁର,୬।୭(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ବୈଠକ ଶନିବାର ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଓ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ବ୍ଲକ ଉପାଧ୍ୟକ୍ଷା ବବିତା ରାଉଳ ଯୋଗ ଦେଇଥିଲେ। ନିମ୍ନମାନର ଛତୁଆ ସମ୍ପର୍କରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ଅଭିଯୋଗ ଉଠାଇଥିଲେ। ବିଧାୟିକା ପ୍ରଧାନ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଦିଆଯାଉଥିବା ଛତୁଆ ଗାଇ ଖାଇବା ଲାଗି ଅନୁପଯୁକ୍ତ ବୋଲି କହିଥିଲେ। ଏଥିପାଇଁ ସେ ସିଡିପିଓଙ୍କୁ ପ୍ରଶ୍ନ କରିବା ସହ ତାଗିଦ୍ ମଧ୍ୟ କରିଥିଲେ । ତିତଲି କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ମିଳୁ ନ ଥିବା ସମ୍ପର୍କରେ କୃଷି ଅଧିକାରୀଙ୍କୁ ପ୍ରଶ୍ନ କରି ଜନପ୍ରତିନିଧି ମାନେ ଘେରିଥିଲେ। ସେହିପରି କେନାଲ ମରାମତି ଓ ରକ୍ଷଣାବେକ୍ଷଣ କରାଯାଉ ନ ଥିବା, ପାନୀୟ ଜଳଯୋଗାଣରେ ଅବ୍ୟବସ୍ଥା, ଚାରାରୋପଣରେ ଅନିୟମିତତା ଚାଲିଥିବା ଅଭିଯୋଗ ଉଠିଥିଲା। ଝାଡବାଇ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଏନଏମ ରହୁ ନ ଥିବା ସରପଞ୍ଚ ପ୍ରଫୁଲ୍ଲ ସାହୁ ଅଭିଯୋଗ କରିଥିଲେ। ବୈଠକରେ ଅନୁପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିଧାୟିକା ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ । ବିଡିଓ ସତ୍ୟସୁନ୍ଦର ରାଉତ, ତହସିଲଦାର ଅରୁଣ କୁମାର ନାୟକ, ଏବିଡିଓ ମଧୁସୂଦନ ମହାରଣା, ସିଡିପିଓ ସବିତା ଚ୍ୟାଉ ପଟ୍ଟନାୟକ, ଜିପିଓ କିଶୋର କୁମାର ପାଣିଗ୍ରାହୀ, ଜିଲା ପରିପରିଷଦ ସଭ୍ୟ ପ୍ରିୟଲତା ସାହୁ, ପି. ନାରାୟଣ ରାଓଙ୍କ ସମେତ ସରପଞ୍ଚ, ସମିତି ସଭ୍ୟମାନେ ଯୋଗଦେଇ ଥିଲେ ।



ବୈଠକରେ ଉପସ୍ଥିତ ବିଭାଗୀୟ କର୍ମକର୍ତ୍ତା।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078842412

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୪୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

DHARITRI Career appointment Every Wednesday and Saturday

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଅର୍ମାନ ପାଢ଼ୀଙ୍କୁ ଦୁଇଟି ସ୍ୱର୍ଣ୍ଣ




**ବ୍ରହ୍ମପୁର ଅଫିସ୍,୬।୭:** ଭାରତୀୟ ଟାଏକୋଣ୍ଡୋ ମହାସଂଘ ପକ୍ଷରୁ ରାଞ୍ଚିରେ ପ୍ରଥମ ଭଗବାନ ବିର୍ସାମୁଣ୍ଡା ଓପନ୍ ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନ୍‌ଶିପ୍ ଜୁଲାଇ ୪ରୁ ୭ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିୟନ୍‌ଶିପ୍‌ରେ ଓଡ଼ିଶା ପକ୍ଷରୁ ଜାଗୁଆର ଏକାଡେମି ଅଫ୍ ମାର୍ସଲ୍ ଆର୍ଟ୍‌ସ ଆଣ୍ଡ ସେଲ୍‌ଫ ଡିଫେନ୍ସ(ଜେଏଏମ୍‌ଏସ୍) ଭାଗ ନେଇଥିଲା। ଓଡ଼ିଶାର ଏହି ଦଳରେ ଥିଲେ ବ୍ରହ୍ମପୁରର ପ୍ରତିଭାବାନ୍ ଟାଏକୋଣ୍ଡୋ ଖେଳାଳି ଅର୍ମାନ୍ ପାଢ଼ୀ। ଚାମ୍ପିୟନ୍‌ଶିପ୍‌ର ସବ୍‌ଜୁନିୟର୍ ଫାଇଟ୍ ଇଭେଣ୍ଟ ଏବଂ ପୁମ୍‌ସେ ଇଭେଣ୍ଟରେ ସେ ଭାଗ ନେଇଥିଲେ। ତେବେ ଉଭୟ ଇଭେଣ୍ଟ୍‌ରେ ସେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଓଡ଼ିଶାର ପ୍ରଥମ ସବ୍‌ଜୁନିୟର ଖେଳାଳି ଭାବେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିବାର ରେକର୍ଡ଼ ସୃଷ୍ଟି କରିଛନ୍ତି ଅର୍ମାନ୍। ବ୍ରହ୍ମପୁରର ଚନ୍ଦନ ପାଢ଼ୀ ଏବଂ ଅଳକାରାଣୀ ପାଢ଼ୀଙ୍କ ପୁଅ ଅର୍ମାନ୍ ଏହା ପୂର୍ବରୁ ଅନେକ ପ୍ରତିଯୋଗିତାରେ ଭାଗନେଇ ପଦକ ହାସଲ କରିଛନ୍ତି। ମାତ୍ର ପଞ୍ଚମ ଶ୍ରେଣୀରେ ପଢୁଥିବା ଅର୍ମାନ୍‌ଙ୍କ କ୍ରୀଡ଼ା ପ୍ରତିଭା ଏବେ ଅନେକଙ୍କୁ ଚକିତ କରିଛି। ଜେଏଏମ୍‌ଏସ୍‌ରେ କୋଚ୍ ଅମ୍ବିକା ପ୍ରସାଦ ଦାସଙ୍କଠାରୁ ଅର୍ମାନ୍ ପ୍ରଶିକ୍ଷଣ ନେଉଛନ୍ତି ।

### ଟିକରପଡ଼ା ସ୍କୁଲରେ ବନ ମହୋତ୍ସବ

**ବ୍ରହ୍ମପୁର ଅଫିସ,୬।୭:** ବ୍ରହ୍ମପୁର ନିକଟ ଟିକରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ଏବଂ ପିଲାଟିଏ ଓ ଗଛଟିଏ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ନିମନ୍ତେ ଛାତ୍ରୀଛାତ୍ରମାନେ ବ୍ୟାପକ ଚାରାରୋପଣ କରିବା ପାଇଁ ଜନ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା । ମୋ ସ୍କୁଲ ଅଭିଯାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସୁନୀତା ରାଣୀ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ ବନ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପରିଚାଳନା କମିଟି ଅଧ୍ୟକ୍ଷ ଗାଣ୍ଡୁ ବିଶୋୟୀଙ୍କ ସମେତ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନେ ସ୍କୁଲ ପରିସରରେ ବିଭିନ୍ନ ଚାରାରୋପଣ କରିଥିଲେ। ରମେଶ ଚନ୍ଦ୍ର ସେଠୀ, ମୋତିମାଳା ସାମଲ, ସ୍ନେହପ୍ରଭା ମିଶ୍ର, ସୁଚରିତା ପାଢ଼ୀ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନେକ ଅଭିଭାବକ ଯୋଗ ଦେଇଥିଲେ ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କୃଷି, ଗ୍ରାମୀଣ ମଜଦୁର ସଂଘ ସମ୍ମିଳନୀ

ବ୍ରହ୍ମପୁର ଅଫିସ୍,୬।୭

ଓଡ଼ିଶା କୃଷି ଏବଂ ଗ୍ରାମୀଣ ମଜଦୁର ସଂଘ ଗଞ୍ଜାମ ଜିଲା ସମ୍ମିଳନୀ ଶନିବାର ସ୍ଥାନୀୟ ଏନ୍‌ଜିଓ ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ସଭାପତି ରାଜେନ୍ଦ୍ର ନାଥ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ସଂଗଠନର ରାଜ୍ୟ ସମ୍ପାଦକ ବସନ୍ତ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ଦାସ, ଭାରତୀୟ ମଜଦୁର ସଂଘ ଖୋର୍ଦ୍ଧା, ନୟାଗଡ଼ ଏବଂ ପୁରୀ ଜିଲା ପ୍ରଭାରୀ ବିଜୟ କୁମାର ପାତ୍ର, ଖୋର୍ଦ୍ଧା ଜିଲା ସଭାନେତ୍ରୀ ଶାନ୍ତିଲତା ସେଠୀ, ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କସ ୟୁନିୟନ୍ ରାଜ୍ୟ ସମ୍ପାଦିକା ଅମିତା ସାହୁ ଓ ମଞ୍ଜୁଳା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃଷି ଏବଂ ଗ୍ରାମୀଣ ମଜଦୁର ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ସଂଘ ଗଞ୍ଜାମ ଜିଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ରାଜେନ୍ଦ୍ର ନାୟକ ପୁନଃ ନିର୍ବାଚିତ ହୋଇଥିଲେ । ସେହିଭଳି ଉପସଭାପତି ଚପଳା ନାୟକ ଏବଂ ଅମିତା ସାହୁ, ସମ୍ପାଦକ ପ୍ରମୋଦ କୁମାର ସାହୁ, ସହ ସମ୍ପାଦକ ଟି.ରଘୁନାଥ ରେଡ୍ଡୀ ଏବଂ ରବୀନ୍ଦ୍ର ନାୟକ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଏଥି ସହ ସଂଗଠନ ବ୍ଲକସ୍ତରୀୟ କମିଟିର ନୂତନ କର୍ମକର୍ତ୍ତାଙ୍କୁ ମଧ୍ୟ ଚୟନ କରାଯାଇଥିଲା।




ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ ।

## ଗୁରୁକୁଳ ଇଣ୍ଟରନ୍ୟାଶନାଲରେ ବନ ମହୋତ୍ସବ

# ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ ସଚେତନତା




କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟ କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ,୬।୭

୭୦ତମ ବନ ମହୋତ୍ସବ ପାଳନ ଅବସରରେ ଲାଞ୍ଜିପଲ୍ଲୀ ଗୁଡସ୍‌ଶେଡ ରୋଡସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଚାରାରୋପଣର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ସଚେତନ କରାଯାଇଥିଲା । ଅନୁଷ୍ଠାନ ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦିକା ଅନୀତା କୁମାରୀ ପାଢ଼ୀ, ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ନରସିଂହ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା ପାଇଁ ପ୍ରତ୍ୟେକ ଚାରାରୋପଣ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ସ୍କୁଲ କ୍ୟାମ୍ପସ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା । ଏହି ଅବସରରେ ଚାରାରୋପଣର ଗୁରୁତ୍ୱ ଓ ସ୍ୱଚ୍ଛ ପରିବେଶ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଦ୍ମିନୀ ପଟ୍ଟନାୟକ, ନିବେଦିତା ମାଝି, ମଧୁଛନ୍ଦା ମିଶ୍ର, ରୀନା ପଣ୍ଡା, ଆଶୋକ କୁମାର ପାତ୍ର, ନାରାୟଣ ପାତ୍ର, ବନବିହାରୀ ସାବତ, ମଧୁସ୍ମିତା ପରିଡ଼ା, ମଧୁସ୍ମିତା ହୋତା, ମିନତି ପ୍ରଧାନ, ଏମ୍. ପାର୍ବତୀ, ଅନ୍ନପୂର୍ଣ୍ଣା ଦାଶ, ଏ. ଲକ୍ଷ୍ମୀ, ଚିରଞ୍ଜୀବୀ ଆଚାରୀ, ମିନତି ପାଣିଗ୍ରାହୀ, ସ୍ୱାଗତିକା ପାଢ଼ୀ ଓ ପୂଜା ବର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ରେଳଧାରଣରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୬।୭

ବ୍ରହ୍ମପୁର ରେଳବାଇ ଥାନା ପୋଲିସ ଶନିବାର ସକାଳେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିବା କହିଛି। ଛତ୍ରପୁର ନିକଟ ରେଳ ଧାରଣା କଡ଼ରୁ ମହିଳାଙ୍କ ମୃତଦେହ ମିଳିଥିବା ବେଳେ ତାଙ୍କ ପରିଚୟ ମିଳିପାରି ନ ଥିବା ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ପୋଲିସ ନଂ. ୨୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମହିଳା ଜଣକ ରେଳ ଧାରଣା ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି । ଅନ୍ୟପଟେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାହାକୁ ୭୨ ଘଣ୍ଟା ଯାଏ ସଂରକ୍ଷଣ ଗୃହରେ ରଖାଯିବ ବୋଲି ପୋଲିସ ସୂଚନା ଦେଇଛି।

### ଅଭିନବ ଉପାୟରେ ଟଙ୍କା ଠକେଇ

ବ୍ରହ୍ମପୁର ଅଫିସ,୬।୭

ଟାଉନ ଥାନା ଅନ୍ତର୍ଗତ ମିଲିଟାରୀ ଲାଇନରେ ଥିବା କାନାରା ବ୍ୟାଙ୍କରେ ଲୁଟେରାମାନେ ଶନିବାର ଜଣେ ଜମାକାରୀଙ୍କ ୧୮ ହଜାର ୫ଶହ ଟଙ୍କା ଅଭିନବ ଉପାୟରେ ଠକି ନେଇଛନ୍ତି। ନିଳାଦ୍ରୀବିହାରର ଶିବରାମ ସାହୁ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ନଂ.୧୩୬/୧୯ରେ ମାମଲା ରୁଜୁ ହୋଇଛି।

ପୂର୍ବାହ୍ନ ପ୍ରାୟ ୧୧ଟାରେ ଶିବରାମ ଉକ୍ତ ବ୍ୟାଙ୍କକୁ ୫୦ ହଜାର ଟଙ୍କା ଜମା କରିବାକୁ ଯାଇଥିଲେ । ସେଠାରେ ଧାଡ଼ିରେ ଠିଆ ହୋଇଥିବା ବେଳେ ତାଙ୍କ ପଛରେ ଠିଆ ହୋଇଥିବା ଦୁଇଜଣ ଯୁବକ ଜମାକାରୀଙ୍କୁ ସେ ଧରିଥିବା ଟଙ୍କାର କ୍ରମିକ ସଂଖ୍ୟା ଦେଖିବା ପାଇଁ କହିଥିଲେ। ହେଲେ ଲୁଟେରାଙ୍କ ଚାଲର ପଡି ଜମାକାରୀ ଜଣଙ୍କ ଧରିଥିବା ସମସ୍ତ ଟଙ୍କାର କ୍ରମିକ ସଂଖ୍ୟା ଦେଖିବାକୁ ଦେଇଥିଲେ। କିଛି ସମୟ ପରେ ସେମାନେ ଜମାକାରୀଙ୍କୁ ଟଙ୍କା ଫେରାଇ ଦେଇଥିଲେ। ସେ ବ୍ୟାଙ୍କର କ୍ୟାଶ୍ କାଉଣ୍ଟରରେ ଟଙ୍କା ଗଣିବା ବେଳେ ସେଥିରୁ ୧୮ ହଜାର ୫ଶହ ଟଙ୍କା କମ ଥିବା ଜାଣିବାକୁ ପାଇଥିଲେ। ଶିବରାମ ଯୁବକଙ୍କୁ ଖୋଜିବା ବେଳେ ସେମାନେ ଫେରାର ହୋଇଯାଇଥିବା ଜାଣିବାକୁ ପାଇଥିଲେ। ପୋଲିସ ବ୍ୟାଙ୍କରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୭।୭।୨୦୧୯ (ରବିବାର)

- ଭଞ୍ଜନଗର ପଞ୍ଚାୟତ ସମିତି ବୈଠକ। ସ୍ଥାନ-ବ୍ଲକ ସମ୍ମିଳନୀ କକ୍ଷ, ସମୟ-ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ରାଧାକୃଷ୍ଣ ପାଠାଗାର ବାର୍ଷିକୋତ୍ସବ। ସ୍ଥାନ-ବାଉଁଶଲୁଣ୍ଡି , ସମୟ-ପୂର୍ବାହ୍ନ ୧୧ଟା ୩୦ ମିନିଟ୍।
- ବନ ମହୋତ୍ସବ। ସ୍ଥାନ- ମୋଟାବାଡ଼ି ଉଚ୍ଚ ବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।
- ଆସିକା ବନାଞ୍ଚଳ ପକ୍ଷରୁ ବନ ମହୋତ୍ସବ। ସ୍ଥାନ - ଚାରିମଇଳି ଛକ, ଆସିକା, ସମୟ ପୂର୍ବାହ୍ନ ୧୦ଟା ।
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ। ସ୍ଥାନ- ସୁବର୍ଣ୍ଣପୁର, ସମୟ- ସକାଳ ୫ଟା।
- ବନ ମହୋତ୍ସବ ଉଦ୍‌ଯାପନ। ସ୍ଥାନ- ଭାବିନୀପୁର, ସମୟ-ସକାଳ ୭ଟା।
- ମାସିକ ସାହିତ୍ୟ ଆସର। ସ୍ଥାନ-ଗଞ୍ଜାମ କଳା ପରିଷଦ, ସମୟ-ପୂର୍ବାହ୍ନ ୧୦ଟା। ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା। ସ୍ଥାନ- ଜଟାଧରେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପ, ସମୟ-ପୂର୍ବାହ୍ନ ୧୧ଟା ୩୦ ମିନିଟ୍।

### ୮।୭।୨୦୧୯ (ସୋମବାର)

- ସ୍ୱାସ୍ଥ୍ୟ ସୁପର ଭାଇଜରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- ଡେଙ୍ଗୁ, ଡାଇରିଆ, ମ୍ୟାଲେରିଆ ନିରାକରଣ ସମ୍ପର୍କିତ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ-ମଧ୍ୟାହ୍ନ ୧୨ଟା।
- ପଞ୍ଚାୟତସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ନଥିପତ୍ର ଯାଞ୍ଚ କାର୍ଯ୍ୟକ୍ରମ। ସ୍ଥାନ- ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- କୁକୁଡ଼ା ଚାଷ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଚୟନ ଶିବିର। ସ୍ଥାନ- ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ, ଦିଗପହଣ୍ଡି, ସମୟ- ଅପରାହ୍ନ ୨ଟା।
- ଶ୍ରୀଜଗନ୍ନାଥ ଭଜନ ସମାରୋହ। ସ୍ଥାନ- ବୁଗୁଡ଼ା ବିରଞ୍ଚି ନାରାୟଣ ମନ୍ଦିର ସମ୍ମୁଖ, ସମୟ- ସନ୍ଧ୍ୟା ୭ଟା।
- ଗଞ୍ଜାମ ଜିଲାପାଳଙ୍କ ଅଭିଯୋଗ ଶୁଣାଣି। ସ୍ଥାନ- ଆସିକା ବ୍ଲକ, ସମୟ- ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- 'ପେ ମାଇଁ ବିଲ୍' ବିକ୍ଷୋଭ ପ୍ରଦର୍ଶନ। ସ୍ଥାନ-ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ।
- ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀଙ୍କ ବିକ୍ଷୋଭ। ସ୍ଥାନ-ବିସିସି ବ୍ୟାଙ୍କ ସମ୍ମୁଖ, ସମୟ-ପୂର୍ବାହ୍ନ ୧୧ଟା।

### ୯।୭।୨୦୧୯ (ମଙ୍ଗଳବାର)

- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।
- ଜଗନ୍ନାଥ ଭଜନ ସମାରୋହ। ସ୍ଥାନ- ବୁଗୁଡ଼ା ବଡ଼ଦାଣ୍ଡ ସାହି, ସମୟ- ସନ୍ଧ୍ୟା ୭ଟା।
- ପଞ୍ଚାୟତ ସମିତି ବୈଠକ। ସ୍ଥାନ- ବ୍ଲକ ସମ୍ମିଳନୀ କକ୍ଷ, ସମୟ- ପୂର୍ବାହ୍ନ ୧୦ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ। ସ୍ଥାନ- ସୁବର୍ଣ୍ଣପୁର, ସମୟ- ସନ୍ଧ୍ୟା ୭ଟା।

### ୧୦।୭।୨୦୧୯ (ବୁଧବାର)

- ଶିଶୁ ଓ ଗର୍ଭବତୀଙ୍କୁ ଟୀକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।
- ଶ୍ରୀଅରବିନ୍ଦ ପାଠଚକ୍ର। ସ୍ଥାନ-ଭଞ୍ଜନଗର ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର, ସମୟ- ଅପରାହ୍ନ ୪ଟା ୩୦ ମିନିଟ୍।

### ୧୧।୭।୨୦୧୯ (ଗୁରୁବାର)

- ଗଞ୍ଜାମ ଜିଲା ଦୌରା ଜଜ୍‌ଙ୍କ ଦିଗପହଣ୍ଡି ଗସ୍ତ, କୋର୍ଟ କାର୍ଯ୍ୟ ନଥିପତ୍ର ସମୀକ୍ଷା। ସ୍ଥାନ- ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ସମୟ- ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ବ୍ଲକସ୍ତରୀୟ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।
- ବିହନ ବିଶୋଧନ ଅଭିଯାନ। ସ୍ଥାନ- ସୋରଡ଼, ସମୟ- ପୂର୍ବାହ୍ନ ୧୦ଟା।

### ୧୨।୭।୨୦୧୯ (ଶୁକ୍ରବାର)

- ମୋ ଗେହ୍ଲା ଝିଅ ସଚେତନତାକାର୍ଯ୍ୟକ୍ରମ । ସ୍ଥାନ- ଫାସିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା ଓ ମମତା ଦିବସ ସଚେତନତା। ସ୍ଥାନ- ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।
- ବାହୁଡ଼ା ଯାତ୍ରା ଓ ଏକାଦଶୀ। ସ୍ଥାନ- ବୁଗୁଡ଼ା ବଡ଼ଦାଣ୍ଡ, ସମୟ- ପୂର୍ବାହ୍ନ ୧୦ଟା।
- ବାହୁଡ଼ାଯାତ୍ରା ଉପଲକ୍ଷେ ଭଜନ ସମାରୋହ। ସ୍ଥାନ- ଜରଡ଼ାଗଡ଼, ସମୟ- ସନ୍ଧ୍ୟା ୬ଟା

### ୧୩।୭।୨୦୧୯ (ଶନିବାର)

- ରାଷ୍ଟ୍ରୀୟ ଲୋକ ଅଦାଲତ। ସ୍ଥାନ- ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ବାହୁଡ଼ାଯାତ୍ରା ଉପଲକ୍ଷେ ଭଜନ ସମାରୋହ। ସ୍ଥାନ- ସୁରଙ୍ଗିଗଡ଼, ସମୟ- ସନ୍ଧ୍ୟା ୬ଟା

## ପୃଥକ୍ ଚୋରି ଘଟଣା

# ୨ ନାବାଳକଙ୍କୁ ଧରିଲା ପୋଲିସ

ବ୍ରହ୍ମପୁର ଅଫିସ,୬।୭

ସହରରେ ଘଟୁଥିବା ଆପରାଧିକ କାର୍ଯ୍ୟକଳାପରେ ନାବାଳକଙ୍କ ସମ୍ପୃକ୍ତି ରହୁଛି । ନାବାଳକଙ୍କୁ ଧରିବା ପରେ ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡ଼କୁ ପଠାଇବା ଛଡା ଅନ୍ୟ କୌଣସି ପଦକ୍ଷେପ ନେଇପାରୁନାହିଁ। ଫଳରେ ସେମାନେ ପୁଣିଥରେ ଅପରାଧ ଦୁନିଆରେ ପାଦ ଥାପୁଛନ୍ତି ବୋଲି ପୋଲିସ କହିଛି। ଗତ କିଛିଦିନ ତଳେ ଟାଉନ ଥାନା ଇଲାକାରେ ୨ ଓ ଗୋଷାଣୀନୂଆଗାଁ ଥାନା ଇଲାକାରେ ଗୋଟିଏ ଚୋରି ଘଟଣାରେ ସାମିଲ ରହି ଧରାପଡି ନ ଥିବା ଜଣେ ନାବାଳକଙ୍କୁ ଟାଉନ ଥାନା ପୋଲିସ ଧରିଛି। ଶନିବାର ତାଙ୍କୁ ଜେଜେବିକୁ ପଠାଇ ଦେଇଛି। ଶୁକ୍ରବାର ଉକ୍ତ ଥାନା ପୋଲିସ ଏହି ଚୋରି ଘଟଣାରେ ୨ ଜଣ ମହିଳାଙ୍କୁ ଗିରଫ କରିଥିବା ବେଳେ ଜଣେ ନାବାଳକଙ୍କୁ ଧରିଥିଲା। ସେହିପରି ଉକ୍ତ ଥାନା ଅନ୍ତର୍ଗତ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖରେ ଥିବା ଏକ ସ୍ପେୟାରପାର୍ଟସ ଦୋକାନ କ୍ୟାଶବାକ୍ସରୁ ୧୬ ହଜାର ଟଙ୍କା ଚୋରି ଘଟଣାରେ ସମ୍ପୃକ୍ତି ରହିଥିବା ନାବାଳକଙ୍କୁ ଘଟଣାର ସପ୍ତାହକ ପରେ ଧରିଛି । ପୂର୍ବରୁ ଗତ ୧ ତାରିଖରେ ପୋଲିସ ଉକ୍ତ ଚୋରି ମାମଲାରେ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟଜଣେ ନାବାଳକଙ୍କୁ ଧରି ଜେଜେବିକୁ ପଠାଇଥିଲା।

### ସୁନା ହାର ଝାମ୍ପି ନେବା ବେଳେ ଧରାପଡ଼ିଲେ ଲୁଟେରା

ବ୍ରହ୍ମପୁର ଅଫିସ,୬।୭

ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡ ରାସ୍ତାରେ ଶନିବାର ରାତି ପ୍ରାୟ ୮ଟା ବେଳେ ମହିଳାଙ୍କ ସୁନା ହାର ଝାମ୍ପି ନେବା ବେଳେ ଜଣେ ଲୁଟେରାଙ୍କୁ ଲୋକେ ଧରିଛନ୍ତି । ଉତ୍ତ୍ୟକ୍ତ ଲୋକେ ତାଙ୍କୁ ନିସ୍ତୁକ ମାଡ଼ ମାରି ଟାଉନ ଥାନା ପୋଲିସ ଜିମା ଦେଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଚମାଖଣ୍ଡିର ସସ୍ମିତା ମହାନ୍ତି ତାଙ୍କ ସମ୍ପର୍କୀୟଙ୍କ ସହ ବଜାର କରିବା ପାଇଁ ବ୍ରହ୍ମପୁର ଆସିଥିଲେ। ଅନ୍ନପୂର୍ଣ୍ଣା ମାର୍କେଟରୁ ସେମାନେ ଚାଲି ଚାଲି ପୁରୁଣା ବସ୍‌ଷ୍ଟାଣ୍ଡ ଅଭିମୁଖେ ଯାଉଥିବା ବେଳେ ଲୁଟେରା ଜଣଙ୍କ ମହିଳାଙ୍କ ବେକରୁ ହାର ଝାମ୍ପି ନେଇ ଯାଉଥିଲେ ।

## ନାବାଳିକା ଛାତ୍ରୀ ବଳାତ୍କାର ମାମଲା

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର ଅଫିସ,୬।୭

ଜଣେ ନାବାଳିକା ଛାତ୍ରୀ ବଳାତ୍କାର ମାମଲାର ଶୁଣାଣି କରି ଶନିବାର ଅତିରିକ୍ତ ଜିଲା ଦୌରା ଜଜ୍ (ଏଡିଜେ )-୨ ଦୀପକ କୁମାର ପ୍ରମାଣ ଅଭାବରୁ ଅଭିଯୁକ୍ତ ଚନ୍ଦନ ଗୌଡ଼ଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୮ ଡିସେମ୍ବର ୧୭ ତାରିଖରେ ଜଣେ ୮ମ ଶ୍ରେଣୀ ଛାତ୍ରୀ ସ୍କୁଲରୁ ଘରକୁ ଫେରୁଥିଲେ। ଏକ ନିଛାଟିଆ ସ୍ଥାନରେ ତାଙ୍କୁ ଯୁବକ ଜଣଙ୍କ ବଳପୂର୍ବକ ଉଠାଇ ନେଇ ବଳାତ୍କାର କରିଥିଲେ। ପରେ ଏନେଇ ପୀଡ଼ିତା ତାଙ୍କ ମା'ଙ୍କୁ ଜଣାଇଥିଲେ। ପୀଡିତାଙ୍କ ପରିବାର ଲୋକେ ଏନେଇ ଧରାକୋଟ ଥାନାରେ ଏତଲା ଦେଇଥିଲେ। ପୋଲିସ ମୁଣ୍ଡମରାଇ ଗ୍ରାମର ଚନ୍ଦନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଘଟଣାପରଠାରୁ ଅଭିଯୁକ୍ତ ଜଣଙ୍କ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିଲେ । ଶନିବାର ଏହି ମାମଲାର ବିଚାର ବେଳେ ୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଏଡିଜେ -୨ ଅଭିଯୁକ୍ତ ଚନ୍ଦନଙ୍କୁ ନିର୍ଦ୍ଦୋଷରେ ଖଲାସ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଦୁଲାଙ୍କ ତରଫରୁ ଆଇନଜୀବୀ ଶୁଭେନ୍ଦୁ ପଣ୍ଡା ଓ ବାପୁଜୀ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ହାଇସ୍କୁଲ ପ୍ରତିଷ୍ଠା ଦିବସରେ ଚାରାରୋପଣ

ବ୍ରହ୍ମପୁର ଅଫିସ୍,୬।୭

ଭୈରବୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଏବଂ ବନମହୋତ୍ସବ ପାଳନ ଅବସରରେ ଚାରାରୋପଣ କରାଯାଇଛି । ପ୍ରଧାନ ଶିକ୍ଷକ ନିରଞ୍ଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସଞ୍ଜୟ ସାହୁ, ବନପାଳିକା ରୂପା କୁମାରୀ ପାଣିଗ୍ରାହୀ, ବନରକ୍ଷୀ ଅକ୍ଷୟ କୁମାର ତ୍ରିପାଠୀ ଏବଂ ସୁଜାତା କୁମାରୀ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଉଦ୍ଧବ ବିଷୋୟୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଶିକ୍ଷକ ବିଶ୍ୱନାଥ ପଣ୍ଡା, ଗୋକୁଳକୃଷ୍ଣ ପଣ୍ଡା, ବିପିନ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ବିଷୋୟୀ, ସାନନ୍ଦ ନାୟକ, ମନସ୍ୱିନୀ ଦାଶ, ଇତିଶ୍ରୀ ପାଢ଼ୀ, ଲାଲ୍‌ମୋହନ ନାହାକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।



ପ୍ରତିଷ୍ଠା ଦିବସ ଅବସରରେ ଚାରାରୋପଣ କରାଯାଉଛି ।

# ଜୁନୋସିସ୍ ଦିବସରେ କୁକୁରଙ୍କ ଟିକାକରଣ

ବ୍ରହ୍ମପୁର ଅଫିସ୍,୬।୭

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଶନିବାର ବିଶ୍ୱ ଜୁନୋସିସ୍(ପଶୁ ଦ୍ୱାରା ଜନିତ ରୋଗ) ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ପୋଷା କୁକୁରଙ୍କୁ ଜଳାତଙ୍କ ଟିକା ପ୍ରଦାନ କରାଯାଇଥିଲା। ପ୍ରାୟ ୨ଶହ କୁକୁରଙ୍କୁ ଟିକା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାଣୀ ସମ୍ପଦ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡା. ତ୍ରିନାଥ ନାୟକ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରବି ନାରାୟଣ ପଣ୍ଡା, ପ୍ରାଣୀ ଚିକିତ୍ସକ ଡା. କିରଣ କୁମାର ବିଷୋୟୀ, ଡା. ଶିବ କୁମାର ମହାନ୍ତି ଏବଂ ଡା. ଦିଗ୍‌ବିଜୟ ମହାନ୍ତି ଉପସ୍ଥିତ ରହି କୁକୁରଙ୍କୁ ଟିକା ଦେଇଥିଲେ। ଏଥି ସହ କୁକୁର ମାଲିକଙ୍କୁ ବିଭିନ୍ନ ରୋଗ ସମ୍ପର୍କରେ ସଚେତନ କରାଯାଇଥିଲା। କୁକୁରଠାରୁ ମଣିଷଙ୍କ ଦେହକୁ ବ୍ୟାପିବା ସମ୍ଭାବନା ଥିବା ରୋଗ ସମ୍ପର୍କରେ କୁହାଯିବା ସହ ସଫା ସୁତୁରା ରହିବାକୁ ପରାମର୍ଶ ଦିଆଯାଇଥିଲା । ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଧ୍ୟ ବିଶ୍ୱ ଜୁନୋସିସ୍ ଦିବସ ପାଳିତ ହୋଇଯାଇଛି। ପଶୁଙ୍କଠାରୁ ମଣିଷଙ୍କୁ ବ୍ୟାପୁଥିବା ବିଭିନ୍ନ ରୋଗ ଯଥା ଜାପାନିଜ୍ ଏନ୍‌ସେଫାଲାଇଟିସ୍, ସ୍ୱାଇନ୍ ଫ୍ଲୁ, ଆନ୍ଥ୍ରାକ୍ସ, ନିପା ଭାଇରସ୍, ଜିକା ଭାଇରସ୍, ବାର୍ଡ଼ ଫ୍ଲୁ ଏବଂ କୁକୁର କାମୁଡ଼ା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ରୋଗ ଯେମିତି ନ ବ୍ୟାପିବ ସେ ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଯଦି ଉପରୋକ୍ତ କୌଣସି ରୋଗ, କାହାଠାରେ ଦେଖାଦିଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଏଡିପିଏଚ୍‌ଓ(ଭିବିଡ଼ି) ଡା. ଜଗଦୀଶ ପଟ୍ଟନାୟକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଡାକ୍ତରମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୮୮୫ ଜୁଲାଇ ୬ତାରିଖରୁ ବିଶ୍ୱ ଜୁନୋସିସ୍ ଦିବସ ପାଳନ କରାଯାଉଛି। ଲୁଇସ୍ ପାଶ୍ଚର୍ ଏହି ଦିବସରେ ପଶୁଙ୍କଠାରୁ ବ୍ୟାପୁଥିବା ରୋଗ ନିରାକରଣ ପାଇଁ ପ୍ରଥମ ଟିକା ପ୍ରସ୍ତୁତ କରିଥିଲେ।



କୁକୁରକୁ ଜଳାତଙ୍କ ଟିକା ଦିଆଯାଉଛି ।

# ଯୁବାବସ୍ଥାରେ ଅଷ୍ଟିଓ ଆର୍ଥ୍ରାଇଟିସ୍

ବର୍ତ୍ତମାନ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଅନେକଙ୍କ ଠାରେ ଗଣ୍ଠି ବା ଖଞ୍ଜା ସ୍ଥାନରେ ବିନ୍ଧା, ଯନ୍ତ୍ରଣା, ଫୁଲିବା ଆଦି ଲକ୍ଷଣ ଦେଖିବାକୁ ମିଳୁଛି। ଆରମ୍ଭରୁ ଉପଯୁକ୍ତ ଚିକିତ୍ସା ନ କଲେ ଆଙ୍ଗୁଠି, ମଣିବନ୍ଧ, ଗଣ୍ଠି ପ୍ରଭୃତି ବଙ୍କା ହୋଇ ଫୁଲିବା ସହ ଯନ୍ତ୍ରଣା, ବେଳେବେଳେ ଚାଲିବା ଓ ସାଧାରଣ କାର୍ଯ୍ୟ କରିବା ବି ଖୁବ୍ ଯନ୍ତ୍ରଣାଦାୟକ ହୋଇପଡୁଛି। ଯାହାକି ପରବର୍ତ୍ତୀ ସମୟରେ ଅଷ୍ଟିଓ ଆର୍ଥ୍ରାଇଟିସ୍ ରୋଗର ରୂପ ନେଉଛି। ଏହି ରୋଗ ବଢିଗଲେ ବ୍ୟକ୍ତି ଅକର୍ମଣ୍ୟ ଓ ଅଚଳ ହେବା ସହ ଭବିଷ୍ୟତରେ ଆରୋଗ୍ୟ ହୋଇପାରିବାର ଆଶା ବି ହରାଇ ବସୁଛି। ତେବେ ଅତ୍ୟନ୍ତ ଦୁଃଖର ବିଷୟଯେ, ବର୍ତ୍ତମାନ ଏହି ରୋଗ କେବଳ ବୟସ୍କଙ୍କ ଠାରେ ନୁହେଁ ବରଂ ଯୁବାବସ୍ଥାରେ ବି କେତେକଙ୍କଠାରେ ଦେଖିବାକୁ ମିଳୁଛି।

ଅଷ୍ଟିଓ ଆର୍ଥ୍ରାଇଟିସ୍‌ରେ ହାତ ଏବଂ ଗୋଡର ଗଣ୍ଠିଗୁଡ଼ିକ ଆକ୍ରାନ୍ତ ହୋଇ ଫୁଲିବା, ଦରଜ ହୋଇ ଅସହ୍ୟ ଯନ୍ତ୍ରଣା ହେବା ରୋଗର ମୁଖ୍ୟ ଲକ୍ଷଣ। ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥାର ଅସ୍ୱାଭାବିକ ପ୍ରତିକ୍ରିୟା, ଖାଦ୍ୟ ଗ୍ରହଣରେ ସ୍ୱେଚ୍ଛାଚାରିତା, ଶାରୀରିକ ପରିଶ୍ରମର ଅଭାବ, ଖଟା, ଦହି, ବାସିପଖାଳ ଭଳି ଅମ୍ଳଯୁକ୍ତ ପଦାର୍ଥ ଖାଇବା, ମୃଦୁ ପାନୀୟ ପିଇବା, ଦେହରେ ଦୀର୍ଘଦିନ ଥଣ୍ଡା, ସର୍ଦ୍ଦି ଲାଗିରହିବା, ଶୀତତାପରେ ବୁଲିବା, ରାତି ଅନିଦ୍ରା ହେବା, ଅଧିକ ଆମିଷ ଖାଇବା, ତେଲ ମସଲାଯୁକ୍ତ ଖାଦ୍ୟ, ଛଣାଛଣି, ଫାଷ୍ଟଫୁଡ୍, ଜଙ୍କଫୁଡ୍ ଆଦି ଖାଇବା ଦ୍ୱାରା ରକ୍ତରେ ଇଏସ୍‌ଆର୍, ୟୁରିକ୍ ଏସିଡ୍, ଇସନୋଫିଲ୍ ଆଦି ବଢିବାରୁ ବାତ ଦୋଷ ଉପୁଜିଥାଏ, ଯାହାକି ଏହି ରୋଗ ସୃଷ୍ଟିର ମୁଖ୍ୟ କାରଣ।







ବର୍ତ୍ତମାନର ଅଷ୍ଟିଓ ଆର୍ଥ୍ରାଇଟିସ୍ ଅନେକଙ୍କ ଲାଗି ଏକ ଜଟିଳ ସମସ୍ୟା ପାଲଟିଛି। ତେବେ ଆଜିର ପରିବର୍ତ୍ତିତ ଜୀବନଶୈଳୀ ଏବଂ ଅନ୍ୟାନ୍ୟ କାରଣରୁ ଏହି ଦୁରାରୋଗ୍ୟ ବ୍ୟାଧି ସମସ୍ୟାରୁ ଯୁବପିଢ଼ି ମଧ୍ୟ ବାଦ୍ ପଡୁ ନାହାନ୍ତି...

ଶରୀରର ବିଭିନ୍ନ ଗଣ୍ଠିକୁ ଆକ୍ରାନ୍ତ କରୁଥିବା ଗଣ୍ଠି ରୋଗ ମଧ୍ୟରେ ଅଷ୍ଟିଓ ଆର୍ଥ୍ରାଇଟିସ୍ ଅନ୍ୟତମ। ଏହି ରୋଗକୁ ଚିହ୍ନଟ କରିବା ଲାଗି ପ୍ରଥମେ ଶାରୀରିକ ଏବଂ ପରେ ରକ୍ତରେ ଇଏସ୍‌ଆର୍, ଇସନୋଫିଲ୍, ୟୁରିକ ଏସିଡ୍, ସିଆର୍‌ପି, ଆର୍ ଏ ଫ୍ୟାକ୍ଟର ଆଦି ପରୀକ୍ଷା କରାଯାଏ। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ନିୟମିତ ଯୋଗ, ପ୍ରାଣାୟାମ, ବ୍ୟାୟାମ କରିବା, ଚାଲିବା ଆବଶ୍ୟକ। ଏହାଦ୍ୱାରା ଗଣ୍ଠିର ନମନିୟତା ବୃଦ୍ଧି ପାଇବା ସହ ହାଡ ଏବଂ ମାଂସପେଶୀ ମଜଭୁତ ହୋଇଥାଏ। ଏହି ରୋଗ ଥିଲେ ଅଧିକ ଜୋରରେ ଦୌଡିବା ଏବଂ ଭାରି ଜିନିଷ ଉଠାଇବା ଅନୁଚିତ୍। ଏହା ବ୍ୟତୀତ ଖାଦ୍ୟପେୟ ପ୍ରତି ମଧ୍ୟ ବିଶେଷ ସତର୍କତା ଅବଲମ୍ବନ କରିବା ଦରକାର। ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ଏହାର ସମ୍ପୂର୍ଣ୍ଣ ନିରାକରଣ ସମ୍ଭବ। ଏଥିପାଇଁ କୌଣସି ଅଭିଜ୍ଞ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ କ୍ରମେ ନିୟମିତ ଔଷଧ ସେବନ କଲେ ଆରୋଗ୍ୟ ହୋଇପାରିବେ। ଅଷ୍ଟିଓ ଆର୍ଥ୍ରାଇଟିସ୍‌ର ଉପଶମ ପାଇଁ ଏକ ଚାମଚ ନିର୍ଗୁଣ୍ଡି ରସ ସହ ମହୁ ୫ ବୁନ୍ଦା, ପଶାରୁଣି ପତ୍ର ରସ ୪ ଚାମଚ, ଗୋଲମରିଚ ଗୁଣ୍ଡ ଅଧଚାମଚ, ୧୦ଗ୍ରାମ୍ ଲେଖାଏଁ ରସୁଣ, ରାସ୍ନା, ଗୁଡୁଚି ଆଦି ନେଇ ଗୁଣ୍ଡ କରି ୨ କପ୍ ପାଣିରେ ସିଝାନ୍ତୁ। ସିଝି ସିଝି ଅଧା ହୋଇଯିବା ପରେ ସେଥିରେ ଅଳ୍ପ ମହୁ ମିଶାଇ ୪୫ ଦିନ ପର୍ଯ୍ୟନ୍ତ ଖାଇଲେ ଉପକୃତ ହୋଇପାରିବେ।

ବାତାରୀ ରସ, ଅଗ୍ନିତୁଣ୍ଡି ବଟିକା, ଆମବାତରି ରସ, ରସ୍ନାଦି ଗୁଗୁଳ, ସିଂହନାଦ ଗୁଗୁଳ, ଛାଗଳାଦି ଘୃତ, ଅମ୍ଳୋନିଲ୍, ଜିଲାକ୍ସ, ରସୁଣ ପିଣ୍ଡ, ରିଲାକ୍ସି ତେଲ, ମହାମାସ ତୈଳ, ବିଷଗର୍ଭ ତୈଳ ବ୍ୟବହାର କରି କିମ୍ବା ଆବଶ୍ୟକ ସ୍ଥଳେ ପଞ୍ଚକର୍ମ ଚିକିତ୍ସା ଦ୍ୱାରା ଏହି ରୋଗକୁ ଭଲ କରାଯାଇପାରୁଛି।

*-ଡା. ସ୍ୱପ୍ନେଶ୍ୱର ପଣ୍ଡା*
*ଅଧ୍ୟକ୍ଷ, ରାଜବୈଦ୍ୟ ଆୟୁର୍ବେଦ ଚିକିତ୍ସାକେନ୍ଦ୍ର, ପଳାଶୁଣି, ଭୁବନେଶ୍ୱର*
*ମୋ- ୯୩୪୮୩୮୯୯୫୪*



## ଏ ସପ୍ତାହର ପ୍ରଶ୍ନ

୧- ୱାର୍ଲ୍ଡ ରିଫ୍ୟୁଜୀ ଡେ'୨୦୧୯ର ଥିମ୍...... ?
୨- ବର୍ତ୍ତମାନ ସୁଦ୍ଧା ଆଇସିସି ୱାର୍ଲ୍ଡ କପ୍‌ର ସବୁଠୁ ଦାମୀ ବୋଲର..... ?
୩- ସରବତ୍ ସେହତ ବୀମା ଯୋଜନା ଲାଗୁ କରିବା ଲାଗି...... ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ?
୪- ଇଣ୍ଟେଲିଜେନ୍ସ ବ୍ୟୁରୋର ବର୍ତ୍ତମାନ ଡାଇରେକ୍ଟର......... ?
୫- ଇଣ୍ଟରନ୍ୟାଶନାଲ୍ ଅଲମ୍ପିକ୍ କମିଟିର ହେଡକ୍ୱାର୍ଟର......... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ପିଟର ଗିଲ୍‌ଖ୍ରୀଷ୍ଟ
୨ ରାଜସ୍ଥାନ
୩ ଯୁଜାନା କ୍ୟାପୁଟୋଭା
୪ ବାବା ରାମଦେବ
୫ ଲାକ୍ଷାଦ୍ୱୀପ

## ଉତ୍ତର ଦାତା



ପ୍ରଶାନ୍ତ କର, ପୁରୀ



ଦୀପ୍ତିମୟୀ ଜେନା, ଗଞ୍ଜାମ



ବିଶ୍ୱରଞ୍ଜନ ମହାନ୍ତି, ତାଳଚେର



ବିନୋଦ ବିହାରୀ ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଧନୀ ଫୁଟ୍‌ବଲ କ୍ଲବ୍ ୨୦୧୯




୧- ରିଅଲ୍ ମାଡ୍ରିଡ୍........................................ ୮୪୭.୭ ନିୟୁତ ଡଲାର
୨- ଏଫ୍‌ସି ବାର୍ସିଲୋନା................................ ୭୭୯.୪ ନିୟୁତ ଡଲାର
୩- ମାଞ୍ଚେଷ୍ଟର ୟୁନାଇଟେଡ୍............................ ୭୫୧.୮ ନିୟୁତ ଡଲାର
୪- ବାୟେର୍ନ ମ୍ୟୁନିଚ୍........................................ ୭୧୦ ନିୟୁତ ଡଲାର
୫- ମାଞ୍ଚେଷ୍ଟର୍ ସିଟି....................................... ୬୪୧.୬ ନିୟୁତ ଡଲାର
୬- ପ୍ୟାରିସ୍ ସେଣ୍ଟ ଜର୍ମେନ............................ ୬୧୧.୫ ନିୟୁତ ଡଲାର
୭- ଲିଭରପୁଲ୍ ଏଫ୍‌ସି.................................... ୫୭୯.୯ ନିୟୁତ ଡଲାର
୮- ଚେଲ୍‌ସା ଏଫ୍‌ସି.................................. ୫୭୦.୯୯ ନିୟୁତ ଡଲାର
୯- ଆର୍ସେନଲ.............................................. ୪୯୫.୮ ନିୟୁତ ଡଲାର
୧୦- ଟଟେନ୍‌ହାମ୍ ହଟ୍‌ସ୍ପର୍................................. ୪୮୩.୫ ନିୟୁତ ଡଲାର

## ଜାଣନ୍ତୁ ଦୁନିଆ



❖ଏଠାରେ ଉଭୟ ନାରୀ ଏବଂ ପୁରୁଷ ଏକା ପ୍ରକାର କସ୍‌ମେଟିକ୍ ପ୍ରଡକ୍ଟ ବ୍ୟବହାର କରନ୍ତି। ଏଠାକାର ପ୍ରସ୍ତୁତ ସ୍କିନ୍ କେୟାର୍ ପ୍ରଡକ୍ଟ ପୃଥିବୀର ସବୁଠୁ ଶୀଘ୍ର ବିକ୍ରି ହୋଇଥାଏ।
❖ପୃଥିବୀର ସବୁଠୁ କମ୍ ସଂଖ୍ୟକ ମେଦବହୁଳ ବ୍ୟକ୍ତି ଏଠାରେ ରହନ୍ତି।
❖ପ୍ଲାଷ୍ଟିକ୍ ସର୍ଜରୀ କ୍ଷେତ୍ରରେ ଏହାକୁ ପୃଥିବୀର ରାଜଧାନୀ ବୋଲି ବିଚାର କରାଯାଏ।
❖ଏଠାରେ ରହିଛି ଇଞ୍ଚେଅନ୍ ଏୟାରପୋର୍ଟ, ଯାହାକି ପୃଥିବୀର ଅନ୍ୟ ବୃହତମ ଏୟାରପୋର୍ଟଗୁଡିକ ମଧ୍ୟରେ ଅନ୍ୟତମ। ଏଥିରେ ରହିଛି ୱାର୍ଲ୍ଡକ୍ଲାସ୍ ପାସେଞ୍ଜର ଟର୍ମିନାଲ, ଶପିଂ କମ୍ପ୍ଲେକ୍ସ, ଫୁଡ୍ ହବ୍ ଇତ୍ୟାଦି ଅନେକ ସୁବିଧା।

# ସାଉଥ୍ କୋରିଆ

❖ବିଭିନ୍ନ ପ୍ରକାର କମ୍ପ୍ୟୁଟର ଗେମ୍ ପ୍ରସ୍ତୁତ କରିବାରେ ଏହା ପୃଥିବୀର ସବୁଠୁ ଆଗୁଆ ଦେଶ।
❖ଯଦିଓ ଏହାର ପ୍ରାୟ ଅଧାଂଶ ଜଙ୍ଗଲ ଘେରା, ତଥାପି ଏହା ପୃଥିବୀର ଏକ ଉନ୍ନତ ସହରଥିବା ଦେଶ।
❖ଏଠାକାର ଲୋକେ ଖୁବ୍ ଅନ୍ଧବିଶ୍ୱାସୀ। ସେଠାରେ ସଂଖ୍ୟା ୪କୁ ଅଶୁଭ ମନାଯାଉଥିବା ବେଳେ ଲାଲ ରଙ୍ଗରେ କାହାର ନାମ ଲେଖିଲେ ମୃତ୍ୟୁ ହୋଇଯାଏ ବୋଲି ଅନ୍ଧବିଶ୍ୱାସ ରହିଛି।
❖କେ- ପପ୍ ବା କୋରିଆନ୍ ପପ୍ ସାରା ପୃଥିବୀରେ ବେଶ୍ ଲୋକପ୍ରିୟ। ଏମିତିକି ଏଠି ନିର୍ମିତ ହୋଇଥିବା 'ଗଙ୍ଗନାମ ଷ୍ଟାଇଲ୍' ଭିଡିଓ ୟୁଟ୍ୟୁବ୍‌ରେ ସର୍ବାଧିକ ଦେଖାଯାଇଥିବା ଭିଡିଓ।
❖ଏଠାରେ ସମସ୍ତଙ୍କ ଘରେ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ରହିଛି। ପୃଥିବୀର ସବୁଠୁ ଦ୍ରୁତ ଇଣ୍ଟରନେଟ୍ ସ୍ପିଡ୍ ଏଠାରେ ରହିଛି। ଅର୍ଥାତ୍ ଏଠାରେ ମାତ୍ର ଏକ ସେକେଣ୍ଡରେ ୩୩.୫ମେଗାବାଇଟ୍ ଡାଟା ଡାଉନ୍‌ଲୋଡ କରାଯାଇପାରୁଥିବା ବେଳେ ୧୭ ମେଗାବାଇଟ୍ ଡାଟା ଅପ୍‌ଲୋଡ୍ ହୋଇପାରେ।



## ପାଠକଙ୍କ ମତ

❖ବର୍ଷାଦିନିଆ ସ୍ୱାସ୍ଥ୍ୟ ସଚେତନତାକୁ ନେଇ ପ୍ରକାଶିତ ପାଠଟି ବେଶ୍ ଉପାଦେୟ।
*- ଚିନ୍ମୟୀ ମହାପାତ୍ର, କେନ୍ଦ୍ରାପଡା*

❖ସଫଳତାର ସିଡି ଚଢିବାକୁ ମାର୍ଗଦର୍ଶନ ଦେଇଥିବାରୁ ଧନ୍ୟବାଦ। ଏଭଳି ଶିକ୍ଷଣୀୟ ବିଷୟ ପ୍ରତି ସପ୍ତାହରେ ପ୍ରକାଶ କରିବାକୁ ଅନୁରୋଧ।
*- ଉଦିତ୍ କୁମାର ସାହୁ, ବଲାଙ୍ଗୀର*




## ବିଶ୍ୱ ଐତିହ୍ୟ ତାଲିକାରେ

# ଜୟପୁର

ଗୋଲାପି ତଥା ପ୍ରାଚୀର ନଗରୀ ଜୟପୁର ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇଛି। ଏହି ନଗରୀ ଏହାର ବିଶାଳ ସ୍ଥାପତ୍ୟ ଏବଂ ସମୁଜ୍ଜ୍ୱଳ ସଂସ୍କୃତି ପାଇଁ ବେଶ୍ ପରିଚିତ। ଶନିବାର ଅପରାହ୍ନରେ ୟୁନେସ୍କୋ ପକ୍ଷରୁ ଟୁଇଟ୍ କରାଯାଇ ଜୟପୁରକୁ ବିଶ୍ୱ ଐତିହ୍ୟ ସ୍ଥଳ ମାନ୍ୟତା ଦିଆଯାଇଛି। ଜୁନ୍ ୩୦ରୁ ଜୁଲାଇ ୧୦ ମଧ୍ୟରେ ଆଜରବୈଜାନଠାରେ ଅନୁଷ୍ଠିତ ହେଉଥିବା ୟୁନେସ୍କୋ ବିଶ୍ୱ ଐତିହ୍ୟ କମିଟି ବୈଠକର ୪୩ତମ ଅଧିବେଶନରେ ଏହା ଘୋଷଣା କରାଯାଇଛି।

ଜୟପୁର ବିଶ୍ୱ ଐତିହାସିକ ସ୍ଥଳ ଭାବେ ଚିହ୍ନିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁସି ପ୍ରକଟ କରିଛନ୍ତି। 'ଜୟପୁର ସହର ସଂସ୍କୃତି ଓ ବୀରତ୍ୱ ସହ ଜଡ଼ିତ। ରୁଚିସମ୍ପନ୍ନ ଏହି ସହରର ଆତିଥ୍ୟ ସାରା ଦୁନିଆରୁ ପର୍ଯ୍ୟଟକଙ୍କୁ ଆକର୍ଷଣ କରେ। ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟର ମାନ୍ୟତା ପାଇଥିବାରୁ ଅତ୍ୟନ୍ତ ଖୁସି ପ୍ରକାଶ କରୁଛି' ବୋଲି ମୋଦି ଟୁଇଟ୍ କରିଛନ୍ତି।

ରାଜସ୍ଥାନ ରାଜ୍ୟର ଐତିହାସିକ ପ୍ରାଚୀର ନଗରୀ ଜୟପୁର ସାୱାଇ ଜୟ ସିଂ ଦ୍ୱିତୀୟଙ୍କ ପୃଷ୍ଠପୋଷକତାରେ ୧୭୨୭ରେ ପ୍ରତିଷ୍ଠା କରାଯାଇଥିଲା। ଏହା ସଂସ୍କୃତି ସମ୍ପନ୍ନ ରାଜ୍ୟ ରାଜସ୍ଥାନର ରାଜଧାନୀ। ମଧ୍ୟଯୁଗର ଶେଷଭାଗରେ ଏହି ସହରର ନିର୍ମାଣ ଯୋଜନାରେ ପ୍ରାଚୀନ ହିନ୍ଦୁ, ମୋଗଲ ଏବଂ ସେ ସମୟର ପାଶ୍ଚାତ୍ୟ ଶୈଳୀର ପ୍ରତିଫଳନ ଦେଖିବାକୁ ମିଳେ ବୋଲି ୟୁନେସ୍କୋର ନୂଆଦିଲ୍ଲୀ ଦପ୍ତର ପକ୍ଷରୁ କୁହାଯାଇଛି। ଏଥିସହିତ ଜୟପୁର ସହର ମଧ୍ୟଯୁଗର ଶେଷଭାଗରେ ଦକ୍ଷିଣ ଏସିଆର ଏକ ବାଣିଜ୍ୟକେନ୍ଦ୍ର ଥିଲା। ଏଠିକାର ହସ୍ତଶିଳ୍ପ ସାମଗ୍ରୀର ଜୀବନ୍ତ କାରୁକାର୍ଯ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି।





ୟୁନେସ୍କୋର ବିଶ୍ୱ ଐତିହ୍ୟ କମିଟି ୨୧ଟି ରାଷ୍ଟ୍ରର ପ୍ରତିନିଧିଙ୍କୁ ନେଇ ଗଠିତ। ବର୍ଷକୁ ଥରେ ଏହି କମିଟିର ବୈଠକ ବସି ବିଭିନ୍ନ ଐତିହାସିକ ସ୍ଥଳକୁ ବିଶ୍ୱ ଐତିହ୍ୟର ମାନ୍ୟତା ଦିଆଯାଏ। ଏ ପର୍ଯ୍ୟନ୍ତ ୧୬୭ ଦେଶର ୧,୦୯୨ ଐତିହାସିକ ସ୍ଥଳକୁ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ଦିଆଯାଇ ସାରିଲାଣି।

## କନିଷ୍ଠ ଯନ୍ତ୍ରୀଙ୍କୁ ବସ୍‌ଉଠ୍ ମାମଲା

# ବିଧାୟକ ସରୋଜ ମେହେରଙ୍କୁ ସର୍ତ୍ତମୂଳକ ଜାମିନ

■ ସନ୍ଧ୍ୟାରେ ଝାରପଡା ଜେଲରୁ ବାହାରିଲେ
■ ତଦନ୍ତରେ ସହଯୋଗ କରିବେ, ବିଦେଶ ଗଲେ ଅନୁମତି ନେବେ



ଭୁବନେଶ୍ୱର, ୬।୭(ବ୍ୟୁରୋ)

ନିମ୍ନମାନର ରାସ୍ତା କାମ ପାଇଁ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ବସ୍‌ଉଠ କରାଇବା ମାମଲାରେ ଗିରଫ ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କୁ ଶନିବାର ଜାମିନ ମିଳିଛି। ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍(ଏଡିଜେ-୨) କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୨୫ ହଜାର ଟଙ୍କା ଓ ଦୁଇଜଣ ଜାମିନଦାରଙ୍କ ବଳରେ କୋର୍ଟ ତାଙ୍କୁ ଏହି ଜାମିନ ଦେଇଥିବାବେଳେ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ତାଗିଦ କରିଛନ୍ତି। ଏଥିସହ ପୋଲିସକୁ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବା ସହ ବିଦେଶକୁ ଗଲେ କୋର୍ଟଙ୍କ ଅନୁମତି ନେବାକୁ ବିଧାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପୂର୍ବାହ୍ନ ୧୧ଟା ୩୦ରେ ବିଧାୟକ ମେହେର କୋର୍ଟରେ ହାଜର ହେବା ପରେ ତାଙ୍କ ଓକିଲ ପକ୍ଷ ରଖିଥିଲେ। ଯେଉଁ ଦଫା ବଳରେ ବିଧାୟକଙ୍କୁ ଗିରଫ କରାଯାଇଛି, କେବଳ ୫୩୫ ଦଫାକୁ ଛାଡ଼ିଦେଲେ ଅନ୍ୟସବୁ ଜାମିନଯୋଗ୍ୟ। ଲୋକ ପ୍ରତିନିଧି ହୋଇଥିବାରୁ ସେ ପଳାତକ କାର୍ଯ୍ୟ କରିବେ ନାହିଁ। ତଦନ୍ତ ପ୍ରକ୍ରିୟାରେ ପୂରା ସହଯୋଗ କରିବା ସହ କୋର୍ଟଙ୍କ ସର୍ତ୍ତ ପାଳନ କରିବେ। ତେଣୁ ତାଙ୍କୁ ଜାମିନ ଦିଆଯାଉ ବୋଲି ବିଧାୟକଙ୍କ ଓକିଲ କୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ସବୁ ଦିଗକୁ ବିଚାରକୁ ନେଇ କୋର୍ଟ ଜାମିନ ପ୍ରଦାନ କରିଥିଲେ। ସନ୍ଧ୍ୟାରେ କୋର୍ଟଙ୍କ ଜାମିନ ଅର୍ଡର ପହଞ୍ଚିବା ପରେ ବିଧାୟକ ମେହେର ଝାରପଡ଼ା ଜେଲରୁ ମୁକୁଳିଥିଲେ।

ଜୁନ ୫ରେ ପାଟଣାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗମ୍ଭାରୀ ଗ୍ରାମରେ ଚାଲିଥିବା ପୂର୍ତ୍ତ ବିଭାଗର ଏକ ରାସ୍ତା କାମ ନିମ୍ନମାନର ହୋଇଥିବା ଦେଖି ବିଧାୟକ ମେହେର ସର୍ବସମ୍ମୁଖରେ କନିଷ୍ଠ ଯନ୍ତ୍ରୀ ଜୟକାନ୍ତଙ୍କୁ ବସ୍‌ଉଠ୍ କରିଥିଲେ। ଜୟକାନ୍ତଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପାଟଣାଗଡ ପୋଲିସ ସେହିମାସ ୨୪ ତାରିଖରେ ବିଧାୟକଙ୍କୁ ନୂଆପଡାରୁ ଗିରଫ କରିଥିଲା। ପରେ ତାଙ୍କୁ ପାଟଣାଗଡ଼ ଜେଲ୍‌କୁ ପଠାଇ ଦିଆଯାଇଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଆନ୍ଦୋଳନ ଚାଲିଥିବାରୁ ପାଟଣାଗଡ ଏଡିଜେ ତାଙ୍କ ଜାମିନ ଉପରେ ଶୁଣାଣି ନ କରି ଭୁବନେଶ୍ୱରରେ ହେବାକୁ ଧାର୍ଯ୍ୟ କରିଥିଲେ। ଗତ ୧ ତାରିଖରେ ବିଧାୟକ ଭୁବନେଶ୍ୱର ଏଡିଜେ କୋର୍ଟରେ ହାଜର ହୋଇଥିଲେ ମଧ୍ୟ ଓକିଲଙ୍କ ଆନ୍ଦୋଳନ ଯୋଗୁ ନିଜେ ପକ୍ଷ ରଖିଥିଲେ। ତେଣୁ କୋର୍ଟ ଜାମିନ ଆବେଦନର ଶୁଣାଣି ୫ ତାରିଖକୁ ଘୁଞ୍ଚାଇ ଦେବା ସହ ଝାରପଡ଼ା ଜେଲ୍‌ରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜେଲ୍‌ରେ ବିଧାୟକଙ୍କ ଅସୁସ୍ଥତା କାରଣରୁ ୫ ତାରିଖ ଶୁଣାଣିରେ ବ୍ୟକ୍ତିଗତ ହାଜର ନ ହୋଇ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପକ୍ଷ ରଖିଥିଲେ। ଏହା ଯଥେଷ୍ଟ ନ ଥିବାରୁ କୋର୍ଟ ଜାମିନ ଆବେଦନର ଶୁଣାଣିକୁ ଶନିବାରକୁ ଧାର୍ଯ୍ୟ କରିଥିଲେ। ଓକିଲମାନେ ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗଦେଇଥିବାରୁ ଶନିବାର ବିଧାୟକଙ୍କୁ ଜାମିନ ମିଳିବାରେ ସହଜ ହୋଇଥିଲା। ସୂଚନାଯୋଗ୍ୟ, ବିଧାୟକ ପାଟଣାଗଡ଼ ଜେଲରେ ଥିବାବେଳେ ଅସୁସ୍ଥ ହୋଇପଡିବାରୁ ଜୁନ୍ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଟଣାଗଡ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ।


## ବିହନ ବିଶୋଧନ ସଚେତନ ଶିବିର ଓ ତାଲିମ କାର୍ଯ୍ୟକ୍ରମ

ଏତଦ୍ୱାରା ଧାମନଗର, ଭଣ୍ଡାରୀପୋଖରୀ ଓ ବନ୍ତ ବ୍ଲକର ଚାଷୀ ଭାଇ, ଭଉଣୀ ଓ ପାଣି ପଞ୍ଚାୟତର ସମସ୍ତ ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ ଆସନ୍ତା ତା୬।୭।୧୯ରୁ ତା୧୫।୦୭।୧୯ରିଖ ପର୍ଯ୍ୟନ୍ତ ବିହନ ବିଶୋଧନ ସଚେତନ ତଥା ତାଲିମ କାର୍ଯ୍ୟକ୍ରମ ହେବା ପାଇଁ ସ୍ଥିରୀକୃତ ହୋଇଅଛି। ପ୍ରତି ତାଲିମ କାର୍ଯ୍ୟକ୍ରମରେ ୧୦୦ ଜଣ (ଏକଶତ) ଲେଖାଏଁ ଚାଷୀ ଯୋଗଦାନ କରିବାର ବ୍ୟବସ୍ଥା ଅଛି। ଚାଷୀ ଭାଇମାନଙ୍କୁ ଅନୁରୋଧ, ସେମାନେ ଧାନ ବିହନକୁ ଶିବିରକୁ ନେଇ ମାଗଣାରେ ବିଶୋଧନ କରାଇ ଆଣିବା ପାଇଁ ଅନୁରୋଧ କରାଗଲା। ଅଧିକ ଜାଣିବା ପାଇଁ ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

**ଧାମନଗର କୃଷି ଅଧିକାରୀ – 7008758779, ଭଣ୍ଡାରୀ ପୋଖରୀ କୃଷି ଅଧିକାରୀ – 9437290409, ବନ୍ତ କୃଷି ଅଧିକାରୀ – 8249646371, ଆଗରପଡ଼ା କୃଷି ଅଧିକାରୀ – 7008982146**

**ସୌଜନ୍ୟ: ଜିଲ୍ଲା କୃଷି ଅଧିକାରୀ, ଧାମନଗର, ଜିଲ୍ଲା – ଭଦ୍ରକ**



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

## ODISHA POWER TRANSMISSION CORPORATION LTD.

(A Government of Odisha Undertaking)
Office of The Superintending Engineer (Civil), Civil Works Circle, Bhoinagar, Bhubaneswar-751022, **CIN : U40102OR2004SGC007553**

OPTCL Lifeline of Odisha

### QUOTATION CALL NOTICE NO.03 OF 2019-20

**Name of work :** Consultancy services for preparing and supplying plan, drawing, design (with vetting), detailed estimate and soil testing for the work, **"Construction of Boundary wall at 400 kV Grid Sub-station, Mendhasal"**. The quotation paper will be received from dt. **08.07.2019** to dt. **20.07.2019** up to **5.00 PM**. Quotationers have to submit the requisite documents in sealed cover in the office of SE (Civil), OPTCL during the office hours from date 08.07.2019 to 20.07.2019. The date of opening of quotations is **22.07.2019 at 11.00 AM** in the presence of the bidders or their authorized representatives in the office of SE (Civil), Civil Works Circle.

**I/C Superintending Engineer (Civil)**

**Please connect us :** optcl.odisha optcl_odisha energyodisha



## ଚାଷୀମାନଙ୍କ ପାଇଁ ବିଶେଷ ସୂଚନା
## ବିହନ ବିଶୋଧନ ଅଭିଯାନ-ଖରିଫ-୨୦୧୯

ରାଜ୍ୟ ଯୋଜନା ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ, ପାରଳାଖେମୁଣ୍ଡିଙ୍କ ଆନୁକୂଲ୍ୟରେ ଚଳିତ ଖରିଫ ଋତୁରେ ଗଜପତି ଜିଲ୍ଲା: ଗୁମ୍ମା ବ୍ଲକ୍‌ର ୮ଟି ବିଭିନ୍ନ ଗ୍ରାମରେ ଆସନ୍ତା ଜୁଲାଇ ୮ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ (ଧାନ ଫସଲ ନିମନ୍ତେ) ଅନୁଷ୍ଠିତ ହୋଉଅଛି। ଉକ୍ତ କାର୍ଯ୍ୟକ୍ରମରେ ବିହନ ବିଶୋଧନ ପ୍ରଣାଳୀ ଉପରେ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଇବା ସହିତ ତାଲିମ ଦିଆଯିବ। ଆପଣମାନଙ୍କୁ ଅନୁରୋଧ, ଏହି ଅଭିଯାନରେ ସାମିଲ ହୋଇ ନିଜନିଜର ବିହନକୁ ଜମିରେ ବୁଣିବା ପୂର୍ବରୁ ବିଶୋଧନ କରି କମ୍ ଖର୍ଚ୍ଚରେ ନିଜନିଜର ଫସଲକୁ ରୋଗପୋକ ଦାଉରୁ ସୁରକ୍ଷିତ ରଖି ଅଧିକ ଉତ୍ପାଦନ କରନ୍ତୁ।

**ଆୟୋଜକ - ସହକାରୀ କୃଷି ଅଧିକାରୀ**
**ଗୁମ୍ମା ବ୍ଲକ୍, ଗଜପତି**



## DIRECTORATE OF MEDICAL EDUCATION & TRAINING, ODISHA

### D PHARMA ADMISSION - 2019

**No.: 8908** **Dt.06.07.2019**

No.: 111-E: Online applications are invited from eligible candidates for admission to D Pharma Courses in the academic session 2019 in Govt. and Private Colleges of the State. The details are available in the website of DMET, Odisha i.e. **www.dmetodisha.gov.in**. In the Pharmacy Admission section. Prospective candidates are requested to login to the website.

10016/11/0012/1920 **Sd./- Jt. DMET, Odisha**



## NOTICE

No.: 108-E: The Tender Notice for supply of manpower to the Directorate of Drug Control, Odisha, Bhubaneswar through outsourcing agency vide Letter No. 2575 dated 07.06.2019 published in daily Odia Newspaper is hereby cancelled as per decision taken in governing body meeting of PMRU Society.

**Sd./- Drugs Controller, Odisha**

10004/11/0002/1920



## OFFICE OF THE KORAPUT MUNICIPALITY, KORAPUT

**No. 2635/ MUN-2019** **Dated: 02.07.19**

### "e" PROCUREMENT NOTICE

**Bid Identification No.: KPTMUN-066/2019**

**No.46-C:-** Bid documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | | |
|---|---|---|---|
| 1. | Name of the Work | : | Civil Work |
| 2. | No. of works | : | 3 Nos. |
| 3. | Estimated Cost | : | Rs. 17.00 Lakhs to 67.00 Lakhs |
| 4. | Period of Completion | : | 120 days |
| 5. | Date & time of bidding | : | From 11.00 AM of 06.07.2019 to 5.00 PM 29.07.2019. |
| 6. | Last date & time for receipt of bids in portal | : | 29.07.2019 at 5.00 PM |
| 7. | Bids received online shall be opened on | : | 03.00 PM hours of 03.08.2019. |
| 8. | Name and address of the Officer inviting bid | : | Executive Officer, Koraput Municipality |
| | Further details can be seen from the procurement portal | : | www.tenderorissa.gov.in. |

**Sd./- Executive Officer, Korapur Municipality**

13074/11/0004/1920



## BHUBANESWAR DEVELOPMENT AUTHORITY

AKASH SHOVA BUILDING, PANDIT JAWAHARLAL NEHERU MARG, BHUBANESWAR - 751001
PABX No. 0674-2392801 / 0998 / 6437, FAX No. 0674-2390633 / 085
Visit us at: http://www.bda.gov.in/

**'e' BID IDENTIFICATION No. BDA/420-EE-I/2019-20** **Date. 06.07.2019**

### INVITATION FOR BIDS (IFB)

The Executive Engineer, Division No. - 1, B.D.A, on behalf of Bhubaneswar Development Authority invites 'e'tender on **Percentage Rate** in ***Single cover system*** to be received in online mode only are invited from Registered firm, N.G.O's & Contractors registered with Govt. of Orissa/ Govt. of India having experience in the similar nature of work for the work indicated in the table below.

| Sl No. | Name of the work | Approximate value of work (₹. In Lakh) | Period of Completion | Bid Security (in ₹.) | Cost of Document (in ₹.) | Last date of online Receipt of bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | General cleaning & sanitation in the premises of Akash Sova (BDA) Building (G+5) Sachivalaya Marg at Bhubaneswar | 6.97 | 01 (One) Year | 7,000.00 | 4,000/- + 12% (GST) | 08.07.2019 up to 5.00P.M. to 18.07.2019 up to 5.00 P.M. |

1. The bid documents shall be available for downloading in the website: **http://www.bda.gov.in/ & http://tendersodisha.gov.in/** from **Dt. 08.07.2019 at 5.00 P.M.** onwards.
2. Bids shall be received online on or before **Dt. 18.07.2019** up to **5.00 P.M.** The bidder must possess compatible Digital Signature Certificate (DSC) of Class-II or Class-III.
3. All Corrigendum and Addendum will be published in the Website only.

**Sd/-**
**Executive Engineer, Division No. - 1, BDA, Bhubaneswar.**



## PARADIP PORT TRUST

### E-TENDER-CUM-E-AUCTION NOTICE

An e-Tender-cum-e-Auction Notice invites for **"Allotment of vacant Units in the New Trade Centre No. 1 for the period upto 31.12.2024 on lease basis"**. The date of available of documents in website is from **01.07.2019 to 22.07.2019 at 17.00 hours.** For details, please log on the website : **http://eprocure.gov.in/eprocure/app.**

**Sr. Asst. Estate Manager**
**PPT/PR/173/2019-20, Dt.06.07.2019**



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାନ୍ଦବାଲି / ପତ୍ର ସଂଖ୍ୟା: ୨୫୧୭, ତା: ୦୩।୦୭।୨୦୧୯

ଏତଦ୍ୱାରା ଚାନ୍ଦବାଲି ପଞ୍ଚାୟତ ସମିତ ଅଧିନସ୍ଥ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGA) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଦ୍ୱାରା ପ୍ରତ୍ୟେକ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ୨୦୧୮–୧୯ ଅବଧି (୦୧।୦୪।୨୦୧୮ରୁ ୩୧।୦୩।୨୦୧୯) ଆର୍ଥୀକ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପ ଏବଂ ସହାୟତା କାର୍ଯ୍ୟକ୍ରମଗୁଡିକର ଶତପ୍ରତିଶତ (୧୦୦%) ମଷ୍ଟର ରୋଲ୍ ଯାଞ୍ଚ ଏବଂ ନଥିପତ୍ର, ଭାଉଚର ବିଲ୍‌ଗୁଡିକର ସମୀକ୍ଷା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତର ଜବ୍ କାର୍ଡଧାରୀ, ଶ୍ରମିକ, ସମସ୍ତ ହିତାଧୀକାରୀ, ସମସ୍ତ ନିର୍ବାଚିତ ପ୍ରତିନିଧୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଭିଜିଲାନ୍ସ ଓ ମନିଟରିଂ କମିଟିର ସଭ୍ୟ/ସଭ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗ୍ରାମ ରୋଜଗାର ସେବକ, ମେଟ୍, ବୈଷୟିକ ପରାମର୍ଶଦାତା ଉପସ୍ଥିତ ରହି ସାମାଜିକ ସମୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| କ୍ର. ନଂ. | ଗ୍ରାମପଞ୍ଚାୟତଗୁଡିକର ନାମ | ସାମାଜିକ ସମୀକ୍ଷା ସମୟ | ଗ୍ରାମସଭା ତାରିଖ | ବିଷୟ | ସ୍ଥାନ | ଯୋଗ ଦେବାକୁଥିବା ଅଧିକାରୀ | ବ୍ଲକ୍ ଜନ ସୁଣାଣି |
|---|---|---|---|---|---|---|---|
| ୧ | ଆରଡ଼ି, ସୁନ୍ଦରପୁର, ଓଲଗ, ନାନ୍ଦପୁର, ଭୁଇବୃତ୍ତି, ତେନ୍ତୁଳିଡ଼ିହି, ଭାଟପଡା | ୧୫।୦୭।୨୦୧୯ ରୁ ୧୮।୦୭।୨୦୧୯ | ୨୯।୦୭।୨୦୧୯ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ | |
| | | ୧୯।୦୭।୨୦୧୯ ରୁ ୨୨।୦୭।୨୦୧୯ | | MGNREGA | | | |
| ୨ | ମହୁଲିଆ, ବଡ ଓସ୍ତିଆ, ବିଜୟନଗର, ଜଳେଶ୍ୱରପୁର, ଯଶିପୁର, ଖଦାଳ ପୋଖରୀ, ନଳଗୋହିରା | ୩୦।୦୭।୨୦୧୯ ରୁ ୦୨।୦୮।୨୦୧୯ | ୧୩।୦୮।୨୦୧୯ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ | |
| | | ୦୩।୦୮।୨୦୧୯ ରୁ ୧୩।୦୮।୨୦୧୯ | | MGNREGA | | | |
| ୩ | ବାଂଶଗଡା, ନୂଆଗାଁ, ଗୋପୀନାଥପୁର, ବଜରାପୁର,ତୋଟାପଡା, ଉତ୍ତୁକୁଡା, ଓରାସାହି | ୧୬।୦୮।୨୦୧୯ ରୁ ୧୯।୦୮।୨୦୧୯ | ୩୧।୦୮।୨୦୧୯ (ଗୋପୀନାଥପୁର - ୨୮।୦୮।୨୦୧୯) | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ | |
| | | ୨୦।୦୮।୨୦୧୯ ରୁ ୩୧।୦୮।୨୦୧୯ | | MGNREGA | | | |
| ୪ | କାଣ୍ଡଗରଡ଼ି, ଚରଦିଆ, ଧାମରା, ଜଗୁଳା, ଦୋସିଙ୍ଗା, କରଞ୍ଜମଳ, କରଣପଲ୍ଲୀ | ୦୪।୦୯।୨୦୧୯ ରୁ ୦୭।୦୯।୨୦୧୯ | ୧୮।୦୯।୨୦୧୯ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ | |
| | | ୦୮।୦୯।୨୦୧୯ ରୁ ୧୮।୦୯।୨୦୧୯ | | MGNREGA | | | |
| ୫ | ପଞ୍ଚୁଟିକିରୀ, କଇଥକୋଲା, ଘଟପୁର, ମାଧପୁର, ଖେରଙ୍ଗ, ମତୋ, ମୌସୁଧା, ନାଲୁଗୁଣ୍ଡା | ୨୨।୦୯।୨୦୧୯ ରୁ ୨୫।୦୯।୨୦୧୯ | ୦୩।୧୦।୨୦୧୯ | NSAP | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ | |
| | | ୨୩।୦୯।୨୦୧୯ ରୁ ୦୩।୧୦।୨୦୧୯ | | MGNREGA | | | |

ସ୍ୱା./– ଗୋଷ୍ଠୀ ଉନ୍ନୟନ ତଥା କାର୍ଯ୍ୟକ୍ରମ ଅଧିକାରୀ, ଚାନ୍ଦବାଲି



## ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ
## ପତ୍ର ସଂଖ୍ୟା.7828/ଭେଷଜ/2019/ତାରିଖ.06.07.2019

**ବିଷୟ :- ଅନୁକମ୍ପାରାଶି ପ୍ରଦାନ ସମ୍ବନ୍ଧେ।**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ତା.14.09.2014ରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀରେ ଚିକିତ୍ସିତ ହେଉଥିବା ସମୟରେEdicef–SBଇଞ୍ଜେକସନ୍‌ର ପାର୍ଶ୍ୱ ପ୍ରତିକ୍ରିୟା ହେବା ଯୋଗୁ ସରକାରଙ୍କ ତରଫରୁ ଅନୁକମ୍ପା ରାଶି ଟ.10000/–(ଦଶ ହଜାର) ଆପଣଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ମୋଟ 37 ବ୍ୟକ୍ତିଙ୍କ ମଧ୍ୟରୁ 27 ଜଣ ବ୍ୟକ୍ତିଙ୍କୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି। ନିମ୍ନଲିଖିତ ଅବଶିଷ୍ଟ 10ଜଣ ପୀଡିତ/ପୀଡ଼ିତାଙ୍କୁ ପତ୍ର ଏବଂ ଖବରକାଗଜ ମାଧ୍ୟମରେ ବିଗତ ଦିନ ମାନଙ୍କରେ ଜଣାଇ ଦିଆଯାଇଥିଲା ଏବଂ କୌଣସି ପୀଡିତ/ପୀଡ଼ିତା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ସାକ୍ଷାତ କଲେ ନାହିଁ। ଅତଏବ ଆପଣଙ୍କୁ ଶେଷ ଥରପାଇଁ ଅନୁରୋଧ କରାଯାଉଅଛି କି, ଆପଣ ଆପଣଙ୍କ ପରିଚୟପତ୍ର, ଆଧାର କାର୍ଡ ଓ ବ୍ୟାଙ୍କ ପାସବୁକ୍‌ର ଅବିକଳ ନକଲ ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା.25.07.2019ରିଖ ସୁଦ୍ଧା ଆପଣ କିମ୍ବା ତାଙ୍କ ଉତ୍ତରାଧିକାରୀ (ଯଦି ବ୍ୟକ୍ତି ମୃତ୍ୟୁ ହୋଇଥାନ୍ତି) ଉତ୍ତରାଧିକାରୀ ପ୍ରମାଣପତ୍ର ସହିତ ଉପସ୍ଥିତ ରହିବେ। ଏଥିରେ ଖିଲାପ କଲେ ଅନୁକମ୍ପା ରାଶି ସରକାରଙ୍କୁ ଫେରସ୍ତ କରାଯିବ ଏବଂ ଏଥିପାଇଁ ନିମ୍ନ ସ୍ୱାକ୍ଷରକାରୀ ଦାୟୀ ରହିବେ ନାହିଁ। ପୀଡିତ/ପୀଡ଼ିତାଙ୍କ ନାମ, ଠିକଣା ନିମ୍ନରେ ପ୍ରଦତ୍ତ କରାଗଲା।

| କ୍ର. ସଂଖ୍ୟା | ପୀଡିତ/ପୀଡ଼ିତାଙ୍କ ନାମ | ଠିକଣା |
|---|---|---|
| ୧ | ନିମାରୀ ମଲ୍ଲିକ, ସ୍ୱାମୀ: ଚୈତନ୍ୟ ମଲ୍ଲିକ | ଗ୍ରାମ/ପୋଷ୍ଟ: ଚକାପାଦ,ଥାନା–ପସରା, ଜିଲ୍ଲା–କନ୍ଧମାଳ |
| ୨ | ଲତା ସାହାଣୀ, ସ୍ୱାମୀ: ମିଥୁନ ସାହାଣୀ | ଗ୍ରାମ:ବରପଦା,ଥାନା: ଫିରିଙ୍ଗିଆ, ଜିଲ୍ଲା: କନ୍ଧମାଳ |
| ୩ | ହରିଶ ଚନ୍ଦ୍ର ନାୟକ, ପିତା:କୃଷ୍ଣ ଚନ୍ଦ୍ର ନାୟକ | ଗ୍ରାମ/ପୋଷ୍ଟ/ଥାନା: ଦାରିଙ୍ଗବାଡି, ଜିଲ୍ଲା–କନ୍ଧମାଳ |
| ୪ | ଶ୍ରୀ ନାରଦ ଓରଫ ନଙ୍ଗେ ବେହେରା | ଗ୍ରାମ/ପୋଷ୍ଟ/ଥାନା:ହରଭଙ୍ଗା, ଜିଲ୍ଲା–ବୌଦ୍ଧ |
| ୫ | ପାର୍ଥ କହଁର | ଗ୍ରାମ/ପୋଷ୍ଟ:ଚାର୍ଜନପଡା/ଥାନା–ବାଲିଗୁଡା, ଜିଲ୍ଲା–କନ୍ଧମାଳ |
| ୬ | ଈଶ୍ୱର ବେହେରା, ପିତା: ଶିର ବେହେରା | ଗ୍ରାମ:ବରପଦା,ଥାନା:ଫୁଲବାଣୀ, ଜିଲ୍ଲା–କନ୍ଧମାଳ |
| ୭ | ମଦନ ମୋହନ ବଗର୍ତୀ, ପିତା: ଜଳନ୍ଧର ବଗର୍ତୀ | ଗ୍ରାମ: କ୍ରାଣ୍ଡିମାସ୍କା, ପୋଷ୍ଟ: ସୁଦ୍ରେକୁ, ଥାନା–ଫୁଲବାଣୀ ସଦର, ଜିଲ୍ଲା–କନ୍ଧମାଳ |
| ୮ | ଶ୍ରୀମତୀ ଛାଇଲି ଦିଗାଳ, ସ୍ୱାମୀ: ନବି ଦିଗାଳ | ଗ୍ରାମ:ତ୍ରାସେପଦର, ଥାନା:ଫୁଲବାଣୀ ସଦର, ଜିଲ୍ଲା–କନ୍ଧମାଳ |
| ୯ | ତ୍ରିବେଣୀ ମୁଖୀ, ସ୍ୱାମୀ: ପ୍ରଫୁଲ୍ଲ ମୁଖୀ | ଗ୍ରାମ:ପେଞ୍ଜି ସାହି, ଫୁଲବାଣୀ, ଥାନା–ଟାଉନ ଥାନା, ଫୁଲବାଣୀ, ଜିଲ୍ଲା–କନ୍ଧମାଳ |
| ୧୦ | ଶ୍ରୀମତୀ ସବିତା ବେହେରା, ସ୍ୱାମୀ: କୃଷ୍ଣଚନ୍ଦ୍ର ବେହେରା | ଗ୍ରାମ:ବଦଲା, ପୋଷ୍ଟ:ବାରିଙ୍ଗି, ଜିଲ୍ଲା: ବୌଦ୍ଧ |

**ସ୍ୱା./- ସମୀର କୁମାର ଦାସ**
**ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ**
**କନ୍ଧମାଳ, ଫୁଲବାଣୀ**



## ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME

**ST & SC DEVELOPMENT DEPARTMENT**
**PROGRAMME MANAGEMENT UNIT**
**2ND FLOOR, TDCC BUILDING, RUPALI SQUARE, BHUBANESWAR - 751022**

### EMPANELMENT OF PROJECT MANAGER FOR MPAs UNDER OPELIP

No.: CAD-170: Programme Director, OPELIP invites applications from eligible candidates for the Post of **Project Manager** to be positioned at different MPAs under OPELIP purely on contractual basis. Application form along with the detail ToR can be downloaded from the website i.e. **www.opelip.org**. Last date of receipt of applications by Speed Post/Registered Post/Courier Service only is **Dt.18.07.2019 upto 5.00 P.M.** Only short-listed candidates will be called for interview for empanelment.

Programme Director, OPELIP reserves the right to accept or reject the applications without assigning any reason thereof.

**Date: 06.07.2019** **Sd./-**
**Place: Bhubaneswar** **Programme Director**

26024/11/0005/1920



## DISTRICT OFFICE, JAGATSINGHPUR

(Emergency Section)

**No.1209/Emg** **Date: 06.07.2019**

No.12-F **ADVERTISEMENT**

Applications are invited from intending and eligible male candidates for the post of Launch Drivers and Khalasis to be posted in different blocks of Jagatsinghpur district. Details of the eligibility, age, qualification, etc can be downloaded from the district website i.e. https://jagatsinghpur.nic.in.

Interested candidates, fulfilling the eligibility criteria may submit their application along with relevant documents to the Collector, Jagatsinghpur, (Emergency Section) PIN-754103 by 5.00 PM on 16" July 2019 through Speed Post/ Regd. Post/ Courier/ by hand. The envelope containing the application must be Super-scribed on the top as "Application for the post of launch driver/ khalasi". Any modification or alteration, if so required, will be intimated through the district website. The authority reserves the right to cancel or modify the advertisement without assigning any reason thereof.

**Sd./-**
**Collector and District Magistrate**
**Jagatsinghpur**

24139/11/0002/1920



## ODISHA LIFT IRRIGATION CORPORATION LIMITED

**(A GOVT. OF ODISHA UNDERTAKING)**

## OFFICE OF THE SUPERINTENDING ENGINEER

**SOUTHERN CIRCLE, BERHAMPUR(GANJAM)**

### QUOTATION CALL NOTICE FOR HIRING OF VEHICLE

### SHORT TENDER CALL NOTICE

**No:-425/2019-20 /OLIC** **Date: 03.07.2019**

No.: CAD-168: Sealed Quotations are invited from interested reputed Travel Agencies/Tour operators or private individual vehicle owner for providing one no Non A.C- Indica/Swift Desire (Diesel) having fuel efficiency 17 K.M /ltr . or Indigo(Diesel) having fuel efficiency 15 K.M / Ltr or Diesel driven Bolero with fuel efficiency 12 km /ltr or more with driver,which shall confirm to the terms and conditions (As per Government Norms) for official use of the Superintending Engineer (S.C), OLIC Ltd, Berhampur on monthly rent basis. The application form of Quotations containing General Bid information & Terms and conditions of Hiring of vehicle etc. will be available from office of the Executive Engineer, Lift Irrigation Division. Berhampur on payment of Rs.100/-(Rupees One Hundred) only for each Vehicle from 08.07.2019 to 17.07.2019 during office hours from 10:00 A.M to 5:00P.M.The Quotations completed in all respect with Security Deposit of Rs.5000/-(Rupees Five Thousand) only in shape of A/C payee Demand Draft in any Nationalized Bank payable at Berhampur in favour of the Executive Engineer Lift Irrigation Division Berhampur should reach the Office of the Executive Engineer, L.I. Division, Berhampur on or before 18.07.2019 by 2:00 P.M. and shall be opened on the same day at 3:00 P.M. The authority reserves right to accept or reject any or all the Quotations without assigning any reason thereof.

**Sd./- Superintending Engineer**
32311/11/0002/1920 **(Southern Circle), OLIC Ltd., Berhampur**



## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁକନ୍ୟାଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡ଼ରେ ଥିବା "ଶିଶୁଝୁଲା"ରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଏହି ଶିଶୁକନ୍ୟାଟିର ନାମ **'ଗୌରିକା'** ରଖାଯାଇଅଛି। ଉକ୍ତ ଶିଶୁକନ୍ୟାଟିର ଯଦି କେହି ପିତା ମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ–୬୩, କଲେକ୍ଟରିଏଟ ବିଲ୍ଡିଂ, କଟକ, ଫୋନ୍ ନଂ–୦୬୭୧–୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରେଟ୍ କ୍ୟାମ୍ପସ, କଟକ–୭୫୩୦୦୨, ଫୋନ୍ ନଂ–୦୬୭୧–୨୫୦୮୧୩୩, ମୋବାଇଲ ନଂ. ୭୯୭୮୧୪୬୮୧୪/୯୮୬୧୧୫୪୫୫୩ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡ଼ାନାସୀ, କଟକ–୭୫୩୦୧୪ଙ୍କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁକନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ- ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।



ଗୌରିକା

| କ୍ରମିକ ନଂ | ଶିଶୁର ନାମ | ପୁଅ/ ଝିଅ | ବୟସ/ ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ମନ୍ତବ୍ୟ |
|---|---|---|---|---|---|---|
| ୧ | ଗୌରିକା | ଝିଅ | ୧୬।୦୬।୨୦୧୯ (ପ୍ରାୟ) | ୨୧।୦୬।୨୦୧୯ | ବସୁନ୍ଧରାର "ଶିଶୁଝୁଲା"ରୁ | –ଶିଶୁ ମଙ୍ଗଳ ସମିତି, କଟକଙ୍କୁ ଦିଆଯାଇଥିବା ଚିଠି ନଂ–୬୩୪୮, ତା୨୧।୦୬।୨୦୧୯ –ବିଡ଼ାନାସୀ ଥାନାକୁ ଦିଆଯାଇଥିବା ଚିଠି ନଂ–୬୩୪୯, ତା୨୧।୦୬।୨୦୧୯ |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**


ବି.ଦ୍ର:- ପୋଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ **www.cara.nic.in**ରେ **Log in** କରନ୍ତୁ ।



## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁପୁତ୍ରଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡ଼ରେ ଥିବା "ଶିଶୁଝୁଲା"ରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଏହି ଶିଶୁପୁତ୍ରଟିର ନାମ **'ଲଗନ୍'** ରଖାଯାଇଅଛି। ଉକ୍ତ ଶିଶୁପୁତ୍ରଟିର ଯଦି କେହି ପିତା ମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ–୬୩, କଲେକ୍ଟରିଏଟ ବିଲ୍ଡିଂ, କଟକ, ଫୋନ୍ ନଂ–୦୬୭୧–୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରେଟ୍ କ୍ୟାମ୍ପସ୍, କଟକ–୭୫୩୦୦୨, ଫୋନ୍ ନଂ–୦୬୭୧–୨୫୦୮୧୩୩, ମୋବାଇଲ ନଂ. ୭୯୭୮୧୪୬୮୧୪/୯୮୬୧୧୫୪୫୫୩ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡ଼ାନାସୀ, କଟକ–୭୫୩୦୧୪ଙ୍କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ- ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।



ଲଗନ୍

| କ୍ରମିକ ନଂ | ଶିଶୁର ନାମ | ପୁଅ/ ଝିଅ | ବୟସ/ ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ମନ୍ତବ୍ୟ |
|---|---|---|---|---|---|---|
| ୧ | ଲଗନ୍ | ପୁଅ | ୧୧।୦୩।୨୦୧୯ (ପ୍ରାୟ) | ୧୫।୦୩।୨୦୧୯ | ବସୁନ୍ଧରାର "ଶିଶୁଝୁଲା"ରୁ | –ଶିଶୁ ମଙ୍ଗଳ ସମିତି, କଟକଙ୍କୁ ଦିଆଯାଇଥିବା ଚିଠି ନଂ–୬୨୯୪, ତା୧୫।୦୩।୨୦୧୯ –ବିଡ଼ାନାସୀ ଥାନାକୁ ଦିଆଯାଇଥିବା ଚିଠି ନଂ–୬୨୯୫, ତା୧୬।୦୩।୨୦୧୯ |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**

ବି.ଦ୍ର:- ପୋଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ **www.cara.nic.in**ରେ **Log in** କରନ୍ତୁ ।



## ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବରଗଡ଼

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**
**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବରଗଡ଼ – ୭୬୮୦୨୮**

**ବିଜ୍ଞାପନ ସଂଖ୍ୟା: ୧୭** **ତାରିଖ: ୦୬।୦୭।୨୦୧୯**

### ଖୁସି–ସାନିଟାରି ନାପ୍‌କିନ ପରିବହନ ସକାଶେ
### ବାଣିଜ୍ୟିକ ଯାନ ନିଯୁକ୍ତି ନିମନ୍ତେ ଟେଣ୍ଡର ଆହ୍ୱାନ

ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବରଗଡ଼ ତରଫରୁ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନ/ସଂସ୍ଥାଠାରୁ ବରଗଡ଼ ଜିଲ୍ଲା ପାଇଁ ଖୁସି–ସାନିଟାରି ନାପ୍‌କିନ ପରିବହନ ସକାଶେ ବାଣିଜ୍ୟିକ ଯାନ ନିଯୁକ୍ତି ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଛି। ଇଚ୍ଛୁକ ଯୋଗ୍ୟ ପ୍ରତିଷ୍ଠାନ/ସଂସ୍ଥା ଏଥି ନିମନ୍ତେ ଆବେଦନ କରିପାରିବେ। ଯୋଗ୍ୟ ମାନଦଣ୍ଡ ତଥା ସମ୍ପୂର୍ଣ୍ଣ ଅବଧି ଓ ସର୍ତ୍ତାବଳୀ ତଥା Technical ଏବଂ Financial ବିଡ୍ ପାଇଁ ପ୍ରଯୁଜ୍ୟ Format ଜିଲ୍ଲା ୱେବ୍‌ସାଇଟ **www.bargarh.nic.in**ରେ ଉପଲବ୍ଧ। ସମସ୍ତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ସଂସ୍ଥା, RFP Documentରେ ଉଲ୍ଲେଖିତ RFP ମୂଲ୍ୟ, EMD ମୂଲ୍ୟ ଏବଂ ଦସ୍ତାବିଜ ସହିତ ପ୍ରସ୍ତାବ ଆବେଦନ କରିପାରିବେ। ଆବେଦନକାରୀ ଜଉମୁଦଦିଆ ଲଫାପା ଉପରେ "ଖୁସି–ସାନିଟାରି ନାପ୍‌କିନ ପରିବହନ ସକାଶେ ବାଣିଜ୍ୟିକ ଯାନ ନିଯୁକ୍ତି ନିମନ୍ତେ ଟେଣ୍ଡର ଆବେଦନ" ଲେଖି ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀଙ୍କ କାର୍ଯ୍ୟାଳୟରେ Speed Post/Registered Post/Courier ମାଧ୍ୟମରେ ଦାଖଲ କରିବେ।

ଟେଣ୍ଡର ଆବେଦନ ଗ୍ରହଣ କରିବାର ଶେଷ ତାରିଖ ତା୩୦।୦୭।୨୦୧୯ ମଧ୍ୟାହ୍ନ ୧୨.୦୦ଟା ସୁଦ୍ଧା। ଟେଣ୍ଡର ଖୋଲିବା ସ୍ଥାନ, ତାରିଖ ଓ ସମୟ ଯଥା ଜିଲ୍ଲା ପ୍ରଶିକ୍ଷଣ କକ୍ଷ, NHM, ବରଗଡ଼ ତା୩୦।୦୭।୨୦୧୯ ଅପରାହ୍ନ ୩.୩୦। ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ଅଥବା ସମସ୍ତ ପ୍ରସ୍ତାବକୁ ଖାରଜ କରିପାରିବାର ଅଧିକାର ଅଛି।

**ସ୍ୱା./– ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ବରଗଡ଼**




## BRIDE WANTED

BBSR ସ୍ଥିତ, 60,000 ପାଉଥିବା Marine Legal Consultant, ବୟସ 34, ବ୍ରାହ୍ମଣ ପୁଅଙ୍କ ପାଇଁ ଅବିବାହିତ ଝିଅ ଦରକାର। 7381460017. D-13230

Wanted bride for 5'10" Odiya, Khandayat boy Government service at Chhatisgarh. Girls should be graduate, same caste and age below 30 year. Contact: 9617656388, 9039884654. D-13220

Divorcee groom Manager 40, Business 36, Clerk 39 (caste-no-bar). 7873374269. D-67005

Brahmin Boy 1988/ 5'8" B.tech IIT, MBA-IIM, OAS. 9238578590. D-66160

Brahmin boy 1991 B.Tech (NIT), MBA (IIM), PSU Engineer. 9853366347. D-58096

କଂସାରି ପୁଅ 28, ମାଟ୍ରିକ, କମ୍ପାନୀ ଚାକିରିଙ୍କ ପାଇଁ ସୁନ୍ଦର ଝିଅ ଆବଶ୍ୟକ। 7377316197. D-13303

## GROOM WANTED

Milli Sahoo/35/B.Tech Computer science (Rayagada)/ CHASA/ Angul seeking candidates from same community. 8895080476, 9849257188. D-13309

ଗୁଡ଼ିଆ ଘର ଝିଅ ପାଇଁ ଉପଯୁକ୍ତ ବରପାତ୍ର ଆବଶ୍ୟକ, B.Sc (Physics) Honours throughout career 1st class, MBA from Vanivihar, BBSR. Employed in Central Govt. (contractual), Salary:25,000/-, colour: medium fair, height-5'4". Father-Retd. State Govt. employee. Please contact: 8763545535. D-13287

45 ବର୍ଷ/5'4"/ Central water housing commission ଅଛନ୍ତି/ 65,000/ divorcy ଝିଅପାଇଁ ଭଲଘରର ବରପାତ୍ର ଆବଶ୍ୟକ। 7377689793. D-63782




## SALE

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**Gharabari boundary plot Tamando MCL boundary side direct owner: 8144391451.** D-13264

Two gharabari plots near IIT Argul are for sale:- One plot:199 decimals, 2nd plot: 350 decimals, interested party may contact: 8328832384, 9668399401. D-56647

Rathayatra offer, ପୁରୀ ଲୋକନାଥମନ୍ଦିର, ବାଟମଙ୍ଗଳା frontରେ limited ସ୍ଥିତିବାନ ପ୍ଲଟ ବିକ୍ରିହେବ। 9777236619. D-66724

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University-250/-, 6371922931 D-66705

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

**5000 Sqft (50'x100') gharabari, yellowzone, 100% litigation free, Patta holder single owner corner plot with 2 side road, boundary and filling, for sale at Bhargavi Vihar near Dhauli Square (50 mtr from NH) with all legal & link document. Price: Rs. 2200/Sqft. Contact direct owner-9040026465 (Babu).** D-13218

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

**ଘରବାରୀ demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ 2400sqft. 13,20,000/-9437306208.** D-66722

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**2500 sqft plot sale at Hanspal (Bharat Villa), Bhubaneswar. Genuine buyers directly contact Deepak: 9937329999.** D-66255

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66918

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

**4BHK ready to move fully furnished double storeyed independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak: 9937329999.** D-66254

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66586

10,000sqft. IDCO land having factory and asbestos shed for immediate sale right on the Jagatpur Chowk, Cuttack. Contact: 9861307985. D-13268

Yellowzone gharabari plots Badagada Canalroad, simplex BJEM-(2) 11,80,000/, Tankapaniroad Saitemple backside sqft 1200/-. 7735738102. D-13263

Residential plot available 7k.m from Bhubaneswar Airport (Sundarpada Road) with 52' mainroad, 30' subroad, "First registration and possession then instalment". 9556776721, 9938463721. D-67004

Stithiban gharabari plots measuring 3600 sqft with boundary in Chandrasekharpur, Bhubaneswar is immediate for sale. 9937162220. D-66159

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

Gharabari plot NH Road side at Khordha available for sharing basis. 9439778849. D-64984

Flat for sale of 2BHK flat at NH road side Khordha 1km. from Khordha Hospital. 9439778849, 7381883881. D-64983

**ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି Kurang Sasan sqft. 450/-, Hanspal NH-5 ରୁ 4k.m. ଦୂରରେ ଘରଉପଯୋଗୀ ଜମି Balianta ରେ sqft. 590/-, housing available at Chakeisiani/ Andharua. 9853289161, 8917267426.** D-66920

## LEASE

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302




Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13279

2 BHK flat 1121 sqft (41.73 Lakhs) and 3 BHK 1709 sqft (63.60 Lakhs) at KALARAHANGA near Patia Bigbazar. Contact- 9937404044. D-13308

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

Restaurant furniture equipment new like condition for sale. Chandrasekharpur, Bhubaneswar. 9437008388. D-65664




1000 sqft house at HB Colony, Chandrasekharpur on mainroad side for commercial purpose. 9438283062. D-66157

3BR, drawing, dining, store, pujaroom for rent, Sibnagar, Chilli Pokhari, Tankapani road, BBSR. Contact: 9437562371. D-58097

3BHK independent house with parking at Santha Vihar, Lingipur. 9439357429, 8114351359. D-61057




Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and ayurvedic full body massage by smart therapist: 9114402304. D-66587

Experience full body massage with us (ex-pert). Call: 7377048581, 0674-2597822. D-66589

Full body herbal massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247. D-66590

Kajal ayurvedic massage club fully relaxed by smart lady, home service available. 9937637219. D-66919

Summer special mesmerizing offer expert therapeutic refreshing massage appointment: 9668374480. D-66593

Ayurvedic full body massage ladies/gents smart experts therapist. 9114697517. D-66917

Relaxable massage by trained therapist, home service available for men/women. 8144653265. D-67003

Herbal full body massage smart boy's therapist, home services available here. 9937929638. D-13219

## LOST

I, Suryakanta Baral, S/o. Raghunath Baral, hereby affirm that I have lost my original B.Tech certificate & marksheet issued by BPUT, Rourkela on 31.03.2019 while travelling by train and not traceable. D-13290

I Debashis Nayak, S/o: Pradip Kumar Nayak, R/o: Puri, do here by declare that I lost my Xth and XII certificates in house shifting vide Fir No: SDE No:473, dated: 19.09.2015. My Xth Roll no: T/417/024 and XIIth Roll No:B/8284/015 of CISCE Board, New Delhi. D-64075

## AFFIDAVIT

I, Rasmita W/o Sudhansu Sekhar Pradhan born on 12.05.1981 residing at Nabakalebar Road, PO: Puri-2, PS: Kumbharapada, Dist: Puri, Odisha, have changed my name to Rasmita Pradhan vide affidavit No.22 dated 02.07.2019 at Alipore judge's Court, Kolkata-27. D-13305

I, Sudhansu Sekhar Pradhan, F/o Samikhya Priyadashani born on 03.02.2005 residing at Nabakalebar Road, PO-Puri 2, PS-Kumbharapada, Dist-Puri, Odisha, have changed my minor daughter name to Samikshya Pradhan vide affidavit No.23 dated 02.07.2019 at Alipore Judge's Court, Kolkata-27. D-13006

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**୨୭ତମ ଜନ୍ମଦିନ ଶୁଭେଚ୍ଛା**



**ଶୁଭଶ୍ରୀ ରଥ**
ବାଳକାଟୀ, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ସମସ୍ତ ଦୁଃଖ ଦୂର ହେଉ ଏବଂ ଚଲାପଥ କୁସୁମିତ ହେବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ ହେଉ।
ଶୁଭେଚ୍ଛାସହ:
ନନା, ବୋଉ, ନାନୀ ଓ ବନ୍ଧୁ ପ୍ରିୟଜନବର୍ଗ।
ଧ-୧୩୩୦୧

**୪୨ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା**



**ପ୍ରବୁଦ୍ଧ ଦାଶ**
ଜନ୍ମ ତାରିଖ: ୦୭।୦୭।୧୯୭୭
ପ୍ଲଟ୍ ନଂ: ୩୦୭, ହଳଦୀ ପଡିଆ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମର ଦୀର୍ଘ ଏବଂ ନିରାମୟ ଜୀବନ କାମନା କରୁଅଛୁ। ତୁମର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ବନ୍ଧୁ ଓ ପରିବାରବର୍ଗ
ଧ-୧୩୩୦୭

**Marriage Wish**



**Pratyush (Kunu) & Priyashree (Rani)**
Wish you both a Happy Married Life
**Best wishes from:**
Annada Prasad Swain
D-13281

## CLASSIFIED BOOKING STATIONS

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004




**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବାନାମ୍ବର ସେଠୀ**
ରାଧାକୃଷ୍ଣପୁର, କଣାସ, ପୁରୀ
ଆବିର୍ଭାବ: ୦୧।୦୯।୧୯୪୫
ତିରୋଧାନ: ୦୭।୦୭।୨୦୦୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ସ୍ତ୍ରୀ: କନକଲତା, ପୁତ୍ର: ପୀତାମ୍ବର, ନୀଳାମ୍ବର, ବିଶ୍ୱମ୍ବର, ବୋହୂ: କ୍ଷେତ୍ରମଣୀ, ସୀମା, ସ୍ୱାତିକା, ନାତି ଓ ନାତୁଣୀମାନେ।
ଧ-୧୩୨୮୯

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥ**
ଆବିର୍ଭାବ: ୨୯।୦୮।୧୯୩୯
ତିରୋଧାନ: ୨୮।୦୬।୨୦୧୯
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
**ଶ୍ରଦ୍ଧାଞ୍ଜଳି ସହ-**
ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ।
ଧ-୧୩୨୮୮

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ପ୍ରମିଳାବାଳା ପଟ୍ଟନାୟକ**
ଗ୍ରାମ- ବୋଧଖଣ୍ଡି, ଖୋର୍ଦ୍ଧା
ତିରୋଧାନ: ୨୭।୦୬।୨୦୧୯
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର- ବାବୁଲି, କାବୁଲି, ରବି, କବି, ପୁତ୍ରବଧୂ- ଶଲି, ମମି, ଲିଲି, ରୁପାଲୀ, ଝିଅ- ବେବି, ଛବି, ରୁବି, ଯୁବି, ଜ୍ୱାଇଁ- ବାବୁଲି, ଚିତୁ, ପିଙ୍କୁ, କାଲୁ, ନାତିନାତୁଣୀ- ଦୀପା, ଲିପା, ଶିଲ୍ପା, ମାମା, ହାପି, ଗୁଡ଼ି, ସୋନୁ, ଶୁଭମ୍, ଲୁସି, ମିତୁଲ, ପୁପୀ, ରିଚା, ରିଶୀ, କାହ୍ନା, ସିତୁଲ, ରିକି, ଦିଆ, ଦିଶା, ପିହୁ, ନାତୁଣୀଜ୍ୱାଇଁ- ଦୀପୁ, ବାପି, ସମୀର ଓ ପରିବାରବର୍ଗ।
ଧ-୬୫୬୬୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତା.୦୭.୦୭.୨୦୧୯ରିଖ, ରବିବାର ଅଶ୍ରୁଳ ଶ୍ରର୍ଦ୍ଧାଞ୍ଜଳୀ**



**୰ ରମେଶ ଚନ୍ଦ୍ର ରାଉତ**
ପଟିଆ ଗଡ଼, ଭୁବନେଶ୍ୱର
ଆବିର୍ଭାବ : ୨୭.୦୪.୧୯୬୨
ତିରୋଧାନ : ୧୭.୦୭.୨୦୧୮
ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ**
ସହଧର୍ମିଣୀ - ପ୍ରଭାତୀ ରାଉତ, କନ୍ୟା-ଚନ୍ଦ୍ରିକା ରାଉତ, ଜାମାତା-ରାଜେନ୍ଦ୍ର କୁମାର ସାଇଁ, ନାତି-ରଜନୀକାନ୍ତ ଏବଂ ଭାଇ, ବାପା, ବୋଉ ଏବଂ ପରିବାର ବର୍ଗ।
ଧ-୧୩୨୮୬

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଭୁଲେଶ୍ୱରୀ ପଣ୍ଡା**
ସାଇକୃପା, 963/2151, ପ୍ରକୃତି ବିହାର, ବରମୁଣ୍ଡା
ଆବିର୍ଭାବ: ୧୯୫୦
ତିରୋଧାନ: ୨୧।୦୭।୨୦୧୫ (ହେରାପଞ୍ଚମୀ)
ମା', ତୁ ଚାଲିଯିବାର ୪ବର୍ଷ ପୂରିଗଲା, ତୋର ଅନୁପସ୍ଥିତିରେ ସବୁକିଛି ଖାଲି ଖାଲି ଲାଗୁଛି। ପ୍ରତ୍ୟେକ ଜନ୍ମରେ ତୋର ସନ୍ତାନ ଭାବେ ଜନ୍ମ ନେବା ଲାଗି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ତୋର ସ୍ନେହ, ତ୍ୟାଗ, ପରୋପକାରିତା, କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳାବୋଧ ଭଳି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନର ଚଲାପଥରେ ଆଗେଇବା ଲାଗି ଆମ୍ଭେମାନେ ଚେଷ୍ଟିତ। ତୁ ଯେଉଁଠି ବି ଥା ଈଶ୍ୱରଙ୍କ କୃପାରୁ ଭଲରେ ଥା। ତୋ ଭଳି ଜଣେ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
ତୋର ହତଭାଗ୍ୟ ପରିବାରବର୍ଗ।
ଧ-୬୫୬୬୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




**ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ମହାନ୍ତି**
ମାଧବ, ନିଆଳି, କଟକ
ଆବିର୍ଭାବ: ୧୧।୦୯।୧୯୫୯
ତିରୋଧାନ: ୨୭।୦୬।୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, ସରଳତା, ପରୋପକାରିତା ଆମପାଇଁ ପଥ ପ୍ରଦର୍ଶକ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି, ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମହାପ୍ରଭୁ ମାଧବାନନ୍ଦ ଜୀଉଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ତ୍ରୀ: ନିରୁପମା, ପୁତ୍ର: ପ୍ରଦୀପ୍ତ, ପୁତ୍ରବଧୂ: ସୁପ୍ରଭା, ଝିଅ-ଜ୍ୱାଇଁ: ମିଟୁ, ସୁପା, ବନ୍ଧୁବାନ୍ଧବ ଏବଂ ଶ୍ରୀ ଶ୍ରୀ ମାଧବାନନ୍ଦଜୀଉ ବିକାଶ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ।
ଧ-୧୩୨୬୯

**ଦ୍ୱାଦଶାହ ଉପଲକ୍ଷେ**



**୰ଘନଶ୍ୟାମ ମହାପାତ୍ର**
ହରଚଣ୍ଡି ସାହି, ଓଲ୍ଡଟାଉନ୍, ଭୁବନେଶ୍ୱର-୨
ଆବିର୍ଭାବ: ୧୮.୦୯.୧୯୩୨
ତିରୋଧାନ: ୨୩.୦୬.୨୦୧୯
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ର୍ଧ୍ରୁବଂ ଜନ୍ମ ମୃତସ୍ୟଚ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି॥
ମହାପ୍ରଭୁ ଶ୍ରୀ ଜଗନ୍ନାଥ ତୁମର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
**ଶୋକ ସନ୍ତପ୍ତ**
ମହାପାତ୍ର ପରିବାର ବର୍ଗ
ଧ-୧୩୩୧୦

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବାଙ୍କନିଧି ପାଇକରାୟ**
(Reserve Police Inspector)
ଗଡରସାହି, କଲ୍ପନା, ଭୁବନେଶ୍ୱର
ଆବିର୍ଭାବ: ୦୪।୧୦।୧୯୩୧
ତିରୋଧାନ: ୧୭।୦୭।୨୦୧୮
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଶୋକସନ୍ତପ୍ତ: **Dulla, Sudei, Babu, Dhadhu** ଏବଂ ପରିବାରବର୍ଗ।
ଧ-୬୨୧୯୦

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବଜେଟ ନୂତନ ଭାରତ ଗଠନ ଲାଗି ପଥ ଉନ୍ମୁକ୍ତ କରିବ। ଭିତ୍ତିଭୂମି ପ୍ରକଳ୍ପର ଏବଂ ଏମ୍ଏସ୍ଏମ୍ଇଗୁଡିକୁ ପ୍ରୋତ୍ସାହନ ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ।
– ତପନ କୁମାର ଚାନ୍ଦ, ଅଧ୍ୟକ୍ଷ, ନାଲ୍କୋ



ଭିତ୍ତିଭୂମି ଉନ୍ନତୀକରଣ ଏବଂ ରାଜପଥ ବିକାଶକୁ ସରକାର ପ୍ରାଥମିକତା ଭାବେ ଗ୍ରହଣ କରୁଥିବାରୁ ଏହା ଅଟୋ ଶିଳ୍ପ ବିକାଶ ଦିଗରେ ଯୋଗଦାନ ରଖିବା ନେଇ ଆଶାବାଦୀ।
– ଶେଖର ବିଶ୍ୱନାଥନ, ଉପାଧ୍ୟକ୍ଷ, ଟୟୋଟା ମୋଟର୍ସ

## ସଂକ୍ଷେପରେ

### ଆଧାର ମାଧ୍ୟମରେ ୫୦ ହଜାରରୁ ଊର୍ଦ୍ଧ୍ୱ ନଗଦ କାରବାର

**ନୂଆଦିଲ୍ଲୀ,୬-୭:** ଏଣିକି ପାନ୍ ବଦଳରେ ଆଧାର କାର୍ଡ ମାଧ୍ୟମରେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ନଗଦ କାରବାର କରିହେବ। ଏହାଛଡ଼ା ଯେଉଁଠି ପାନ୍ ବ୍ୟବହାର ଅନିବାର୍ଯ୍ୟ ଥିଲା ସେଠାରେ ଆଧାର କାର୍ଡ ବ୍ୟବହାର କରିହେବ ବୋଲି ରାଜସ୍ୱ ସଚିବ ଅଜୟ ଭୁଷଣ ପାଣ୍ଡେ ଶନିବାର ସ୍ପଷ୍ଟ କରିଛନ୍ତି। ପାନ ବ୍ୟବହାର ବଦଳରେ ଆଧାର କାର୍ଡ ବ୍ୟବହାର ନେଇ ବ୍ୟାଙ୍କ ଏବଂ ଅନ୍ୟ ସରକାରୀ ପ୍ରତିଷ୍ଠାନ ନିଜର ବ୍ୟାକ୍ଏଣ୍ଡକୁ ଅପଗ୍ରେଡ କରିବେ। ଉଲ୍ଲେଖଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରି ଟିକସଦାତାଙ୍କ ସୁବିଧାର୍ଥେ ପାନ୍ ସ୍ଥାନରେ ଆଧାର ବ୍ୟବହାର କରିହେବ ବୋଲି ଘୋଷଣା କରିଥିଲେ। ପାନ୍ ନ ଥିବା କ୍ଷେତ୍ରରେ ଟିକସଦାତା ଆଧାର ନମ୍ବର ଉଲ୍ଲେଖ କରି ସେମାନଙ୍କ ଆୟକର ରିଟର୍ନ ଦାଖଲ କରିପାରିବେ ବୋଲି ସେ କହିଥିଲେ। ସୂଚନାଥାଉ କି, କଳାଧନ ପ୍ରବାହ ଉପରେ ଲଗାମ ଲଗାଇବାକୁ ଯାଇ ସରକାର ୫୦ ହଜାରରୁ ଊର୍ଦ୍ଧ୍ୱ ପରିମାଣର ନଗଦ କାରବାର ଲାଗି ପାନ୍ ଅନିବାର୍ଯ୍ୟ କରିଥିଲେ। ଏହାଛଡ଼ା ୧୦ ଲକ୍ଷ ଟଙ୍କାରୁ ଅଧିକ ପରିମାଣର ଜମିଜମା କିଣିବାରେ ମଧ୍ୟ ପାନ୍ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଥିଲା। ପାଣ୍ଡେ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଦେଶରେ ୨୨ କୋଟି ପାନ୍ କାର୍ଡକୁ ଆଧାର ସହ ସଂଯୋଗ କରାଯାଇଛି। ଦେଶରେ ୧୨୦କୋଟି ଲୋକଙ୍କ ନିକଟରେ ଆଧାର କାର୍ଡ ରହିଛି। ବଜେଟ ଘୋଷଣା ଯୋଗୁ ପାନ୍ ବ୍ୟବହାର ବନ୍ଦ ହୋଇଯିବ କି ବୋଲି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, କିଛି ଲୋକ ପାନ୍ ଦେବା ସୁବିଧାଜନକ ବୋଲି ଭାବିବେ। ତେଣୁ ଏହା ଆଦୌ ବନ୍ଦ ହେବ ନାହିଁ।

### ନୀରବଙ୍କଠୁ ୭୨୦୦ କୋଟି ଅସୁଲ କରିବ ବ୍ୟାଙ୍କ

**ନୂଆଦିଲ୍ଲୀ,୬-୭:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍ବି)କୁ ଶନିବାର ଭଲ ଖବର ମିଳିଛି। ଡେଟ୍ ରିକଭରୀ ଟ୍ରିବ୍ୟୁନାଲ(ଡିଆର୍ଟି) ତାଙ୍କର ଅନ୍ତିମ ରାୟ ଶୁଣାଇଛନ୍ତି। ପିଏନ୍ବି ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ କମ୍ପାନୀଙ୍କ ଠାରୁ ସୁଧ ସମେତ ୭୨୦୦ କୋଟି ଟଙ୍କା ଆଦାୟ କରିବାକୁ ଡିଆର୍ଟି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ବ୍ୟାଙ୍କ ଭାବେ ପିଏନ୍ବି ଗତବର୍ଷ ଜୁଲାଇରେ ଡିଆର୍ଟିରେ ନୀରବଙ୍କ ବିରୋଧରେ ମାମଲା ଦାଏର କରିଥିଲା। ବକେୟା ବାବଦରେ ୭ ହଜାର କୋଟି ଟଙ୍କା ଆଦାୟ କରିବା ଲାଗି ପିଏନ୍ବି ଆବେଦନରେ ଦର୍ଶାଇଥିଲା। ଅନ୍ୟପକ୍ଷରେ ବ୍ୟାଙ୍କ ସମୂହ ପରେ ୨୦୦ କୋଟି ଟଙ୍କା ଆଦାୟ କରିବା ଲାଗି ସ୍ୱତନ୍ତ୍ର ଭାବେ ଆଉ ଏକ ଆବେଦନ ଦେଇଥିଲେ। ଡିଆର୍ଟି ମୁମ୍ବାଇର ଅତିରିକ୍ତ ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସର ଦୀପକ ଂକ୍କର ପିଏନ୍ବିର ଦୁଇଟି ସ୍ୱତନ୍ତ୍ର ମାମଲାରେ ନୀରବ ଓ ପାର୍ଟନରଙ୍କୁ ଯଥାକ୍ରମେ ୭୦୨୯.୦୬ କୋଟି,୮୭,୯୫୦.୬୫ କୋଟି ଟଙ୍କା ଏବଂ ବାର୍ଷିକ ୧୪.୩୦ ପ୍ରତିଶତ ହାରରେ ସୁଧ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ରେନୋ ପକ୍ଷରୁ ଜାତୀୟ ମନସୁନ କ୍ୟାମ୍ପ




**ନୂଆଦିଲ୍ଲୀ,୬-୭:** ରେନୋ ପକ୍ଷରୁ ଜାତୀୟ ମନ୍ସୁନ କ୍ୟାମ୍ପ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଜୁଲାଇ ୮ରୁ ୧୪ ଯାଏ ଚାଲିବ। ବିକ୍ରି ପରବର୍ତ୍ତୀ ସେବାକୁ ଉନ୍ନତ କରିବା ଏବଂ ଗ୍ରାହକଙ୍କୁ ସର୍ବୋତ୍ତମ ଓନର୍ଶିପ ଅଭିଜ୍ଞତା ପ୍ରଦାନ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସାରା ଦେଶରେ ଥିବା ରେନୋର ସର୍ଭିସ ଫାସିଲିଟିରେ ଲୋକମାନେ ଏହି ସେବା ଲାଭ କରିବାକୁ ସକ୍ଷମ ହେବେ। ରେନୋର ୪୫୦ ସର୍ଭିସ ଚେକ୍ ପଏଣ୍ଟରେ ଗ୍ରାହକମାନେ କାର ପରୀକ୍ଷଣ କରିପାରିବେ। ତାଲିମପ୍ରାପ୍ତ ଟେକ୍ନିସିଆନଙ୍କ ଦ୍ୱାରା କାରର ପରୀକ୍ଷଣ କରାଯାଉଛି। ଏହି ସମୟରେ ଗ୍ରାହକମାନେ ବଛାବଛା ଆସେସୋରୀ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ଏହା ବାଦ୍ କିଛି ପାର୍ଟସ ଉପରେ ୧୦% ଡିସ୍କାଉଣ୍ଟ, ଲେବର ଚାର୍ଜ ଏବଂ ଅନ୍ୟ ଭାଲ୍ୟୁ ସଂଯୁକ୍ତ ସେବା ଉପରେ ୧୫% ଡିସ୍କାଉଣ୍ଟ ଭଳି ଅନ୍ୟ ସେବା ଗ୍ରାହକମାନେ ଲାଭ କରି ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ୫ଲକ୍ଷ କୋଟି ଡଲାର ଅର୍ଥନୀତି ପାଇଁ ରହିଛି ବହୁ ଆହ୍ୱାନ

- ୨.୭ ଲକ୍ଷ କୋଟି ସହ ଭାରତ ୬ଷ୍ଠ ଅର୍ଥନୀତି
- ଚଳିତବର୍ଷ ବ୍ରିଟେନକୁ ପଛରେ ପକାଇବ ଭାରତ
- ଲକ୍ଷ୍ୟ ହାସଲ ପାଇଁ ବାର୍ଷିକ ୯% ଜିଡିପି ଆବଶ୍ୟକ

ନୂଆଦିଲ୍ଲୀ,୬-୭

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରି ଦେଶକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତି ଆଡକୁ ନେଇଯିବା ଲାଗି କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ଉଲ୍ଲେଖ କଲେ। ସ୍ୱପ୍ନ ଦେଖିବାରେ ଆପତ୍ତି ନାହିଁ, ତେବେ କିଭଳି ଭାବେ ଏହାକୁ ହାସଲ କରିହେବ ସେ ସମ୍ପର୍କରେ ବଜେଟରେ ବିସ୍ତାରିତ ରୂପରେଖ ଦେଖିବାକୁ ମିଳିଲାନି। ଯେଉଁଭଳି ଛବି ଦେଖିବାକୁ ମିଳିଲା ସେଥିରେ ଏହି ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ ବୋଲି ମନେହେଉଛି। ତଥାପି ଏହି ଲକ୍ଷ୍ୟ ପୂରଣ ଦିଗରେ ସରକାରଙ୍କ ସମ୍ମୁଖରେ ବହୁ ଆହ୍ୱାନ ରହିଛି, ଏହା କୁହାଯାଇପାରେ।

ସରକାରଙ୍କ ବଜେଟ ଓ ଅର୍ଥନୈତିକ ସର୍ଭେ ରିପୋର୍ଟ କହୁଛି ଯେ, ୨୦୨୪-୨୫ ସୁଦ୍ଧା ସରକାର ୫ ଲକ୍ଷ କୋଟି ଡଲାର ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ୨.୭ ଲକ୍ଷ କୋଟି ଡଲାର ଅର୍ଥନୀତି ସହ ଭାରତ ବର୍ତ୍ତମାନ ବିଶ୍ୱରେ ୬ଷ୍ଠ ସ୍ଥାନରେ ରହିଛି। ଚଳିତବର୍ଷ ଏହା ବ୍ରିଟେନକୁ ପଛରେ ପକାଇ ୫ମ ସ୍ଥାନକୁ ଉଠି ଆସିବ। ତେବେ ୨.୭ ଲକ୍ଷ କୋଟି ଡଲାରରୁ ୫ ଲକ୍ଷ କୋଟି ଡଲାର ପର୍ଯ୍ୟନ୍ତ ଅଭିଯାନ ପାଇଁ ୮୫% ହାରରେ ଆଉଟପୁଟ ବୃଦ୍ଧିହେବା ଆବଶ୍ୟକ। ଅର୍ଥାତ୍ ବାର୍ଷିକ ୧୩% ହାରରେ ଏହା ହେବା ଆବଶ୍ୟକ। ୪%ର ମୁଦ୍ରାସ୍ଫୀତିକୁ ହିସାବକୁ ନେଲେ ଦେଶର ଅର୍ଥନୀତି ଅଭିବୃଦ୍ଧି ବାସ୍ତବରେ ବାର୍ଷିକ ୯% ହାରରେ ହେବା ଆବଶ୍ୟକ। ଅନ୍ୟପକ୍ଷରେ ସର୍ଭେ ରିପୋର୍ଟ କହୁଛି, ୮% ହାରରେ ଅଭିବୃଦ୍ଧି ହେଲେ ହିଁ ଆମେ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପହଞ୍ଚିପାରିବା। ତେବେ ଏଭଳି ଅଭିବୃଦ୍ଧି ହାର ପୂର୍ବରୁ ଏସିଆର ଦୁଇଟି ଅର୍ଥନୀତି ଚାଇନା ଓ ଦକ୍ଷିଣ କୋରିଆ ହାସଲ କରିଥିଲେ। ସର୍ଭେ ରିପୋର୍ଟରେ ନିବେଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ବିକାଶ ଆସିବ ଓ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ଏଥିରେ କୁହାଯାଇଛି। ତେବେ ନିବେଶ ବୃଦ୍ଧି ପାଇଁ ବଜେଟରେ ସେଭଳି କୌଣସି ରୋଡମ୍ୟାପ୍ ପ୍ରସ୍ତୁତ କରାଗଲା ନାହିଁ। ଅର୍ଥନୀତିର ଅଭିବୃଦ୍ଧି ଲାଗି ଏହା ଅତ୍ୟନ୍ତ ଜରୁରୀ। ସରକାର ଭିତ୍ତିଭୂମି ବିକାଶ ଲାଗି ୧୦୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି କହିଥିବା ବେଳେ ପିପିପି ମୋଡରେ ନିବେଶ ବଢ଼ାଇବାକୁ ବଜେଟରେ ଉଲ୍ଲେଖ କରିଛନ୍ତି। ପୂର୍ବର ଅଭିଜ୍ଞତା କହୁଛି, ସରକାରଙ୍କ ସହ ସହଭାଗିତା ପ୍ରତି କର୍ପୋରେଟ ଜଗତ ସେତେଟା ଉତ୍ସାହୀ ନୁହେଁ। ଏହାଛଡ଼ା ନିବେଶ କେଉଁ ବାଟେ ଆସିବ ତାହା ମଧ୍ୟ ସ୍ପଷ୍ଟ ନୁହେଁ। ଏଭଳି ସ୍ଥିତିରେ ଅର୍ଥନୀତିକୁ ଗତିଶୀଳ କରିବା ଲାଗି ଆବଶ୍ୟକ ଅର୍ଥ କେଉଁଠୁ ଆଣିବେ ସରକାର ସେ ସମ୍ପର୍କରେ ବଜେଟରେ ସ୍ପଷ୍ଟ କଲେ ନାହିଁ। ଅନ୍ୟପକ୍ଷରେ ନିବେଶ ବୃଦ୍ଧି ହେଲେ ସରକାରଙ୍କ ବିତ୍ତୀୟ ନିଅଣ୍ଟ ସ୍ଥିତି ବିଗିଡିବା ନିଶ୍ଚିତ। କିନ୍ତୁ ବଜେଟରେ ଏହା ଜିଡିପିର ୩.୩%ରେ ରଖାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଗଲା। ଏହା କିଭଳି ସମ୍ଭବ ହେବ, ସେ ସମ୍ପର୍କରେ ସରକାର ଚୁପ୍। ବିତ୍ତୀୟ ଏକତ୍ରୀକରଣ କଥା କହିବା ଭିନ୍ନ କଥା, କିନ୍ତୁ ଅର୍ଥନୀତି ଅଭିବୃଦ୍ଧି ଦ୍ରୁତତର କରିବାକୁ ହେଲେ ଏହି ପଥରେ ଚାଲିବା ସେତେଟା ସହଜ ନୁହେଁ। ବିଶାଳ ନିବେଶ ଲାଗି ସରକାର ଅର୍ଥ କେଉଁଠୁ ଆଣିବେ ସେ ସମ୍ପର୍କରେ ବଜେଟରେ ତଥ୍ୟ ଦିଆଗଲା ନାହିଁ। ଟିକସ ଆଦାୟ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜିପ୍ରତ୍ୟାହାର କରିବା ତଥା ଲାଭାଂଶରୁ ମିଳୁଥିବା ଅର୍ଥ ସରକାରଙ୍କ ମୁଖ୍ୟ ଆୟ କୁହାଯାଇପାରେ। ଟିକସ ଆଦାୟ କ୍ଷେତ୍ରରେ ପୂର୍ବବର୍ଷର ଫଳାଫଳ ସେତେଟା ଉତ୍ସାହଜନକ ନୁହେଁ। କାରଣ ଗତ ଆର୍ଥିକ ବର୍ଷରେ ଟିକସ ଆଦାୟ ମାତ୍ର ୬% ବଢ଼ିଛି। ଭିତ୍ତିଭୂମି ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ନିବେଶ ଆବଶ୍ୟକତା ଥିଲା ବେଳେ ସରକାର ଏକ୍ଷେତ୍ରରେ ଆବଣ୍ଟନ ମାତ୍ରା ସାମାନ୍ୟ ବଢ଼ାଇବାରୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତି ଆଡକୁ ଯିବାର ଲକ୍ଷ୍ୟ ସହଜରେ ହାସଲ ହୋଇଯିବ ଏହା ଭାବିବା ଭୁଲ୍ ହେବ।

## ବଜେଟ ଆର୍ଥିକ ଅଭିବୃଦ୍ଧିର ରୂପରେଖ: ଜେଟ୍ଲୀ



ନୂଆଦିଲ୍ଲୀ,୬-୭: ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ ଶୁକ୍ରବାର ଉପସ୍ଥାପିତ ବଜେଟକୁ ପ୍ରଶଂସା କରିଛନ୍ତି। ବଜେଟ ଆର୍ଥିକ ଅଭିବୃଦ୍ଧି ଆଡ଼କୁ ଦେଶକୁ ନେଇଯିବା ଲାଗି ରୂପରେଖ ପ୍ରସ୍ତୁତ କରିଛି ବୋଲି ଶନିବାର ଜେଟ୍ଲୀ କହିଛନ୍ତି। 'ଦ ବଜେଟ ୨୦୧୯-୨୦' ଶୀର୍ଷକ ନିଜର ବ୍ଲଗ୍ରେ ଜେଟ୍ଲୀ ଲେଖିଛନ୍ତି ଯେ, ଭଲ ଅର୍ଥଶାସ୍ତ୍ର ଓ ଚତୁର ରାଜନୀତି ଭିତରେ କାହାକୁ ବଛାଯିବା ଆବଶ୍ୟକ, ଏହା ସର୍ବଦା ପଚରାଯାଉଛି। ଏହି ବିକଳ୍ପ ବାଛିବା ସର୍ବାଦୌ ଅନୁଚିତ। କାରଣ କ୍ଷମତାରେ ରହିବାକୁ ଏବଂ ପ୍ରଦର୍ଶନ ଦର୍ଶାଇବାକୁ ହେଲେ ଉଭୟ ବିକଳ୍ପର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ କାର୍ଯ୍ୟକାଳ ଉନ୍ନତ ଅର୍ଥଶାସ୍ତ୍ର ଏବଂ ଭଲ ରାଜନୀତିର ମିଶ୍ରଣ ଥିଲା। ସେ କହିଛନ୍ତି ଯେ, ଏହି ବଜେଟ ବିକାଶ ପ୍ରତି ଆକାଂକ୍ଷା ରଖିଥିବା ଭାରତ ଲାଗି ରାଜନୈତିକ ଦିଗ୍ଦର୍ଶନ ଦେଉଛି। ମଧ୍ୟବିତ୍ତ ଏବଂ ନୂଆ ମଧ୍ୟବିତ୍ତଙ୍କ ହିତ ଲାଗି ଅନେକ ସୁବିଧା ସବୁ ପ୍ରୋତ୍ସାହନ ଭାବେ ଦିଆଯାଇଛି। ଏଥିରେ ଶସ୍ତା ଘର ଓ ଇଲେକ୍ଟ୍ରିକ ଗାଡ଼ି ରହିଛି। ଏହାଛଡ଼ା ନିଯୁକ୍ତି ସୁଯୋଗ ସୃଷ୍ଟି ତଥା ନିବେଶ ଆକର୍ଷିତ କରିବା ଲାଗି ପାରମ୍ପରିକ ଢାଞ୍ଚା, ନିର୍ମାଣ ଓ ରିୟଲ ଇଷ୍ଟେଟ କ୍ଷେତ୍ରକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଉପାୟ ଦିଆଯାଇଛି। ତେବେ ଗତ ୨/୩ ତ୍ରୈମାସରେ ଦେଶର ଆର୍ଥିକ ବିକାଶ ହ୍ରାସ ପାଇଛି ବୋଲି ସ୍ୱୀକାର କରି ସେ କହିଛନ୍ତି ଯେ, ଏହି ବଜେଟ ଏକ ନୀତି ଦସ୍ତାବିଜ ରୂପରେ ଆର୍ଥିକ ବୃଦ୍ଧିକୁ ରାସ୍ତାକୁ ଆଣିବା ଲାଗି ଏକ ପଥ ଦେଖାଇଛି।

## ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖାଯିବ: ସୀତାରାମନ୍



ନୂଆଦିଲ୍ଲୀ,୬-୭: ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ପେଟ୍ରୋଲ ଓ ଡିଜେଲ ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଓ ସଡ଼କ ଏବଂ ଭିତ୍ତିଭୂମି ନିର୍ମାଣ ସେସ୍ ବାବଦରେ ସେସ୍ ଆଦାୟ ବୃଦ୍ଧି କରିଛନ୍ତି। ଏଥିଯୋଗୁ ଦରଦାମ ବଢ଼ିବା ସହିତ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ ବୋଲି କୁହାଯାଉଛି। ଏହାର ଉତ୍ତର ଦେଇ ସୀତାରାମନ୍ ଶନିବାର କହିଛନ୍ତି ଯେ, ମୁଦ୍ରାସ୍ଫୀତି ଏବେ ନିୟନ୍ତ୍ରଣରେ ରହିଛି ଏବଂ ସରକାର ଏହା ଉପରେ କ୍ରମାଗତ ନଜର ରଖିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ସରକାର ଗତ ୫ ବର୍ଷରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିଛନ୍ତି। ଏହା ସର୍ବଦା ନିମ୍ନ ସ୍ତରରେ ରହିଥିଲା ଏବଂ ଏହା ୪% ଉପରକୁ ଉଠି ନ ଥିଲା। ସ୍ଥିତି ବିଗିଡିବା ମାତ୍ରେ ସରକାର ତୁରନ୍ତ ପଦକ୍ଷେପ ନେଇ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣକୁ ଆଣିଛନ୍ତି। ତେଲ ଦର ବଢ଼ିଲେ ମଧ୍ୟ ଆଗାମୀ ଦିନରେ ଏହା ନିୟନ୍ତ୍ରଣରେ ରହିବ। ସରକାର ଏହା ଉପରେ କଡ଼ା ନଜର ରଖିବେ। ଉଲ୍ଲେଖ କରାଯାଇପାରେ ଯେ, ସରକାର ଦରଦାମରେ ସ୍ଥିରତା ଆଣିବା ଲାଗି ସରକାର ମୂଲ୍ୟ ସ୍ଥିରୀକରଣ ପାଣ୍ଠି ଗଠନ କରିଛନ୍ତି। ଏହାଦ୍ୱାରା ଅତ୍ୟାବଶ୍ୟକୀୟ ସାମଗ୍ରୀ ଦର ନିୟନ୍ତ୍ରଣ କରିବା ଏହାର ଉଦ୍ଦେଶ୍ୟ। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ମୁଦ୍ରାସ୍ଫୀତି କ୍ରମାଗତ ତଳେ ବା ଉପରେ ରହିବା ମଧ୍ୟ ଠିକ୍ ନୁହେଁ। ଏହାର ପ୍ରଭାବ ଅର୍ଥନୀତି ଅଭିବୃଦ୍ଧି ଉପରେ ପଡିଥାଏ। ଏହାକୁ ଉଚିତ୍ ସ୍ତରରେ ରଖାଯିବା ଆବଶ୍ୟକ। ଦେଶରେ ଆର୍ଥିକ ବୃଦ୍ଧି ଓ ରୋଜଗାର ବଢ଼ାଇବା ହେଲେ ଏଥିରେ ସନ୍ତୁଳନ ରହିବା ଜରୁରୀ ବୋଲି ସୀତାରାମନ୍ କହିଛନ୍ତି।

# କର୍ପୋରେଟ ଟିକସ ହ୍ରାସକୁ ଶିଳ୍ପ ବିଶେଷଜ୍ଞଙ୍କ ସ୍ୱାଗତ

### ଆଇସିସି ପକ୍ଷରୁ ବଜେଟ ଆଲୋଚନା




ଭୁବନେଶ୍ୱର,୬-୭(ବ୍ୟୁରୋ)

୨୦୧୯-୨୦ ଆର୍ଥିକବର୍ଷ ବଜେଟରେ କର୍ପୋରେଟଟିକସ ହ୍ରାସ ଘୋଷଣାକୁ ଶିଳ୍ପ ବିଶେଷଜ୍ଞମାନେ ସ୍ୱାଗତ ଜଣାଇଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପୁଞ୍ଜି ଯୋଗାଣ, କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି ପେନଶନ ବ୍ୟବସ୍ଥା, ରିୟଲ ଇଷ୍ଟେଟ କ୍ଷେତ୍ର ଭଳି ଅନ୍ୟ କ୍ଷେତ୍ର ଲାଗି ନିଆ ଯାଇଥିବା ବିଭିନ୍ନ ଯୋଜନାକୁ ବିଶେଷଜ୍ଞମାନେ ପ୍ରଶଂସା କରିଛନ୍ତି। ଇଣ୍ଡିଆନ ଚାମ୍ବର୍ସ ଅଫ କମର୍ସ(ଆଇସିସି) ପକ୍ଷରୁ ଏଠାରେ ଅନୁଷ୍ଠିତ ବଜେଟ ପରବର୍ତ୍ତି ଆଲୋଚନାରେ ପରୋକ୍ଷ ତଥା ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଶିଳ୍ପ ଏବଂ ସାଧାରଣ ଲୋକଙ୍କ ଉପରେ ପ୍ରଭାବ ପ୍ରସଙ୍ଗ ସ୍ଥାନିତ ହୋଇଥିଲା। ବ୍ୟାଙ୍କଗୁଡିକ ଲାଗି ଗ୍ରହଣ କରାଯାଇଥିବା ପୁଞ୍ଜିକରଣ ଯୋଜନା ସେମାନଙ୍କ ନଗଦ ଏବଂ ଋଣ ଯୋଗାଣ ସମସ୍ୟାକୁ ସମାଧାନ କରିପାରିବ ବୋଲି ବିଶେଷଜ୍ଞ ମାନେ କହିଛନ୍ତି। ଏହା ଦ୍ୱାରା ଅର୍ଥନୀତିରେ ବିକାଶ ସାଧନ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଛି। ବଜେଟରେ ଘୋଷଣା ଏମ୍ଏସ୍ଏମ୍ଇ,ଇ-ଯାନ, ଶ୍ରମ ସଂସ୍କାର ଏବଂ ରିୟଲ ଇଷ୍ଟେଟ କ୍ଷେତ୍ର ଲାଗି ଲାଭକାରି ହେବ। ଅପରପକ୍ଷରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଟିକସ ଲାଗୁ ପ୍ରସଙ୍ଗକୁ ବିଶେଷଜ୍ଞମାନେ ନାପସନ୍ଦ କରିଛନ୍ତି। ସେହିଭଳି ଆୟକର ସ୍ଲାବରେ କୌଣସି ପରିବର୍ତ୍ତନ ହୋଇ ନ ଥିବାରୁ ଏହା ଦେଶରେ ଚାହିଦା ବୃଦ୍ଧିକୁ ପ୍ରଭାବିତ କରିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଅର୍ଥ ଏବଂ ଟିକସ କମିଟିର ଆବାହକ ଏ.କେ.ସାବତ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ମେଣ୍ଟର ପ୍ରଦୀପ୍ତ ମହାନ୍ତି, ୟୁସିସିଆଇର ପୂର୍ବତନ ମହାନିର୍ଦ୍ଦେଶକ ରାଜେନ ପାଢ଼ୀ, ଆଇସିସି ଓଡିଶା ପରିଷଦ ସହ ଅଧ୍ୟକ୍ଷ ଜେ.ବି ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟାର୍ଟଅପ୍ଗୁଡ଼ିକ ଏବେ କାମରେ ଲାଗିପଡ଼ନ୍ତୁ: ସିବିଡିଟି

ନୂଆଦିଲ୍ଲୀ,୬-୭

Central Board of Direct Taxes (CBDT)

ବଜେଟରେ ଆଞ୍ଜେଲ ଟିକସ ସହ ଜଡ଼ିତ ଚିନ୍ତାକୁ ଦୂର କରାଯାଇଛି। ଏଣୁ ଷ୍ଟାର୍ଟଅପ୍ଗୁଡ଼ିକ ଏବେ ସମସ୍ତ ନିଜ କାମରେ ଲାଗିପଡନ୍ତୁ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଶନିବାର କହିଛି। ସିବିଡିଟି ଅଧ୍ୟକ୍ଷ ପି.ସି.ମୋଦି ଗଣମାଧ୍ୟମ ସହ ଆଲୋଚନାକାଳରେ କହିଛନ୍ତି ଯେ, ଷ୍ଟାର୍ଟଅପ୍ ସହ ଜଡ଼ିତ ସମସ୍ତ ପୁରୁଣା ବିବାଦ ଓ ପ୍ରସଙ୍ଗକୁ ବିଚାର ଆଲୋଚନା ପ୍ରକ୍ରିୟା ଜରିଆରେ ତଥା ବିଭାଗର ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସମାଧାନ କରାଯିବ। ଶୁକ୍ରବାର ନିଜର ପ୍ରଥମ ବଜେଟ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଷ୍ଟାର୍ଟଅପ୍ଗୁଡ଼ିକ ପାଇଁ ଆଞ୍ଜେଲ ଟିକସ ଓ ପ୍ରମାଣ ପ୍ରଦାନ ସଂକ୍ରାନ୍ତ ବିଷୟର ସମାଧାନ କରିଥିଲେ। ମୋଦି କହିଛନ୍ତି ଯେ, ଡିପିଆଇଆଇଟି(ଉଦ୍ୟୋଗ ଏବଂ ଆଭ୍ୟନ୍ତରୀଣ ସମ୍ପର୍କ ବିଭାଗ) ନିକଟରେ ଷ୍ଟାର୍ଟଅପ୍ ସମ୍ପର୍କିତ ଯାହା କିଛି ବିବାଦ ଅଟକି ରହିଥିଲା ଆୟକର ବିଭାଗ ସହ ଆଲୋଚନା ପରେ ସେଗୁଡ଼ିକର ସମାଧାନ କରାଯାଇସାରିଛି। ଷ୍ଟାର୍ଟଅପ୍ଗୁଡ଼ିକଙ୍କ ବିରୋଧରେ ଅଭିଯୋଗ ଅଥବା ଅବିଶ୍ୱାସ ଭଳି ପରିବେଶ ଆଉ ଦେଖିବାକୁ ମିଳିବ ନାହିଁ ବୋଲି ତାଙ୍କର ବିଶ୍ୱାସ ଥିବା ମୋଦି କହିଛନ୍ତି। ପୂର୍ବରୁ ଯେଉଁ ମାମଲାଗୁଡ଼ିକର ତଦନ୍ତ ଆରମ୍ଭ ହୋଇଛି ଅଥବା ନୋଟିସ ପଠାଯାଇଛି,ସେଗୁଡିକ ଲାଗି ସ୍ୱତନ୍ତ୍ର ନିରୀକ୍ଷଣ ଅଧିକାରୀଙ୍କର ପୂର୍ବରୁ ମଞ୍ଜୁରୀ ନିଆଯାଇଛି ବୋଲି ସେ କହିଛନ୍ତି। ସୂଚନାଥାଉ କି, ଗତ ଏକ ବର୍ଷ ହେବ ଆୟକର ନୋଟିସ ମିଳିବାକୁ ନେଇ ଷ୍ଟାର୍ଟଅପ୍ଗୁଡ଼ିକ ଅଭିଯୋଗ କରିଆସୁଛନ୍ତି। ସୂଚନାଥାଉ କି, ଡିପିଆଇଆଇଟି ଅଦ୍ୟାବଧି ୧୯,୬୬୫ ଷ୍ଟାର୍ଟଅପ୍କୁ ମାନ୍ୟତା ପ୍ରଦାନ କରିଛି।




# ଏସ୍ବିଆଇ ପକ୍ଷରୁ ବ୍ୟାଙ୍କ ଦିବସ ପାଳିତ

ଭୁବନେଶ୍ୱର,୬-୭

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍ବିଆଇ) ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କ ଦିବସ ପାଳିତ ହୋଇ ଯାଇଛି। ଗତ ୬୪ ବର୍ଷ ଧରି ବ୍ୟାଙ୍କ କିଭଳି ଲୋକଙ୍କ ନିକଟରେ ପରିଚିତ ହୋଇପାରିଛି ସେ ଦିଗରେ ଏଠାରେ ଆଲୋକପାତ କରାଯାଇଛି। ଗତ ୨୦୦ ବର୍ଷ ଏକ ପୁରୁଣା ବ୍ୟାଙ୍କ ହୋଇଥିଲେ ମଧ୍ୟ ଏହା କିଭଳି ଗ୍ରାହକଙ୍କ ବିଶ୍ୱାସ ଭାଜନ ହୋଇ ଆଗକୁ ବଢି ଚାଲିଛି ସେନେଇ ଆଲୋଚନା ଏଠାରେ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଚ୍ଏସ୍ସିଇ ଟପର୍ସଙ୍କୁ ସମ୍ମାନିତ କରାଯାଇଥିଲା। ବୟୋଜ୍ୟେଷ୍ଠ ଗ୍ରାହକମାନେ ମଧ୍ୟ ଏହି ଅବସରରେ ସମ୍ମାନିତ ହୋଇଥିଲେ। ସାରା ରାଜ୍ୟରେ ୧୫,୦୦୦ ବୃକ୍ଷରୋପଣ ନେଇ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା। ଏଥିରେ ଡିଜିଏମ୍ ଏସ୍.ଟି. ଲାମା, ଜିଏମ୍ ବିଜୟ କୁମାର କୁଜଉର, ଜିଏମ୍ ସି.ଏଲ୍.ଏନ୍. ଚାର୍ୟୁଲୁ,ଏଜିଏମ୍ ସନ୍ତୋଷ ନାରାୟଣ ଜେନାଙ୍କ ସମେତ ବ୍ୟାଙ୍କର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### କେଟିଏମ୍ ପକ୍ଷରୁ ଷ୍ଟଣ୍ଟ ଶୋ

**ଭୁବନେଶ୍ୱର,୬-୭:** କେଟିଏମ୍ ପକ୍ଷରୁ କଟକ ଏବଂ ଭୁବନେଶ୍ୱରରେ ଆକର୍ଷଣୀୟ ଷ୍ଟଣ୍ଟ ଶୋ' ଅନୁଷ୍ଠିତ ହୋଇଯାଇଛି। ପେସାଦାର ଷ୍ଟଣ୍ଟ ପ୍ରଦର୍ଶନକାରୀମାନେ ଏଠାରେ ଷ୍ଟଣ୍ଟ ପ୍ରଦର୍ଶନ କରିଛନ୍ତି। ବାଇକପ୍ରେମୀମାନେ ଏଥିରେ ନୂତନ ଭାବେ ଉନ୍ମୋଚିତ ଆର୍ସି ୧୨୫ ଏବିଏସ୍ ମଡେଲକୁ ଦେଖିବାର ସୁଯୋଗ ପାଇ ପାରିଥିଲେ। କଟକଠାରେ କଟକ କ୍ଲବ ଏବଂ ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଏହା ଅନୁଷ୍ଠିତ ହୋଇଥିଲା। କେଟିଏମ୍ ଡ୍ୟୁକ ବାଇକରେ ଷ୍ଟଣ୍ଟ ପ୍ରଦର୍ଶନ କରାଯାଇଥିଲା। କଟକର ଲିଙ୍କରୋଡସ୍ଥିତ ଶୋ'ରୁମ ଏବଂ ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ମେଫେୟାରଛକ ଏବଂ ଖଣ୍ଡଗିରି ଛକସ୍ଥିତ ଶୋ'ରୁମରୁ କମ୍ପାନୀର ବାଇକ ଗ୍ରାହକ ଲାଭ କରିପାରିବେ। କେଟିଏମ୍ ବାଇକର ରୋମାଞ୍ଚକୁ ଅନୁଭବ କରାଇବା ଲାଗି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବଜାଜ ଅଟୋର ପ୍ରୋ ବାଇକିଂ ଉପସଭାପତି ସୁମିତ ନାରଙ୍ଗ କହିଛନ୍ତି।

# କଟକରେ ଖୋଲିଲା ଅଜନ୍ତା ଶୋ'ରୁମ




ଭୁବନେଶ୍ୱର,୬-୭

ପ୍ରମୁଖ ଫୁଟୱେର କମ୍ପାନୀ ଅଜନ୍ତା ପକ୍ଷରୁ ଓଡିଶାରେ ଏହାର ପ୍ରଥମ ଶୋ'ରୁମ କଟକଠାରେ ଖୋଲିଛି। ନୂଆ ଷ୍ଟୋର ଆରମ୍ଭ ସହ କମ୍ପାନୀ ରାଜ୍ୟରେ ସମ୍ପ୍ରସାରଣ ଯୋଜନାକୁ ତ୍ୱରାନ୍ୱିତ କରିବ ବୋଲି କହିଛି। ଦେଶରେ ନୂଆ ପରୋକ୍ଷ ଟିକସ ବ୍ୟବସ୍ଥା ଜିଏସ୍ଟି ଆସିବା ପରେ ନୂଆ ଷ୍ଟୋର ଖୋଲିବା ନେଇ ନିଷ୍ପତ୍ତି ନିଆଯାଇଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସାଗନିକ ବାଣିକ କହିଛନ୍ତି। ହୋଲସେଲ, ଡିଲର, ସବ୍ଡିଲର ଏବଂ ରିଟେଲ ଚେନ୍ ନେଟୱର୍କ ଦ୍ୱାରା ବାଣିଜ୍ୟ ଅଭିବୃଦ୍ଧି ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି। ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟସ୍ଥାନଗୁଡିକରେ ଶୋ'ରୁମ ଖୋଲିବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ଏକ ଦାୟିତ୍ୱବାନ କର୍ପୋରେଟ ଭାବେ ନରେନ୍ଦ୍ର ମୋଦିଙ୍କର ଜଳ ସଂରକ୍ଷଣ ଲକ୍ଷ୍ୟ ଦିଗରେ ଯୋଗଦାନ ରଖୁଛୁ ବୋଲି କମ୍ପାନୀର ଅଧ୍ୟକ୍ଷ ସୁବ୍ରତ ବାଣିକ କହିଛନ୍ତି। ବର୍ଷା ଜଳ ସଂରକ୍ଷଣ, ଅଣପାରମ୍ପରିକ ଶକ୍ତି ବ୍ୟବହାର ଆବଶ୍ୟକତା, ସୋଲାର ଷ୍ଟେଶନ ପ୍ରତିଷ୍ଠା ଉପରେ କାର୍ଯ୍ୟ କରୁଥିବା ଅଧ୍ୟକ୍ଷ ବାଣିକ କହିଛନ୍ତି।





# ଲିଡ୍ସରେ ରୋହିତ-ରାହୁଲ ରାଜ୍

ଲିଡ୍ସ, ୬/୭ (ପି.ଟି.)

ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲଙ୍କ ଶତକ ସହାୟତାରେ ଚଳିତ ବିଶ୍ୱକପ୍‌ରେ ଭାରତ ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୩୯ଟି ବଲ ବାକି ରଖି ୭ ଉଇକେଟରେ ପରାସ୍ତ କରିଛି। ଏଥିସହ ସେମିଫାଇନାଲ ପୂର୍ବରୁ ଭାରତ ତା'ର ପ୍ରସ୍ତୁତି ଜୋରଦାର କରିଛି। ଏହି ବିଜୟ ସହ ଭାରତ ଲିଗ୍ ପର୍ଯ୍ୟାୟରେ ୯ଟି ମ୍ୟାଚ୍ ଖେଳି ୭ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ବିନାଫଳାଫଳ ସହ ୧୫ ପଏଣ୍ଟ ପାଇଁ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ପଛରେ ପକାଇ ଟେବୁଲର ଶୀର୍ଷକୁ ଉଠିଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଆଞ୍ଜେଲୋ ମାଥ୍ୟୁସଙ୍କ ଶତକ ସହ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୬୪ ରନ ସଂଗ୍ରହ କରିଥିଲା। ଜବାବରେ



ଶତକ ହାସଲ ପରେ ଆଞ୍ଜେଲୋ ମାଥ୍ୟୁସ୍।

ଭାରତ ୪୩.୩ ଓଭରରେ ୩ ଉଇକେଟ ହରାଇ ୨୬୫ ରନକରି ସହଜରେ ବିଜୟୀ ହୋଇଛି। ୧୦୩ ରନର ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରି ରୋହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୬୫ ରନର ସମ୍ମାନଜନକ ସ୍କୋରକୁ ପିଛା କରି ଭାରତ ଜବରଦସ୍ତ ଆରମ୍ଭ କରିଥିଲା। ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ପ୍ରଥମ ଉଇକେଟକରେ ୩୦ ଓଭରର ଠିକ୍‌ପରେ ୧୮୯ ରନ ସଂଗ୍ରହ କରି ଦଳକୁ ଦମ୍‌ଦାର ଆରମ୍ଭ ପ୍ରଦାନ କରିଥିଲେ। ତେବେ ଇନ୍‌ଫର୍ମ ରୋହିତ ୯୪ଟି ବଲର ସମ୍ମୁଖୀନ ହୋଇ ୧୪ ଚୌକା ଓ ୨ ଛକା ସହ ୧୦୩ ରନର ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ସେ କସୁନ ରଜିଥାଙ୍କ ବଲ୍‌ରେ ହଲକା ଶଟ୍ ଖେଳି ମିଡଅଫ୍‌ରେ ମାଥ୍ୟୁସଙ୍କ ହାତରେ ଧରାପଡିଥିଲେ। ଏଥିସହିତ ରୋହିତ ୫ଟି ଶତକ ହାସଲ କରି ବିଶ୍ୱରେକର୍ଡ ସୃଷ୍ଟି କରିଛନ୍ତି। ଗୋଟିଏ ବିଶ୍ୱକପ୍‌ରେ ସେ ସର୍ବାଧିକ ୫ଟି ଶତକ ହାସଲ କରି ବିରଳ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ମଧ୍ୟ କ୍ରମାଗତ ୩ଟି ଶତକ ଅର୍ଜନ କରିଛନ୍ତି। ରୋହିତଙ୍କ ପରେ ରାହୁଲ ମଧ୍ୟ ଶତକ ହାସଲ କରିଥିଲେ। ରାହୁଲ ୧୧୮ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୧ ଛକା ସହ ୧୧୧ ରନର ଶତକୀୟ ଇନିଂସ ଖେଳି ପ୍ୟାଭିଲିୟନ ଫେରିଥିଲେ। ଲସିଥ ମାଲିଙ୍ଗାଙ୍କ ବାଉନ୍ସରକୁ ଲେଫ୍ଟ କରୁଥିବା ବେଳେ ବଲ୍ ତାଙ୍କ ଗ୍ଲୋଭ୍ସରେ ବାଜିଥିଲା ଓ ଉଇକେଟକିପର କୁଲଲ ପେରେରା କ୍ୟାଚ୍ ନେଇଥିଲେ। ଏଥିସହିତ ରାହୁଲ ବିଶ୍ୱକପ୍‌ରେ ତାଙ୍କର ପ୍ରଥମ ଶତକ ହାସଲ କରିଛନ୍ତି। ଏହାପରେ ରିଷଭ ପନ୍ତ ଗୋଟିଏ ଚୌକା ସହ ୪ ରନ କରିଥିବାବେଳେ ଇସୁରୁ ଉଡାନାଙ୍କ ବଲ୍‌କୁ ପୁଲ୍ କରୁଥିବା ବେଳେ ଲାଇନ ମିସ୍ କରି ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅଧିନାୟକ କୋହଲି ୪୧ବଲରୁ ୩ ଚୌକା ସହ ୩୪ ରନ ଓ ହାର୍ଦ୍ଦିପ ପାଣ୍ଡ୍ୟା ୭ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ମାଲିଙ୍ଗା, ରଜିଥା ଓ ଉଡାନା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ଶତକୀୟ ଭାଗୀଦାରି ଅବସରରେ ରୋହିତ ଶର୍ମା-ଲୋକେଶ ରାହୁଲ।

## ମାଥ୍ୟୁସ୍‌ଙ୍କ ଶତକ

ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଶ୍ରୀଲଙ୍କା ଆରମ୍ଭରୁ ଝଟ୍‌କା ଖାଇଥିଲା। ଦଳ ମାତ୍ର ୫୫ ରନରେ ୪ ଉଇକେଟ ହରାଇଥିଲା ଓ ଟପ୍ ଅର୍ଡର ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ତଥା ଅଧିନାୟକ ଦିମୁଥ କରୁଣାରତ୍ନେ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ କୁଶଲ ପେରେରା ଯଥାକ୍ରମେ ୧୦ ଓ ୧୮ ରନ କରି ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ବଲ୍‌ରେ ଉଇକେଟ ପଛରେ ମହେନ୍ଦ୍ର ସିଂ ଧୋନୀଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବଲ ଦୁଇ ବ୍ୟାଟ୍ସମ୍ୟାନଙ୍କ ଏଜ୍ ନେଇଥିଲା ଓ ଧୋନୀ କ୍ୟାଚ୍ ନେବାରେ କୌଣସି ତ୍ରୁଟି କରି ନ ଥିଲେ। ମାତ୍ର ୩ ରନ କରିଥିବା ବେଳେ କୁଶଲ ମେଣ୍ଡିସ୍ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ଧୋନୀଙ୍କ






ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଏହାପରେ ଅଭିଷ୍କା ଫର୍ନାଣ୍ଡୋ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ ଉଇକେଟ ପଛରେ ଧୋନୀଙ୍କୁ କ୍ୟାଚ୍ ଦେଇଥିଲେ। ୪ଜଣ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବା ପଛରେ ଧୋନୀଙ୍କ ଅବଦାନ ରହିଥିଲା। ସେ ୩ଟି କ୍ୟାଚ୍ ନେଇଥିବା ବେଳେ ଗୋଟିଏ ଷ୍ଟମ୍ପିଂ କରିଥିଲେ। ତେବେ ଏହାପରେ ପଞ୍ଚମ ଉଇକେଟରେ ପୂର୍ବତନ ଅଧିନାୟକ ଆଞ୍ଜେଲୋ ମାଥ୍ୟୁସ ଓ ଲାହିରୁ ଥିରିମାନେ ଲଢୁଆ ବ୍ୟାଟିଂ କରି ୧୫୭ଟି ବଲ୍ ଖେଳି ୧୨୪ ରନକରି ସ୍ଥିତି ସମ୍ଭାଳିଥିଲେ ଓ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ତେବେ ଥିରିମାନେ ୬୮ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ସହ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କ ବଲ୍‌ରେ ଲମ୍ବା ଶଟ୍ ଖେଳିବାକୁ ଯାଇ ବ୍ୟାକୱାର୍ଡ ପଏଣ୍ଟରେ ଜାଡେଜାଙ୍କ ହାତରେ ଧରାପଡିଥିଲେ। ଏହାପରେ ମାଥ୍ୟୁସ ବୁମ୍‌ରାଙ୍କ ବଲ୍‌ରେ ଶଟ୍ ଖେଳିବାକୁ ପ୍ରୟାସ କରିଥିଲେ। ତେବେ ଏକ୍ସଟ୍ରା କଭରରେ ରୋହିତ ଶର୍ମା ତାଙ୍କ କ୍ୟାଚ୍ ନେଇଥିଲେ। ଆଉଟ ହେବା ପୂର୍ବରୁ ୩୨ ବର୍ଷୀୟ ମାଥ୍ୟୁସ୍ ୧୨୮ଟି ବଲ୍ ଖେଳି ୧୦ ଚୌକା ଓ ୨ ଛକା ସହ ୧୧୩ ରନର ଶତକୀୟ ପାଳି ଖେଳିଥିଲେ। ଏଥିସହିତ ଦିନିକିଆରେ ମାଥ୍ୟୁସ୍ ୩ଟି ଶତକ ଅର୍ଜନ କରିଛନ୍ତି। ସବୁ ଶତକ ସେ ଭାରତ ବିପକ୍ଷରେ ଅର୍ଜନ କରିଛନ୍ତି। ପୂର୍ବରୁ ମୋହାଲି ଓ ରାଞ୍ଚିରେ ଭାରତ ବିପକ୍ଷରେ ଶତକ ହାସଲ କରିଥିଲେ। ଶତକ ହାସଲ ପୂର୍ବରୁ ମାଥ୍ୟୁସ ଜାଡେଜାଙ୍କ ବଲ୍‌ରେ ଏକ ଜୀବନଦାନ ପାଇଥିଲେ। ଲଙ୍ଗଅନ୍‌ରେ ଭୁବନେଶ୍ୱର ତାଙ୍କର କ୍ୟାଚ୍ ହାତଛଡ଼ା କରିଥିଲେ।

ଷଷ୍ଠ ଉଇକେଟରେ ମାଥ୍ୟୁସ ଓ ଧନଞ୍ଜୟ ଡି ସିଲଭା ୭୪ ରନ ସଂଗ୍ରହ କରିଥିଲେ। ଧନଞ୍ଜୟ ୩୬ ବଲରୁ ୧ ଚୌକା ସହ ୨୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହାପରେ ଥିସାରା ପେରେରା ଲମ୍ବା ଶଟ୍ ଖେଳିବାକୁ ଯାଇ ଭୁବନେଶ୍ୱର କୁମାରଙ୍କ ବଲ୍‌ରେ ଲଙ୍ଗଅଫ୍‌ରେ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇଥିଲେ। ଇସୁରୁ ଉଡାନ ୧ ରନ କରି ଅପରାଜିତ ରହିଥିଲେ। ଭାରତ ପାଇଁ ବୁମ୍‌ରା ପୁଣି ଥରେ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ୧୦ ଓଭର ବୋଲିଂ କରି ୩୭ ରନ ବ୍ୟୟ କରିବା ସହ ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଭୁବନେଶ୍ୱର, ପାଣ୍ଡ୍ୟା, ଜାଡେଜା ଓ କୁଲଦୀପ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ କୁଲଦୀପଙ୍କୁ ଡ୍ରପ୍ କରାଯାଇଥିଲା। ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ସେ ଉନ୍ନତ ପ୍ରଦର୍ଶନ କରିପାରି ନାହାନ୍ତି। ଏହି ମ୍ୟାଚ୍‌ରେ ମହମ୍ମଦ ସାମିଙ୍କୁ ବିଶ୍ରାମ ଦିଆଯାଇଥିଲା ଓ ତାଙ୍କ ସ୍ଥାନରେ ଭୁବନେଶ୍ୱରଙ୍କୁ ଖେଳାଯାଇଥିଲା। କିନ୍ତୁ ସେ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଏହି ବିଶ୍ୱକପ୍‌ରେ ଜାଡେଜା ପ୍ରଥମଥର ପାଇଁ ଖେଳିବାର ସୁଯୋଗ ହାସଲ କରିଥିଲେ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଭାରତ | ୯ | ୭ | ୧ | ୦ | ୧ | ୧୫ | +୦.୮୦୯ |
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| ଇଂଲଣ୍ଡ | ୯ | ୬ | ୩ | ୦ | ୦ | ୧୨ | +୧.୧୫୨ |
| ନ୍ୟୁଜିଲାଣ୍ଡ | ୯ | ୫ | ୩ | ୦ | ୧ | ୧୧ | +୦.୧୭୫ |
| ପାକିସ୍ତାନ | ୯ | ୫ | ୩ | ୦ | ୧ | ୧୧ | -୦.୪୩୦ |
| ଶ୍ରୀଲଙ୍କା | ୯ | ୩ | ୪ | ୦ | ୨ | ୮ | -୦.୯୧୯ |
| ବାଂଲାଦେଶ | ୯ | ୩ | ୫ | ୦ | ୧ | ୭ | -୦.୪୧୦ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୯ | ୨ | ୬ | ୦ | ୧ | ୫ | -୦.୨୨୫ |
| ଆଫଗାନିସ୍ତାନ | ୯ | ୦ | ୯ | ୦ | ୦ | ୦ | -୧.୩୨୨ |

## ସ୍କୋର ବୋର୍ଡ

### ଶ୍ରୀଲଙ୍କା ଇନିଂସ

କରୁଣାରତ୍ନେ-କ-ଧୋନୀ-ବୋ-ବୁମ୍‌ରା-୧୦
କୁସାଲ-କ-ଧୋନୀ-ବୋ-ବୁମ୍‌ରା-୧୮
ଅଭିଷ୍କା-କ-ଧୋନୀ-ବୋ-ପାଣ୍ଡ୍ୟା-୨୦
କୁଶାଲ-କ-ଧୋନୀ-ବୋ-ଜାଡେଜା-୩
ମାଥ୍ୟୁସ-କ-ରୋହିତ-ବୋ-ବୁମ୍‌ରା-୧୧୩
ଥିରିମାନେ-କ-ଜାଡେଜା-ବୋ-କୁଲଦୀପ-୫୩
ଧନଞ୍ଜୟ-ନଟଆଉଟ-୨୯
ଥିସାରା-କ-ପାଣ୍ଡ୍ୟା-ବୋ-ଭୁବନେଶ୍ୱର-୨
ଉଡାନା-ନଟଆଉଟ-୧
ଅତିରିକ୍ତ-୧୫
ମୋଟ(୭ ଉଇକେଟ, ୫୦ ଓଭର) ୨୬୪
ଉଇକେଟ ପତନ: ୧/୧୭, ୨/୪୦, ୩/୫୩, ୪/୫୫, ୫/୧୭୯, ୬/୨୫୩, ୭/୨୬୦।

**ବୋଲିଂ(ଭାରତ)**
ଭୁବନେଶ୍ୱର ୧୦-୦-୭୩-୧
ବୁମ୍‌ରା ୧୦-୨-୩୭-୩
ପାଣ୍ଡ୍ୟା ୧୦-୨-୫୦-୧
ଜାଡେଜା ୧୦-୦-୪୦-୧
କୁଲଦୀପ ୧୦-୦-୫୮-୧।


### ଭାରତ ଇନିଂସ

ରାହୁଲ-କ-କୁସାଲ ପେରେରା-ବୋ-ମାଲିଙ୍ଗା-୧୧୧
ରୋହିତ-କ-ମାଥ୍ୟୁସ-ବୋ-ରଜିଥା-୧୦୩
କୋହଲି-ନଟ ଆଉଟ-୩୪
ରିଷଭ-ଏଲ୍‌ବିଡବ୍ଲ୍ୟୁ-ଉଡାନା-୪
ହାର୍ଦ୍ଦିକ-ନଟ ଆଉଟ-୭
ଅତିରିକ୍ତ-୬
**ମୋଟ:** (୪୩.୩ ଓଭର, ୩ ଉଇକେଟ) ୨୬୫/୩।
**ଉଇକେଟ ପତନ:** ୧/୧୮୯, ୨/୨୪୪, ୩/୨୫୩।

**ବୋଲିଂ (ଶ୍ରୀଲଙ୍କା)**
ଲସିଥ ମାଲିଙ୍ଗା ୧୦-୧-୮୨-୧
କାସୁନ ରଜିଥା ୮-୦-୪୭-୧
ଇସୁରୁ ଉଡାନା ୯.୩-୦-୫୦-୧
ଥିସାରା ପେରେରା ୧୦-୦-୩୪-୦
ଧନଞ୍ଜୟ ଡି' ସିଲ୍‌ଭା ୬-୦-୫୧-୦

# ଅମ୍ପାୟର ଇଆନ ଗୋଲ୍ଡଙ୍କ ଅବସର

ଲିଡ୍ସ,୬/୭(ପିଟି)




ଇଂଲିଶ ଅମ୍ପାୟର ଇଆନ ଗୋଲ୍ଡ ଏଠାରେ ଚାଲିଥିବା ଭାରତ ଓ ଶ୍ରୀଲଙ୍କା ମ୍ୟାଚ୍ ପରେ ଅବସର ନେଇଛନ୍ତି। ଏ ନେଇ ଆଇସିସି ପକ୍ଷରୁ ଶନିବାର କୁହାଯାଇଛି। ଗୋଲ୍ଡ ଅମ୍ପାୟରିଂ କ୍ୟାରିୟରରେ ୭୪ ଟେଷ୍ଟ ଓ ଭାରତ-ଶ୍ରୀଲଙ୍କା ମ୍ୟାଚ୍‌କୁ ମିଶାଇ ୧୪୦ ଦିନିକିଆ ପରିଚାଳନା କରିଛନ୍ତି। ଗୋଲ୍ଡ ୪ର୍ଥ ଥର ପାଇଁ ଆଇସିସି ବିଶ୍ୱକପ୍‌ରେ ଅମ୍ପାୟର ଦାୟିତ୍ୱ ତୁଲାଉଛନ୍ତି। ସେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ୨୦୧୧ ବିଶ୍ୱକପ୍ ସେମିଫାଇନାଲ ମଧ୍ୟ ଅମ୍ପାୟରିଂ କରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଗୋଲ୍ଡ ୧୯୯୦ରେ ଖେଳାଳି ଭାବେ ଅବସର ନେଇଥିଲେ। ଏହାପରେ ମିଡ୍‌ଲଏକ୍ସ ଦଳର କୋଚ୍ ଭୂମିକା ଗ୍ରହଣ କରିଥିଲେ। ତେବେ ସେ ଜଣେ ଅମ୍ପାୟର ଭାବେ ବହୁଳ ପରିଚିତ। ୬୧ ବର୍ଷୀୟ ଅମ୍ପାୟର ୧୩ ବର୍ଷ ପୂର୍ବେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିଥିଲେ। ଦୁଇ ବର୍ଷ ପରେ ଆଇସିସି ଏଲାଇଟ୍ ଅମ୍ପାୟରଙ୍କ ପ୍ୟାନେଲର ସଦସ୍ୟ ହୋଇଥିଲେ।

## ବିଶ୍ୱକପ୍ ରେକର୍ଡ ଅଧିକାରୀ ଶାହିନ ଆଫ୍ରିଦୀ

**ଲଣ୍ଡନ, ୬/୭:** ୧୯ ବର୍ଷୀୟ ପାକିସ୍ତାନ ବୋଲର ଶାହିନ ଶାହ ଆଫ୍ରିଦୀ ଶୁକ୍ରବାର ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ବିଶ୍ୱକପ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ମ୍ୟାଚ୍‌ରେ ସେ ୯.୧ ଓଭର ବୋଲିଂ କରି ୩୫ ରନ୍ ବ୍ୟୟରେ ୬ ଉଇକେଟ ଅକ୍ତିଆର କରିଥିଲେ। ଏହା ଚଳିତ ବିଶ୍ୱକପ୍‌ରେ ଯେକୋଣସି ବୋଲରଙ୍କ ଲାଗି ସର୍ବଶ୍ରେଷ୍ଠ ସ୍ପେଲ। ଏପର୍ଯ୍ୟନ୍ତ କୌଣସି ବୋଲର ଗୋଟିଏ ମ୍ୟାଚ୍‌ରେ ୬ ଉଇକେଟ ନେଇପାରିନାହାନ୍ତି। ସେ ବିଶ୍ୱକପ୍ ଇତିହାସରେ ସର୍ବକନିଷ୍ଠ ବୋଲର ଭାବେ ୬ ଉଇକେଟ ଅକ୍ତିଆର କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ସେହିଭଳି କ୍ରିକେଟର ମକ୍କା କୁହାଯାଉଥିବା ଲର୍ଡ୍ସ ଗ୍ରାଉଣ୍ଡରେ ୫ ଉଇକେଟ ନେବାରେ ସେ ସର୍ବକନିଷ୍ଠ ବୋଲର। ଏ ନେଇ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡ ପକ୍ଷରୁ ଟୁଇଟର ଜରିଆରେ ଶାହିନଙ୍କୁ ଶୁଭେଚ୍ଛା ଦିଆଯାଇଛି। ଶାହିନ ବିଶ୍ୱର ସର୍ବକନିଷ୍ଠ ବୋଲର ଭାବେ ଲର୍ଡ୍ସଠାରେ ୫ ଉଇକେଟ ନେଇଛନ୍ତି। ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ ଯୋଗୁ ଶାହିନଙ୍କୁ ମ୍ୟାନ୍ ଅଫ୍‌ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା।


# ବୁମ୍‌ରାଙ୍କ ଆଉ ଏକ କୀର୍ତ୍ତିମାନ

**ଲିଡ୍ସ, ୬/୭ (ପି.ଟି.):** ଭାରତର ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ତାଙ୍କ ସଫଳମୟ କ୍ୟାରିୟରରେ ଆଉ ଏକ କିର୍ତ୍ତୀମାନ ସ୍ଥାପନ କରିଛନ୍ତି। ଏକଦିବସୀୟ କ୍ରିକେଟ୍‌ରେ ୧୦୦ ଉଇକେଟ୍ ଅକ୍ତିଆର କରିବାରେ ସେ ଦ୍ୱିତୀୟ ଦ୍ରୁତତ୍ତମ ଭାରତୀୟ ବୋଲର ହୋଇଛନ୍ତି। ବିଶ୍ୱକପ୍‌ରେ ଶନିବାର ଏଠାରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ଅନ୍ତିମ ମ୍ୟାଚ୍ ଅବସରରେ ବୁମ୍‌ରା ଏହି ସଫଳତା ହାସଲ କରିଛନ୍ତି। ୨୫ ବର୍ଷୀୟ ବୁମ୍‌ରା ମ୍ୟାଚ୍‌ରେ ୪ର୍ଥ ଓଭରରେ ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେଙ୍କୁ ଆଉଟ୍ କରି କ୍ୟାରିୟରର ୧୦୦ତମ ଦିନିକିଆ ଉଇକେଟ୍ ନେଇଥିଲେ। ଏହି ସଫଳତା ହାସଲ କରିବାକୁ ତାଙ୍କୁ ୫୭ ମ୍ୟାଚ୍‌ର ସହାୟତା ନେବାକୁ ପଡ଼ିଥିଲା। ଏହିକ୍ରମରେ ଏକଦିବସୀୟ କ୍ରିକେଟ୍‌ରେ ଦ୍ରୁତତ୍ତମ ୧୦୦ ଉଇକେଟ୍ ନେଇଥିବା ବୋଲର ତାଲିକାରେ ସେ ୮ମ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ବୋଲର ମହମ୍ମଦ ସାମି ଓ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ମିଳିତ ଭାବେ ଏହି ତାଲିକାର ୭ମ ସ୍ଥାନରେ ରହିଛନ୍ତି। ଉଭୟ ସାମି ଓ ବୋଲ୍ଟ ଏହି କିର୍ତ୍ତୀମାନ ହାସଲ କରିବାକୁ ୫୬ ମ୍ୟାଚ୍ ଖେଳିଥିଲେ। ଆଫଗାନିସ୍ତାନ ସ୍ପିନର ରଶିଦ ଖାଁ (୪୪ ମ୍ୟାଚ୍) ଏହି ତାଲିକାର ଶୀର୍ଷରେ ରହିଛନ୍ତି।



“ଐତିହାସିକ ଲର୍ଡ୍ସ ପିଚ୍‌ରେ ବାଂଲାଦେଶ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ରେକର୍ଡ ୬ ଉଇକେଟ ସଫଳତା ମୋ ପାଇଁ ଅବିଶ୍ୱସନୀୟ ଥିଲା ।

–ଶାହିନ ଆଫ୍ରିଦୀ, ପାକିସ୍ତାନର ଯୁବ ସ୍ୱିଡ୍‌ଷ୍ଟର



“ଚଳିତ ଆଇସିସି ବିଶ୍ୱକପ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ଭଳି ହେଭିଓ୍ୱେଟ୍ ଦଳ ବିପକ୍ଷରେ ଆମ ଦଳର ପ୍ରଦର୍ଶନ ସନ୍ତୋଷଜନକ ଥିଲା ।

–ଲିଟନ ଦାସ, ବାଂଲାଦେଶ କ୍ରିକେଟର



## ସଂକ୍ଷେପରେ

### କାନାଡ଼ା ଓପନ: ସେମିରେ କାଶ୍ୟପ


**କାଲଗାରି,୬।୭(ପିଟି):** ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପାରୁପଲ୍ଲୀ କାଶ୍ୟପ ଏଠାରେ ଚାଲିଥିବା କାନାଡ଼ା ଓପନ୍ ସୁପର ୧୦୦ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୬ଷ୍ଠ ସିଡ୍ କାଶ୍ୟପ ଫ୍ରାନ୍ସର ଲୁକାସ କ୍ଲାଏରବାଉଟଙ୍କୁ ୧୨-୨୧, ୨୩-୨୧, ୨୪-୨୨ ଗେମ୍‌ରେ ହରାଇ ଦେଇଛନ୍ତି। ବିଜୟ ପାଇଁ ତାଙ୍କୁ ଏକ ଘଣ୍ଟା ୧୬ ମିନିଟ୍ ଲାଗିଥିଲା। ଚଳିତ ବର୍ଷ ଇଣ୍ଡିଆ ଓପନ୍ ସୁପର ୫୦୦ ଟୁର୍ନାମେଣ୍ଟ ଫାଇନାଲିଷ୍ଟ କାଶ୍ୟପ ପରବର୍ତ୍ତୀ ମ୍ୟାଚ୍‌ରେ ଚାଇନିଜ୍ ତାଇପେର ୱାଙ୍ଗ୍ ଜୁ ୱେଇଙ୍କୁ ଭେଟିବେ। ୱାଙ୍ଗଙ୍କୁ ଭାରତୀୟ ଖେଳାଳି ପୂର୍ବରୁ ଦୁଇଥର ହରାଇ ସାରିଛନ୍ତି। ଚାଇନିଜ ତାଇପେ ଖେଳାଳିଙ୍କୁ ଏଥର ପରାସ୍ତ କରିବାରେ ସଫଳ ହେଲେ ସେ ଚଳିତ ବର୍ଷର ପ୍ରଥମଥର କୌଣସି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିବେ। ଅନ୍ୟପକ୍ଷରେ ଜାତୀୟ ଚାମ୍ପିୟନ ସୌରଭ ବର୍ମା କ୍ୱାର୍ଟର ଫାଇନାଲ ବାଧା ଅତିକ୍ରମ କରିବାରେ ସଫଳ ହୋଇନାହାନ୍ତି। ତାଙ୍କୁ ୧୫-୨୧, ୧୧-୨୧ ଗେମ୍‌ରେ ଚାଇନାର ଲି ଶି ଫେଙ୍ଗ୍ ପରାସ୍ତ କରିଛନ୍ତି।

### ସୋହିନୀଙ୍କୁ ଟାଇଟଲ




ଭୁବନେଶ୍ୱର, ୬।୭(କ୍ରୀଡ଼ା ପ୍ରତିନିଧି): ପଞ୍ଜାବର ଜଳନ୍ଧରରେ ଅନୁଷ୍ଠିତ ଏଆଇଟିଏ (ଅଲ୍‌ଇଣ୍ଡିଆ ଟେନିସ ଆସୋସିଏଶନ) ସୁପର ସିରିଜ ଟେନିସ ଟୁର୍ନାମେଣ୍ଟର ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ଓଡ଼ିଶାର ସୋହିନୀ ଏସ. ମହାନ୍ତି ସିଙ୍ଗଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି। ସର୍ବଭାରତୀୟ ର୍ୟାଙ୍କର ୩ ନମ୍ବର ସ୍ଥାନରେ ଥିବା ସୋହିନୀ ଟପ୍ ସିଡ୍ ଖେଳାଳିଭାବେ ଏହି ପ୍ରତିଯୋଗିତାରେ ଖେଳିଥିଲେ। ବାଳିକା ସିଙ୍ଗଲ୍ସ ଫାଇନାଲରେ ସୋହିନୀ ଉତ୍ତର ପ୍ରଦେଶର ଶଗୁନ କୁମାରୀଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ପୂର୍ବରୁ ସେ ସେ ସେମିଫାଇନାଲରେ ୩ ନମ୍ବର ସିଡ୍ ମହାରାଷ୍ଟ୍ରର ଐଶ୍ୱର୍ଯ୍ୟା ଯାଦବଙ୍କୁ ୭-୬(୩), ୬-୪ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ପ୍ରତିଯୋଗିତାରୁ ସୋହିନୀ ୫୦ ଏଆଇଟିଏ ର୍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି।







ୱିମ୍ବେଲଡନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍ ମହିଳା ସିଙ୍ଗଲ୍ସର ଏକ ମ୍ୟାଚ୍‌ରେ ରିଟର୍ନ ସଟ୍ ଖେଳୁଛନ୍ତି ଆମେରିକାର ଲୌରେନ ଡାଭିସ। ମ୍ୟାଚ୍ ଜିତିବା ପରେ ପେଟ୍ରା କ୍ୱିଟୋଭା ଓ ସେରେନା ୱିଲିୟମ୍ସଙ୍କ ପ୍ରତିକ୍ରିୟା।

# ୱିମ୍ବେଲଡନ୍: ସେରେନା ଚତୁର୍ଥ ରାଉଣ୍ଡରେ

**ଲଣ୍ଡନ, ୬।୭ (ଏଏଫ୍‌ପି)**

ସାତ ଥର ଚାମ୍ପିୟନ ସେରେନା ୱିଲିୟମ୍ସ ଏବଂ ବିଶ୍ୱର ନମ୍ବର ୱାନ ଆଶଲେ ବାର୍ଟି ୱିମ୍ବେଲଡନ ଓପନ ଟେନିସ୍ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆମେରିକାର ଏହି ୩୭ ବର୍ଷୀୟା ଷ୍ଟାର ଖେଳାଳି ସେରେନା ଜର୍ମାନୀର ଜୁଲିଆ ଜର୍ଜେସଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏଥରକୁ ମିଶାଇ ସେ ୧୬ଥର ପାଇଁ ୱିମ୍ବେଲଡନରେ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇପାରିଛନ୍ତି। ଏହି ପର୍ଯ୍ୟାୟରେ ସେ ସ୍ପେନର କାର୍ଲା ସୁଆରେଜଙ୍କ ସହିତ ମୁକାବିଲା କରିବେ। ଅଷ୍ଟ୍ରେଲିଆର ବାର୍ଟି ବ୍ରିଟିଶ ୱାଇଲ୍ଡ କାର୍ଡ ହାରଏଟ୍ ଡାର୍ଟଙ୍କ ବିପକ୍ଷରେ ୬-୧, ୬-୧ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ଆମେରିକାର ଅଣସିଡ୍ ଆଲିସନ ରିସ୍କେଙ୍କୁ ଭେଟିବେ। ଆମେରିକାର ୧୫ ବର୍ଷୀୟା ପ୍ରତିଭା କୋକୋ ଗଫ୍ ୱିମ୍ବେଲଡନରେ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ବିଶ୍ୱର ୩୧୩ ର୍ୟାଙ୍କିଙ୍ଗପ୍ରାପ୍ତ ଏହି ଖେଳାଳି ସ୍ଲୋଭେନିଆର ପୋଲୋନା ହରକଗ୍‌ଙ୍କୁ ହରାଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ବିଶ୍ୱର ପୂର୍ବତନ ନମ୍ବର ୱାନ ତଥା ପୂର୍ବତନ ଫ୍ରେଞ୍ଚ ଓପନ ଚାମ୍ପିୟନ ସିମୋନା ହାଲେପ୍‌ଙ୍କ ସହିତ ମୁକାବିଲା କରିବେ। ଦୁଇଥର ଚାମ୍ପିୟନ ପେଟ୍ରା କ୍ୱିଟୋଭା ୫ବର୍ଷ ମଧ୍ୟରେ ପ୍ରଥମ ଥର ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଶେଷଥର ପାଇଁ ସେ ୨୦୧୪ରେ ସେ ଏହି ସଫଳତା ହାସଲ କରିଥିଲେ ଏବଂ ତାଙ୍କର ଦ୍ୱିତୀୟ ଟାଇଟଲ ଜିତିଥିଲେ। ଚେକ୍ ରିପବ୍ଲିକର ୬ଷ୍ଠ ସିଡ୍ କ୍ୱିଟୋଭା ପୋଲାଣ୍ଡର ମାଗ୍‌ଡା ଲିନେଟିଙ୍କୁ ୬-୩, ୬-୨ ସେଟରେ ହରାଇ ଦେଇଛନ୍ତି। ୱିମ୍ବେଲଡନ ପୁରୁଷ ବିଭାଗରେ କେଇ ନିଶିକୋରି ଚତୁର୍ଥ ଥର ପାଇଁ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଜାପାନର ଜଣେ ଖେଳାଳି ହିସାବରେ ସେ ଆଇ ସୁଗିଆମାଙ୍କ ରେକର୍ଡ ସମକକ୍ଷ ହୋଇ ପାରିଛନ୍ତି। ନିଶିକୋରି ୬-୪, ୬-୩, ୬-୨ ସେଟ୍‌ରେ ଆମେରିକାର ଷ୍ଟିଭ୍ ଜନ୍‌ସନ୍‌ଙ୍କୁ ପରାସ୍ତ କରିଛନ୍ତି।

## ପ୍ରଥମ ଦିନରେ ଭାରତକୁ ୬ ପଦକ

**ଅଲ୍‌ମାଟୀ (କାଜାଖସ୍ତାନ), ୬।୭ (ପି.ଟି.):** ଶନିବାରଠାରୁ ଏଠାରେ ଆରମ୍ଭ ହୋଇଥିବା କ୍ୱାସନୋଭ ମେମୋରିଆଲ ମିଟ୍‌ର ଉଦ୍‌ଘାଟନୀ ଦିବସରେ ଭାରତ ୬ ପଦକ ଜିତିଛି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ ପଦକ ରହିଛି। ପୁରୁଷ ୮୦୦ ମିଟର୍ ଦୌଡ଼ରେ ମହମ୍ମଦ ଅଫ୍‌ଜାଲ (୧ ମିନିଟ୍ ୪୯.୧୨ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗତ ଫେବ୍ରୁୟାରୀରେ ପଟିଆଲାରେ ଅନୁଷ୍ଠିତ ଇଣ୍ଡିଆ ଗ୍ରାଁପ୍ରିରେ ସେ ହାସଲ କରିଥିବା ନିଜର ସିଜନ ଶ୍ରେଷ୍ଠ ଟାଇମିଂ(୧:୪୯.୦୧)ରୁ ବଞ୍ଚିତ ହୋଇଥିଲେ। ଗଗନଦୀପ ସିଂ ଦିବସରେ ଭାରତ ପାଇଁ ୨ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୁରୁଷ ଡିସ୍‌କସ୍ ଥ୍ରୋ'ରେ ସେ ୫୨.୩୯ ଦୂରତାକୁ ଡିସକସ୍ ଫିଙ୍ଗି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଆଥ୍‌ଲେଟ୍ ସେଛିଲ କୁମାର ମିତ୍ରବରୁଣ (୪୯.୫୪) ରୌପ୍ୟ ପଦକ ଜିତିଥିଲେ। ମହିଳା ଡିସ୍‌କସ ଥ୍ରୋ'ରେ ନଭଜିତ୍ ୫୪.୮୦ ମିଟର ସହ ଦେଶ ପାଇଁ ୩ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମହିଳା ହାମର ଥ୍ରୋ'ରେ ଦୁଇ ଭାରତୀୟ ପ୍ରତିଯୋଗୀ ଜ୍ୟୋତି ଜାଖର ରନ (୫୮.୬୯ ମିଟର) ଓ ଅନିତା (୫୫.୩୮) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଅବସର ନେବା ସ୍ପଷ୍ଟ କଲେ ସୋଏବ ମଲିକ

**ଲଣ୍ଡନ,୬।୭(ଏଏଫ୍‌ପି)**

ପାକିସ୍ତାନ ଅଭିଜ୍ଞ ବ୍ୟାଟ୍ସମ୍ୟାନ ସୋଏବ ମଲିକ୍ ଅବସର ନେଇ ସୂଚନା ଦେଇଛନ୍ତି। ସେ ଦିନିକିଆ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି। ଚଳିତ ବିଶ୍ୱକପ୍‌ରେ ସେ ଦଳରୁ ବାଦ୍ ପଡିଥିଲେ। ପାକିସ୍ତାନ ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଶୁକ୍ରବାର ବାଂଲାଦେଶକୁ ୯୪ ରନରେ ହରାଇଥିଲା ଓ ସେ ଏହିମ୍ୟାଚ୍‌ରେ ଖେଳିନଥିଲେ। ଫଳରେ ବିନା ଫେୟାରୱେଲ ମ୍ୟାଚ୍ ଖେଳି ସେ ଅବସର ନେବା ସ୍ପଷ୍ଟ ହୋଇଛି। ବିଶ୍ୱକପ୍ ପରେ ଅବସର ନେବେ ବୋଲି ମଲିକ ଗତବର୍ଷ କହିଥିଲେ।

ଦିନିକିଆରୁ ଅବସର ନେଇଥିଲେ ମଧ୍ୟ ୩୭ ବର୍ଷୀୟ ମଲିକ ଟି୨୦ ଫର୍ମାଟରେ ଖେଳ ଜାରି ରଖିବେ। ଅବସର ନେବା ମୋ ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ ବୋଲି ସେ କହିଛନ୍ତି। ଚଳିତ ବିଶ୍ୱକପ୍‌ରେ ସେ ୩ଟି ମ୍ୟାଚ୍ ଖେଳି ଦୁଇଥର ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଫଳରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ହାରିସ ସୋହେଲଙ୍କୁ ସାମିଲ କରାଯାଇଥିଲା। ଅବସର ନିଷ୍ପତ୍ତି ନିଶ୍ଚିତ ଭାବେ କଷ୍ଟକର। ଏହା ମୋତେ ଦୁଃଖ ଦେଇଛି। ଏବେ ପରିବାର ସହ ସମୟ ବିତାଇବାକୁ ସମୟ ପାଇବି। ଆସନ୍ତାବର୍ଷ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ଉପରେ ମନୋନିବେଶ କରିବି ବୋଲି ମଲିକ କହିଛନ୍ତି।



ଅନ୍ତିମ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନ ବାଂଲାଦେଶକୁ ହରାଇଥିଲେ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିପାରିନାହିଁ। ପୂର୍ବରୁ ପାକିସ୍ତାନ ଇମ୍ରାନ ଖାଁଙ୍କ ନେତୃତ୍ୱରେ ୧୯୯୨ ବିଶ୍ୱକପ୍ ହାସଲ କରିଥିଲା। ୯ଟି ମ୍ୟାଚ୍ ଖେଳି ସମାନ ୧୧ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଉନ୍ନତ ରନ୍‌ରେଟ୍‌ରେ ପାକିସ୍ତାନକୁ ପଛରେ ପକାଇ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ପ୍ରବେଶ କରିଥିଲା। ମଲିକ ୨୮୭ଟି ଦିନିକିଆ ଖେଳି ୯ଟି ଶତକ ସହ ୭,୫୩୪ ରନ ସଂଗ୍ରହ କରିଛନ୍ତି। ଗତ ୧୬ ତାରିଖରେ ସେ ଭାରତ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଶେଷଥର ପାଇଁ ଅଂଶଗ୍ରହଣ କରିଥିଲେ। ଅଫ୍ ସ୍ପିନର ହିସାବରେ ସେ ୧୫୮ଟି ଉଇକେଟ ମଧ୍ୟ ହାସଲ କରିଥିଲେ। ୪୧ ଦିନିକିଆରେ ସେ ପାକିସ୍ତାନର ନେତୃତ୍ୱ ନେଇଥିଲେ। ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରି ଦଳକୁ ଜିତାଇବାକୁ ଚାହିଁଥିଲି। କିନ୍ତୁ କଥା ଅଲଗା ହେଲା। ଫଳରେ ନିରାଶ ହୋଇଛି ବୋଲି ମଲିକ ସ୍ୱୀକାର କରିଛନ୍ତି। ଗୋଟିଏ, ଦୁଇଟି ମ୍ୟାଚ୍ ପ୍ରଦର୍ଶନରୁ ଜଣେ ଖେଳାଳିଙ୍କ ଦକ୍ଷତାକୁ ମାପିବା ଠିକ୍ ନୁହଁ। କିନ୍ତୁ ମୋ ବଦଳରେ ଦଳରେ ସ୍ଥାନ ପାଇଥିବା ହାରିସ ସୋହେଲ ଭଲ ପ୍ରଦର୍ଶନ କରିଛନ୍ତି। ସେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି ମଲିକ କହିଛନ୍ତି। ପାକିସ୍ତାନ ପାଇଁ ୨୦ ବର୍ଷ କ୍ରିକେଟ ଖେଳିବି ବୋଲି କେବେ ଭାବି ନ ଥିଲି। ଭଲ ଖେଳିବା ପାଇଁ ସବୁବେଳେ କଠିନ ପରିଶ୍ରମ କରିଆସିଛି ଓ ଫଳ ମଧ୍ୟ ପାଇଛି। ଦିନିକିଆ କ୍ୟାରିୟର ନେଇ ବେଶ୍ ସନ୍ତୁଷ୍ଟ। ଚାମ୍ପିୟନ୍ସ ଟ୍ରଫି ଜିତିବା ମୋ ଦିନିକିଆ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ବୋଲି ମଲିକ କହିଛନ୍ତି।

## ହକି: ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଗୋଲ କିପିଂ କ୍ୟାମ୍ପ

**ବେଙ୍ଗାଲୁରୁ, ୬।୭ (ପି.ଟି.)**

ହକି ଇଣ୍ଡିଆ (ଏଚ୍‌ଆଇ) ତରଫରୁ ମହିଳାଙ୍କ ଲାଗି ସ୍ୱତନ୍ତ୍ର ଗୋଲ କିପିଂ କ୍ୟାମ୍ପ ଆୟୋଜନ କରାଯାଇଛି। ଏଥିପାଇଁ ଶନିବାର ୯ ଜଣ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ପରିସରରେ ସୋମବାରଠାରୁ ଆରମ୍ଭ ହେବାକୁଥିବା ଏହି କ୍ୟାମ୍ପ ୭ ଦିନ ଚାଲିବ। ଦୁଇ ଅଭିଜ୍ଞ ସବିତା ଏବଂ ରଜନୀ ଏଟିମାର୍ପୁଙ୍କ ସହିତ ଯୁବା ଗୋଲକିପର ସ୍ୱାତି, ସୋନାଲ ମିଞ୍ଜ, ବିଚୁ ଦେବୀ ଖାରିବାମ୍, ଚଞ୍ଚଳ, ଖୁସ୍‌ବୁ, ରଶନପ୍ରୀତ କୌର ଏବଂ ଏଫ୍. ରମେଙ୍ଗମାୱି। ଡଚ୍ ଗୋଲ କିପିଂ ବିଶାରଦ ମାର୍ଟିଜିନ୍ ଡ୍ରିଜଭର ପରିଚାଳନା କରିବେ। ହାଇପରଫର୍ମାନ୍ସ ଡାରେକ୍ଟର, ଡେଭିଡ ଜନ୍ କହିଛନ୍ତି ଜଣେ ବିଶ୍ୱ ଶ୍ରେଣୀର ଅଭିଜ୍ଞଙ୍କ ଗୋଲ କିପିଂ ବିଶାରଦଙ୍କଠାରୁ ଶିକ୍ଷା ଲାଭ କରିବା ଆମ ଗୋଲକିପରମାନଙ୍କ ଲାଗି ଏକ ଭଲ ସୁଯୋଗ। ଏହି କ୍ୟାମ୍ପ କେବଳ ଆମର କିପରମାନଙ୍କୁ ନୁହେଁ ୩୩ ସମ୍ଭାବ୍ୟ ଖେଳାଳି ମଧ୍ୟ କିଛି ଶିକ୍ଷା ଲାଭ କରିପାରିବେ। ସୂଚନାଯୋଗ୍ୟ, ଗୋଲକିପିଂ କୋଚ୍ ଭାବେ ମାର୍ଟିଜିନ୍‌ଙ୍କର ୨୫ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ନେଦରଲାଣ୍ଡ୍ସରେ ସେ ଡ୍ରିଭିଜର ଗୋଲ ଏକାଡେମୀର ପ୍ରତିଷ୍ଠାତା। ପୂର୍ବରୁ ସେ ବହୁ ଘରୋଇ ଓ ଅନ୍ତର୍ଜାତୀୟ ହକି ଟିମ୍‌ର ଗୋଲକିପିଂ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ଜଣେ ଗୋଲକିପିଂ କୋଚ୍ ଭାବେ ଅନ୍ତର୍ଜାତୀୟସ୍ତରରେ ମାର୍ଟିଜିନ୍‌ଙ୍କ ୩ ଅଲିମ୍ପିକ ଗେମ୍ସ, ୫ ୟୁରୋପିଆନ ଚାମ୍ପିୟନଶିପ୍, ୩ ବିଶ୍ୱକପ୍ ଏବଂ ୧୦ ଚାମ୍ପିୟନ୍ସ ଟ୍ରଫିରେ ଅଭିଜ୍ଞତା ରହିଛି।

# ଧୋନୀଙ୍କୁ ଆଇସିସିର ଭୂୟସୀ ପ୍ରଶଂସା

**ଲିଡ୍ସ,୬।୭(ପି.ଟି.)**

ଭାରତୀୟ ପୂର୍ବତନ ଅଧିନାୟକ ତଥା ଅଭିଜ୍ଞ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନଙ୍କ ପ୍ରଶଂସାରେ ଶତମୁଖ ହୋଇଛି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି)। ଧୋନୀ ଭାରତୀୟ କ୍ରିକେଟର ରୂପରେଖରେ ସକାରାତ୍ମକ ପରିବର୍ତ୍ତନ ଆଣିଛନ୍ତି ବୋଲି ଆଇସିସି ତରଫରୁ କୁହାଯାଇଛି। ଜଣେ ଅଧିନାୟକ ଓ ଖେଳାଳି ହିସାବରେ ଧୋନୀ ଭାରତ ପାଇଁ ସବୁ ପ୍ରକାର ସଫଳତା ହାସଲ କରିଛନ୍ତି। ଧୋନୀ ୨୦୧୧ ବିଶ୍ୱକପ୍ ଜିତିବା ସହ ୨୦୦୭ ଟି୨୦ ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫି ମଧ୍ୟ ହାସଲ କରିଛନ୍ତି। ରବିବାର ୩୮ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବେଳେ ଆଇସିସି ତରଫରୁ ଧୋନୀଙ୍କୁ ବେଶ୍ ତାରିଫ୍ କରାଯାଇଛି। ଧୋନୀଙ୍କ ସଫଳତା ନେଇ ଆଇସିସି ଏକ ଭିଡିଓ ପୋଷ୍ଟ କରିଛି।

ଧୋନୀ ଭାରତୀୟ କ୍ରିକେଟରେ ପରିବର୍ତ୍ତନ ଆଣିଛନ୍ତି। ବିଶ୍ୱସାରା ତାଙ୍କ ଦ୍ୱାରା ଅନୁପ୍ରାଣିତ ଓ ପ୍ରେରଣା ପାଇଛନ୍ତି। ସେ ଜଣେ ମହାନ କ୍ରିକେଟର ଓ ଆଗାମୀ ପିଢ଼ି ପାଇଁ ଜ୍ୱଳନ୍ତ ଛାପ ଛାଡିଯିବେ ବୋଲି ଆଇସିସି ତା'ର ଟ୍ୱିଟର ହ୍ୟାଣ୍ଡେଲରେ ଉଲ୍ଲେଖ କରିଛି। ଏହି ଭିଡିଓରେ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ସୁପରଷ୍ଟାର ବିରାଟ କୋହଲି ଧୋନୀଙ୍କ ଉପରେ ନିଜର ମତ ରଖୁଥିବାର ଦେଖାଯାଇଛି। ଭାରତୀୟ କ୍ରିକେଟରେ ଧୋନୀଙ୍କ ପ୍ରଭାବ ନେଇ ଏହି ଦୁଇ କ୍ରିକେଟର ମତ ରଖିଛନ୍ତି। ବାହାରକୁ ଧୋନୀ ଯେଉଁଭଳି ଦେଖାଯାଆନ୍ତି ପ୍ରକୃତରେ ସେ କିନ୍ତୁ ସମ୍ପୂର୍ଣ୍ଣ ଅଲଗା। ସବୁବେଳେ



ଧୀର ଓ ଶାନ୍ତ ମନେ ହେଉଥିବା ଧୋନୀଙ୍କଠାରୁ ବହୁତ କିଛି ଶିକ୍ଷା କରିବାର ଅଛି ବୋଲି କୋହଲି କହିଛନ୍ତି। ସେ ମୋର ଅଧିନାୟକ ଥିଲେ ଓ ଆଗକୁ ମଧ୍ୟ ମୋର ଅଧିନାୟକ ରହିବେ। ଆମ ମଧ୍ୟରେ ବୁଝାମଣା ଉଚ୍ଚକୋଟୀର ରହି ଆସିଛି। ସବୁବେଳେ ତାଙ୍କ ପରାମର୍ଶ ଶୁଣିଥାଏ ଓ ଉପଦେଶକୁ ମାନିଥାଏ ବୋଲି କୋହଲି ଧୋନୀଙ୍କୁ ପ୍ରଶଂସା କରି କହିଛନ୍ତି।


୨୦୧୬ରେ ଟିମ୍ ଇଣ୍ଡିଆରେ ସ୍ଥାନ ପାଇଥିଲି। ସେତେବେଳେ ଧୋନୀ ଅଧିନାୟକ ଥିଲେ। ସାରା ଦଳ ଉପରେ ତାଙ୍କର ପ୍ରଭାବ ଥିଲା ଓ ସମସ୍ତେ ତାଙ୍କ କଥା ଶୁଣୁଥିଲେ ବୋଲି ବୁମରା କହିଛନ୍ତି। ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ୍ୟ ଧୋନୀଙ୍କୁ ତାରିଫ କରିଛନ୍ତି। ଧୋନୀଙ୍କ ଭଳି କେହି ଭଲ ହୋଇପାରିବେ ନାହିଁ ବୋଲି ସେ କହିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ଅବସରରେ ଷ୍ଟୋକ୍ସ ରାଇଜିଂ ପୁଣେ ଜାଏଣ୍ଟ୍ସ ପାଇଁ ଧୋନୀଙ୍କ ସହ ଡ୍ରେସିଂରୁମ୍ ଶେୟାର କରିଥିଲେ। ଜଣେ ଉଇକେଟକିପର ଓ ବ୍ୟାଟ୍ସମ୍ୟାନ ହିସାବରେ ଧୋନୀଙ୍କ ସଫଳତା ଦୃଷ୍ଟାନ୍ତମୂଳକ। ତାଙ୍କ ଭଳି କେହି ହୋଇପାରିବେ ନାହିଁ ବୋଲି ଷ୍ଟୋକ୍ସ କହିଛନ୍ତି।

ଇଂଲଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ମଧ୍ୟ ଧୋନୀଙ୍କ ତାରିଫ କରିଛନ୍ତି। ଧୋନୀଙ୍କର ମୁଁ ଜଣେ ପ୍ରଶଂସକ। ଧୋନୀଙ୍କୁ ଆଦର୍ଶମାନି ବଡ଼ ହୋଇଛି ବୋଲି ବଟଲର କହିଛନ୍ତି। ପଡିଆରେ ତାଙ୍କ ବ୍ୟକ୍ତିତ୍ୱ ପ୍ରେରଣାଦାୟକ। ପଡିଆରେ ସେ ବେଶ୍ ଶାନ୍ତ ମନେହୁଅନ୍ତି। ସେ କ୍ରିକେଟର ଜଣେ ବଡ଼ ଆମ୍ବାସାଡର ଓ ମୁଁ ତାଙ୍କର ଜଣେ ବଡ଼ ପ୍ରଶଂସକ ବୋଲି ବଟଲର କହିଛନ୍ତି।

# ମ୍ୟାଚ ବେଳେ ଭାରତ ବିରୋଧୀ ବ୍ୟାନର

**ଲିଡ୍ସ, ୬।୭ (ପି.ଟି.)**

ଶନିବାର ଏଠାରେ ଭାରତ ଓ ଶ୍ରୀଲଙ୍କା ଆଇସିସି ବିଶ୍ୱକପ୍ ମ୍ୟାଚ ବେଳେ ରାଜନୈତିକ ଅଭିସନ୍ଧିମୂଳକ ଏକ ଘଟଣା ଦେଖିବାକୁ ମିଳିଛି। ହେଡିଂଲେ ଷ୍ଟାଡିୟମରେ ଆକାଶମାର୍ଗରେ ଏକ ଅଜଣା ବିମାନରେ ଏକ ଭାରତ ବିରୋଧୀ ବ୍ୟାନର ଦୃଶ୍ୟମାନ ହୋଇଥିଲା। ଏଥିରେ 'ଜଷ୍ଟିସ୍ ଫର୍ କଶ୍ମୀର' ଲେଖା ରହିଥିଲା। ଏହାର ଅଧଘଣ୍ଟା ପରେ ସମାନ ଧରଣର ଅନ୍ୟ ଏକ ବିମାନ ଦେଖିବାକୁ ମିଳିଥିଲା। ଯେଉଁଥିରେ ଏକ ପୃଥକ୍ ବ୍ୟାନର ଦେଖିବାକୁ ମିଳିଥିଲା। ସେଥିରେ 'ଇଣ୍ଡିଆ ଷ୍ଟପ୍ ଜେନିସାଇଡ୍, ଫ୍ରି କଶ୍ମୀର ଲେଖା ରହିଥିଲା। ୧୦ଦିନ ପୂର୍ବେ ଜୁନ୍୨୯ରେ ସମାନ ଭେନ୍ୟୁରେ ଆଫଗାନିସ୍ତାନ ଓ ପାକିସ୍ତାନ ମ୍ୟାଚ ବେଳେ ଏହିଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ସେତେବେଳେ ଅଜଣା ବିମାନଟିରେ ଶୋଭା ପାଉଥିବା ବ୍ୟାନରଟିରେ 'ଜଷ୍ଟିସ ଫର୍ ବେଲୁଚିସ୍ତାନ' ଲେଖା ରହିଥିଲା। ଏହି ବିମାନଟି ବ୍ରାଡଫୋର୍ଡ ବିମାନ ବନ୍ଦରରେ ଅବତରଣ କରିଥିଲା। ମ୍ୟାଚ ବେଳେ ବ୍ୟାନରକୁ ନେଇ ଦୁଇ ଦଳର କେତେଜଣ ସମର୍ଥକଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଫଳରେ କେତେଜଣଙ୍କୁ ଷ୍ଟାଡିୟମରୁ ବାହାର କରି ଦିଆଯାଇଥିଲା। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ଏକ




ବିବୃତିରେ କହିଛି ଟୁର୍ନାମେଣ୍ଟରେ ଦୁଇଥର ଏଭଳି ଘଟଣା ଘଟିବା ଦୁଃଖର ବିଷୟ। ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ବେଳେ କୌଣସି ପ୍ରକାର ରାଜନୈତିକ ବାର୍ତ୍ତା ଆଦୌ ଗ୍ରହଣୀୟ ନୁହେଁ। ଇଂଲଣ୍ଡର ଉତ୍ତର ଭାଗରେ ରହିଥିବା ୟର୍କଶାୟାରରେ ବହୁ ସଂଖ୍ୟାରେ ପାକିସ୍ତାନୀ ବସବାସ କରୁଛନ୍ତି, ଯେଉଁ ଅଞ୍ଚଳରେ କି ବ୍ରାଡ୍‌ଫୋର୍ଡ ବିମାନ ବନ୍ଦର ରହିଛି। ଟୁର୍ନାମେଣ୍ଟରେ ସୁରକ୍ଷା ପାଇଁ ଆମେ ଆୟୋଜକ ଦେଶର ପୋଲିସ ବାହିନୀର ସହାୟତା ନେଇଛୁ। ପ୍ରଥମ ଘଟଣା ପରେ ଏହାର ଆଉ ପୁନରାବୃତ୍ତି ହେବ ନାହିଁ ବୋଲି ୱେଷ୍ଟ ୟର୍କଶାୟାର ପୋଲିସ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁଃଖର କଥା ଏହି ଘଟଣା ପୁଣି ଦେଖିବାକୁ ମିଳିଲା ବୋଲି ଆଇସିସି ପ୍ରକାଶ କରିଛି। ଆଇସିସିର ବିଦାୟୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭ୍ ରିଚାର୍ଡସନ ଏକ ବାର୍ତ୍ତାଳାପ ବେଳେ କହିଛନ୍ତି, ପୂର୍ଣ୍ଣାଙ୍ଗ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲେ ଏଭଳି ଘଟଣାଘଟି ନ ଥାନ୍ତା। ଶନିବାର ଘଟଣାରୁ ସ୍ପଷ୍ଟ ସୂଚନା ମିଳୁଛି ଯେ, ଆକାଶ ମାର୍ଗ ଉପରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କର୍ତ୍ତୃତ୍ୱ ବାହାରେ। ଆଇସିସି ଏନେଇ ଚିନ୍ତା ପ୍ରକଟ କରିବା ସ୍ୱାଭାବିକ, କାରଣ ଭବିଷ୍ୟତରେ ବଡ଼ ଧରଣର ସୁରକ୍ଷା ଭଙ୍ଗର ଆଶଙ୍କା ସୃଷ୍ଟି ହୋଇଛି। ଅଭିଯୋଗ ହେବାପରେ ଉଭୟ ମାଞ୍ଚେଷ୍ଟର ଏବଂ ୟର୍କଶାୟାର ପୋଲିସ କର୍ତ୍ତୃପକ୍ଷ ଇତିମଧ୍ୟରେ ଆଇସିସିକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଯଥାକ୍ରମେ ଜୁଲାଇ ୯ ଏବଂ ଜୁଲାଇ ୧୧ରେ ଖେଳାଯିବାକୁ ଥିବା ଦୁଇ ସେମିଫାଇନାଲ ବେଳେ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଏବଂ ବର୍ମିଂହାମ୍‌ର ଏଜବାଷ୍ଟନ ଆକାଶ ମାର୍ଗକୁ 'ନୋ ଫ୍ଲାଇଂ ଜୋନ୍' କରାଯିବ।

## ସଂକ୍ଷେପରେ

### ନଦୀରେ ଭାସିଯାଇ ଜଣେ ମୃତ

ଗଞ୍ଜାମ,୬।୭(ଡି.ଏନ.ଏ.)-ଋଷିକୁଲ୍ୟା ନଦୀରେ ପଶି ଯାଉଥିବା ବେଳେ ଶନିବାର ପାଣି ସୁଅରେ ଭାସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଗଞ୍ଜାମ ବ୍ଲକ ଯୁଡିଏସ୍‌ପୁର ପଞ୍ଚାୟତ ଉମୁରୀଧର୍ମଶରଣପୁର ଗ୍ରାମର କାହ୍ନୁ ପ୍ରଧାନ (୫୭)। କାହ୍ନୁ ନିଜ ଝିଅ ଶାଶୁଘର ପୋଟଲାମପୁର କୌଣସି କାମରେ ଯାଇ ନଦୀ ପାର ହୋଇ ଗାଁକୁ ଫେରୁଥିଲେ। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ପାଣିର ସୁଅରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଛତ୍ରପୁର ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। କିନ୍ତୁ ଦମକଳ ବାହିନୀ ଆସିବା ପୂର୍ବରୁ ଗାଁ ଲୋକେ ମୃତଦେହ ଉଦ୍ଧାର କରି ସାରିଥିଲେ। ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ଯୋଗୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସମିତିସଭ୍ୟ ଶତ୍ରୁଘ୍ନ ମହାକୁଡ଼ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଗଞ୍ଜାମ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡିକାଲ ପଠାଇଛି ।

### ମୃତ୍ୟୁମୁଖରୁ ବର୍ତ୍ତିଲେ ଯୁବକ

ଗୋପାଳପୁର,୬।୭-ଗୋପାଳପୁର ସମୁଦ୍ର କୂଳରେ ଶନିବାର ଗାଧୋଉଥିବା ବେଳେ ଜଣେ ଯୁବକ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୋପାଳପୁର ଥାନା ଅନ୍ତର୍ଗତ ବାହାଦୁରପେଟା ଗ୍ରାମର ରାଜୁ ସାହୁ ସନ୍ଧ୍ୟା ପ୍ରାୟ ୬.୩୦ମି. ସମୟରେ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିଲେ । ପରେ ସେ ସମୁଦ୍ର କୂଳରେ ଗାଧୋଉଥିବା ବେଳେ ଏକ ବଡ଼ ଢେଉରେ ଗଭୀର ପାଣିକୁ ଚାଲି ଯାଇଥିଲେ। ଏହି ସମୟରେ ଗୃହରକ୍ଷୀ ଜି.ଚିଟିବାବୁ ରାଜୁ ବୁଡ଼ି ଯାଉଥିବା ଦେଖି ଲାଇଫ ଜ୍ୟାକେଟ ପିନ୍ଧି ଗଭୀର ସମୁଦ୍ରରୁ ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ରାଜୁ ଚେତାଶୂନ୍ୟ ହୋଇଯାଇଥିଲେ । ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଥିଲା, ଚିକିତ୍ସା ପରେ ତାଙ୍କର ଚେତା ଫେରିଥିଲା।

### ଟ୍ରକ ଧକ୍କାରେ ଜଣେ ମୃତ

କୋଦଳା,୬।୭(ଡି.ଏନ୍.ଏ.)-କୋଦଳା ଥାନା ମଠ ବ୍ରହ୍ମପୁର ନିକଟରେ ଶୁକ୍ରବାର ରାତିରେ ଏକ ଟ୍ରକ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଖୋଜାପଲ୍ଲୀ ଗାଁର ରଞ୍ଜନ ସ୍ୱାଇଁ(୨୫)। ରଞ୍ଜନ ନିଜ ବାଇକରେ ଗ୍ରାମର ଲୋଚନ ବିଷୋୟୀଙ୍କୁ ନେଇ କୌଣସି କାମରେ କୋଦଳା ଆସିଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ବିପରିତ ଦିଗରୁ ଏକ ଟ୍ରକ ଧକ୍କା ଦେଇ ଚାଲିଯାଇଥିଲା। ଖବର ପାଇ ପରିବାର ଲୋକେ ଦୁହିଁଙ୍କୁ କୋଦଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ନଂ.୧୬୮/୧୯ରେ ଏକ ମାମଲା ରୁଜୁ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି।

### ଜି.ଉଦୟଗିରିରେ ନିୟମିତ ହେଲେ ୨୩ କନିଷ୍ଠ ଶିକ୍ଷକ

ଜି.ଉଦୟଗିରି,୬।୭(ଡି.ଏନ.ଏ.)- ଜି.ଉଦୟଗିରି ବ୍ଲକରେ ୨୦୧୨ରେ ନିଯୁକ୍ତି ପାଇଥିବା ଶିକ୍ଷା ସହାୟକମାନଙ୍କ ମଧ୍ୟରୁ ୨୩ ଜଣ କନିଷ୍ଠ ଶିକ୍ଷକଙ୍କୁ ଶନିବାର ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଜି.ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ମଲିକ ତାଙ୍କ କାର୍ଯ୍ୟାଳୟ ପରିସରରେ ଏହି ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀକାନ୍ତ ମିଶ୍ର, ମିହିରକାନ୍ତ ପ୍ରଧାନ ଓ ବାଣି ଚରଣ ରଥ ଉପସ୍ଥିତ ଥିଲେ। ନିଯୁକ୍ତି ପତ୍ର ପାଇବା ପରେ ୨୩ ଜଣ ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକବୃନ୍ଦ ବିଇଓ ଏବଂ ସମସ୍ତ ଏବିଇଓଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ।

### ବନ ମହୋତ୍ସବ

ଧରାକୋଟ,୬।୭(ଡି.ଏନ.ଏ.)-ଧରାକୋଟ ଉପକଣ୍ଠ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଆସିକା ବନାଞ୍ଚଳ ଅଧିନସ୍ଥ ଧରାକୋଟ ସେକ୍ସନ୍ ଦ୍ୱାରା ବନ ମହୋତ୍ସବ ପାଳନ କରାଯାଇଛି । ଏଥିରେ ଅତିରିକ୍ତ ତହସିଲଦାର ଅକ୍ଷୟ ମଲିକ ମୁଖ୍ୟଅତିଥି, ପ୍ରାଣୀ ଚିକିତ୍ସକ ମାନସ ରଞ୍ଜନ ପୋଲାଇ, ଆସିକା ବନାଞ୍ଚଳ ଅଧିକାରୀ ହରିହର ମଲିକ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫରେଷ୍ଟର ଦୁର୍ଗା ମାଧବ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ସ୍କୁଲ ଛାତ୍ରମାନେ ପ୍ଲାକାର୍ଡ ଧରି ସଚେତନତା ଶୋଭାଯାତ୍ରା କରିଥିଲେ।

■ରାସ୍ତା ନାହିଁ, ଆସିଲାନି ଆମ୍ବୁଲାନ୍ସ

# ଖଟିଆରେ ବୁହା ହେଲେ ଗୁରୁତର ମହିଳା

ଦିଗପହଣ୍ଡି,୬।୭(ଡି.ଏନ.ଏ.)

ଗଞ୍ଜାମ-ଗଜପତି ଜିଲା ସୀମାନ୍ତ ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଘାସିଆମ୍ବ ଗାଁରେ ଶନିବାର ସକାଳ ପ୍ରାୟ ୮ଟାରେ ଜଣେ ମହିଳା ବଗଡ଼କୁ କାମ କରିବାକୁ ଯାଇଥିଲେ। ସେ ପାହାଡ଼ରୁ ୫ ଫୁଟ ତଳକୁ ଖସି ପଡ଼ି ଗୁରତର ହୋଇଛନ୍ତି। ସେ ହେଲେ ଘାସିଆମ୍ବ ଗାଁର ପାଗଡ଼ା ମଣ୍ଡଳଙ୍କ ସ୍ତ୍ରୀ ମାଙ୍ଗି । ଆମ୍ବୁଲାନ୍ସ ସେବା ପାଇଁ ଫୋନ କରିଥିଲେ ମଧ୍ୟ ମିଳିନଥିଲା। ଗାଁକୁ ଭଲ ରାସ୍ତା ନ ଥିବାରୁ ଅଟୋ ଚାଳକ ମଧ୍ୟ ମନା କରିଥିଲେ। ଦୀର୍ଘ ଦୁଇ ଘଣ୍ଟା ପରେ ମଧ୍ୟ ଗାଡ଼ି ବ୍ୟବସ୍ଥା ନ ହେବାରୁ ବାଧହୋଇ ପରିବାର ଲୋକେ ମାଙ୍ଗିଙ୍କୁ ଏକ ଖଟିଆରେ ବୋହି ନେଇଥିଲେ। ପୋଡ଼ାମାରି ନିକଟ ବୋରିଗାଁ ଗ୍ରାମରେ ପହଞ୍ଚିବା ସେଠାରୁ ଏକ ଅଟୋ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମାଙ୍ଗିଙ୍କୁ ଖଟିଆରେ ବୋହି ନେବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅଧୀନ ସହଦେବ ଟିକରପଡ଼ା ପଞ୍ଚାୟତ ଘାସିଆମ୍ବ, ଦାଦୁରୁମା, କୁରୁମା, ଗୋଛାପାଟ, ପିତାମହୁଲ ଭଳି ଅନେକ ଗାଁକୁ ଏବେ ବି ରାସ୍ତା ନାହିଁ । ପାହାଡ଼ ଚଢ଼ି ଲୋକେ ଯା'ଆସ କରୁଛନ୍ତି । ରାସ୍ତା ନିର୍ମାଣ ପାଇଁ ଗ୍ରାମୋନ୍ନୟନ ବିଭାଗ ଓ ବିଡିଓଙ୍କୁ ଜଣାଇଲେ



ମହିଳାଙ୍କୁ ବୋହି ନେଉଛନ୍ତି ସମ୍ପର୍କୀୟ ।

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଘାସିଆମ୍ବ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏସବୁ ଗ୍ରାମ୍ୟ ରାସ୍ତା ପଞ୍ଚାୟତିରାଜ ବିଭାଗ ଆମକୁ ହସ୍ତାନ୍ତର କଲେ ଏନେଇ ପଦକ୍ଷେପ ନିଆଯିବ ବୋଲି ଦିଗପହଣ୍ଡି ଗ୍ରାମୋନ୍ନୟନ କାର୍ଯ୍ୟାଳୟ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଭାତ କୁମାର ପାଣିଗ୍ରାହୀ କହିଛନ୍ତି । ଘଟଣା ଆମ ଦୃଷ୍ଟିକୁ ଆସିନାହିଁ । ଲିଖିତ ଆବେଦନ ମିଳିଲେ ରାସ୍ତା ନିର୍ମାଣ ପାଇଁ ଆକ୍ସନ୍ ପ୍ଲାନ ପ୍ରସ୍ତୁତ କରାଯିବ ବୋଲି ବିଡିଓ ହଳଧର ଶବର କହିଛନ୍ତି । ସହଦେବ ଟିକରପଡ଼ା ପଞ୍ଚାୟତ ୧ନଂ ୱାର୍ଡ ଅଧୀନ ଘାସିଆମ୍ବ ଗ୍ରାମରେ ପ୍ରାୟ ୨ ଶହ ପରିବାରର ୫ ଶହରୁ ଊର୍ଦ୍ଧ୍ୱ ବାସିନ୍ଦା ରହୁଥିବା ସରପଞ୍ଚ ବାବୁଲା ମଳିକ ଜଣାଇଛନ୍ତି । ଖାଦ୍ୟ ସୁରକ୍ଷା ଯୋଜନା ଓ ଭତ୍ତା ନିମନ୍ତେ ଲୋକେ ପୋଡ଼ାମାରିରୁ ୨୧ କିମି ଅତିକ୍ରାନ୍ତ କରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚୁଥିବା କହିଛନ୍ତି ।

# ୪ ଲୁଟେରା ଗିରଫ, ୧୮ ବାଇକ୍ ଜବତ



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି ।

କବିସୂର୍ଯ୍ୟନଗର,୬।୭

କବିସୂର୍ଯ୍ୟନଗର ଥାନା ପୋଲିସ ୧୮ଟି ବାଇକ୍ ଓ ଏକ ବୋଲେରୋ ଜବତ କରିବା ସହ ୪ଜଣ ଲୁଟେରାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଆଠଗଡ଼ର ସନ୍ତୋଷ ପୋଲାଇ, ନିରଞ୍ଜନ ସେନାପତି, ପାଇକଯମୁନାର ଶିଶିର ଭୂୟାଁ ଓ ବାଣପୁର ଥାନା କୁଲେଇ ଗ୍ରାମର ସନ୍ତୋଷ ଜଗଦେବ। ଏ ନେଇ ପୋଲିସ ନଂ. ୧୫୬/୧୯ ରେ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ କୋଦଳା ଜେଲକୁ ପଠାଇ ଦିଆଯାଇଥିବା ଅତିରିକ୍ତ ଗଞ୍ଜାମ ଜିଲା ଆରକ୍ଷୀ ଅଧିକାରୀ ପତିତପାବନ ଚୌଧୁରୀ କହିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନରେ କବିସୂର୍ଯ୍ୟନଗର ଥାନା ପକ୍ଷରୁ ବୁଢ଼ାମ୍ବଠାରେ ବ୍ଲକିଂ କରି ଚେକିଂ ଚାଲିଥିଲା। ଆଠଗଡ଼ର ସନ୍ତୋଷ ନିଜ ବାଇକର କାଗଜପତ୍ର ନ ଦେଖାଇବାରୁ ପୋଲିସ ସନ୍ଦେହ କରିଥିଲା। ପରେ ତାଙ୍କ ଘରୁ ୫ଟି ବାଇକ୍ ସହ ଏକ ଧଳା ବୋଲେରୋ ଜବତ କରି ତାଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ସେ ଅନ୍ୟ ଦୁଇ ସହଯୋଗୀ ଶିଶିର ଓ ନିରଞ୍ଜନଙ୍କ ନାଁ କହିଥିଲେ। ସେମାନଙ୍କ ଘରୁ ମଧ୍ୟ ୧୦ଟି ଚୋରି ବାଇକ୍ ଜବତ ହୋଇଥିଲା। ୩ ଜଣ ଅଭିଯୁକ୍ତ ଜଗଦେବଠାରୁ ବାଇକ୍ କିଣିଥିବା ସ୍ୱୀକାର କରିଛନ୍ତି । ଜଗଦେବଙ୍କ ଘରୁ ୩ଟି ଚୋରି ବାଇକ୍ ପୋଲିସ ଜବତ କରିଛି। ବାଇକ୍ ର୍ୟାକେଟ ଖୋର୍ଦ୍ଧା, ନୟାଗଡ଼, ଭୁବନେଶ୍ୱରରୁ ଚୋରି କରି ଗଞ୍ଜାମରେ ବିକ୍ରି କରିଥିବା ପୋଲିସ ଜାଣିପାରିଛି। ହଜିଯାଇଥିବା ବାଇକ୍ ମାଲିକ ନିଜର କାଗଜପତ୍ର ଦେଖାଇ ବାଇକ୍ ନେଇପାରିବେ ବୋଲି ଆଇଆଇସି କହିଛନ୍ତି।

# ଗଛ ପଡ଼ି ରାଜପଥ ଅବରୋଧ, ଯାତାୟାତ ବାଧାପ୍ରାପ୍ତ

ଦାରିଙ୍ଗବାଡ଼ି,୬।୭(ଡି.ଏନ.ଏ)

ଗୋପାଳପୁର-ରାଇପୁରକୁ ସଂଯୋଗ କରୁଥିବା ୫୯ନଂ ଜାତୀୟ ରାଜପଥର ନିରିକେତା ଘାଟି ନିକଟରେ ସ୍ଥାନାନ୍ତର ହେବାକୁ ଥିବା ଏକ ବଡ ଗଛ ଭାଙ୍ଗି ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅପରାହ୍ନ ସୁଦ୍ଧା ସେଠାରେ ଜାତୀୟ ରାଜପଥ ବିଭାଗ କିମ୍ବା କୌଣସି ଅନ୍ୟ କୌଣସି ଅଧିକାରୀ ପହଞ୍ଚି ନ ଥିବାରୁ ଉକ୍ତ ଗଛକୁ ହଟାଯାଇ ପାରି ନ ଥିଲା। ଦାରିଙ୍ଗବାଡ଼ି ବ୍ଲକ ଦେଇ ୫୯ନଂ ଜାତୀୟ ରାଜପଥ ଯାଇଛି । ଦୈନିକ ଏହି ରାସ୍ତାରେ ଛୋଟବଡ଼ ଶତାଧିକ ଗାଡ଼ିମୋଟର ଯାତାୟାତ କରୁଛି। ଏବେ ବାଲିଗୁଡ଼ା ଠାରୁ ଦାରିଙ୍ଗବାଡ଼ି ପର୍ଯ୍ୟନ୍ତ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଥିବା



ଜାତୀୟ ରାଜପଥରେ ପଡ଼ି ରହିଥିବା ଗଛ ।

ବେଳେ ବନ ବିଭାଗ ପକ୍ଷରୁ ରାସ୍ତାପାର୍ଶ୍ୱ ଗଛ କଟା ନ ଯାଇ ନିକଟସ୍ଥ ଜଙ୍ଗଲ ମଧ୍ୟକୁ ସ୍ଥାନାନ୍ତର କରାଯାଉଛି। ଏଥିପାଇଁ କ୍ରେନ ଓ ବିଭିନ୍ନ ଯନ୍ତ୍ରପାତି ରହିଥିବା ଗାଡି ବ୍ୟବହାର କରାଯାଉଛି । ସ୍ଥାନାନ୍ତର କରାଯିବାକୁ ଥିବା ଏକାଧିକ ଗଛର ଚାରିପାଖ ଖୋଳାଯାଇ ରଖାଯାଇଛି। ତେବେ ସ୍ଥାନାନ୍ତର ପ୍ରକ୍ରିୟା ବିଳମ୍ବ ଯୋଗୁ ଏବେ ମୌସୁମୀ ବର୍ଷାରେ ତାହା ରାସ୍ତାକୁ ଢ଼ଳି ପଡୁଛି। ପୂର୍ବରୁ କାଳବୈଶାଖୀ ବର୍ଷା ପବନ ବେଳେ ଗଛ ପଡ଼ିବା ଭୟ ଥିବାରୁ ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରିବାକୁ ଭୟ କରୁଥିଲେ । ଧରିତ୍ରୀରେ ଏ ନେଇ ମେ' ୧୬ରେ ଏକ ଖବର ପ୍ରକାଶ ପାଇଥିଲା। ସେ ସମୟରେ ବାଲିଗୁଡ଼ା ଡିଏଫଓ ବିଶ୍ୱନାଥନ ନିଲନଭର ଉକ୍ତ ଗଛ ପଡ଼ିବନି ବୋଲି କହିଥିଲେ। ହେଲେ ଏବେ ଲଘୁଚାପ ବର୍ଷାରେ ଗଛ ଉପୁଡିଯାଉଛି। ବନ ବିଭାଗ ଚାରିପାଖ ଖୋଳାଯାଇଥିବା ଗଛ ସ୍ଥାନାନ୍ତର ଚାଲିଥିଲେ ମଧ୍ୟ ବର୍ଷା ଯୋଗୁ ଶନିବାର କାର୍ଯ୍ୟ ବନ୍ଦ ରହିଥିଲା। ଡିଏଫଓଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାରୁ ଗଛ ସଫା କରାଯାଇଥିବା କହିଥିଲେ।

# ଦୁର୍ଘଟଣା ରୋକିବା ପାଇଁ ପୋଲିସର ଯାଞ୍ଚ

ଦାରିଙ୍ଗବାଡ଼ି,୬।୭(ଡି.ଏନ.ଏ)

କନ୍ଧମାଳ ଏସ୍‌ପି ପ୍ରତୀକ ସିଂ ଏବଂ ବାଲିଗୁଡ଼ା ଏସ୍‌ଡିପିଓ ବିନିତ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଦାରିଙ୍ଗବାଡ଼ି ପୋଲିସ ଦୁର୍ଘଟଣା ରୋକିବା ପାଇଁ ପ୍ରତିଦିନ ଯାନବାହନ ଯାଞ୍ଚ କରୁଛି । ଶନିବାର ଅପରାହ୍ନରେ ଉକ୍ତ ଥାନା କିରିକୁଟି ଅଞ୍ଚଳରେ ବ୍ଲକିଂ କରି ଯାନବାହନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସନ୍ଧ୍ୟା ସୁଦ୍ଧା ୨୫ଶହ ଟଙ୍କା ଜରିମାନା ଆଦାୟ ହୋଇଛି । କାର୍ ଚାଳକ ମାନେ ସିଟ୍ ବେଲ୍ଟ ବ୍ୟବହାର କରୁ ନ ଥିଲେ ଜୋରିମାନା ସଂଗ୍ରହ କରାଯିବା ସହ ହେଲମେଟ, ଲାଇସନ୍ସ ସହ ନିଶାସକ୍ତଙ୍କୁ ଜରିମାନା ଆଦାୟ ସହ ଲାଇସନ୍ସ ରଦ୍ଦ ଭଳି ପଦକ୍ଷେପ ନିଆଯାଇଥିବା ଦାୟିତ୍ୱରେ ଥିବା ଏଏସ୍‌ଆଇ ଆର.ଭିମୋରାଓ ରେଡ୍ଡୀ କହିଛନ୍ତି। ପୋଲିସ ଯାଞ୍ଚ ସମୟର ଫଟୋକୁ ଜିଲା ଏବଂ ଉପଖଣ୍ଡ ସ୍ତରୀୟ କାର୍ଯ୍ୟାଳୟକୁ ପଠାଯାଉଛି। ଏବେ ବେଆଇନ ଗାଡ଼ି ଚାଳକ ମାନେ ଏଥିପାଇଁ ସତର୍କତା ହେବା ସହ ଦ୍ରୁତ ଗତି ଚାଳନା ସହ ଦୁର୍ଘଟଣା ରୋକି ହେବ ବୋଲି ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆ କହଛନ୍ତି।

# ଗଛ ପଡ଼ି ବ୍ୟବସାୟୀଙ୍କ ମୃତ୍ୟୁ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୬।୭

କନ୍ଧମାମଳ ଜିଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡା ପଞ୍ଚାୟତରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ବର୍ଷା ପବନରେ ଏକ ଗଛ ଘର ଉପରେ ପଡିଯିବାରୁ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଦୁଇ ଝିଅ ଆହତ ହୋଇଛନ୍ତି । ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ବାଲନ୍ଦାପଡାର ବିନୋଦ ସାହୁ(୪୫) ।

ମିଳିଥିବା ସୁଚନା ଅନୁସାରେ, ବିନୋଦ ତାଙ୍କ ସ୍ତ୍ରୀ ଓ ପିଲାମାନେ ଖାଇପିଇ ଶୋଇଥିଲେ। ଭୋର ସମୟରେ ବିନୋଦଙ୍କ ସ୍ତ୍ରୀ ଘର ବାହାରେ କାମ କରୁଥିଲେ । ବର୍ଷାରେ ଘର ମାଟି କାନ୍ଥ ଭିଜି ଯାଇଥିଲା । ସକାଳେ ପାଖରେ ଥିବା ଏକ ମହୁଲ ଗଛ ହଠାତ ଉପୁଡି ଘର ଉପରେ ପଡିଥିଲା । ଭିତରେ ଥିବା ବିନୋଦ ଚାପି ହୋଇ ଯାଇଥିଲେ । ସ୍ଥାନୀୟ ଲୋକେ ବିନୋଦ ଏବଂ ତାଙ୍କ ଦୁଇ ଝିଅଙ୍କୁ ଉଦ୍ଧାର କରି ପ୍ରଥମେ ବାଲନ୍ଦାପଡା ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସିତ ହୋଇ ନ ପାରିବାରୁ ତାଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଥିଲା। ଚିକିତ୍ସା ଆରମ୍ଭ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା। ଝିଅ ଅଙ୍କିତା ଏବଂ ବିଶ୍ୱଜିତ ଚିକିତ୍ସିତ ହେଉଛନ୍ତି । ତହସିଲଦାର ପୁନମ ରାଉତ ମେଡିକାଲ ଆସି ମୃତକଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି । ନିୟମ ଅନୁସାରେ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି ।

# ଏଟିଏମରେ ଟଙ୍କା ନାହିଁ, ଗ୍ରାହକ ନିରାଶ

ଜଗନ୍ନାଥପ୍ରସାଦ,୬।୭(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ଅଞ୍ଚଳରେ ୪ଟି ଏଟିଏମ କାଉଣ୍ଟର ରହିଥିଲେ ମଧ୍ୟ କୌଣସିରେ ଟଙ୍କା ରହୁନାହିଁ। ଫଳରେ ଗ୍ରାହକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଜଗନ୍ନାଥପ୍ରସାଦ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ଏଠାରେ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ, ଇଣ୍ଡିଆନ ବ୍ୟାଙ୍କ, ଋଷିକୂଲ୍ୟା ବ୍ୟାଙ୍କ, ଆସକା କୋ ଅପରେଟିଭ୍ ବ୍ୟାଙ୍କ ରହିଛି। ବଜାରରେ ଷ୍ଟେଟ ବ୍ୟାଙ୍କର ଦୁଇଟି ଏଟିଏମ, ଇଣ୍ଡିଆନ ବ୍ୟାଙ୍କର ଗୋଟିଏ, ଏଚଡିଏଫସିର ଗୋଟିଏ ଏଟିଏମ କାଉଣ୍ଟର ରହିଛି। ହେଲେ ଅଧିକାଂଶ ସମୟ ଏଗୁଡିକରେ ଟଙ୍କା ରହୁନି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ସମ୍ପର୍କିୟଙ୍କୁ ହତାଶ ହେବାକୁ ପଡୁଛି। ଏଟିଏମରେ ଟଙ୍କା ନ ରହିଲେ ବ୍ୟାଙ୍କକୁ ଜରିମାନା ଦେବାକୁ ପଡ଼ିବ। ବିଭିନ୍ନ ସୋସିଆଲ ମିଡିଆରେ ଏଭଳି ଖବର ଘୁରି ବୁଲୁଥିଲେ ମଧ୍ୟ ବ୍ୟାଙ୍କ ଉପରେ ପ୍ରଭାବ ପଡୁନି। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସନ୍ଧ୍ୟା ସୁଦ୍ଧା ଏଟିଏମରେ ଟଙ୍କା ଜମା ହେବ ବୋଲି କହିଛନ୍ତି।

# ରାସ୍ତା, ପୋଖରୀ କାମରେ ଅନିୟମିତତା ଅଭିଯୋଗ

ହିଞ୍ଜିଳିକାଟୁ,୬।୭(ଡ଼ି.ଏନ୍.ଏ.)


ହିଞ୍ଜିଳିକାଟୁ ବ୍ଲକ ଗଣ୍ଡଳା ପଞ୍ଚାୟତ ପଳାସି ଗ୍ରାମର ଏକ ରାସ୍ତା କାମ ଓ ଆଦର୍ଶ ପୋଖରୀ ଖୋଳାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଗ୍ରାମରେ ୬ଲକ୍ଷ ଟଙ୍କାରେ ରାସ୍ତା କାମ ଓ ୧୫ଲକ୍ଷ ଟଙ୍କାର ଆଦର୍ଶ ପୋଖରୀ ଖନନ କରାଯାଉଛି। ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ପଦ୍ମ ଚରଣ ସାହୁ ଏହି ୨ଟି କାମରେ ବ୍ୟାପକ ଅନିୟମିତତା ଅଭିଯୋଗ ଆଣି ବିଡିଓ, ଛତ୍ରପୁର ଉପ ଜିଲାପାଳ ଓ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏନେଇ ସେ ଅଭିଯୋଗ କରିବାରୁ ଧମକ ଦିଆଯାଉଥିବା ମଧ୍ୟ କହିଛନ୍ତି।

ପ୍ରକାଶ ଯେ, ପଳାସି ଗ୍ରାମର ଶୁଣ୍ଡିସାହି ଠାରୁ ପୂର୍ତ୍ତ ବିଭାଗ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ୬ଲକ୍ଷ ଅଟକଳ ମୂଲ୍ୟରେ ଗତ ମାର୍ଚ୍ଚରେ କାର୍ଯ୍ୟ ଶେଷ ହୋଇଥିଲା।



ଗୋଡି ଉଠିପଡିଥିବା ରାସ୍ତା।

ନିର୍ମାଣର ୩ ମାସ ମଧ୍ୟରେ ରାସ୍ତାର ବହୁଅଂଶ ଖରାପ ହୋଇଗଲାଣି। ସିମେଣ୍ଟ ଛାଡି ଗୋଡି ଦେଖା ଯାଉଥିବାବେଳେ ବର୍ଷାପାଣି ଜମୁଛି। ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥାଇ ଅନିୟମିତତା ହୋଇଥିବା ସାହୁ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ପଳାସୀ ଗ୍ରାମର ପାଣିଗ୍ରାହୀ ପୋଖରୀକୁ ୮ମାସ ତଳେ ଆଦର୍ଶ ପୋଖରୀ ଯୋଜନାରେ ୫ଲକ୍ଷ ଟଙ୍କା ମଞ୍ଜୁର କରାଯାଇ କାମ ହୋଇଛି। କାମ ନ'ସରୁଣୁ ସେହି ପୋଖରୀକୁ ଏମଜିଏନ୍‌ଆରଇଜିଏସ ଯୋଜନାରେ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇ ହରିଲୁଟ ପାଇଁ ଯୋଜନା କରାଯାଇଛି ବୋଲି ସାହୁ ଅଭିଯୋଗ କରିଛନ୍ତି। ପୋଖରୀ କାମ ହେତୁ ଦୀର୍ଘ ୮ମାସ ଧରି ଗ୍ରାମର ଲୋକେ ପାଣି ନ' ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବ୍ଲକ ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ହୋତାଙ୍କ ସହ ଯୋଗାଯୋଗ ପରେ ଶୁଣ୍ଡିସାହି ଠାରୁ ପୂର୍ତ୍ତ ବିଭାଗ ରୋଡ଼ ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ରାସ୍ତାକୁ ଗ୍ରାମରେ ପଲ୍ଲୀସଭା କରାଯାଇ ଜଣେ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି । ଅଭିଯୋଗ ପରେ ତଦନ୍ତ କରାଯାଇଛି। ଉକ୍ତ ଗ୍ରାମ୍ୟ ରାସ୍ତା ଦେଇ ହାଇୱାରେ ବାଲି ଓ ପଥର ଯାଉଥିବାରୁ ରାସ୍ତାର କିଛି ଅଂଶ ଖରାପ ହୋଇଛି। କାମ କରିଥିବା ବ୍ୟକ୍ତିଙ୍କୁ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଯନ୍ତ୍ରୀ ହୋତା କହିଛନ୍ତି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ